ISSN-0971-8400

# ଯୋଜନା

ଜୁଲାଇ ୨୦୧୭ ବିକାଶମୂଳକ ମାସିକ ପତ୍ରିକା ୩୦ ଟଙ୍କା

ବିଶେଷାଙ୍କ

**ଭାରତରେ ବୟସ୍କଙ୍କ ପାଇଁ ସାମାଜିକ ନିରାପତ୍ତା: ଆହ୍ୱାନ ଓ ଉଦ୍‌ବେଗ**

ସୁମତି କୁଲକର୍ଣ୍ଣି

**ସଭିଁଙ୍କ ପାଇଁ ସ୍ୱାସ୍ଥ୍ୟ : ଭାରତର ଅଟକୁଥିବା ଯାତ୍ରା**


ପ୍ରଫେସର କେ. ସୀତାପ୍ରଭୁ

**ଭିନ୍ନକ୍ଷମଙ୍କ ସାମାଜିକ ନିରାପତ୍ତା**

ସନ୍ଧ୍ୟା ଲିମାୟେ

**କୃଷକ କଲ୍ୟାଣ : ବାସ୍ତବତା ଓ ଦୂରଦୃଷ୍ଟି**

ନୀଲବ୍ରା ଘୋଷ




# ସାମାଜିକ ସୁରକ୍ଷା

**ଫୋକସ୍**

**ବୁଢ଼ାକାଳରେ ରୋଜଗାର ନିରାପତ୍ତା : ଜାତୀୟ ପେନ୍‌ସନ୍ ବ୍ୟବସ୍ଥା**

ଡ. ବଦ୍ରି ସିଂହ ଭଣ୍ଡାରୀ

**ବିଶେଷ ପ୍ରବନ୍ଧ**

**ସାମାଜିକ ନିରାପତ୍ତାରେ ଆନ୍ତର୍ଜାତିକ ସ୍ଥିତି ଓ ଭାରତ**

ଚନ୍ଦ୍ରକାନ୍ତ ଲହରିୟା

"ପୁଷ୍ପଗୁଚ୍ଛ ବଦଳରେ ପୁସ୍ତକ ଦିଅନ୍ତୁ ...
ଏଭଳି ଏକ ପଦକ୍ଷେପ ଏକ ବିରାଟ ପରିବର୍ତ୍ତନ ଆଣିପାରେ"

- ମାନନୀୟ ପ୍ରଧାନମନ୍ତ୍ରୀ

କଳା ଓ ସଂସ୍କୃତି, ସ୍ୱାଧୀନତା ସଂଗ୍ରାମ, ଇତିହାସ, ଆତ୍ମଜୀବନୀ ଏବଂ ଗାନ୍ଧୀ ସାହିତ୍ୟଠାରୁ ପିଲାଙ୍କ ପୁସ୍ତକ ଯାଏ ଏଭଳି ଅନେକ ପ୍ରକାରର ସମୃଦ୍ଧ ଭଣ୍ଡାର ପ୍ରକାଶନ ବିଭାଗ ପାଖରେ ରହିଛି ।

ଆମ ଦ୍ୱାରା ପ୍ରକାଶିତ ପୁସ୍ତକ ଆପଣଙ୍କ ପ୍ରିୟଜନଙ୍କୁ ଉପହାର ଦିଅନ୍ତୁ
କାରଣ
"ବହିଠାରୁ ବିଶ୍ୱସ୍ତ କୌଣସି ବନ୍ଧୁ ନାହିଁ"



ପ୍ରକାଶନ ବିଭାଗ
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର

ପୁସ୍ତକ କ୍ରୟ ସମ୍ପର୍କିତ ସବିଶେଷ ବିବରଣୀ
publicationsdivision.nic.inରେ ଉପଲବ୍ଧ
kobo.com, play. google.com, amazon.in
ମାଧ୍ୟମରେ ଏଭଳି ପୁସ୍ତକ କ୍ରୟ କରାଯାଇପାରିବ ।

ଜୁଲାଇ ୨୦୧୭

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଚ୍ଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ଚତୁର୍ବିଂଶ ବର୍ଷ / ଦଶମ ସଂଖ୍ୟା

## ଏ ସଂଖ୍ୟାରେ...


| ବିଷୟ / ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୦୪ |
| ଭାରତରେ ବୟସ୍କଙ୍କ ପାଇଁ ସାମାଜିକ ନିରାପତ୍ତା: ଆହ୍ୱାନ ଓ ଉଦ୍‌ବେଗ<br>*ସୁମତି କୁଲକର୍ଣ୍ଣି* | ୦୫ |
| ସଭିଙ୍କ ପାଇଁ ସ୍ୱାସ୍ଥ୍ୟ: ଭାରତର ଅଟକୁଥିବା ଯାତ୍ରା<br>*ପ୍ରଫେସର କେ. ସୀତାପ୍ରଭୁ* | ୧୩ |
| ଭିନ୍ନକ୍ଷମଙ୍କ ସାମାଜିକ ନିରାପତ୍ତା<br>*ସନ୍ଧ୍ୟା ଲିମାୟେ* | ୧୯ |
| କୃଷକ କଲ୍ୟାଣ: ବାସ୍ତବତା ଓ ଦୂରଦୃଷ୍ଟି<br>*ନୀଲକ୍ଷ୍ମା ଘୋଷ* | ୨୪ |
| ମଧ୍ୟାହ୍ନ ଭୋଜନ: ଶିକ୍ଷାରେ ସାମାଜିକ ନିରାପତ୍ତା<br>*କିରଣ ଭଟ୍ଟୀ* | ୪୧ |
| ଭାରତରେ ଖାଦ୍ୟନୀତି: ସହଣୀୟ ବିକାଶ ଲକ୍ଷ୍ୟ ହାସଲରେ କୃଷି ଓ ପୁଷ୍ଟି ସାଧନର ଗୁରୁତ୍ୱ<br>*ଡକ୍ଟର ମୌସୁମୀ ଦାସ* | ୪୬ |
| ଅସଂଗଠିତ ଶ୍ରମିକଙ୍କ ପାଇଁ ସାମାଜିକ ନିରାପତ୍ତା<br>*ଡକ୍ଟର ରୁମା ଘୋଷ* | ୫୧ |
| କର୍ପୋରେଟ ସାମାଜିକ ଉତ୍ତର ଦାୟିତ୍ୱ: ବଞ୍ଚିତଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ<br>*ଡକ୍ଟର ଯତିନ୍ଦ୍ର ସିଂହ* | ୫୬ |
| ଗରିବଙ୍କ ସାମାଜିକ-ଆର୍ଥିକ ନିରାପତ୍ତା ଓ ସରକାରଙ୍କ ବହୁମୁଖୀ ଯୋଜନା<br>*ଉର୍ମି ଗୋସ୍ୱାମୀ* | ୬୧ |
| ବିକାଶର ନକ୍ସା | ୭୧ |
| ଆପଣ ଜାଣନ୍ତି କି ? | ୭୩ |

**ଫୋକସ୍**

ବୃଦ୍ଧାକାଳରେ ରୋଜଗାର ନିରାପତ୍ତା: ଜାତୀୟ ପେନ୍‌ସନ୍ ବ୍ୟବସ୍ଥା
ଡ. ବଦ୍ରି ସିଂହ ଭଣ୍ଡାରୀ : ପୃଷ୍ଠା: ୩୬

**ବିଶେଷ ପ୍ରବନ୍ଧ**

ସାମାଜିକ ନିରାପତ୍ତାରେ ଆନ୍ତର୍ଜାତିକ ସ୍ଥିତି ଓ ଭାରତ
ଚନ୍ଦ୍ରକାନ୍ତ ଲାହିରି, ପୃଷ୍ଠା: ୩୧



*Editor*
**YOJANA (ODIA)**
C/O : Deputy Director, (News)
Regional News Unit,
All India Radio, Cantonment Road,
Cuttack-753001, Phone : 9437073438

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207


ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...

# ସାମାଜିକ ସୁରକ୍ଷାର ଏକ ସନନ୍ଦ

ଭାରତର ଜନସଂଖ୍ୟାଜନିତ ଲାଭ ନେଇ ସବୁଆଡ଼େ ବେଶ୍ ଚର୍ଚ୍ଚା ଚାଲିଛି। ଗୋଟିଏ ପଟରେ ଏହି ବର୍ଦ୍ଧିତ ଜନସଂଖ୍ୟା ସପକ୍ଷରେ ତର୍କ ହେଉଛି ଯେ ଭାରତର କ୍ରମବର୍ଦ୍ଧିଷ୍ଣୁ ଯୁବ ଜନସଂଖ୍ୟା ଏହାକୁ ଖୁବ୍‌ଶୀଘ୍ର ବିଶ୍ୱର ଅର୍ଥନୈତିକ ନେତୃତ୍ୱ ଆସନ ଦେବ। ଅନ୍ୟ ପକ୍ଷର ଯୁକ୍ତି ଏହି ଯୁବ ଜନସଂଖ୍ୟା ଆବଶ୍ୟକ ନିଯୁକ୍ତି ସୁବିଧା ନ'ପାଇ ଦେଶର ଅର୍ଥନୀତି ପାଇଁ ବୋଝ ପାଲଟିବ। ଜନସଂଖ୍ୟାର ଲାଭ ଘେନି ଏସବୁ ପ୍ରଚାର ଭିତରେ ଆମ ଯୋଜନାକାର, ଅର୍ଥଶାସ୍ତ୍ରୀ ଓ ସାମାଜିକ ଚିନ୍ତକମାନେ ଏକ ଗୁରୁତ୍ୱପୂର୍ଣ୍ଣ କଥା ଉପରେ ଧ୍ୟାନ କେନ୍ଦ୍ରୀତ କରିଛନ୍ତି। ସେ କଥାଟି ହେଲା ଭାରତରେ ବୟସ୍କମାନଙ୍କ ସଂଖ୍ୟା ମଧ୍ୟ ନିରନ୍ତର ବଢୁଛି ଏବଂ ସେଥିପ୍ରତି ମଧ୍ୟ ଦୃଷ୍ଟିଦେବାର ଆବଶ୍ୟକତା ରହିଛି। ଆକଳନ ଅନୁସାରେ ୨୦୨୭ସୁଦ୍ଧା ଭାରତରେ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ୧୭୩ ନିୟୁତରେ ପହଞ୍ଚିବ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦରିଦ୍ର, ସୁବିଧାସୁଯୋଗ ହୀନ ଓ ମହିଳାବର୍ଗର ହୋଇଥିବେ, ଯେଉଁମାନେ ଆର୍ଥିକ ଓ ମନସ୍ତାତ୍ତ୍ୱିକ ସହାୟତା ସମର୍ଥନ ଲୋଡ଼ିବେ। ଏହାଛଡ଼ା ମହିଳା, ଭିନ୍ନକ୍ଷମ, ବଞ୍ଚିତ, ଅସଂଗଠିତ ଶ୍ରମିକ ଆଦି ଅନେକ ଦୁର୍ବଳ ବର୍ଗର ଲୋକ ରହିବେ ଯେଉଁମାନେ କି ବଞ୍ଚିବା ପାଇଁ ସରକାରଙ୍କଠାରୁ କିଛି ସହାୟତା ଲୋଡ଼ିବେ। ସାମାଜିକ ନିରାପତ୍ତା ଏକ ଚୁକ୍ତି ବା ସନନ୍ଦ ଯାହା ସମାଜର ଦୁର୍ବଳବର୍ଗଙ୍କୁ ସହାୟତା ଯୋଗାଇଦେବାକୁ ଅଭିପ୍ରେତ। ଏହି ଚୁକ୍ତିକୁ ଏକ ଗଣତାନ୍ତ୍ରିକ ସରକାର ଉଲ୍ଲଙ୍ଘନ କରିପାରିବ ନାହିଁ କିମ୍ବା କରିବାର ନୁହେଁ। ସୌଭାଗ୍ୟବଶତଃ ଆମ ସମ୍ବିଧାନ ପ୍ରଣେତାମାନେ ଦେଶର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସାମାଜିକ ନିରାପତ୍ତା ବ୍ୟବସ୍ଥା କରିଯାଇଛନ୍ତି। ଏହା ସମ୍ବିଧାନର ଧାରା ୪୩ରେ ସନ୍ନିବେଶିତ। ପର ପର ବିଭିନ୍ନ ସରକାର ସମ୍ବିଧାନର ଏହି ନିର୍ଦ୍ଦେଶକୁ ନିଷ୍ଠାର ସହ ପାଳନ କରିଆସୁଛନ୍ତି। ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ ଭତ୍ତା (ପେନ୍‌ସନ୍) ଓ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍‌ସନ୍ ଯୋଜନା ବୃଦ୍ଧବର୍ଗଙ୍କ ସାମାଜିକ ନିରାପତ୍ତାକୁ ନିଶ୍ଚିତ କରୁଛି। ସେବା ନିବୃତ୍ତି ପରେ ସବୁ ସରକାରୀ କର୍ମଚାରୀଙ୍କୁ ପେନ୍‌ସନ୍ ଯୋଗାଣର ବ୍ୟବସ୍ଥା ଥିବାବେଳେ ଏହା ସରକାରୀ ଚାକରିର ଏକ ମୁଖ୍ୟ ଆକର୍ଷଣ ହୋଇଛି। ବେସରକାରୀ କ୍ଷେତ୍ରରେ ଏଭଳି ପେନ୍‌ସନ୍ ସୁବିଧା ନାହିଁ। ବେସରକାରୀ / ଘରୋଇ କ୍ଷେତ୍ରରୁ ଅବସର ନେଉଥିବା କର୍ମଚାରୀମାନେ ଚାକିରିକାଳରେ କରିଥିବା ସଞ୍ଚୟ ଉପରେ ମୁଖ୍ୟତଃ ନିର୍ଭର କରନ୍ତି। ଏହାର ଅର୍ଥ ଅବସରପରେ ଏହି ବର୍ଗର କର୍ମଚାରୀ ନିଜର ପିଲାଙ୍କ ପାଠପଢ଼ା ଓ ବିବାହ ଆଦି ପାଇଁ ସଞ୍ଚିତ ଅର୍ଥ ଖର୍ଚ୍ଚ କଲେ ତାହା ପ୍ରାୟ ଶେଷ ହୋଇଯିବ ଏବଂ ବୁଢ଼ା ବୟସରେ ଚିକିତ୍ସା ଖର୍ଚ୍ଚ ତୁଲାଇବା ଓ ଚଳିବା ପାଇଁ ପାଖରେ ପ୍ରାୟ କିଛି ରହିବ ନାହିଁ। ଏହି ସମସ୍ୟା ଦୂର କରିବା ପାଇଁ ସରକାର ଜାତୀୟ ପେନ୍‌ସନ୍ ଯୋଜନା, ଅଟଳ ପେନ୍‌ସନ୍ ଯୋଜନା ଓ ସ୍ୱାବଲମ୍ବନ ନାମରେ କେତେକ ନୂଆ ସ୍କିମ୍ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଅବସରକାଳରେ ଲୋକେ କିଛି ନିଶ୍ଚିତ ଆୟର ପନ୍ଥା ପାଇପାରିବେ।

ଚାଷ ଏକ ଅନିଶ୍ଚିତ ବୃତ୍ତି। ଏହା ମୁଖ୍ୟତଃ ପ୍ରକୃତିର ଦୟା ଉପରେ ନିର୍ଭରଶୀଳ। ଜଳାଭାବ, ପୋକଜୋକ ଆକ୍ରମଣ ଓ ପ୍ରାକୃତିକ ବିପତ୍ତି ଯୋଗୁଁ ଚାଷୀ ବିଶେଷ କ୍ଷତିଗ୍ରସ୍ତ ହୁଅନ୍ତି। ଦେଶର ଆର୍ଥିକ ସ୍ଥିରତାରେ ଚାଷୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, କୃଷି ସିଞ୍ଚାଇ ଯୋଜନା, କିଷାନ କ୍ରେଡିଟ୍ କାର୍ଡ ଆଦିର ବ୍ୟବସ୍ଥା କରିଛନ୍ତି। କ୍ରେଡିଟ୍ କାର୍ଡ ସାହାଯ୍ୟରେ ଚାଷୀ ନିମନ୍ତେ ବିହନ, ସାର ଓ ଅନ୍ୟାନ୍ୟ ଦରକାରୀ ସାମଗ୍ରୀ କିଣିବାର ସୁବନ୍ଦୋବସ୍ତ ହୋଇଛି। ଦେଶକୁ ଖାଦ୍ୟ ଯୋଗାଉଥିବା କୃଷକଙ୍କୁ ନିରାପତ୍ତା ଯୋଗାଇବାରେ ଏସବୁ ଯୋଜନା ଓ ପଦକ୍ଷେପ ସହାୟକ ହେବ ବୋଲି ଆଶା କରାଯାଏ। ଖାଦ୍ୟ ନିରାପତ୍ତା ଆଉ ଏକ ସଂଲଗ୍ନ କ୍ଷେତ୍ର ଯାହା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଦେଶର ଯେଉଁ ଅଭାବଗ୍ରସ୍ତ ପରିବାର ବଜାର ମୂଲ୍ୟରେ ଖାଦ୍ୟ ଶସ୍ୟ ଓ ଡାଲି ଆଦି କିଣିବାକୁ ଅସମର୍ଥ ସେମାନଙ୍କ ପାଖରେ ଏସବୁ ଜିନିଷ ଯେପରି କମ୍ ମୂଲ୍ୟରେ ଆବଶ୍ୟକତା ଅନୁସାରେ ପହଞ୍ଚେ ତାହାକୁ ନିଶ୍ଚିତ କରିବାକୁ ପଡ଼ିବ। ସେଥିପାଇଁ ସବ୍‌ସିଡି ବ୍ୟବସ୍ଥା ଉପରେ ଆବଶ୍ୟକ ଧ୍ୟାନ ଦେବାକୁ ହେବ। ଏବେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଲୋକଙ୍କୁ ଦିଆଯାଉଥିବା ରିଆତି ଯେପରି ପ୍ରକୃତ ହିତାଧିକାରୀ ପୂରା ପାଇବେ ସେଥିପାଇଁ ପିଡିଏସ୍‌କୁ ଡିବିଟି ସହ ସଂଯୁକ୍ତ କରାଯାଇଛି। ଅନ୍ୟାନ୍ୟ ବର୍ଗର ଅଭାବୀ ଜନତା ଯଥା – ଭିନ୍ନକ୍ଷମ, ମହିଳା, ବଞ୍ଚିତବର୍ଗ ଓ ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସମାବେଶୀ ଭାରତ ପ୍ରୟାସ ଭଳି କାର୍ଯ୍ୟକ୍ରମରେ ସମାନ ସୁବିଧା ସୁଯୋଗ ଓ ସ୍ୱତନ୍ତ୍ର ସରକାରୀ ସହାୟତା ଯୋଗାଇ ଦିଆଯାଉଛି। ଭିନ୍ନକ୍ଷମଙ୍କ ପାଇଁ ନୟୀ ମନ୍‌ଜିଲ୍, ସଂଖ୍ୟାଲଘୁଙ୍କ ପାଇଁ ଉସ୍ତାଦ୍ ଓ ବଞ୍ଚିତଙ୍କ ପାଇଁ ନଇ ରୋଶ୍‌ନି କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ଶ୍ରମିକବର୍ଗଙ୍କ ସାମାଜିକ ନିରାପତ୍ତା ଓ କଲ୍ୟାଣ ପାଇଁ ଏକ ନୂଆ ବ୍ୟବସ୍ଥା (କୋଡ୍) ପ୍ରସ୍ତୁତ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ଫଳରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନେ ସାମାଜିକ ନିରାପତ୍ତା ପାଇପାରିବେ। ବେଟି ବଚାଓ, ବେଟି ପଢ଼ାଓ ଓ ସୁକନ୍ୟା ସମୃଦ୍ଧି ଯୋଜନା କନ୍ୟା ସନ୍ତାନମାନଙ୍କୁ ନିରାପତ୍ତା ଯୋଗାଇ ଦେବାକୁ ଅଭିପ୍ରେତ। ପ୍ରସୂତି ଓ ଗର୍ଭବତୀଙ୍କୁ ମାତୃତ୍ୱ ସୁବିଧା ଦେବା ସଂକ୍ରାନ୍ତ ବିଭିନ୍ନ ପ୍ରସ୍ତାବ ମନ୍ତ୍ରିମଣ୍ଡଳର ଅନୁମୋଦନ ଲାଭ କରିଛି। ବିଭିନ୍ନ ଦୁର୍ବଳବର୍ଗର ଲୋକଙ୍କୁ ସ୍ୱାସ୍ଥ୍ୟ ନିରାପତ୍ତା ଯୋଗାଇଦେବା ଉଦ୍ଦେଶ୍ୟରେ ସରକାର ଏକାଧିକ ସ୍ୱାସ୍ଥ୍ୟବୀମା ଯୋଜନା ଆରମ୍ଭ କରିଛନ୍ତି।ନିଜ ଦେଶର ନାଗରିକଙ୍କ ସମସ୍ୟାକୁ ଉପେକ୍ଷା କରାଯାଇ ନପାରେ– ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ହୃଦ୍‌ବୋଧ ଓ ସ୍ୱୀକାର୍ଯ୍ୟ ଦର୍ଶନ। ଦେଶର ସରକାର ତାହାର ଦୁର୍ବଳ ଜନତାଙ୍କ ସମସ୍ୟାର ସମାଧାନ ପାଇଁ ଦାୟବଦ୍ଧ। ଜନ୍ ଏଫ୍ କେନେଡୀଙ୍କ ଭାଷାରେ "ଏକ ମୁକ୍ତ ସମାଜ ଯଦି ଅଧିକ ସଂଖ୍ୟକ ଗରିବଙ୍କୁ ସାହାଯ୍ୟ କରି ନ ପାରେ ସେ ସରକାର ସ୍ୱଳ୍ପ ଧନୀଙ୍କୁ ସୁରକ୍ଷା ଦେଇପାରିବ ନାହିଁ।" ଗରିବଙ୍କ ପାଇଁ ଓ ଗରିବଙ୍କ ଉନ୍ନତିରେ ବ୍ରତୀ ସରକାରଙ୍କୁ ଦୁର୍ବଳବର୍ଗର ସାମାଜିକ ନିରାପତ୍ତା ପାଇଁ ସାମାଜିକ ନିରାପତ୍ତା ଯୋଗାଣ ସଂକ୍ରାନ୍ତ ନୀତି ପ୍ରଣୟନ ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ହିଁ ପଡ଼ିବ। ●

# ଭାରତରେ ବୟସ୍କଙ୍କ ପାଇଁ ସାମାଜିକ ନିରାପତ୍ତା : ଆହ୍ୱାନ ଓ ଉଦ୍‌ବେଗ

ସୁମତି କୁଲକର୍ଣ୍ଣି

ସାମୟିକ ଅଥବା ସ୍ଥାୟୀ କାରଣ ପାଇଁ ଯେଉଁମାନେ କାମ କରିପାରନ୍ତି ନାହିଁ ଓ ଜୀବିକା ଉପାର୍ଜନରେ ବିଫଳ ହୁଅନ୍ତି ସେମାନଙ୍କୁ ସହାୟତା ଯୋଗାଇବା ସାମାଜିକ ନିରାପତ୍ତାର ଉଦ୍ଦେଶ୍ୟ। ଅଧିକ ଉନ୍ନତ ଦେଶରେ କେବଳ ବଞ୍ଚାଇବାକୁ ନୁହେଁ ପ୍ରତିକୂଳ ପରିସ୍ଥିତିରେ ଥିବା ମଣିଷର ଜୀବନଧାରଣର ମାନ ବଜାୟ ରଖିବାକୁ ସାମାଜିକ ନିରାପତ୍ତା ଯୋଜନା କାର୍ଯ୍ୟକାରୀ ହୁଏ। ସ୍ୱଳ୍ପ ଉନ୍ନତ ଦେଶରେ ଦୀର୍ଘ ବେକାରୀ ଏବଂ ମାତ୍ରାଧିକ ଦାରିଦ୍ର୍ୟ ଯୋଗୁଁ ଅନେକ ଲୋକ ସର୍ବନିମ୍ନ ସାମାଜିକ ସୁରକ୍ଷା ପାଆନ୍ତି ନାହିଁ। ସରକାର ନିଜର ସାଧ୍ୟମତେ ବଞ୍ଚିତ ଓ ଉପେକ୍ଷିତ ସବୁବର୍ଗର ଲୋକଙ୍କୁ ଯଥାସାଧ୍ୟ ସାମାଜିକ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ ଚେଷ୍ଟା କରିଆସୁଛନ୍ତି। ଅଧିକ ଉନ୍ନତ ଦେଶରେ ଯେଉଁମାନେ ସାମାଜିକ ସୁରକ୍ଷା ପାଆନ୍ତି ସେମାନଙ୍କ ଅନୁପାତ କମ୍। ଭାରତରେ ଏହି ଅନୁପାତ ଯଥେଷ୍ଟ ଅଧିକ। ଲୋକଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ଆର୍ଥିକ ଦୃଷ୍ଟିରୁ ସ୍ୱଳ୍ପ ଉନ୍ନତ ଦେଶମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଏଥିପାଇଁ ଯେଉଁ ସମ୍ବଳ ଦରକାର ପଡ଼େ ତାହା ଯୋଗାଡ଼ କରିବା କଷ୍ଟ ହୋଇଥାଏ। ଉନ୍ନତ ଦେଶ ସମୂହରେ ବୟସ୍କଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ସେସବୁ ଦେଶର ସରକାର ସାଧାରଣ ପେନ୍‌ସନ୍ ଯୋଜନା ପାଇଁ ଅର୍ଥ ବରାଦ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପେନ୍‌ସନ୍ ପରିମାଣ ବଢ଼ିଲେ ଏହା ଜାତୀୟ ଅର୍ଥନୀତିକୁ ବିଭିନ୍ନ ଭାବେ ପ୍ରଭାବିତ କରୁଛି। ଏସବୁ ଦେଶର ଜନସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ଏକବିଂଶ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ୬୦ବର୍ଷ ବୟସରୁ ଅଧିକ ହେବେ ବୋଲି ହିସାବ କରାଯାଇଛି। ଯୁବବର୍ଗର ରୋଜଗାର ଓ ରାଜକୋଷକୁ ଅବଦାନ ହ୍ରାସ ପାଇବା ଏବଂ ବୟସ୍କଙ୍କ ସଂଖ୍ୟା ବଢ଼ି ସେମାନଙ୍କ ପେନ୍‌ସନ୍ ବାବଦରେ ସରକାର ଅର୍ଥ ଖର୍ଚ୍ଚ କରିବା ଫଳରେ ଏକ ଅର୍ଥନୈତିକ ଅସଂଗତି ସୃଷ୍ଟି ହେଉଛି।

ଭାରତ ଭଳି ବିକାଶଶୀଳ ଦେଶରେ ବୁଢ଼ାବୁଢ଼ୀମାନଙ୍କର ସମସ୍ୟା ଭିନ୍ନ। ଏଠାରେ ଚିରଦାରିଦ୍ର୍ୟ, ବେକାରୀ, ଅର୍ଦ୍ଧବେକାରୀ ରହିଥିବାବେଳେ ଅଣଆନୁଷ୍ଠାନିକ କ୍ଷେତ୍ରରେ ବହୁ ଅଧିକ ଲୋକ କାମ କରୁଛନ୍ତି। ସ୍ୱଳ୍ପ ବିକଶିତ ଦେଶସମୂହର ଜନସଂଖ୍ୟାରେ ଏବେ ଏକ ବଡ଼ ପରିବର୍ତ୍ତନ ଘଟିଛି। ଏଠାରେ ମଧ୍ୟ ବୁଢ଼ାବୁଢ଼ିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମୋଟ୍ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ଏକଦା ୭ଶତାଂଶ ଥିଲା। ଏବେ ତାହା ୧୪ ଶତାଂଶରେ ପହଞ୍ଚିଲାଣି। ଏହି ବୃଦ୍ଧ ଜନସଂଖ୍ୟା ଅନୁପାତ ବୃଦ୍ଧି ପାଇଁ ଫ୍ରାନ୍ସ ଓ ସୁଇଡେନ୍ ଭଳି ୟୁରୋପୀୟ ରାଷ୍ଟ୍ରରେ ୧୦୦ ରୁ ୧୨୦ବର୍ଷ ଲାଗିଥିଲା। ଭାରତ, ଚୀନ ଓ ଏସିଆର ଆଉ କେତେକ ଦେଶରେ ଆସନ୍ତା ୪୦ବର୍ଷ ମଧ୍ୟରେ ଏହି ଧାରାର ପୁନରାବୃତ୍ତି ଘଟିପାରେ। ବୁଢ଼ାବୁଢ଼ୀଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ବର୍ତ୍ତମାନ ଅନୁପାତର ଦୁଇଗୁଣ ହେବାର ସମ୍ଭାବନା ଦେଖାଦେଲାଣି। ଏହାର ମୁଖ୍ୟ କାରଣ ହେଲା ସ୍ୱଳ୍ପ ବିକଶିତ ଦେଶରେ ଏବେ ଲୋକଙ୍କ ମୃତ୍ୟୁହାର ଉଲ୍ଲେଖନୀୟ ଭାବେ କମିବାରେ ଲାଗିଛି।

## ଭାରତରେ ବୃଦ୍ଧବୃଦ୍ଧାଙ୍କ ସାମାଜିକ ସୁରକ୍ଷାର ସ୍ୱରୂପ

ଭାରତରେ ବିଶ୍ୱଜନସଂଖ୍ୟାର ଏକ ପଞ୍ଚମାଂଶ ଲୋକ ବାସ କରନ୍ତି। ସେମାନଙ୍କ ମଧ୍ୟରୁ

> ୨୦୧୧ ଜନଗଣନା ପରିସଂଖ୍ୟାନ ଅନୁସାରେ ଭାରତରେ ୬୦ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସଂଖ୍ୟା ୧୦୪ ନିୟୁତ। ୨୦୨୬ ସୁଦ୍ଧା ଏହି ସଂଖ୍ୟା ୧୭୩ ନିୟୁତରେ ପହଞ୍ଚିବ ବୋଲି ଆଶା କରାଯାଉଛି। ୨୦୦୦ ରୁ ୨୦୫୦ ମଧ୍ୟରେ ଭାରତର ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ୩୬୦ ଶତାଂଶ ହାରରେ ବଢ଼ିବ। ବୃଦ୍ଧମାନଙ୍କୁ ସମ୍ଭାବ୍ୟ ସମର୍ଥନକାରୀଙ୍କ ଅନୁପାତ (୧୫ ରୁ ୫୯ ବର୍ଷ ବୟସର ଲୋକଙ୍କ ସଂଖ୍ୟା ଅନୁପାତ) ଦୃଷ୍ଟିରେ ଦେଖିଲେ ଜଣାପଡ଼େ ଯେ ଏହା ଯଥେଷ୍ଟ ହ୍ରାସ ପାଇବ। ୨୦୦୧ରେ ବୃଦ୍ଧଙ୍କୁ ସମର୍ଥନ ପ୍ରଦାନକାରୀଙ୍କ ସଂଖ୍ୟା ଜଣ ପିଛା ୮.୪ ଜଣ ଥିବାବେଳେ ୨୦୧୧ରେ ଏହା ୭କୁ ହ୍ରାସ ପାଇଥିଲା। ୨୦୨୬ରେ ଏହା ୫.୨କୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଅନ୍ୟ ଅର୍ଥରେ ବୃଦ୍ଧାବୃଦ୍ଧଙ୍କୁ ସମର୍ଥନ ଓ ସହାୟତା ଯୋଗାଉଥିବା ସମର୍ଥ ଲୋକଙ୍କ ସଂଖ୍ୟା ନିରନ୍ତର କମୁଛି।



ଗରିବଙ୍କ ସଂଖ୍ୟା ବିଶ୍ୱ ଦରିଦ୍ରଙ୍କ ସଂଖ୍ୟାର ଏକ ତୃତୀୟାଂଶ। ପୃଥିବୀର ମୋଟ୍ ବୁଢ଼ାବୁଢ଼ୀଙ୍କ ସଂଖ୍ୟାର ଏକ ଅଷ୍ଟମାଂଶ ଭାରତରେ ଅଛନ୍ତି। ଏ ପର୍ଯ୍ୟନ୍ତ ବୁଢ଼ା ବୟସରେ ଲୋକଙ୍କୁ ସାମାଜିକ ନିରାପତ୍ତା ଦେବା କ୍ଷେତ୍ରରେ ପରିବାର ଓ ପ୍ରୌଢ଼ବ୍ୟକ୍ତିମାନେ ଏକ ବିଶ୍ୱସ୍ତ ସୂତ୍ର ଭାବେ ବିବେଚିତ ହେଉଛନ୍ତି। ବାର୍ଦ୍ଧକ୍ୟଜନିତ ଏହି ପାରମ୍ପରିକ ନିରାପତ୍ତା ବ୍ୟବସ୍ଥା ଏବେ ବିଭିନ୍ନ କାରଣରୁ ବିପନ୍ନ ହେବାକୁ ଲାଗିଲାଣି। ବୟସ୍କମାନଙ୍କ ପରମାୟୁ ବୃଦ୍ଧି, ଯୌଥ ପରିବାର ବ୍ୟବସ୍ଥାର ବିଲୟ, ମହିଳାମାନେ କ୍ରମଶଃ ରୋଜଗାର ପାଇଁ ବିଭିନ୍ନ ବୃତ୍ତିକୁ ଆପଣାଉଥିବାରୁ ବୟସ୍କଙ୍କ ସେବାଯତ୍ନକାରୀଙ୍କ ଅଭାବ ଆଦି ସାମାଜିକ, ଆର୍ଥିକ ଓ ଅନ୍ୟାନ୍ୟ କାରଣ ଏ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଛି। ଆଗରୁ ବିଧବାଙ୍କ ସଂଖ୍ୟା ଅଧିକ ଥିଲା ଏବଂ ସେମାନେ ଯୌଥ ପରିବାରରେ ବୟସ୍କଙ୍କ ସେବାଯତ୍ନ ପ୍ରତି ଧ୍ୟାନ ଦେଉଥିଲେ। ଏବେ ସେମାନଙ୍କ ସଂଖ୍ୟା ମଧ୍ୟ ଯଥେଷ୍ଟ କମିଗଲାଣି। ପରିବାରର ଯୁବକ ସଦସ୍ୟମାନେ ରୋଜଗାର ପାଇଁ ଘରଠାରୁ ଦୂରଦୂରାନ୍ତରେ ରହୁଥିବାରୁ ବୟସ୍କଙ୍କ ପ୍ରତ୍ୟକ୍ଷ ସେବାଯତ୍ନ କରିପାରୁନାହାନ୍ତି। ଯେଉଁ ବୟସ୍କମାନଙ୍କର କିଛି ଅର୍ଥ ସଂଚିତ ଅଛି ବା ସମ୍ପତ୍ତି ରହିଛି ସେମାନେ ତାହାକୁ ପୁଞ୍ଜି କରି କୌଣସି ମତେ ଚଳିଯାଉଛନ୍ତି। ଯେଉଁ ବୁଢ଼ାବୁଢ଼ୀଙ୍କର କୌଣସି ଆଶ୍ରୟ ଓ ରୋଜଗାରର ଉତ୍ସ ନାହିଁ ବାର୍ଦ୍ଧକ୍ୟରେ ସେମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।

ବିଶ୍ୱାୟନ ପ୍ରକ୍ରିୟାର ଏକ ଅଦୃଷ୍ଟ ଫଳ ହେଲା ଗରିବଙ୍କୁ ଏହା ଅଧିକ ଦରିଦ୍ର ଓ ଅଧିକାରହୀନ କରିଦେଇଛି। ସେମାନେ ସମାଜରେ ଏକ ପ୍ରକାର କୋଣଠେସା ହୋଇ ବଞ୍ଚିତ ଅବସ୍ଥାରେ ରହୁଛନ୍ତି। ସେହିଭଳି ବିଶ୍ୱାୟନ ଯୋଗୁଁ ଦାରିଦ୍ର୍ୟରେ ଥିବା ମହିଳାଙ୍କ ଦୁର୍ଦ୍ଦଶା ଅଧିକ ବଢ଼ିଛି ଯାହାକୁ ଦାରିଦ୍ର୍ୟର ମହିଳାକରଣ ବୋଲି କୁହାଯାଉଛି। ଏଭଳି ଅବସ୍ଥାରେ ସାମାଜିକ ନିରାପତ୍ତା କଥା ଚିନ୍ତା କରିବା ବେଳେ ବୟସ୍କ ଓ ମହିଳା ପ୍ରଥମେ ନଜରକୁ ଆସୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରମାନେ ସାମାଜିକ ନିରାପତ୍ତା ପାଇଁ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ଏହି କାର୍ଯ୍ୟକ୍ରମ ସବୁର ଯେଉଁ ଆର୍ଥିକ ଦିଗ ରହିଛି ତାହା ସେତେ ଦୃଢ଼ ନୁହେଁ। ଉନ୍ନତ ଦେଶ ସମୂହରେ ଏ କ୍ଷେତ୍ରରେ ଯେଉଁ ଅର୍ଥ ବ୍ୟୟ ହେଉଛି ଏବଂ ଯେଉଁ ସହାୟତା ରାଶି ଦିଆଯାଉଛି ଭାରତରେ ତାହା ସମ୍ଭବ ହେଉନାହିଁ।

## 'ବିକେପାଇ'ସର୍ଭେ

ବିଲ୍‌ଡିଙ୍ଗ୍ ଏ ନଲେଜ୍ ବେସ୍‌ଡ ଅନ୍ ପପୁଲେସନ ଏଜିଙ୍ଗ ଇନ୍ ଇଣ୍ଡିଆ (ବିକେପାଇ) ପ୍ରକଳ୍ପର ଉଦ୍ଦେଶ୍ୟ ହେଲା ଭାରତରେ ବାର୍ଦ୍ଧକ୍ୟ ଜନସଂଖ୍ୟା ସମ୍ପର୍କରେ ଏକ ତଥ୍ୟାବଳୀ ପ୍ରସ୍ତୁତ କରିବା। ଏହା ଜାତିସଂଘର ଜନସଂଖ୍ୟା ପାଣ୍ଠି, ନୂଆଦିଲ୍ଲୀର ଅର୍ଥନୈତିକ ଅଭିବୃଦ୍ଧି ପ୍ରତିଷ୍ଠାନ, ବାଙ୍ଗାଲୋରର ସାମାଜିକ, ଆର୍ଥିକ ପରିବର୍ତ୍ତନ ଅନୁଧ୍ୟାନ ପ୍ରତିଷ୍ଠାନ ଓ ମୁମ୍ବଇ ଟାଟା ସାମାଜିକ ବିଜ୍ଞାନ ପ୍ରତିଷ୍ଠାନର ସହାୟତାରେ କାର୍ଯ୍ୟକାରୀ ହେଉଛି। ବିକେପାଇର ଏକ ସର୍ଭେ ଅନୁସାରେ (୨୦୧୧ ମଇ-ସେପ୍ଟେମ୍ବର)ମଧ୍ୟରେ ଦେଶର ସାତଟି ବଛାବଛା ରାଜ୍ୟ-ହିମାଚଳପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ, ଓଡ଼ିଶା, ମହାରାଷ୍ଟ୍ର, କେରଳ ଓ ତାମିଲନାଡୁରେ ବୃଦ୍ଧ ବ୍ୟକ୍ତିଙ୍କ

*ଭାରତ ଭଳି ବିକାଶଶୀଳ ଦେଶରେ ବୁଢ଼ାବୁଢ଼ୀମାନଙ୍କର ସମସ୍ୟା ଭିନ୍ନ। ଏଠାରେ ଚିରଦାରିଦ୍ର୍ୟ, ବେକାରୀ, ଅର୍ଦ୍ଧବେକାରୀ ରହିଥିବାବେଳେ ଅଣଆନୁଷ୍ଠାନିକ କ୍ଷେତ୍ରରେ ବହୁ ଅଧିକ ଲୋକ କାମ କରୁଛନ୍ତି। ସ୍ୱଳ୍ପ ବିକଶିତ ଦେଶସମୂହର ଜନସଂଖ୍ୟାରେ ଏବେ ଏକ ବଡ଼ ଲାକ୍ଷଣିକ ପରିବର୍ତ୍ତନ ଘଟିଛି। ଏଠାରେ ମଧ୍ୟ ବୁଢ଼ାବୁଢ଼ିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମୋଟ୍ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ଏକଦା ୭ଶତାଂଶ ଥିଲା। ଏବେ ତାହା ୧୪ ଶତାଂଶରେ ପହଞ୍ଚିଲାଣି। ଏହି ବୃଦ୍ଧ ଜନସଂଖ୍ୟା ଅନୁପାତ ବୃଦ୍ଧି ପାଇଁ ଫ୍ରାନ୍ସ ଓ ସୁଇଡେନ୍ ଭଳି ୟୁରୋପୀୟ ରାଷ୍ଟ୍ରରେ ୧୦୦ ରୁ ୧୨୦ବର୍ଷ ଲାଗିଥିଲା। ଭାରତ, ଚୀନ ଓ ଏସିଆର ଆଉ କେତେକ ଦେଶରେ ଆସନ୍ତା ୪୦ବର୍ଷ ମଧ୍ୟରେ ଏହି ଧାରାର ପୁନରାବୃତ୍ତି ଘଟିପାରେ।*



ଆନୁପାତିକ ସଂଖ୍ୟା ଜାତୀୟ ହାରଠାରୁ ଅଧିକ। ସେଇ ସର୍ଭେର ତଥ୍ୟ ବ୍ୟବହାର କରି ଏହି ଲେଖାରେ ବାର୍ଦ୍ଧକ୍ୟକାଳୀନ ସାମାଜିକ ନିରାପତ୍ତାର ବିଭିନ୍ନ ଦିଗ ଏବଂ ଏ ଦିଗରେ ସରକାର ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି।

### ସମସ୍ୟାର ଆକାର ପ୍ରକାର

୨୦୧୧ ଜନଗଣନା ପରିସଂଖ୍ୟାନ ଅନୁସାରେ ଭାରତରେ ୬୦ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ସଂଖ୍ୟା ୧୦୪ ନିୟୁତ। ୨୦୨୬ ସୁଦ୍ଧା ଏହି ସଂଖ୍ୟା ୧୭୩ ନିୟୁତରେ ପହଞ୍ଚିବ ବୋଲି ଆଶା କରାଯାଉଛି। ୨୦୦୦ ରୁ ୨୦୫୦ ମଧ୍ୟରେ ଭାରତର ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ୩୬୦ ଶତାଂଶ ହାରରେ ବଢ଼ିବ। ବୃଦ୍ଧମାନଙ୍କୁ ସମ୍ଭାବ୍ୟ ସମର୍ଥନକାରୀଙ୍କ ଅନୁପାତ (୧୫ ରୁ ୫୯ ବର୍ଷ ବୟସର ଲୋକଙ୍କ ସଂଖ୍ୟା ଅନୁପାତ) ଦୃଷ୍ଟିରେ ଦେଖିଲେ ଜଣାପଡ଼େ ଯେ ଏହା ଯଥେଷ୍ଟ ହ୍ରାସ ପାଇବ। ୨୦୦୧ରେ ବୃଦ୍ଧଙ୍କୁ ସମର୍ଥନ ପ୍ରଦାନକାରୀଙ୍କ ସଂଖ୍ୟା ଜଣ ପିଛା ୮.୪ ଜଣ ଥିବାବେଳେ ୨୦୧୧ରେ ଏହା ୭କୁ ହ୍ରାସ ପାଇଥିଲା। ୨୦୨୬ରେ ଏହା ୫.୨କୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଅନ୍ୟ ଅର୍ଥରେ ବୃଦ୍ଧାବୃଦ୍ଧଙ୍କୁ ସମର୍ଥନ ଓ ସହାୟତା ଯୋଗାଉଥିବା ସମର୍ଥ ଲୋକଙ୍କ ସଂଖ୍ୟା ନିରନ୍ତର କମୁଛି।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ବୃଦ୍ଧଙ୍କ ତୁଳନାରେ ବୃଦ୍ଧାଙ୍କ ସଂଖ୍ୟା ବୃଦ୍ଧି। ୨୦୫୦ ସୁଦ୍ଧା ବୃଦ୍ଧାଙ୍କ ସଂଖ୍ୟା ବୃଦ୍ଧଙ୍କ ତୁଳନାରେ ଯଥେଷ୍ଟ ଅଧିକ, ପ୍ରାୟ ୧୮.୪ ନିୟୁତ ହେବ। ସେହିଭଳି ବୃଦ୍ଧାଙ୍କ ମଧ୍ୟରେ ବିଧବାମାନଙ୍କ ସଂଖ୍ୟା (୬୦ ରୁ ୬୪ ବର୍ଷ) ୪୫.୫ ଶତାଂଶକୁ ବୃଦ୍ଧି ପାଇବ ଏବଂ ୮୦ ବର୍ଷ ବା ତଦୁର୍ଦ୍ଧ ବିଧବାଙ୍କ ସଂଖ୍ୟା ୮୬.୮ ଶତାଂଶରେ ପହଞ୍ଚିବ। ଅପରପକ୍ଷରେ ପ୍ରତି ୧୦ ଜଣରେ ଜଣେ ପୁରୁଷ (୬୦-୬୪ ବୟସ ବର୍ଗରେ) ବିପତ୍ନୀକ ହେବେ ଏବଂ ୮୦ ବର୍ଷରୁ ଅଧିକ ଏକ ତୃତୀୟାଂଶ ପୁରୁଷ ବିପତ୍ନୀକ ରହିବେ।

### ଅସୁରକ୍ଷାର ବ୍ୟାପକତା

'ବିକେପାଇ' ସର୍ଭେ ଅନୁସାରେ ବିପିଏଲ ଓ ଅନ୍ତ୍ୟୋଦୟ କାର୍ଡଧାରୀଙ୍କ ମଧ୍ୟରୁ ପ୍ରାୟ ୪୫ ଶତାଂଶ ବୃଦ୍ଧବୃଦ୍ଧା। ମାସିକ ମୁଣ୍ଡପିଛା ୧୦୦୦ଟଙ୍କା ଖର୍ଚ୍ଚ କରୁଥିବା ପରିବାର ମଧ୍ୟରୁ ବୟସ୍କଙ୍କ ସଂଖ୍ୟା ଏକ ତୃତୀୟାଂଶ। ପ୍ରାୟ ଦୁଇ ପଞ୍ଚମାଂଶ ବୃଦ୍ଧବୃଦ୍ଧାଙ୍କର ବ୍ୟକ୍ତିଗତ ଆୟ ନାହିଁ। ଅଧା ବୁଢ଼ାବୁଢ଼ୀ ଆର୍ଥିକ ଦୃଷ୍ଟିରୁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ। ସର୍ବୋପରି ବୁଢ଼ାବୁଢ଼ୀଙ୍କ ମଧ୍ୟରୁ ଏକ ଚତୁର୍ଥାଂଶଙ୍କର କୌଣସି ସାମାଜିକ ନିରାପତ୍ତା କିମ୍ବା ଆର୍ଥିକ ସମ୍ବଳ ନାହିଁ। ଅତଏବ ଏହି ତଥ୍ୟାବଳୀରୁ ପ୍ରତୀୟମାନ ହୁଏ ଯେ ୪୦-୪୫ ଶତାଂଶ ବୃଦ୍ଧବୃଦ୍ଧା ଆର୍ଥିକ ଦୃଷ୍ଟିରୁ ଅସୁରକ୍ଷିତ। ସେମାନଙ୍କ ମଧ୍ୟରୁ ୨୫ ଶତାଂଶଙ୍କ ସ୍ଥିତି ଅତି ଖରାପ।

ସେହିଭଳି ବୃଦ୍ଧା ବର୍ଗରେ ବିଧବାଙ୍କ ସ୍ଥିତି ଆର୍ଥିକ ଦୃଷ୍ଟିରୁ ଅଧିକ ଶୋଚନୀୟ। ବୁଢ଼ାଙ୍କ କ୍ଷେତ୍ରରେ ୨୬ ଶତାଂଶଙ୍କର କୌଣସି ଆୟ ନ ଥିବା ବେଳେ ବୁଢ଼ୀଙ୍କ କ୍ଷେତ୍ରରେ ଏହା ୫୯%। ସମ୍ବଳ ବା ସମ୍ପତ୍ତି ଦୃଷ୍ଟିରୁ ଏହି ହାର ବୃଦ୍ଧ ୧୧% ଓ ବୃଦ୍ଧା ୩୪%। ବିପତ୍ନୀକଙ୍କ କ୍ଷେତ୍ରରେ ଏହା ୧୪% ଥିବାବେଳେ ବିଧବାଙ୍କ କ୍ଷେତ୍ରରେ ଏହି ହାର ୨୮%। ସମ୍ପୂର୍ଣ୍ଣଭାବେ ଆର୍ଥିକ ନିର୍ଭରଶୀଳ ବୃଦ୍ଧଙ୍କ ସଂଖ୍ୟା ୩୩% ଥିବାବେଳେ ବୃଦ୍ଧାଙ୍କ ସଂଖା ୬୬%। ଭଲ ଖବର ହେଲା ୭୦ ଶତାଂଶ ବୁଢ଼ାବୁଢ଼ୀ ସେମାନଙ୍କ ପ୍ରୌଢ଼ ପିଲାମାନଙ୍କ ସହ ବସବାସ କରୁଥିବାବେଳେ ମାତ୍ର ୬ ଶତାଂଶ ଏକୁଟିଆ ରହନ୍ତି। ତେବେ ଅତି ଗରିବ ବୁଢ଼ାବୁଢ଼ୀଙ୍କ ମଧ୍ୟରୁ ଏକ ତୃତୀୟାଂଶ ପରିବାରଠାରୁ

**ବିଶ୍ୱାୟନ ପ୍ରକ୍ରିୟାର ଏକ ଅଦୃଷ୍ଟ ଫଳ ହେଲା ଗରିବଙ୍କୁ ଏହା ଅଧିକ ଦରିଦ୍ର ଓ ଅଧିକାରହୀନ କରିଦେଇଛି। ସେମାନେ ସମାଜରେ ଏକ ପ୍ରକାର କୋଣଠେସା ହୋଇ ବଞ୍ଚିତ ଅବସ୍ଥାରେ ରହୁଛନ୍ତି। ସେହିଭଳି ବିଶ୍ୱାୟନ ଯୋଗୁଁ ଦାରିଦ୍ର୍ୟରେ ଥିବା ମହିଳାଙ୍କ ଦୁର୍ଦ୍ଦଶା ଅଧିକ ବଢ଼ିଛି ଯାହାକୁ ଦାରିଦ୍ର୍ୟର ମହିଳାକରଣ ବୋଲି କୁହାଯାଉଛି। ଏଭଳି ଅବସ୍ଥାରେ ସାମାଜିକ ନିରାପତ୍ତା କଥା ଚିନ୍ତା କରିବା ବେଳେ ବୟସ୍କ ଓ ମହିଳା ପ୍ରଥମେ ନଜରକୁ ଆସୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରମାନେ ସାମାଜିକ ନିରାପତ୍ତା ପାଇଁ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ଏହି କାର୍ଯ୍ୟକ୍ରମ ସବୁର ଯେଉଁ ଆର୍ଥିକ ଦିଗ ରହିଛି ତାହା ସେତେ ଦୃଢ଼ ନୁହେଁ।**

ଅଲଗା ହୋଇ (ଦୁଇ ପ୍ରାଣୀ) ରହନ୍ତି ଏବଂ ସେମାନେ ବିଶେଷ ଭାବେ ସାମାଜିକ ନିରାପତ୍ତା ଲୋଡ଼ନ୍ତି। ବାର୍ଦ୍ଧକ୍ୟ କାଳରେ ରାଷ୍ଟ୍ର ସେମାନଙ୍କୁ ସାହାଯ୍ୟ ସହଯୋଗ କରୁବୋଲି ପ୍ରତି ପାଞ୍ଚଜଣରେ ଜଣେ ବୃଦ୍ଧ/ବୃଦ୍ଧା ଅନୁଭବ କରନ୍ତି।

## ସରକାରୀ ପ୍ରୟାସ

ବୃଦ୍ଧବୃଦ୍ଧାଙ୍କ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସାମାଜିକ ସୁରକ୍ଷା/ନିରାପତ୍ତା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଇନ୍ଦିରା ଗାନ୍ଧୀ ପେନ୍‌ସନ୍ ଯୋଜନାରେ ଅସହାୟ ବୁଢ଼ାବୁଢ଼ୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ସେହିଭଳି ଅସହାୟ ବିଧବାମାନଙ୍କ ପାଇଁ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍‌ସନ୍ ଯୋଗାଣ ବ୍ୟବସ୍ଥା ରହିଛି। ଏହାଛଡ଼ା ଖାଦ୍ୟନିରାପତ୍ତା, ସ୍ୱାସ୍ଥ୍ୟସେବା, ଆବାସ ଓ ଅନ୍ୟାନ୍ୟ ସୁବିଧାସୁଯୋଗ ବୁଢ଼ାବୁଢ଼ୀଙ୍କୁ ଦିଆଯାଉଛି। ଓଡ଼ିଶା, କେରଳ, ତାମିଲନାଡୁ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ସରକାର ମଧ୍ୟ ବୃଦ୍ଧବୃଦ୍ଧାଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଓଡ଼ିଶାର ମଧୁବାବୁ ପେନ୍‌ସନ୍ ଯୋଜନା ସେଥିମଧ୍ୟରୁ ଅନ୍ୟତମ।

**ବର୍ତ୍ତମାନର ସରକାର ସାମାଜିକ ସୁରକ୍ଷା ପାଇଁ ଅଟଳ ପେନ୍‌ସନ୍, ପ୍ରଧାନମନ୍ତ୍ରୀ ଜନଧନ, ଜୀବନ ଜ୍ୟୋତି, ଜନସୁରକ୍ଷା ବୀମା ଆଦି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଏସବୁ ଯୋଜନାରେ ହିତାଧିକାରୀଙ୍କୁ ନିଜର ଅଂଶବାବଦରେ କିଛି କିଛି ଦେବାକୁ ପଡୁଛି ଓ ଏହା ସମ୍ପୂର୍ଣ୍ଣ ମାଗଣା ନୁହେଁ। ତଥାପି ଏହାଦ୍ୱାରା ଭବିଷ୍ୟତର ବୟସ୍କ ବ୍ୟକ୍ତିମାନେ ଯେ ନିଶ୍ଚିତ ଉପକୃତ ହେବେ ଓ କେତେକାଂଶରେ ସାମାଜିକ ସୁରକ୍ଷା ପାଇବେ ଏଥିରେ ସନ୍ଦେହର ଅବକାଶ ନାହିଁ।ଅଟଳ ପେନ୍‌ସନ୍ ଯୋଜନାରେ ଅସଂଗଠିତ କ୍ଷେତ୍ରର ବୀମାକାରୀଙ୍କୁ ସେମାନଙ୍କର ନିର୍ଦ୍ଦିଷ୍ଟ ଅଂଶ ପ୍ରଦାନ ଭିତ୍ତିରେ ମାସିକ ୧୦୦୦ ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ୍ ଦେବାର ବ୍ୟବସ୍ଥା ଅଛି।**



ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ୍ ଯୋଜନାରେ ନିରାଶ୍ରୟ ବୃଦ୍ଧବୃଦ୍ଧାମାନଙ୍କୁ ଦୁଇଟି ବର୍ଗରେ ଦୁଇ ପ୍ରକାର ଭତ୍ତା (ପେନ୍‌ସନ୍) ଯୋଗାଇଦିଆଯାଉଛି। ୬୦-୭୯ ବର୍ଷ ବୟସ ବର୍ଗଙ୍କ ପାଇଁ ଏହା ମାସିକ ୨୦୦ ଟଙ୍କା ହୋଇଥିବାବେଳେ ୮୦ବର୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ ୫୦୦ ଟଙ୍କା କରାଯାଇଛି। ଏବାବଦ ଆବଶ୍ୟକ ଅର୍ଥ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଯୋଗାଇ ଦେଇଥାନ୍ତି। ଏହି ପେନ୍‌ସନ୍ ବିପିଏଲ୍ ବର୍ଗଙ୍କ ପାଇଁ ୫୦ ଭାଗ ସଂରକ୍ଷିତ। ଗ୍ରାମପଞ୍ଚାୟତଦ୍ୱାରା ହିତାଧିକାରୀଙ୍କୁ ବଛାଯାଏ। ଏହି ଭତ୍ତା କେତେ ଲୋକ ପାଇବେ ରାଜ୍ୟ ଭିତ୍ତିରେ ତାହାର ସଂଖ୍ୟା ମଧ୍ୟ ନିର୍ଦ୍ଧାରିତ ହୋଇଥାଏ। ଏହି ହିତାଧିକାରୀ ମନୋନୟନ ନିମ୍ନ ସୂତ୍ର ଅନୁସାରେ କରାଯାଏ।

ପୂର୍ଣ୍ଣସଂଖ୍ୟା = ୬୫ବର୍ଷରୁ ଅଧିକ ରାଜ୍ୟ ଜନସଂଖ୍ୟାର ଅଧା - ଦାରିଦ୍ର୍ୟ ଅନୁପାତ

୨୦୦୫ ସୁଦ୍ଧା ଏହି ଯୋଜନାରେ ଦେଶର ୬.୫ ନିୟୁତ ବୁଢ଼ାବୁଢ଼ୀ ଉପକୃତ ହୋଇଥିଲେ। ୨୦୧୧ର ନୂଆ ଜାତୀୟ ବରିଷ୍ଠ ନାଗରିକ ପେନ୍‌ସନ୍ ଯୋଜନା ଅନୁସାରେ ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ୍ ମାସିକ ଏକ ହଜାର ଟଙ୍କା କରିବାକୁ ନିଷ୍ପତ୍ତି ହୋଇଛି।

ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍‌ସନ୍ ଯୋଜନା ୨୦୦୯ରେ ଆରମ୍ଭ ହୋଇଥିଲା। ବିପିଏଲଧାରୀ ୪୦ ରୁ ୬୩ବର୍ଷ ବୟସର ବିଧବାଙ୍କୁ (୪୦-୫୯ବର୍ଷ ସଂଶୋଧିତ) ମାସିକ ୨୦୦ ଟଙ୍କାର ପେନ୍‌ସନ୍ ଦେବାର ବ୍ୟବସ୍ଥା ହୋଇଥିଲା।

## ସଚେତନତା ଓ ପେନ୍‌ସନ୍

ବଡ଼ କଥା ହେଲା ସରକାର ଏସବୁ ଯେଉଁ ଯୋଜନା କାର୍ଯ୍ୟକାରୀ କରିଛନ୍ତି ତାହାର ଲାଭ ଉଦ୍ଦିଷ୍ଟ ବର୍ଗଙ୍କ ପାଖରେ ଠିକଣାଭାବେ ପହଞ୍ଚୁଛି ତ ? ବିକେପାଇ ସର୍ଭେ ଅନୁସାରେ ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ୍ ଯୋଜନା ସମ୍ପର୍କରେ ୭୯ ଶତାଂଶ ଓ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍‌ସନ୍ ଯୋଜନା ସମ୍ପର୍କରେ ୭୨ ଶତାଂଶ ଅବଗତ। ତେବେ ଯୋଗ୍ୟତା ସତ୍ତ୍ୱେ ୧୩ ଶତାଂଶ ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ୍ ପାଇ

ନ'ଥିବା ବେଳେ ୨୦ ଶତାଂଶଙ୍କୁ ଇନ୍ଦିରା ଗାନ୍ଧୀ ବିଧବା ପେନ୍‌ସନ୍ ମିଳିନାହିଁ। ବିପିଏଲଧାରୀଙ୍କ ମଧ୍ୟରେ ଏହି ସଚେତନତାର ଅଭାବ ଅଧିକ। ଓଡ଼ିଶା, ପଞ୍ଜାବ, ହିମାଚଳପ୍ରଦେଶ, କେରଳ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ଏହି ସଚେତନତା ହାର ଅଧିକ।

**ହିସାବ ଅନୁସାରେ ୬୦ବର୍ଷରୁ ଊର୍ଦ୍ଧ୍ୱ ନାଗରିକମାନଙ୍କୁ ମାସିକ ୨୦୦୦ ଟଙ୍କା ଲେଖାଏଁ ପେନ୍‌ସନ୍ ଯୋଗାଇଦେଲେ ସରକାରଙ୍କ ଉପରେ ମୋଟ୍ ୨,୪୯,୨୩୮ କୋଟି ଟଙ୍କାର ଆର୍ଥିକ ବୋଝ ପଡ଼ିବ। ମାତ୍ର ବାସ୍ତବତା ଦୃଷ୍ଟିରୁ ଦେଖିଲେ ଏ ବୋଝର ପରିମାଣ କମ୍ ରହିବ। କାରଣ ସରକାର ବିଭିନ୍ନ ଯୋଜନାରେ ଲୋକଙ୍କୁ ଯେଉଁ ରିଆତି ବା ସବ୍‌ସିଡି ଦେଉଛନ୍ତି ତାହା ଆଉ ଦେବାକୁ ପଡ଼ିବ ନାହିଁ। ଅତଏବ ଏବାବଦରେ ସରକାରଙ୍କର ବିପୁଳ ଅର୍ଥ ସଂଚୟ ହେବ। ତେବେ ସମସ୍ତଙ୍କୁ ପେନ୍‌ସନ୍ ଯୋଗାଣ ବ୍ୟବସ୍ଥା କଲେ ମୁଦ୍ରାସ୍ଫୀତି ବଢ଼ିବ ଏବଂ ଅଧିକରୁ ଅଧିକ ଲୋକଦେଖାଣିଆ କାର୍ଯ୍ୟକ୍ରମ ପାଇଁ ସରକାରଙ୍କୁ ଅଧିକ ଅର୍ଥ ଖର୍ଚ୍ଚ କରି ଚାପର ସମ୍ମୁଖୀନ ହେବାକୁ ପଡ଼ିବ। ଏଥିରୁ ଉଧୁରିବା ପାଇଁ ସରକାରଙ୍କୁ ନୂଆ ଟିକସ ବ୍ୟବସ୍ଥା କରିବାକୁ ପଡ଼ିପାରେ। ଅତଏବ ଏହି ପେନ୍‌ସନ୍ ବ୍ୟବସ୍ଥାରୁ ଯେତେ ଅଧିକ ସଂଖ୍ୟକ ସ୍ୱଚ୍ଛଳ ବର୍ଗକୁ ବାଦ୍ ଦିଆଯିବ ସେତେ ଭଲ।**

### ସ୍ୱଳ୍ପ ବିନିଯୋଗର କାରଣ

ସର୍ଭେ ଅନୁସାରେ ଏହି ପେନ୍‌ସନ୍ ବାବଦ ଅର୍ଥ ହିତାଧିକାରୀଙ୍କ ପାଖରେ ନ ପହଞ୍ଚିବା ବା ବିନିଯୋଗ ହାର କମ୍ ହେବାର ଏକାଧିକ କାରଣ ରହିଛି। ସେଥିମଧ୍ୟରେ ନିରକ୍ଷରତା, ପ୍ରମାଣପତ୍ର ପ୍ରଦାନରେ ବିଫଳତା, ଚିହ୍ନଟରେ ତ୍ରୁଟି, ପଞ୍ଚାୟତର ସୁପାରିଶଗତ ଅନିୟମିତତା ଆଦି ଅନ୍ୟତମ। ଏହାର ସୁଯୋଗ ନେଇ ମଧ୍ୟସ୍ଥ ଫାଇଦା ଉଠାନ୍ତି, ଲାଞ୍ଚ ଓ ଦୁର୍ନୀତି ବଢ଼େ ଏବଂ ଜାତିଆଣ ବିଚାର ଅଗ୍ରାଧିକାର ପାଏ।

ଆହୁରି ମଧ୍ୟ ବିପିଏଲ ତାଲିକାରେ ତ୍ରୁଟି ଯୋଗୁଁ ଏହି ଅର୍ଥର ବାଟମାରଣା ବଢୁଛି। ପ୍ରକୃତ ହିତାଧିକାରୁଙ୍କୁ ପେନ୍‌ସନ୍ ପାଇବାକୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ପେନ୍‌ସନ୍ ବାବଦ ଅର୍ଥ ଯଥେଷ୍ଟ ହେଉନାହିଁ। ହିତାଧିକାରୀ ଚିହ୍ନଟରେ ତ୍ରୁଟି ଓ ବିଳମ୍ବ ଯୋଗୁଁ ରାଜ୍ୟକୁ ମିଳୁଥିବା ପାଣ୍ଠି ବିନିଯୋଗ ହୋଇପାରୁନାହିଁ। ଏସବୁ ସତ୍ତ୍ୱେ ଏହି ଯୋଜନା ଦ୍ୱାରା ଅନେକ ଲୋକ ଉପକୃତ ହେଉଛନ୍ତି ଏବଂ ଏହାର ପ୍ରଭାବ ଭଲ ଅନୁଭୂତ ହେଉଥିବା ଅନେକ ଗବେଷକ ମତ ଦେଉଛନ୍ତି। ଓଡ଼ିଶା ଓ ତାମିଲନାଡୁରେ ଏହି ପେନ୍‌ସନ୍ ଯୋଜନାର ତଦାରଖ ଓ କାର୍ଯ୍ୟକାରିତା ପାଇଁ ଅପେକ୍ଷାକୃତ ଉତ୍ତମ ବ୍ୟବସ୍ଥା କରାଯାଇଛି। ଆକଳନ ଅନୁସାରେ ଏବେ ୬୦ ଲକ୍ଷ ଭାରତୀୟ ବାର୍ଦ୍ଧକ୍ୟ ଭତ୍ତା ଓ ୩୦ଲକ୍ଷ ବିଧବା ଭତ୍ତା ପାଉଛନ୍ତି। ଏହି ଭତ୍ତା ଯୋଜନାରେ ୭ ଶତାଂଶ ବୃଦ୍ଧବୃଦ୍ଧା ଅନ୍ତର୍ଭୁକ୍ତ ହୋଇଥିବା ସର୍ଭେରୁ ଜଣାପଡ଼ିଛି।



### ସାର୍ବଜନୀନ ପେନ୍‌ସନ୍ ବ୍ୟବସ୍ଥା

ସାମାଜିକ ସୁରକ୍ଷା ଦୃଷ୍ଟିରୁ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ୫୫ ବର୍ଷରୁ ଅଧିକ ପୁରୁଷଙ୍କ ପାଇଁ ପ୍ରତ୍ୟେକଙ୍କୁ ମାସିକ ୨୦୦୦ଟଙ୍କା ଲେଖାଏଁ ଅଣ ଅବଦାନ ଭିତ୍ତିକ ପେନ୍‌ସନ୍ କିମ୍ୱା ସର୍ବନିମ୍ନ ମଜୁରୀର ୫୦ ଶତାଂଶ ଯୋଗାଇଦେବାକୁ ଦାବି ହେଉଛି। ପେନ୍‌ସନ୍ ପାଇଁ କାହାରିକୁ ଅଂଶ ବା ଅବଦାନ ବାବଦରେ କିଛି ଦେବାକୁ ପଡ଼ିବ ନାହିଁ ଓ ସରକାର ସବୁ ଅର୍ଥ ଏ ବାବଦରେ ବହନ କରିବେ ଏପରି ବ୍ୟବସ୍ଥା କରିବାକୁ ମତ ପ୍ରକାଶ ପାଉଛି। ଏହି ବ୍ୟବସ୍ଥାରେ ଯେଉଁମାନେ (ବୟସ୍କ) ଆୟକର ଦେଉଥିବେ କିମ୍ୱା ସେମାନଙ୍କ ବିଭିନ୍ନ ସୂତ୍ରରୁ ମାସିକ ଆୟ ୨୦୦୦ ଟଙ୍କାରୁ ଅଧିକ ହୋଇଥିବ ସେମାନଙ୍କୁ ଏହି ପେନ୍‌ସନ୍ ବ୍ୟବସ୍ଥାରୁ ବାଦ ଦେବାକୁ ମଧ୍ୟ ପ୍ରସ୍ତାବ ଆସୁଛି।

ସିଧା ହିସାବ ଅନୁସାରେ ୬୦ବର୍ଷରୁ ଊର୍ଦ୍ଧ୍ୱ ନାଗରିକମାନଙ୍କୁ ମାସିକ ୨୦୦୦ ଟଙ୍କା ଲେଖାଏଁ ପେନ୍‌ସନ୍ ଯୋଗାଇଦେଲେ ସରକାରଙ୍କ ଉପରେ ମୋଟ୍ ୨,୪୯,୨୩୮ କୋଟି ଟଙ୍କାର ଆର୍ଥିକ ବୋଝ ପଡ଼ିବ। ମାତ୍ର ବାସ୍ତବତା ଦୃଷ୍ଟିରୁ ଦେଖିଲେ ଏ ବୋଝର



ପରିମାଣ କମ୍ ରହିବ । କାରଣ ସରକାର ବିଭିନ୍ନ ଯୋଜନାରେ ଲୋକଙ୍କୁ ଯେଉଁ ରିଆତି ବା ସବ୍‌ସିଡି ଦେଉଛନ୍ତି ତାହା ଆଉ ଦେବାକୁ ପଡ଼ିବ ନାହିଁ । ଅତଏବ ଏବାବଦରେ ସରକାରଙ୍କର ବିପୁଳ ଅର୍ଥ ସଂଚୟ ହେବ । ତେବେ ସମସ୍ତଙ୍କୁ ପେନ୍‌ସନ୍ ଯୋଗାଣ ବ୍ୟବସ୍ଥା କଲେ ମୁଦ୍ରାସ୍ଫୀତି ବଢ଼ିବ ଏବଂ ଅଧିକରୁ ଅଧିକ ଲୋକଦେଖାଣିଆ କାର୍ଯ୍ୟକ୍ରମ ପାଇଁ ସରକାରଙ୍କୁ ଅଧିକ ଅର୍ଥ ଖର୍ଚ୍ଚ କରି ଚାପର ସମ୍ମୁଖୀନ ହେବାକୁ ପଡ଼ିବ । ଏଥିରୁ ଉଧୁରିବା ପାଇଁ ସରକାରଙ୍କୁ ନୂଆ ଟିକସ ବ୍ୟବସ୍ଥା କରିବାକୁ ପଡ଼ିପାରେ । ଅତଏବ ଏହି ପେନ୍‌ସନ୍ ବ୍ୟବସ୍ଥାରୁ ଯେତେ ଅଧିକ ସଂଖ୍ୟକ ସ୍ୱଚ୍ଛଳ ବର୍ଗଙ୍କୁ ବାଦ୍ ଦିଆଯିବ ସେତେ ଭଲ । ଆୟକରଦାତାଙ୍କୁ ଏହି ବ୍ୟବସ୍ଥାରୁ ବାଦ୍ ଦେବାକୁ ମତପ୍ରକାଶ ପାଉଥିଲେ ହେଁ ଗ୍ରାମାଞ୍ଚଳ / କୃଷିକ୍ଷେତ୍ରରେ ଥିବା ଅଧିକାଂଶ ଲୋକଙ୍କୁ ଏଥିରୁ ଅଲଗା କରିବା ଏକ ଜଟିଳ ପ୍ରକ୍ରିୟା ହୋଇପାରେ । ଏହାଛଡ଼ା ଆୟ ନିରାପତ୍ତା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ହେଁ, ଲୋକେ ଏବେ ସ୍ୱାସ୍ଥ୍ୟସେବା, ଖାଦ୍ୟସୁରକ୍ଷା ଓ ଅନ୍ୟାନ୍ୟ ମୌଳିକ ସେବା କ୍ଷେତ୍ରରେ ଯେଉଁ ସରକାରୀ ସବ୍‌ସିଡି ବା ରିଆତି ପାଉଛନ୍ତି ତାହା ବନ୍ଦ୍ ହୋଇଗଲେ ଏକ ଜଟିଳ ପରିସ୍ଥିତି ସୃଷ୍ଟି ହେବ ।

### ସରକାରୀ ପ୍ରୟାସ

ବର୍ତ୍ତମାନର ସରକାର ସାମାଜିକ ସୁରକ୍ଷା ପାଇଁ ଅଟଳ ପେନ୍‌ସନ୍, ପ୍ରଧାନମନ୍ତ୍ରୀ ଜନଧନ, ଜୀବନ ଜ୍ୟୋତି, ଜନସୁରକ୍ଷା ବୀମା ଆଦି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । କିନ୍ତୁ ଏସବୁ ଯୋଜନାରେ ହିତାଧିକାରୀଙ୍କୁ ନିଜର ଅଂଶବାବଦରେ କିଛି କିଛି ଦେବାକୁ ପଡୁଛି ଓ ଏହା ସମ୍ପୂର୍ଣ୍ଣ ମାଗଣା ନୁହେଁ । ତଥାପି ଏହାଦ୍ୱାରା ଭବିଷ୍ୟତର ବୟସ୍କ ବ୍ୟକ୍ତିମାନେ ଯେ ନିଶ୍ଚିତ ଉପକୃତ ହେବେ ଓ କେତେକାଂଶରେ ସାମାଜିକ ସୁରକ୍ଷା ପାଇବେ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଅଟଳ ପେନ୍‌ସନ୍ ଯୋଜନାରେ ଅସଂଗଠିତ କ୍ଷେତ୍ରର ବୀମାକାରୀଙ୍କୁ ସେମାନଙ୍କର ନିର୍ଦ୍ଦିଷ୍ଟ ଅଂଶ ପ୍ରଦାନ ଭିତ୍ତିରେ ମାସିକ ୧୦୦୦ ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ୍ ଦେବାର ବ୍ୟବସ୍ଥା ଅଛି । ଏହି ଯୋଜନାରେ ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ବାର୍ଷିକ ୫୦ ଶତାଂଶ ବା ୧୦୦୦ଟଙ୍କା ଯାହା ସର୍ବନିମ୍ନ ହୋଇଥିବ ତାହା ଯୋଗାଇ ଦେଉଛନ୍ତି । ଆୟକର ଦେଉ ନ ଥିବା ଏବଂ କୌଣସି ପେନ୍‌ସନ୍ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇ ନ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏହି ଯୋଜନା ଉଦ୍ଦିଷ୍ଟ । ୨୦୧୫ ଜୁନ୍ ୧ରୁ ଡିସେମ୍ବର ୩୧ ମଧ୍ୟରେ ଯେଉଁମାନେ ଏହି ବୀମା ଯୋଜନାର ଅନ୍ତର୍ଭୁକ୍ତ ସେମାନଙ୍କ ପାଇଁ ସରକାର ୫ବର୍ଷ ନିମନ୍ତେ ଅର୍ଥ ପ୍ରଦାନର ବ୍ୟବସ୍ଥା କରିଛନ୍ତି ।

ବୃଦ୍ଧବୃଦ୍ଧାଙ୍କ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସାମାଜିକ ସୁରକ୍ଷା / ନିରାପତ୍ତା ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଇନ୍ଦିରା ଗାନ୍ଧୀ ପେନ୍‌ସନ୍ ଯୋଜନାରେ ଅସହାୟ ବୁଢ଼ାବୁଢ଼ୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ସେହିଭଳି ଅସହାୟ ବିଧବାମାନଙ୍କ ପାଇଁ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍‌ସନ୍ ଯୋଗାଣ ବ୍ୟବସ୍ଥା ରହିଛି । ଏହାଛଡ଼ା ଖାଦ୍ୟନିରାପତ୍ତା, ସ୍ୱାସ୍ଥ୍ୟସେବା, ଆବାସ ଓ ଅନ୍ୟାନ୍ୟ ସୁବିଧାସୁଯୋଗ ବୁଢ଼ାବୁଢ଼ୀଙ୍କୁ ଦିଆଯାଉଛି । ଓଡ଼ିଶା, କେରଳ, ତାମିଲନାଡୁ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ସରକାର ମଧ୍ୟ ବୃଦ୍ଧବୃଦ୍ଧାଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଓଡ଼ିଶାର ମଧୁବାବୁ ପେନ୍‌ସନ୍ ଯୋଜନା ସେଥିମଧ୍ୟରୁ ଅନ୍ୟତମ ।ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ୍ ଯୋଜନାରେ ନିରାଶ୍ରୟ ବୃଦ୍ଧବୃଦ୍ଧାମାନଙ୍କୁ ଦୁଇଟି ବର୍ଗରେ ଦୁଇ ପ୍ରକାର ଭତ୍ତା (ପେନ୍‌ସନ୍) ଯୋଗାଇଦିଆଯାଉଛି । ୬୦-୭୯ ବର୍ଷ ବୟସ ବର୍ଗଙ୍କ ପାଇଁ ଏହା ମାସିକ ୨୦୦ ଟଙ୍କା ହୋଇଥିବାବେଳେ ୮୦ବର୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ ୫୦୦ ଟଙ୍କା କରାଯାଇଛି ।



- ବୟୋଜ୍ୟେଷ୍ଠମାନଙ୍କ କଲ୍ୟାଣ ସକାଶେ ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା ଆରମ୍ଭ କରାଯାଇଛି ।
- ଏହି ଯୋଜନା ଅଧିନରେ ଗରିବ ପରିବାରର ବୟସ୍କ ବ୍ୟକ୍ତିମାନଙ୍କୁ ସେମାନଙ୍କ ସ୍ୱଚ୍ଛନ୍ଦ ଜୀବନଯାପନ ପାଇଁ ବିଭିନ୍ନ ପ୍ରକାରର ସହାୟତା ଉପକରଣ ଯୋଗାଇ ଦେବାର ବ୍ୟବସ୍ଥା ରହିଛି ।
- ଦେଶରେ ପ୍ରଥମ ଥର ପାଇଁ ଏଭଳି ଏକ ଯୋଜନା ଲାଗୁ ହୋଇଛି ।
- ଏହି ଯୋଜନା ପାଇଁ ୪୮୪କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଆସନ୍ତା ୩ବର୍ଷ ମଧ୍ୟରେ ୨୬୦ଟି ଜିଲ୍ଲାର ୫ଲକ୍ଷ ୫୬ହଜାର ଯୋଗ୍ୟ ଗରିବ ବରିଷ୍ଠ ନାଗରିକମାନଙ୍କୁ ଏହି ଯୋଜନାର ଲାଭ ମିଳିବ ।





୨୦୧୫ରେ ସରକାର ଜନସୁରକ୍ଷା ବୀମା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଦୁର୍ଘଟଣାରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବା ପାଇଁ ଏହି ବୀମା ଉଦ୍ଦିଷ୍ଟ। ଏହା ୧୮ରୁ ୭୦ବର୍ଷ ବୟସ ସୀମାର ବ୍ୟାଙ୍କଖାତା ଥିବା ବ୍ୟକ୍ତିବିଶେଷଙ୍କୁ ବାର୍ଷିକ ମାତ୍ର ୧୨ଟଙ୍କା ପ୍ରିମିୟମରେ ଯୋଗାଇ ଦିଆଯାଉଛି। ଏହି ବୀମାଧାରୀଙ୍କର ଦୁର୍ଘଟଣାରେ ମୃତ୍ୟୁ ହେଲେ ୨ ଲକ୍ଷ ଟଙ୍କା ଓ ସମ୍ପୂର୍ଣ୍ଣ ଅକ୍ଷମ ହେଲେ



ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ରାଶି ଯୋଗାଣର ବ୍ୟବସ୍ଥା ରହିଛି। ଏହି ବୀମା ଯୋଜନା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ସହ ସଂପୃକ୍ତ। ଜନଧନ ଯୋଜନାର କାର୍ଡଧାରୀ ଏହି ଯୋଜନାରେ ଋଣ, ବୀମା, ଅର୍ଥପ୍ରେରଣ, ଓଭରଡ୍ରାଫ୍ଟ ଆଦି ବିଭିନ୍ନ ଆର୍ଥିକ ସେବା ପାଇବାକୁ ହକ୍‌ଦାର। ବିନା ଜମାରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଖାତା ଖୋଲି ହେବ। ଏହି ଖାତା ଖୋଲିବା ପଦ୍ଧତି ଅତ୍ୟନ୍ତ ସରଳ। ଜନଧନ ଯୋଜନାରେ ଦୁର୍ଘଟଣା ପାଇଁ ଏକ ଲକ୍ଷ ଟଙ୍କାର ବୀମା ଓ ଜୀବନ ବୀମା ପାଇଁ ୩୦ ହଜାର ଟଙ୍କା ଯୋଗାଣର ବ୍ୟବସ୍ଥା ରହିଛି। ୨୦୧୭ ଫେବୃଆରୀ ସୁଦ୍ଧା ଜନଧନ ଯୋଜନାରେ ୨୭ କୋଟିରୁ ଅଧିକ ଖାତା ଖୋଲାଯାଇଛି ଏବଂ ଏଥିରେ ୬୬୫ ବିଲିୟନ ଟଙ୍କା (୧ ବିଲିୟନ = ୧୦୦କୋଟି) ଜମା କରାଯାଇଛି। ତେବେ ଓଭରଡ୍ରାଫ୍ଟ ଓ ଅନ୍ୟାନ୍ୟ ଆର୍ଥିକ ସୁବିଧା ପାଇବା ପାଇଁ ଅନେକ ଲୋକ ଏହି ଯୋଜନାରେ ନକଲି ଖାତା ଖୋଲିଥିବାରୁ ଏହି ଯୋଜନା ସମାଲୋଚିତ ହୋଇଛି। ଏହାଛଡ଼ା ଏହି ଯୋଜନା ଦ୍ୱାରା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଉପରେ ମାତ୍ରାଧିକ ବୋଝ ପଡୁଛି ବୋଲି ମଧ୍ୟ ଅଭିଯୋଗ ହେଉଛି।

ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ୨୦୧୫ରେ ଆରମ୍ଭ ହୋଇଥିଲା। ଏଥିରେ ମୃତ୍ୟୁ ପରେ ପଲିସିଧାରୀଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ରାଶି ଯୋଗାଇ ଦେବାର ବ୍ୟବସ୍ଥା ଅଛି। ଅଠରରୁ ୫୦ ବର୍ଷ ବୟସର ବ୍ୟକ୍ତିବିଶେଷଙ୍କ ପାଇଁ ଏହି ଯୋଜନା ଉଦ୍ଦିଷ୍ଟ। ପ୍ରତି ବର୍ଷ ମଇ ୩୧ ସୁଦ୍ଧା ବୀମାଧାରୀଙ୍କୁ ପ୍ରିମିୟମ ବାବଦରେ ୩୩୦ଟଙ୍କା ଦେବାକୁ ହୋଇଥାଏ।

ଏସବୁ ଯୋଜନାର ପ୍ରଦର୍ଶନର ସବିଶେଷ ଆକଳନ କରିବାର ସମୟ ଏଯାଏ ହୋଇନାହିଁ। ଅନ୍ୟମାନଙ୍କ ସହିତ ବୟସ୍କମାନେ ମଧ୍ୟ ଅନେକାଂଶରେ ଏସବୁ ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି। ଏହା ସତ୍ତ୍ୱେ ଗରିବ, ପୂର୍ଣ୍ଣ ନିର୍ଭରଶୀଳ, ଅସହାୟ ବୁଢ଼ାବୁଢ଼ୀ ଏବଂ ଆୟପନ୍ଥା ନ' ଥିବା ଲୋକଙ୍କୁ ଏହା କିପରି ସ୍ଥାୟୀ ସୁରକ୍ଷା ଯୋଗାଇ ଦେଇପାରିବ ତାହା ସବୁଠୁ ବଡ଼ ପ୍ରଶ୍ନ ଭାବେ ମୁଣ୍ଡ ଟେକିଛି। ଏହାଛଡ଼ା ହିତାଧିକାରୀଙ୍କୁ ବାଛିବା, ସ୍ୱଚ୍ଛନ୍ଦଙ୍କୁ ବାଦ୍ ଦେବା, ଆବେଦନ ପ୍ରକ୍ରିୟାକୁ ସରଳ କରିବା ଓ ଦକ୍ଷ ସେବା ପ୍ରଦାନ ବ୍ୟବସ୍ଥା ଆଦି ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ। ଶେଷରେ ଯେକୌଣସି ଯୋଜନାରେ ଅର୍ଥର ପ୍ରତ୍ୟକ୍ଷ ସଂପୃକ୍ତି ରହିଲେ ସେଥିରେ ଦୁର୍ନୀତିର ଅବକାଶ ରହିଛି। ତେଣୁ ଯୋଜନାର ଲକ୍ଷ୍ୟ ଯେତେ ମହାନ ହୋଇଥିଲେ ମଧ୍ୟ ତାହା ଭଙ୍ଗୁର ହୋଇପାରେ। ଅତଏବ ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଡ଼ିବ।

ଲେଖିକା ହେଉଛନ୍ତି ମୁମ୍ବାଇସ୍ଥିତ ଜନସଂଖ୍ୟା ବିଜ୍ଞାନ ଆନ୍ତର୍ଜାତିକ ସଂସ୍ଥାର ପୂର୍ବତନ ନିର୍ଦ୍ଦେଶିକା

# ସଭିଙ୍କ ପାଇଁ ସ୍ୱାସ୍ଥ୍ୟ : ଭାରତର ଅଟକୁଥିବା ଯାତ୍ରା

ପ୍ରଫେସର କେ. ସୀତାପ୍ରଭୁ

> ୨୦୧୬ ସୁଦ୍ଧା ଦେଶର ୭୨.୮ ନିୟୁତ ପରିବାର ମଧ୍ୟରୁ ୪୧.୩ ନିୟୁତ ପରିବାରଙ୍କୁ ବୀମା ସୁରକ୍ଷା ଦିଆଯାଇଛି। ତେବେ କ୍ଷୋଭର ବିଷୟ ଏହି ସୁଯୋଗକୁ ମାତ୍ର ୧୧.୮ ନିୟୁତ ଲୋକ ନେଇପାରିଛନ୍ତି। ଏଥିରୁ ଅନୁମିତ ଯେ ଯୋଜନାର ରୂପାୟନରେ ଦୁର୍ବଳତା ରହିଛି। ଅର୍ଥାତ୍ ଯୋଜନା ସମ୍ପର୍କରେ ଅଧିକ ସଚେତନତା ଆବଶ୍ୟକ। ଆର୍‌ଏସ୍‌ବିୱାଇର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗରିବ ଲୋକଙ୍କୁ ବ୍ୟୟବହୁଳ ଚିକିତ୍ସା ଖର୍ଚ୍ଚରୁ ଆଶ୍ୱସ୍ତ କରିବା। ତେବେ ଆର୍‌ଏସ୍‌ବିୱାଇ ଯୋଜନାରେ ଔଷଧ କ୍ରୟ, ପରୀକ୍ଷାନିରୀକ୍ଷା, ଅତିରିକ୍ତ ପରିବହନ ଖର୍ଚ୍ଚ ଓ ଅନ୍ୟାନ୍ୟ ସୁବିଧାକୁ ପରିସରଭୁକ୍ତ କରାଯାଇନାହିଁ। କେରଳରେ ଆର୍‌ଏସ୍‌ବିୱାଇ ଯୋଜନାର ପ୍ରଦର୍ଶନ ସବୁଠାରୁ ଉତ୍ସାହଜନକ ରହିଛି। ଏହାର କାରଣ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସେମାନେ ଅଧିକ ମଜଭୁତ କରିଛନ୍ତି।

ଆର୍ଥିକ ଅସ୍ଥିରତା ଓ ସମସ୍ୟା ସମୟରେ ସାମାଜିକ ନିରାପତ୍ତାକୁ ନେଇ ଅଧିକ ଚର୍ଚ୍ଚା ହୁଏ। ୧୯୪୨ ମସିହାର ବହୁଚର୍ଚ୍ଚିତ 'ବିଭରିଜ୍ କମିଟି ରିପୋର୍ଟ' ଅନୁସାରେ ସାମାଜିକ ନିରାପତ୍ତା 'ଚାହିଦାଠାରୁ ମୁକ୍ତି' ପରିପ୍ରକାଶ ବୋଲି ସଂଜ୍ଞା ନିରୂପିତ କରାଯାଇଥିଲା। ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ସମ୍ମେଳନ ୧୯୫୦ର ସୂଚନା ଆଧାରରେ ସାମାଜିକ ନିରାପତ୍ତା ଓ କାର୍ଯ୍ୟକ୍ଷମତାକୁ ଗ୍ରହଣଯୋଗ୍ୟ କରାଯାଇଛି। ୧୯୮୯ ମସିହାରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ସମ୍ପର୍କରେ 'ଡ୍ରିଜ୍' ଓ 'ସେନ୍'ଙ୍କ ସଂଜ୍ଞା ଉପରେ ପ୍ରଫେସର କେ. ସୀତାପ୍ରଭୁ ଏଠାରେ ଗୁରୁତ୍ୱାରୋପ କରିଛନ୍ତି। ସାମାଜିକ ଆର୍ଥିକ ନିରାପତ୍ତା ପ୍ରସଙ୍ଗରେ ଭାରତର ସ୍ଥିତି ଓ ପ୍ରାସଙ୍ଗିକତା ଉପରେ ଉକ୍ତ ପ୍ରବନ୍ଧରେ ବ୍ୟାପକ ଆଲୋଚନା କରିଛନ୍ତି। ସାମାଜିକ ଦକ୍ଷତା ବୃଦ୍ଧି ଓ ଆର୍ଥିକ ସୁରକ୍ଷା କିଭଳି ସ୍ୱାସ୍ଥ୍ୟ ସୁରକ୍ଷା ଓ ସାମାଜିକ ନିରାପତ୍ତାକୁ ପ୍ରଭାବିତ କରିଥାଏ ତାହା ଉଲ୍ଲେଖ କରିଛନ୍ତି।

### ସଭିଙ୍କ ପାଇଁ ସ୍ୱାସ୍ଥ୍ୟ

୨୦୦୦ ମସିହା 'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ' ଲକ୍ଷ୍ୟ ହାସଲ ଲାଗି ପ୍ରସ୍ତୁତ ଆଲ୍‌ମା ଆଟା ଡିକ୍ଲାରେସନ୍ (ଘୋଷଣାନାମା) ୧୯୭୮ ଅନୁସାରେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ସୁରକ୍ଷା କହିଲେ ଆମେ ସାର୍ବଜନୀନ ସ୍ୱାସ୍ଥ୍ୟସେବାକୁ ହିଁ ବୁଝିଥାଉ। ଏହି ଲକ୍ଷ୍ୟରେ ଆଗକୁ ଯିବାଲାଗି ଆଇସିଏସ୍‌ଏସ୍‌ଆର୍-ଆଇସିଏମ୍‌ଆର୍ ରିପୋର୍ଟ ୧୯୮୧ ଅନୁସାରେ ଭାରତ ସରକାର ୧୯୮୩ ମସିହାରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ନୀତି ଘୋଷଣା କରିଛନ୍ତି। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୦୨ ମସିହାରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟନୀତିରେ ପରିବର୍ତ୍ତନ କରାଯାଇଛି। ୨୦୦୫ ମସିହାରେ ଏହାର ନୂତନ କଳେବର ହୋଇ ଏହାକୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍‌ଆର୍‌ଏଚ୍‌ଏମ୍) ରୂପେ ଦେଶର ପ୍ରାଥମିକ ସ୍ୱାସ୍ଥ୍ୟ ସୁବିଧା ବ୍ୟବସ୍ଥାର ପୁନର୍ଜୀବନ ଲାଗି କାର୍ଯ୍ୟକାରୀ କରାଯାଇଛି। ଏସବୁ ନୀତି ଓ ପଦକ୍ଷେପ ସତ୍ତ୍ୱେ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷାର ଛତା ତଳେ ରଖିବା ପାଇଁ ପ୍ରସ୍ତୁତ ଏଜେଣ୍ଡା ଏବେ ବି ଅସମ୍ପୂର୍ଣ୍ଣ ରହିଛି। ବାଂଲାଦେଶ ଭଳି ସ୍ୱଳ୍ପ ଆୟକାରୀ ରାଷ୍ଟ୍ରଙ୍କ ଠାରୁ ମଧ୍ୟ ଭାରତର ଲୋକଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଦେବାରେ ଆମେ ପଛରେ ପଡିଛେ। ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା କଥା ଦୂରେଥାଉ ମୌଳିକ ସେବା ଦେବାରେ ମଧ୍ୟ ଭାରତ ପଛରେ ପଡ଼ିଛି। ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥା ଆମ ପ୍ରତିହତ ବିକାଶର ଦର୍ପଣ ସାଜିଛି। ଅଧିକ ରୋଜଗାର କରୁଥିବା ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚୁଥିବାବେଳେ ତଳବର୍ଗର ଲୋକଙ୍କ ପାଇଁ ଅପହଞ୍ଚ। ଗରିବ ଲୋକଙ୍କୁ ନିରୋଗ ଓ ନିରାମୟ ଜୀବନ ଦେବାରେ ଯେଉଁ ପ୍ରାଥମିକ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ରହିଛି ତାହା ଯୋଗାଇବାରେ ଏବେ ବି ଆମେ ସକ୍ଷମ ହୋଇନାହୁଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୦୮ ମସିହା ରିପୋର୍ଟ ଅନୁସାରେ ଦେଶରେ ଅଣସଂକ୍ରମିତ ରୋଗରେ ବର୍ଷକୁ ୫.୨ ନିୟୁତ ଲୋକଙ୍କ ମୃତ୍ୟୁ ଘଟୁଛି। ଯାହାକି ଦେଶର ମୋଟ ମୃତ୍ୟୁହାରର ୫୩ ପ୍ରତିଶତ। ଆୟ ଓ ସମ୍ପତ୍ତି ଭିନ୍ନତା କାରଣରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳର




ଲୋକେ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଛନ୍ତି। ଗ୍ରାମାଞ୍ଚଳ, ସହରାଞ୍ଚଳ, ରାଜ୍ୟ ଓ ସାମାଜିକ ଗୋଷ୍ଠୀକୁ ଅନୁଧ୍ୟାନ କଲେ ଏହି ମୃତ୍ୟୁସଂଖ୍ୟା ଭିନ୍ନଭିନ୍ନ ରହୁଛି। ୨୦୧୫ ମସିହାରେ ୟୁଏନ୍‌ଡିପି ଦ୍ୱାରା ପ୍ରସ୍ତୁତ ଭାରତର ସ୍ୱାସ୍ଥ୍ୟ ସୂଚକାଙ୍କ 'ଇନ୍‌ଇକ୍ୱାଲିଟି ଆଡ୍‌ଜଷ୍ଟେଡ୍ ହ୍ୟୁମାନ୍ ଡେଭେଲପମେଣ୍ଟ୍ ଇଣ୍ଡେକ୍ସ' ଅନୁସାରେ ଭାରତରେ ସ୍ୱାସ୍ଥ୍ୟ ଅସମାନତା କ୍ଷତି ୨୪ପ୍ରତିଶତ ରହିଛି।

ଏହାବ୍ୟତୀତ ଦୁର୍ବଳ ରାଜନୈତିକ ପ୍ରତିଶ୍ରୁତିବଦ୍ଧତା ମଧ୍ୟ ମୌଳିକ, ପ୍ରାଥମିକ ତଥା ନିରାମୟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ପ୍ରଭାବିତ କରିଛି। ଶିକ୍ଷାର ଅଭାବ ସ୍ୱାସ୍ଥ୍ୟ ସଚେତନତାରେ ବାଧକ ସାଜିଛି। ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଆଜିବି ଭାରତୀୟ ରାଜନୀତିରେ ଏକ ପ୍ରମୁଖ ନିର୍ବାଚନ ପ୍ରସଙ୍ଗ ହୋଇପାରିନାହିଁ। ଯଦିଓ ଆନ୍ଧ୍ରପ୍ରଦେଶରେ ଏହା ଏକ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ରହିଥିଲା। ସ୍ୱାସ୍ଥ୍ୟ ପାଇଁ ବଜେଟରେ ଅପେକ୍ଷାକୃତ କମ୍ ଅର୍ଥ ବରାଦ ରାଜନୈତିକ ଅଣଦେଖାକୁ ସାଧାରଣ ଦୃଷ୍ଟିରେ ରଖିଛି। ଜିଡିପିର ୧.୫ ପ୍ରତିଶତରୁ କମ୍ ଅର୍ଥ ସ୍ୱାସ୍ଥ୍ୟ ପାଇଁ ଗତ ଦଶନ୍ଧିରେ ଆବଣ୍ଟିତ ହେବା ନିରୁତ୍ସାହଜନକ; ଯଦିଓ ଅର୍ଥନୈତିକ ଅଭିବୃଦ୍ଧି ଆଶାନୁରୂପ ବଢ଼ିଛି। ଏଥିରୁ ବୁଝିହେବ ୭୫ପ୍ରତିଶତ ଅର୍ଥ ରୋଗୀ ତଥା ତା'ର ପରିବାର ନିଜ ପକେଟରୁ ହିଁ ଆରୋଗ୍ୟ ଲାଗି ଖର୍ଚ୍ଚ କରୁଛି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବହୁସଂଖ୍ୟକ ଲୋକ ଏହି ବ୍ୟୟଭାର ସମ୍ଭାଳି ନ' ପାରି ମୃତ୍ୟୁମୁଖରେ ପଡୁଛନ୍ତି। ଅନ୍ୟମାନେ ଦେବାଳିଆ ସ୍ଥିତିକୁ ମଧ୍ୟ ଆସିଯାଉଛନ୍ତି।

### ଭାରତରେ ସ୍ୱାସ୍ଥ୍ୟ ବୀମା

ବ୍ରାଜିଲ୍, ବଲିଭିଆ, ଇଣ୍ଡୋନେସିଆ ଓ ଥାଇଲାଣ୍ଡ ଭଳି ରାଷ୍ଟ୍ରଗୁଡ଼ିକରେ ସ୍ୱାସ୍ଥ୍ୟ ଅସମାନତା ଅଧିକ ଓ ସ୍ୱାସ୍ଥ୍ୟସେବା ବହୁଦୂରରେ ରହିଛି। ସାର୍ବଜନୀନ ସ୍ୱାସ୍ଥ୍ୟସେବା ଲାଗି ୧୯୮୦ ଦଶକରେ ପ୍ରସ୍ତୁତ ନୀତିରେ ଏଥିପାଇଁ ପରିବର୍ତ୍ତନ କରାଯାଇଛି। ଥାଇଲାଣ୍ଡରେ ୩୦ ଯୋଜନା ସ୍ୱାସ୍ଥ୍ୟ କ୍ଷେତ୍ରର ଅଗ୍ରାଧିକାର ଲାଗି ପ୍ରସ୍ତୁତ ହୋଇଛି। ଇଣ୍ଡୋନେସିଆରେ ସାମାଜିକ ସ୍ୱାସ୍ଥ୍ୟବୀମାରେ ବହୁବିଧ ସଂସ୍କାର ଅଣାଯାଇଛି। ବ୍ରାଜିଲ୍‌ରେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ଏକକ ସ୍ୱାସ୍ଥ୍ୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ସମସ୍ତଙ୍କୁ ସୁରକ୍ଷିତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାଲାଗି 'ପ୍ରାଇମେରୀ ହେଲ୍‌ଥ କେୟାର ସିଷ୍ଟମ୍'(ପ୍ରାଥମିକ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା)କୁ ମଜଭୁତ କରାଯାଇଛି।

ଭାରତରେ ସ୍ୱାସ୍ଥ୍ୟବୀମା ଲାଗି ଏମ୍ପ୍ଲଏମେଣ୍ଟ ଷ୍ଟେଟ୍ ଇନ୍‌ସୁରାନ୍ସ ସ୍କିମ୍ (ଇଏସ୍‌ଆଇଏସ୍) ଏବଂ ସେଣ୍ଟ୍ରାଲ୍ ଗଭର୍ଣ୍ଣମେଣ୍ଟ ହେଲ୍‌ଥ ସ୍କିମ୍ (ସିଜିଏଚ୍‌ଏସ୍) ଚାଲୁ ରହିଛି। ଏହା କେବଳ ସରକାରୀ କର୍ମଚାରୀ ଓ ସେମାନଙ୍କ ପରିବାରଙ୍କ ଲାଗି ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେଉଛି। ତେବେ ଏହି ଯୋଜନା ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟର ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ସୁବିଧା ପ୍ରଦାନ କରୁଥିବାବେଳେ ଘରୋଇ ତଥା ରାଷ୍ଟ୍ରାୟତ୍ତ ଉଦ୍ୟୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମାତ୍ର ୧୦ପ୍ରତିଶତ ଭାରତୀୟଙ୍କ ସ୍ୱାସ୍ଥ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିଛି। ଜନନୀ ସୁରକ୍ଷା ଯୋଜନା

**ବାଂଲାଦେଶ ଭଳି ସ୍ୱଳ୍ପ ଆୟକାରୀ ରାଷ୍ଟ୍ରଙ୍କ ଠାରୁ ମଧ୍ୟ ଭାରତର ଲୋକଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଦେବାରେ ଆମେ ପଛରେ ପଡ଼ିଛେ। ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା କଥା ଦୂରେଥାଉ ମୌଳିକ ସେବା ଦେବାରେ ମଧ୍ୟ ଭାରତ ପଛରେ ପଡ଼ିଛି। ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥା ଆମ ପ୍ରତିହତ ବିକାଶର ଦର୍ପଣ ସାଜିଛି। ଅଧିକ ରୋଜଗାର କରୁଥିବା ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚୁଥିବାବେଳେ ତଳବର୍ଗର ଲୋକଙ୍କ ପାଇଁ ଅପହଞ୍ଚ। ଗରିବ ଲୋକଙ୍କୁ ନିରୋଗ ଓ ନିରାମୟ ଜୀବନ ଦେବାରେ ଯେଉଁ ପ୍ରାଥମିକ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ରହିଛି ତାହା ଯୋଗାଇବାରେ ଏବେ ବି ଆମେ ସକ୍ଷମ ହୋଇନାହୁଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୦୮ ମସିହା ରିପୋର୍ଟ ଅନୁସାରେ ଦେଶରେ ଅଣସଂକ୍ରମିତ ରୋଗରେ ବର୍ଷକୁ ୫.୨ ନିୟୁତ ଲୋକଙ୍କ ମୃତ୍ୟୁ ଘଟୁଛି। ଯାହାକି ଦେଶର ମୋଟ ମୃତ୍ୟୁହାରର ୫୩ ପ୍ରତିଶତ। ଆୟ ଓ ସମ୍ପତ୍ତି ଭିନ୍ନତା କାରଣରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକେ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଛନ୍ତି।**



(ଜେଏସ୍‌ୱାଇ) ୨୦୦୫ ମସିହାରୁ ଆରମ୍ଭ ହୋଇଛି । ଏହା ଜରିଆରେ ଗ୍ରାମାଞ୍ଚଳର ଗରିବ ମହିଳା ସରକାରୀ ଡାକ୍ତରଖାନାରେ ତଥା ପ୍ରତିଷ୍ଠାନରେ ପ୍ରସବ କଲେ ସେମାନଙ୍କୁ ସର୍ତ୍ତମୂଳକ ଆର୍ଥିକ ପ୍ରୋତ୍ସାହନ ମିଳିପାରୁଛି । ଗରିବରୁ ଗରିବ ରାଜ୍ୟଗୁଡ଼ିକରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଲାଗି ଏଥିରେ କେତେକ ସଂଶୋଧନର ଆବଶ୍ୟକତା ମଧ୍ୟ ରହିଛି । ଏହାଦ୍ୱାରା ନିଶ୍ଚିତ ରୂପେ ମାତୃତ୍ୱ ମୃତ୍ୟୁହାର ହ୍ରାସ ପାଇଛି । ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା (ଆର୍‌ଏସ୍‌ବିୱାଇ) ୨୦୦୮ ମସିହାରୁ ଆରମ୍ଭ ହୋଇଛି । କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀ ଲୋକଙ୍କୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସମୟରେ ଆର୍ଥିକ ସହାୟତା ଦେବା ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ଗୁଣାତ୍ମକ ଚିକିତ୍ସା ସୁବିଧା ଉପଲବ୍ଧ କରିବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ । ଯୋଜନାର ଆରମ୍ଭରେ ଏହା କେବଳ ବିପିଏଲ୍ ପରିବାରକୁ ମିଳୁଥିଲା । ପରବର୍ତ୍ତୀ ସମୟରେ ଏହା ଅନ୍ୟ ଦୁର୍ବଳଶ୍ରେଣୀ ଓ ଅଣଆନୁଷ୍ଠାନିକ କ୍ଷେତ୍ର ଯଥା ରିକ୍ସା ଚାଳକ, ଜରିଗୋଟାଳି ଏବଂ ଜରି ବିକାଳି ଆଦି ଗରିବ ଲୋକଙ୍କ ଲାଗି ଉପଲବ୍ଧ କରାଯାଇଛି । ରୋଗୀଟିଏ ଡାକ୍ତରଖାନାରେ ଚିକିତ୍ସିତ ହେଲେ ଏହି ଯୋଜନାରେ ତାକୁ ୩୦ ହଜାର ଟଙ୍କାର ସ୍ୱାସ୍ଥ୍ୟ ସହାୟତା ବର୍ଷକୁ ମିଳିପାରୁଛି । ଏହି ଯୋଜନାକୁ ପାଇବା ପାଇଁ ହିତାଧିକାରୀ ପରିବାରକୁ ବାର୍ଷିକ ୩୦ ଟଙ୍କାର ପଞ୍ଜିକରଣ ଅର୍ଥ ଭରିବାକୁ ପଡ଼ିଥାଏ । ନିକଟରେ ଏହି ସ୍ୱାସ୍ଥ୍ୟ ବୀମା ସହାୟତା ରାଶି ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଆର୍‌ଏସ୍‌ବିୱାଇ ଜରିଆରେ ମାର୍ଚ୍ଚ ୨୦୧୬ ସୁଦ୍ଧା ଦେଶର ୭୨.୮ ନିୟୁତ ପରିବାର ମଧ୍ୟରୁ ୪୧.୩ ନିୟୁତ ପରିବାରଙ୍କୁ ବୀମା ସୁରକ୍ଷା ଦିଆଯାଇଛି । ତେବେ କ୍ଷୋଭର ବିଷୟ ଏହି ସୁଯୋଗକୁ ମାତ୍ର ୧୧.୮ ନିୟୁତ ଲୋକ ନେଇପାରିଛନ୍ତି । ଏଥିରୁ ଅନୁମିତ ଯେ ଯୋଜନାର ରୂପାୟନରେ ଦୁର୍ବଳତା ରହିଛି ।




**୨୦୧୫ ସୁଦ୍ଧା ଦେଶର ମୋଟ୍ ଜନସଂଖ୍ୟାର ଏକ ଚତୁର୍ଥାଂଶ ଅର୍ଥାତ୍ ୨୮କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ନିରାପତ୍ତା ବୀମା ଯୋଗାଇଦିଆଯାଇଛି । କେନ୍ଦ୍ରସରକାରଙ୍କ ସିଜିଏଚ୍‌ଏସ୍, ଇଏସ୍‌ଆଇଏସ୍, ରାଜ୍ୟ ସରକାରଙ୍କ ଏକାଧୀକ ବୀମା ଯୋଜନା ଓ ଆରଏସ୍‌ବିୱାଇ ଜରିଆରେ ସ୍ୱାସ୍ଥ୍ୟବୀମା ଉପଲବ୍ଧ କରାଯାଉଛି । ତେବେ ପ୍ରାଥମିକ ସ୍ୱାସ୍ଥ୍ୟ କ୍ଷେତ୍ର ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୌଣସି ସ୍ୱାସ୍ଥ୍ୟବୀମା ପ୍ୟାକେଜ୍ ନାହିଁ । କେବଳ ମେଘାଳୟ ଏହାର ବ୍ୟତିକ୍ରମ ।**



ଅର୍ଥାତ୍ ଯୋଜନା ସମ୍ପର୍କରେ ଅଧିକ ସଚେତନତା ଆବଶ୍ୟକ। ଆର୍‌ଏସ୍‌ବିୱାଇର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗରିବ ଲୋକଙ୍କୁ ବ୍ୟୟବହୁଳ ଚିକିତ୍ସା ଖର୍ଚ୍ଚରୁ ଆଶ୍ୱସ୍ତ କରିବା। ତେବେ ଆର୍‌ଏସ୍‌ବିୱାଇ

## ମିଶନ ଇନ୍ଦ୍ରଧନୁଷ୍



- ଔଷଧ ଦ୍ୱାରା ପ୍ରତିହତ କରାଯାଇପାରୁଥିବା ରୋଗଗୁଡିକରୁ ଶିଶୁମାନଙ୍କୁ ସୁରକ୍ଷା ଦେବା ସକାଶେ ମିଶନ ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।
- ଏହି ଯୋଜନା ଅଧିନରେ ୨କୋଟି ୬୦ଲକ୍ଷରୁ ଉର୍ଦ୍ଧ୍ୱ ପିଲାଙ୍କୁ ରୋଗ ପ୍ରତିଷେଧକ ଟୀକା ପ୍ରଦାନ କରାଯାଇ ସାରିଛି ।
- ଦେଶର ୫୦୫ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଲାଗୁ କରାଯାଇଛି ।

ଯୋଜନାରେ ଔଷଧ କ୍ରୟ, ପରୀକ୍ଷାନିରୀକ୍ଷା, ଅତିରିକ୍ତ ପରିବହନ ଖର୍ଚ୍ଚ ଓ ଅନ୍ୟାନ୍ୟ ସୁବିଧାକୁ ପରିସରଭୁକ୍ତ କରାଯାଇନାହିଁ। କେରଳରେ ଆର୍‌ଏସ୍‌ବିୱାଇ ଯୋଜନାର ପ୍ରଦର୍ଶନ ସବୁଠାରୁ ଉତ୍ସାହଜନକ ରହିଛି। ଏହାର କାରଣ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସେମାନେ ଅଧିକ ମଜଭୁତ କରିଛନ୍ତି। ଅତିକମ୍‌ରେ ଆଠଟି ରାଜ୍ୟ ସରକାର 'ବାଜପେୟୀ ଆରୋଗ୍ୟଶ୍ରୀ ଯୋଜନା' (ଭାସ୍) ବିପିଏଲ୍ ପରିବାର ପାଇଁ କାର୍ଯ୍ୟକାରୀ କରିଛନ୍ତି। କର୍ଣ୍ଣାଟକରେ 'ଯଶୋବିନୀ ସମବାୟ କୃଷକ ସ୍ୱାସ୍ଥ୍ୟ ଯୋଜନା', ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ 'ରାଜୀବ ଗାନ୍ଧି ଆରୋଗ୍ୟଶ୍ରୀ ଯୋଜନା' (ରାସ୍), ତାମିଲ୍‌ନାଡୁରେ 'ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟବୀମା ଯୋଜନା', ମହାରାଷ୍ଟ୍ରରେ 'ରାଜୀବ ଗାନ୍ଧି ଜୀବନଦାୟୀ ଆରୋଗ୍ୟ ଯୋଜନା', ଗୁଜୁରାଟରେ'ମୁଖ୍ୟମନ୍ତ୍ରୀ ଅମୃତମ୍ ଯୋଜନା', ଛତିଶଗଡ଼ରେ 'ସଞ୍ଜୀବନୀ କୋର୍ସ' ଭଳି ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆନ୍ଧ୍ରପ୍ରଦେଶରେ 'ରାସ' ଜରିଆରେ ୮୫ପ୍ରତିଶତ ଲୋକଙ୍କୁ ସ୍ୱାସ୍ଥ୍ୟବୀମା ଦିଆଯାଉଛି। ଅର୍ଥାତ୍ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଲକ୍ଷ୍ୟର ନିକଟବର୍ତ୍ତୀ ହୋଇସାରିଛି ଆନ୍ଧ୍ରପ୍ରଦେଶ। ହୃଦ୍‌ରୋଗ, କର୍କଟ, ବୃକ୍କ ଅକାମୀ ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ବୀମା ସୁବିଧା ୪୦ପ୍ରତିଶତ ଲୋକେ ନେଉଛନ୍ତି। ଫୁସ୍‌ଫୁସୀୟ ସଂକ୍ରମଣ, ତରଳ ଝାଡ଼ା, ଯକ୍ଷ୍ମା, ହୃଦ୍‌ରୋଗ ଯୋଗୁଁ ମୃତ୍ୟୁସଂଖ୍ୟା ବଢୁଛି। ଏସବୁ ପ୍ରତି ପ୍ରାଥମିକ କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକ ରହିଛି। ୨୦୧୫ ସୁଦ୍ଧା ଦେଶର ମୋଟ୍ ଜନସଂଖ୍ୟାର ଏକ ଚତୁର୍ଥାଂଶ ଅର୍ଥାତ୍ ୨୮କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ନିରାପତ୍ତା ବୀମା ଯୋଗାଇଦିଆଯାଇଛି। କେନ୍ଦ୍ରସରକାରଙ୍କ ସିଜିଏଚ୍‌ଏସ୍, ଇଏସ୍‌ଆଇଏସ୍, ରାଜ୍ୟ ସରକାରଙ୍କ ଏକାଧୀକ ବୀମା ଯୋଜନା ଓ ଆରଏସ୍‌ବିୱାଇ ଜରିଆରେ ସ୍ୱାସ୍ଥ୍ୟବୀମା





ଉପଲବ୍ଧ କରାଯାଉଛି । ତେବେ ପ୍ରାଥମିକ ସ୍ୱାସ୍ଥ୍ୟ କ୍ଷେତ୍ର ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୌଣସି ସ୍ୱାସ୍ଥ୍ୟବୀମା ପ୍ୟାକେଜ୍ ନାହିଁ । କେବଳ ମେଘାଳୟ ଏହାର ବ୍ୟତିକ୍ରମ। ସେଠାରେ ପ୍ରାଥମିକ ଚିକିତ୍ସା ଖର୍ଚ୍ଚ ଆଂଶିକ ଭାବରେ ବୀମାକ୍ଷେତ୍ରରୁ ଦିଆଯାଉଛି । ସମସ୍ତ ବୀମା ଯୋଜନା ବିଶେଷ କରି ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ସ୍ୱାସ୍ଥ୍ୟସେବା ପାଇଁ ଉଦ୍ଦିଷ୍ଟ ରହିଥିବାରୁ ଏଭଳି ସମସ୍ୟା ଉପୁଜିଛି ।

**ଆଗାମୀ ପଦକ୍ଷେପ**

ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେବାଲାଗି କେନ୍ଦ୍ର ସରକାର ତାଙ୍କର ନୀତିରେ ଏକ ଆମୂଳଚୂଳ ପରିବର୍ତ୍ତନ ଆଣିଛନ୍ତି । ନୂଆ ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ ଦୁଇଟି କାରଣରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ପ୍ରଥମତଃ ରୋଗ ନୁହେଁ ସୁସ୍ଥତା (ନିରାମୟ)କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତ୍ୱ ଦେବା । ରୋଗ ନ ଥିଲେ ମଧ୍ୟ ଶରୀର ପରୀକ୍ଷା ନିରୀକ୍ଷା ପାଇଁ ସୁଯୋଗ ସୃଷ୍ଟି। ଦ୍ୱିତୀୟତଃ ପ୍ରାଥମିକ ଚିକିତ୍ସା ସେବାକୁ ଗୁରୁତ୍ୱ ଦିଆଯିବ। ଆଶ୍ଚର୍ଯ୍ୟର କଥା ହେଉଛି ଏ କ୍ଷେତ୍ର ପାଇଁ ୨୦୨୫ ମସିହାକୁ ଆଖିଆଗରେ ରଖି ମୋଟ୍ ଜିଡିପିର ୨.୫ ପ୍ରତିଶତ ଅର୍ଥ ଏଥିପାଇଁ ଆବଣ୍ଟିତ କରାଯିବ। ଏହା ଲକ୍ଷ୍ୟସାଧନ ପାଇଁ ଆବଶ୍ୟକତାଠାରୁ ମଧ୍ୟ ବହୁତ କମ୍ । ସ୍ୱାସ୍ଥ୍ୟ କ୍ଷେତ୍ରରୁ ଜନତାଙ୍କ ଆଶା ବଢ଼ିବାରେ ଲାଗିଛି । ସରକାରୀ ଓ ଘରୋଇ ଭାଗିଦାରିରେ ଏହି ଆର୍ଥିକ ବୋଝକୁ ସମ୍ଭାଳିବା ପାଇଁ ବାଟ ବାହାର କରିବାକୁ ପଡ଼ିବ। ଅଧିକରୁ ଅଧିକ ପାଣ୍ଠି ଯୋଗାଡ଼ କରିବାକୁ ହେବ। ଏହାକୁ ଯତ୍ନଶୀଳଭାବେ କରି ନ ପାରିଲେ ଘରୋଇ କ୍ଷେତ୍ର ଉପରେ ଆର୍ଥିକ ବୋଝ ଅଧିକ ବଢ଼ିବ। ଅନ୍ତରାଷ୍ଟ୍ରୀୟ ଅନୁଭବରୁ ଏହା ସ୍ପଷ୍ଟ ଯେ ସ୍ୱାସ୍ଥ୍ୟବୀମା ସେହିଠାରେ ସଫଳ ଯେଉଁଠି ଅଧିକରୁ ଅଧିକ ସ୍ୱାସ୍ଥ୍ୟ ଭିତ୍ତିଭୂମି ରହିଛି । ଏଥିପାଇଁ ସରକାର ଏକାକୀ ସବୁର ସମାଧାନ କରିପାରିବେ ନାହିଁ। ସ୍ୱାସ୍ଥ୍ୟ ଯେଭଳି ସମସ୍ତଙ୍କ ପାଇଁ ଏକ ବାସ୍ତବିକତା ତାହାକୁ ଦୃଷ୍ଟିରେ ରଖି ସରକାରଙ୍କୁ ଆବଶ୍ୟକ ପାଣ୍ଠି ଯୋଗାଡ଼ କରିବା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ ବଢ଼ାଇବାକୁ ପଡ଼ିବ। ଘରୋଇ କ୍ଷେତ୍ରର ସହଯୋଗ ନେଇ ସ୍ୱଚ୍ଛତା ଓ ପୂର୍ଣ୍ଣ ଦକ୍ଷତାର ସହ ଏ କ୍ଷେତ୍ରରେ ସରକାରଙ୍କୁ ଆଗେଇବାକୁ ପଡ଼ିବ। ସୁଜାତା ରାଓଙ୍କ ୨୦୧୭ ମସିହା ପ୍ରସ୍ତାବ ଅନୁସାରେ ଏହି କାର୍ଯ୍ୟପାଇଁ ଅଧିକ



### ସ୍ୱାସ୍ଥ୍ୟ ସୁବିଧା

❖ ଦେଶରେ ଜନଔଷଧି କେନ୍ଦ୍ର ଗୁଡିକର ସଂଖ୍ୟା ୨୦୧୪ ମସିହାରେ ୮୨ ଥିବାବେଳେ ୨୦୧୭ ମସିହାରେ ତାହା ବୃଦ୍ଧି ପାଇଁ ୧୦୮୦ରେ ପହଞ୍ଚିଛି ।

❖ ଏହି କେନ୍ଦ୍ରଗୁଡିକରେ ୨୦୧୪ ମଇ ମାସ ପର୍ଯ୍ୟନ୍ତ ୩୬୧ପ୍ରକାର ଔଷଧ ଦିଆଯାଉଥିବାବେଳେ ୨୦୧୭ ମାର୍ଚ୍ଚ ମାସଠାରୁ ୬୦୦ ପ୍ରକାର ଔଷଧ ଦିଆଯାଉଛି ।

❖ ୮୩୫ ପ୍ରକାର ବିଭିନ୍ନ ଔଷଧର ସର୍ବାଧିକ ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି । ଯଦ୍ୱାରା ଗ୍ରାହକମାନଙ୍କର ପ୍ରାୟ ୫୩୨୦ କୋଟି ଟଙ୍କା ସଞ୍ଚୟ ହୋଇପାରିଛି ।

❖ ହୃଦ୍‌ରୋଗୀମାନଙ୍କ ପାଇଁ ଷ୍ଟେଣ୍ଟ୍‌ର ମୂଲ୍ୟ ୮୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯାଇଛି ।



ପାଣ୍ଠି ଯୋଗାଡ଼ କରିବାକୁ ହେବ। ତାଙ୍କ ଆକଳନ ଅନୁସାରେ ଉତ୍ତମ ସ୍ୱାସ୍ଥ୍ୟ ସୁବିଧାକୁ ମଜ୍‌ବୁତ କରିବା ଲାଗି କେବଳ ଭିତ୍ତିଭୂମି ବାବଦରେ ଆମକୁ ଜିଡିପିର ୧ ରୁ ୧.୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ। ପ୍ରାଥମିକ, ଦ୍ୱିତୀୟ ପର୍ଯ୍ୟାୟ ଓ ତୃତୀୟ ପର୍ଯ୍ୟାୟର ନିର୍ଦ୍ଧିଷ୍ଟ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଲାଗି ଅଧିକ ୧ ପ୍ରତିଶତ ଜିଡିପିକୁ ବ୍ୟୟ କରିବାକୁ ହେବ। ତା'ହେଲେ ଯାଇ ୬୦ ପ୍ରତିଶତ ଜନତାଙ୍କ ସ୍ୱାସ୍ଥ୍ୟ ନିରାପତ୍ତାକୁ ସୁନିଶ୍ଚିତ କରାଯାଇପାରିବ। ଭିତ୍ତିଭୂମିର ପାରିପାର୍ଶ୍ୱିକ ଉନ୍ନତି ଲାଗି ଯଥା - ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ପୁଷ୍ଟି ସାଧନ ଓ ଆବାସ କ୍ଷେତ୍ରକୁ ମଜଭୁତ କରିବାଲାଗି ଆଉ ୨ ପ୍ରତିଶତ ଜିଡିପିର ଅତିରିକ୍ତ ଆର୍ଥିକ ପ୍ରୋତ୍ସାହନ ଆବଶ୍ୟକ। ୨୦୩୦ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଏଜେଣ୍ଡାକୁ ହାସଲ କରିବା ଲାଗି ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଭାରତ କାର୍ଯ୍ୟ କରୁଛି। ବୈଶ୍ୱିକ ଆଶା ଆକାଙ୍କ୍ଷାକୁ ପୂରଣ କରିବା କ୍ଷେତ୍ରରେ ଭାରତର ପ୍ରଦର୍ଶନ ଉତ୍ସାହପ୍ରଦ ରହିଛି। ଯଦି କେନ୍ଦ୍ର ସରକାର ଜାତୀୟ ସ୍ୱାସ୍ଥ୍ୟନୀତି ୨୦୧୭କୁ କାୟମନୋବାକ୍ୟରେ କାର୍ଯ୍ୟକାରୀ କରନ୍ତି ତା'ହେଲେ ୨୦୩୦ ମସିହା ସୁଦ୍ଧା ସଭିଙ୍କ ପାଇଁ ସ୍ୱାସ୍ଥ୍ୟ ଉପଲବ୍ଧ କରାଇବାରେ ଆମେ ନିଶ୍ଚିତ ସଫଳ ହେବା।

ଲେଖିକା ହେଉଛନ୍ତି ମୁମ୍ବାଇସ୍ଥିତ ସାମାଜିକ ବିଜ୍ଞାନ ସମ୍ପର୍କିତ ଟାଟା ଅନୁଷ୍ଠାନର ଚେୟାର ପ୍ରଫେସର



## ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା

- ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଗ୍ରାମୀଣ ମହିଳାମାନଙ୍କୁ ରନ୍ଧନ ଗ୍ୟାସ ଯୋଗାଇ ଦିଆଯାଇ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଅନୁକୂଳ ପରିବେଶ ନିର୍ମିତ କରାଯାଇପାରୁଛି ।
- ଏହି ଯୋଜନା ଅଧୀନରେ ଦୁଇକୋଟିରୁ ଅଧିକ ଗରିବ ମହିଳାମାନଙ୍କୁ କ୍ଷତିକାରକ ଧୂଆଁ ପ୍ରଭାବରୁ ମୁକ୍ତି ମିଳିପାରିଛି ।
- ୨୦୧୯ ମସିହା ପର୍ଯ୍ୟନ୍ତ ଦେଶର ୫କୋଟି ଗରିବ ପରିବାରକୁ ରନ୍ଧନ ଗ୍ୟାସ ସଂଯୋଗ ଦେବାର ଲକ୍ଷ୍ୟ ରଖାଯାଇଛି ।

# ଭିନ୍ନକ୍ଷମଙ୍କ ସାମାଜିକ ନିରାପତ୍ତା

ସନ୍ଧ୍ୟା ଲିମାୟେ

ପାରମ୍ପରିକ ଭାବେ ଭାରତରେ ପରିବାର ହିଁ ସାମାଜିକ ସୁରକ୍ଷାର ଅଣଆନୁଷ୍ଠାନିକ ବ୍ୟବସ୍ଥା। ଏକଦା ଏକ ଯୌଥ ପରିବାର ବ୍ୟବସ୍ଥା ଥିଲା ଯେଉଁଠି ବଡ଼ ପରିବାର ଏକାଠି ରହୁଥିଲେ। ସେଥିରେ ସାହାଯ୍ୟ ସହଯୋଗ ଆବଶ୍ୟକ କରୁଥିବା ସଦସ୍ୟଙ୍କ ଦାୟିତ୍ୱ ଅନ୍ୟ ବୟସ୍କମାନେ ନେଉଥିଲେ। ଶିଳ୍ପ ବିପ୍ଳବର ପ୍ରଭାବ, ଆଧୁନିକୀକରଣ, ନଗରାୟନ ଏବଂ ସହରର ନିଯୁକ୍ତିର ସୁଯୋଗ ଆଦି କାରଣରୁ ଯୌଥ ପରିବାର ବ୍ୟବସ୍ଥା ଭାଙ୍ଗିବାର କାରଣ ହେଲା। ଏହା ଫଳରେ ସାମାଜିକ ନିରାପତ୍ତା ବ୍ୟବସ୍ଥା ଯୋଗାଉଥିବା ଅନୁଷ୍ଠାନ ପରିବାରରେ ଅସ୍ଥିରତା ଦେଖାଦେଲା। ତେଣୁ ପରିବାର ସୁରକ୍ଷା ବ୍ୟବସ୍ଥା ଭାଙ୍ଗିଯିବା ପରେ ନାଗରିକର ସୁରକ୍ଷା ଦାୟିତ୍ୱ ଏବେ ରାଷ୍ଟ୍ର ଉପରେ ନ୍ୟସ୍ତ ହୋଇଛି।

ଜନତାଙ୍କ ସୁଖସମୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ସାମାଜିକ ନିରାପତ୍ତା ନାମରେ କାର୍ଯ୍ୟକ୍ରମ ଓ ଯୋଜନାମାନ ଗ୍ରହଣ କରିଥାନ୍ତି। ଅତଏବ ସାମାଜିକ ନିରାପତ୍ତାର ଉଦ୍ଦେଶ୍ୟ ହେଲା ଦୁର୍ବଳ, ଅଭାବୀ ଏବଂ ସହାୟତା ଲୋଡ଼ୁଥିବା ଲୋକ, ବିଶେଷ କରି ଶିଶୁ, ବୃଦ୍ଧବୃଦ୍ଧା ଏବଂ ସ୍ୱାଭାବିକ ଶାରୀରିକ, ମାନସିକ କ୍ଷମତା, ଦକ୍ଷତା ନ ଥିବା ଲୋକଙ୍କୁ ସାମାଜିକ ସୁରକ୍ଷା, ନିରାପତ୍ତା ଓ ବିକାଶ ପାଇଁ ସରକାର ବିଭିନ୍ନ ସହାୟତା, ସମ୍ବଳ ଓ ସାଧନର ବ୍ୟବସ୍ଥା କରିଥାନ୍ତି। ଭାରତରେ ସାମାଜିକ ନିରାପତ୍ତା ବିଭିନ୍ନ ଭାବେ ଯୋଗାଇ ଦିଆଯାଉଛି। ସାମାଜିକ ବୀମା, ଜାତୀୟ ଭବିଷ୍ୟନିଧି ପାଣ୍ଠି, ସାମାଜିକ ସହାୟତା, ନିଯୁକ୍ତିଦାତା ଦେୟ ବ୍ୟବସ୍ଥା ଆଦି ସେଥିମଧ୍ୟରୁ ଅନ୍ୟତମ।

ଭାରତୀୟ ସମ୍ବିଧାନର ଧାରା ୪୩ ଅନୁସାରେ ଦେଶର ନାଗରିକମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ରାଷ୍ଟ୍ରର ଦାୟିତ୍ୱ। ଧାରା ୧୪ ଅନୁସାରେ ସବୁ ନାଗରିକ ଆଇନ ଆଗରେ ସମାନ। ଏଥିରୁ କାହାରିକୁ ବଞ୍ଚିତ କରାଯାଇପାରିବ ନାହିଁ। ଭିନ୍ନକ୍ଷମମାନଙ୍କୁ ସହାୟତା, ସୁଯୋଗ ଓ ସୁବିଧା ଯୋଗାଇଦେବାକୁ ରାଷ୍ଟ୍ର ବାଧ୍ୟ। ସମ୍ବିଧାନର ଧାରା ୪୧ କହେ ଯେ, ରାଷ୍ଟ୍ର ତାହାର ଆର୍ଥିକ କ୍ଷମତା ଓ ବିକାଶ ସୀମା ମଧ୍ୟରେ ଲୋକଙ୍କୁ ନିଯୁକ୍ତି ନ ମିଳିବାବେଳେ, ପରିଣତ ବୟସରେ, ଅସୁସ୍ଥତା ସମୟରେ, ଅକ୍ଷମ ସ୍ଥିତିରେ ସରକାରୀ ସହାୟତା, କାମ କରିବାର ଓ ପାଠ ପଢ଼ିବାର ସୁଯୋଗ ସୁବିଧା ଓ ଆବଶ୍ୟକ ସହାୟତା ଦେବାକୁ ବାଧ୍ୟ। ଭିନ୍ନକ୍ଷମଙ୍କ ପାଇଁ ୧୯୯୫ରେ ପ୍ରଣିତ ଆଇନ ଏବଂ ୨୦୧୬ରେ ପ୍ରଣିତ ଭିନ୍ନକ୍ଷମଙ୍କ ଅଧିକାର ସଂକ୍ରାନ୍ତ ଆଇନରେ ଏହି ବର୍ଗଙ୍କ ଉତ୍ଥାନ ଓ ବିକାଶ ପାଇଁ କେତେକ ବ୍ୟବସ୍ଥା କରାଯାଇଛି ଯାହା ପାଳନ କରିବା ସରକାରଙ୍କ ଦାୟିତ୍ୱ। ଏହାର ମୂଳ ଲକ୍ଷ୍ୟ ହେଲା ଏହି ବର୍ଗଙ୍କୁ ସାମାଜିକ ସୁରକ୍ଷା ଯୋଗାଇବା। ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଜନ୍ମ ପୂର୍ବ ଓ ପରବର୍ତ୍ତୀ ସେବା ଯତ୍ନ ଯୋଗାଣ, ଭିନ୍ନକ୍ଷମଙ୍କୁ ସ୍ୱାଧୀନ ଭାବେ ବଞ୍ଚିବାକୁ ଏବଂ ସମସ୍ତ ପ୍ରକାର ହିଂସା ଓ ଯାତନାରୁ ସୁରକ୍ଷିତ କରିବାକୁ ଏ ସଂକ୍ରାନ୍ତ ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ମଧ୍ୟ ନିର୍ଦ୍ଦେଶ ରହିଛି।

### ସାମାଜିକ ସୁରକ୍ଷା ନୀତି

ପ୍ରତ୍ୟେକ ରାଜ୍ୟରେ ଭିନ୍ନକ୍ଷମଙ୍କ ପାଇଁ ସାମାଜିକ ନିରାପତ୍ତା ବ୍ୟବସ୍ଥା ରହିଛି। ଯେଉଁ ଭିନ୍ନକ୍ଷମମାନେ ଗରିବ ଅଥବା ନିଜର ଭରଣ ପୋଷଣ ପାଇଁ ଅକ୍ଷମ, ସେମାନଙ୍କୁ ସରକାର

ସରକାରୀ ଶିକ୍ଷାନୁଷ୍ଠାନ ଓ ସରକାରୀ ଚାକିରିରେ ଭିନ୍ନକ୍ଷମମାନଙ୍କ ପାଇଁ ୩ ପ୍ରତିଶତ ସ୍ଥାନ ସଂରକ୍ଷଣର ସୁବିଧା ଅଛି। ସରକାରୀ ଶିକ୍ଷାନୁଷ୍ଠାନରେ ଭିନ୍ନକ୍ଷମଙ୍କ ପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷା ବ୍ୟବସ୍ଥା ସହ ସେମାନଙ୍କ ପରିବହନ, ପାଠପଢ଼ା ପାଇଁ ଉପଯୁକ୍ତ ସୁବିଧାସୁଯୋଗ ଓ ଭିତ୍ତିଭୂମି, ସହାୟକ ଉପକରଣ, ପୋଷାକ, ପାଠ୍ୟପୁସ୍ତକ ଆଦି ଯୋଗାଣର ବ୍ୟବସ୍ଥା କରାଯାଇଛି। ସେହିଭଳି ଦୃଷ୍ଟି ବାଧିତ ପିଲାଙ୍କୁ ଗଣିତ, ଚିତ୍ରାଙ୍କନ ଆଦି ପାଠରୁ ମୁକ୍ତ ରଖାଯାଇଥିବା ବେଳେ ସେମାନଙ୍କ ପାଇଁ ପାଠ ଲେଖିବାକୁ ସହାୟକ ଉପକରଣ ଯୋଗାଣର ବ୍ୟବସ୍ଥା ଅଛି। ପରୀକ୍ଷାରେ ଭିନ୍ନକ୍ଷମଙ୍କୁ ଅତିରିକ୍ତ ସମୟ ମଧ୍ୟ ଦିଆଯାଉଛି। ଏହି ବର୍ଗର ବିଦ୍ୟାର୍ଥୀଙ୍କୁ ତୃତୀୟ ଭାଷା ଶିକ୍ଷାରୁ ମୁକ୍ତ ରଖାଯାଇଛି।

ଚଳିବା ପାଇଁ ମାସିକ ଭତ୍ତା ଦେଇଥାନ୍ତି । ଏହି ଭତ୍ତା ଆବେଦନକାରୀଙ୍କ ବାର୍ଷିକ ଆୟ ତଥା ସଂପୃକ୍ତ ରାଜ୍ୟର ଭତ୍ତା ପ୍ରଦାନ ସଂକ୍ରାନ୍ତ ନିର୍ଦ୍ଦେଶାବଳୀ ଅନୁସାରେ ନିର୍ଦ୍ଧାରିତ ହୋଇଥାଏ । ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ପେନ୍‌ସନ୍ ସ୍କିମ୍, ଜାତୀୟ ଭିନ୍ନକ୍ଷମ ସଶକ୍ତୀକରଣ ଭତ୍ତା, ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି, ମୁଖ୍ୟମନ୍ତ୍ରୀ ସଶକ୍ତୀକରଣ ଶିକ୍ଷାଯୋଜନା, ଚାକିରି ପାଇଁ ଆବେଦନ ଏବଂ ନିଜର ବ୍ୟବହାର ପାଇଁ ସହାୟକ ଉପକରଣ କ୍ରୟ ନିମନ୍ତେ ସରକାରୀ ସହାୟତା ଭଳି ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଭାରତରେ ପ୍ରଚଳିତ ।

ନିବାରଣ ମୂଳକ ସାମାଜିକ ନିରାପତ୍ତା ଯୋଜନାରେ ଯେଉଁ ସବୁ ସାମାଜିକ ସହାୟତା ଯୋଗାଇ ଦିଆଯାଏ ତାହା ମୁଖ୍ୟତଃ ସ୍ୱାସ୍ଥ୍ୟସେବା, ଟିକାକରଣ, ରୋଗର ଚିକିତ୍ସା , ମା ଓ ଶିଶୁଙ୍କ ପ୍ରାକ୍ ଜନ୍ମ ଓ ଜନ୍ମ ପରବର୍ତ୍ତୀ ଯତ୍ନ ଆଦି ପାଇଁ ଉଦ୍ଦିଷ୍ଟ ।

**ଭିନ୍ନକ୍ଷମଙ୍କ ନିମନ୍ତେ ସରକାର ସ୍ୱତନ୍ତ୍ର ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର ବ୍ୟବସ୍ଥା କରିଛନ୍ତି । ଘରୋଇ କ୍ଷେତ୍ରରେ ଭିନ୍ନକ୍ଷମଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ନିଯୁକ୍ତିଦାତାଙ୍କ ପାଇଁ କେତେକ ପ୍ରୋତ୍ସାହନ ବ୍ୟବସ୍ଥା କରିଛନ୍ତି । ତୈଳ ଓ ପ୍ରାକୃତିକ ବାଷ୍ପ କର୍ତ୍ତୃପକ୍ଷ ଓ ସବୁ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଡିଲରର୍ସିପ୍ ପ୍ରଦାନ ଭିନ୍ନକ୍ଷମଙ୍କ ନିମନ୍ତେ ୭.୫ ଶତାଂଶ କୋଟା ରଖିଛନ୍ତି । ଜାତୀୟ ଭିନ୍ନକ୍ଷମ ଅର୍ଥ ଯୋଗାଣ ନିଗମ ଭିନ୍ନକ୍ଷମମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ବିଭିନ୍ନ ପ୍ରକାରର ଋଣ ଓ ଆର୍ଥିକ ସହାୟତା ଯୋଗାଣର ବ୍ୟବସ୍ଥା କରିଛନ୍ତି ।**



ପ୍ରୋତ୍ସାହନମୂଳକ ସାମାଜିକ ନିରାପତ୍ତା ଯୋଜନାରେ ଭିନ୍ନକ୍ଷମଙ୍କୁ ଦିଆଯାଉଥିବା ସରକାରୀ ସହାୟତା ମୁଖ୍ୟତଃ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମିଳିଥାଏ । ସେଥିମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ଥଇଥାନ, ସଂରକ୍ଷଣ ଆଦି ଅନ୍ତର୍ଭୁକ୍ତ । ସାମାଜିକ ଓ ଆର୍ଥିକ ସ୍ତରରେ ଭିନ୍ନକ୍ଷମଙ୍କ ଉତ୍‌ଥାନ ପାଇଁ ଏହା ଉଦ୍ଦିଷ୍ଟ ।

## ଟିକସ

ଭିନ୍ନକ୍ଷମ ବ୍ୟକ୍ତିମାନେ ଆୟକର ଓ ବୃତ୍ତିକରରେ ରିଆତି ପାଇବାକୁ ଯୋଗ୍ୟ । ସେହିଭଳି ଯାହା ଉପରେ ଭିନ୍ନକ୍ଷମମାନେ ନିର୍ଭର କରନ୍ତି ସେ ମଧ୍ୟ ଆୟକର ରିଆତି ପାଇବାର ବ୍ୟବସ୍ଥା ଅଛି । ଜଣେ କରଦାତା ଏ କ୍ଷେତ୍ରରେ କେତେ ଟିକସ ରିଆତି ପାଇବ ତାହା ସଂପୃକ୍ତ ଭିନ୍ନକ୍ଷମଙ୍କ ଅକ୍ଷମତାର ସ୍ତର ଉପରେ ନିର୍ଭର କରେ ।

## ଶିକ୍ଷା

ଶିକ୍ଷା କ୍ଷେତ୍ରରେ ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ସୁବିଧାସୁଯୋଗ ରହିଛି । ସେଥି ମଧ୍ୟରେ ମାଟ୍ରିକ ପରବର୍ତ୍ତୀ ଏକ ବର୍ଷରୁ ଅଧିକ ବୃତ୍ତିଗତ ବୈଷୟିକ ଶିକ୍ଷା ପାଇଁ ଜାତୀୟ ବୃତ୍ତିର ବ୍ୟବସ୍ଥା ଅଛି । ଅଟିଜିମ୍, ସେରିବ୍ରାଲ ପଲସି, ମାନସିକ ବିକାଶ ସ୍ୱାଭାବିକ ନ ଥିବା ବ୍ୟକ୍ତି, ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ବାଧିତଙ୍କୁ ନବମ ଶ୍ରେଣୀରୁ ସରକାର ବୃତ୍ତି ଯୋଗାଣର ବ୍ୟବସ୍ଥା କରିଛନ୍ତି । ଯେଉଁମାନେ ୪୦ ଶତାଂଶରୁ ଅଧିକ ଭିନ୍ନକ୍ଷମ ସେମାନେ ଏହି ବୃତ୍ତି ପାଇବାକୁ ଯୋଗ୍ୟ । ତେବେ ସେମାନଙ୍କ ମାସିକ ପାରିବାରିକ ଆୟ ୧୫ ହଜାର ଟଙ୍କାରୁ ଅଧିକ ହୋଇନ'ଥିବା ଆବଶ୍ୟକ ।

ସେହିଭଳି ଦୃଷ୍ଟିବାଧିତ ପିଲାଙ୍କୁ ସ୍ୱତନ୍ତ୍ର କମ୍ପ୍ୟୁଟର କିଣିବାକୁ, ଶ୍ରବଣ ବାଧିତଙ୍କୁ ସ୍ନାତକ ପାଠ୍ୟକ୍ରମ ଶେଷ କରିବାକୁ ଏବଂ ସେରେବ୍ରାଲ ପଲିସୀ ଆକ୍ରାନ୍ତଙ୍କୁ ଉପାଧିଉତ୍ତର ପାଠ୍ୟକ୍ରମ ପାଇଁ ବୃତ୍ତି ଯୋଗାଇ ଦିଆଯାଉଛି ।

ସରକାରୀ ଶିକ୍ଷାନୁଷ୍ଠାନ ଓ ସରକାରୀ ଚାକିରିରେ ଭିନ୍ନକ୍ଷମମାନଙ୍କ ପାଇଁ ୩ ପ୍ରତିଶତ ସ୍ଥାନ ସଂରକ୍ଷଣର ସୁବିଧା ଅଛି । ସରକାରୀ ଶିକ୍ଷାନୁଷ୍ଠାନରେ ଭିନ୍ନକ୍ଷମଙ୍କ ପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷା ବ୍ୟବସ୍ଥା ସହ ସେମାନଙ୍କ ପରିବହନ, ପାଠପଢ଼ା ପାଇଁ ଉପଯୁକ୍ତ ସୁବିଧାସୁଯୋଗ ଓ ଭିତ୍ତିଭୂମି, ସହାୟକ ଉପକରଣ, ପୋଷାକ, ପାଠ୍ୟପୁସ୍ତକ ଆଦି ଯୋଗାଣର ବ୍ୟବସ୍ଥା କରାଯାଇଛି । ସେହିଭଳି ଦୃଷ୍ଟି ବାଧିତ ପିଲାଙ୍କୁ ଗଣିତ, ଚିତ୍ରାଙ୍କନ ଆଦି ପାଠରୁ ମୁକ୍ତ ରଖାଯାଇଥିବା ବେଳେ ସେମାନଙ୍କ ପାଇଁ ପାଠ ଲେଖିବାକୁ ସହାୟକ ଉପକରଣ ଯୋଗାଣର ବ୍ୟବସ୍ଥା ଅଛି । ପରୀକ୍ଷାରେ ଭିନ୍ନକ୍ଷମଙ୍କୁ ଅତିରିକ୍ତ ସମୟ ମଧ୍ୟ ଦିଆଯାଉଛି । ଏହି ବର୍ଗର ବିଦ୍ୟାର୍ଥୀଙ୍କୁ ତୃତୀୟ ଭାଷା ଶିକ୍ଷାରୁ ମୁକ୍ତ ରଖାଯାଇଛି । ଭିନ୍ନକ୍ଷମ ଚଉଦ ବର୍ଷରୁ ଅଧିକ ବୟସର ପିଲାଙ୍କୁ ସମାବେଶୀ ଶିକ୍ଷା (ଆଇଇଡିଏସ୍‌ଏସ୍) ବ୍ୟବସ୍ଥାରେ ମାଧ୍ୟମିକସ୍ତରରେ ସ୍ୱତନ୍ତ୍ର ସହାୟତା

ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥା ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା ପରିଚାଳିତ ବିଦ୍ୟାଳୟ, ସରକାରୀ ଓ ସାହାଯ୍ୟପ୍ରାପ୍ତ ହାଇସ୍କୁଲରେ ଯୋଗାଇ ଦିଆଯାଇଛି। ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସ୍ତରରେ ପାଠପଢ଼ା ପାଇଁ ବୃତ୍ତି ଓ ସହାୟତା ଉପକରଣ ଯୋଗାଣ ସହ, ହଷ୍ଟେଲ ସୁବିଧା, ପାଠ୍ୟ ଉପକରଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବ୍ୟବସ୍ଥା ରହିଛି। ରାଜୀବ ଗାନ୍ଧୀ ଫେଲୋସିପ୍ ଯୋଜନାରେ ଏମ୍‌ଫିଲ / ପିଏଚ୍‌ଡି ଆଦି ପାଇଁ ପାଞ୍ଚ ବର୍ଷର ବୃତ୍ତି ଯୋଗାଣ ବ୍ୟବସ୍ଥା ରହିଛି। ପ୍ରତିବର୍ଷ ଏହି ଯୋଜନାରେ ୨୦୦ ଫେଲୋସିପ୍ ଦିଆଯାଉଛି ଏବଂ ଦେଶର ସବୁ ବିଶ୍ୱବିଦ୍ୟାଳୟ ତଥା ୟୁଜିସି ସ୍ୱୀକୃତ ଶିକ୍ଷାନୁଷ୍ଠାନରେ ଏହା ଉପଲବ୍ଧ।

### ନିଯୁକ୍ତି

ବିଭିନ୍ନ ସରକାରୀ ନିଯୁକ୍ତି କ୍ଷେତ୍ରରେ ଭିନ୍ନକ୍ଷମଙ୍କ ପାଇଁ ଗ୍ରୁପ୍ ଏ, ବି, ସି ଓ ଡି ଶ୍ରେଣୀରେ ପାଞ୍ଚ ଶତାଂଶ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରାୟତ୍ତ ସଂସ୍ଥାରେ ମଧ୍ୟ ଏହି ନିୟମ ରହିଛି। ଭିନ୍ନକ୍ଷମଙ୍କ ପାଇଁ ସର୍ବୋଚ୍ଚ ବୟସସୀମାରେ ୧୦ବର୍ଷ ପର୍ଯ୍ୟନ୍ତ କୋହଳ ନୀତି ଅବଲମ୍ବନ କରାଯାଉଛି। ସେମାନଙ୍କୁ ଆବେଦନ ଓ ପରୀକ୍ଷା ଫି ଦେବାକୁ ପଡୁନାହିଁ।

ଗ୍ରୁପ୍ ସି ଓ ଡି ବର୍ଗର ସରକାରୀ ଚାକିରି ପାଇଁ ଭିନ୍ନକ୍ଷମମାନଙ୍କୁ ଆଞ୍ଚଳିକ ସ୍ତରରେ କେନ୍ଦ୍ର ସରକାର ନିଯୁକ୍ତି ସଂରକ୍ଷଣ ପ୍ରଦାନର ବ୍ୟବସ୍ଥା କରିଛନ୍ତି। ତେବେ ଚାକିରି ପାଉଥିବା ଏହି ଭିନ୍ନକ୍ଷମ ମାନଙ୍କୁ ଯଥାସମ୍ଭବ ନିଜ ଘର ପାଖାପାଖି ସ୍ଥାନରେ କିମ୍ବା ନିଜ ରାଜ୍ୟରେ ନିଯୁକ୍ତି ଦେବାର ନୀତି ରହିଛି। ନିଜ ଘର ପାଖାପାଖି ସ୍ଥାନକୁ ବଦଳି ପାଇଁ ଭିନ୍ନକ୍ଷମ ଆବେଦନ କଲେ ତାହାକୁ ଅଗ୍ରାଧିକାର ଦେବାର ବ୍ୟବସ୍ଥା ହୋଇଛି। ଭିନ୍ନକ୍ଷମଙ୍କ ନିମନ୍ତେ ସରକାର ସ୍ୱତନ୍ତ୍ର ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର ବ୍ୟବସ୍ଥା କରିଛନ୍ତି। ଘରୋଇ କ୍ଷେତ୍ରରେ ଭିନ୍ନକ୍ଷମଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ନିଯୁକ୍ତିଦାତାଙ୍କ ପାଇଁ କେତେକ ପ୍ରୋତ୍ସାହନ ବ୍ୟବସ୍ଥା କରିଛନ୍ତି। ତୈଳ ଓ ପ୍ରାକୃତିକ ବାଷ୍ପ କର୍ତ୍ତୃପକ୍ଷ ଓ ସବୁ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଡିଲରସିପ୍ ପ୍ରଦାନ ଭିନ୍ନକ୍ଷମଙ୍କ ନିମନ୍ତେ ୭.୫ ଶତାଂଶ କୋଟା ରଖିଛନ୍ତି। ଜାତୀୟ ଭିନ୍ନକ୍ଷମ ଅର୍ଥ ଯୋଗାଣ ନିଗମ ଭିନ୍ନକ୍ଷମମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ବିଭିନ୍ନ ପ୍ରକାରର ଋଣ ଓ ଆର୍ଥିକ ସହାୟତା ଯୋଗାଣର ବ୍ୟବସ୍ଥା କରିଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହ ମଧ୍ୟ ଅନୁରୂପ କେତେକ ପଦକ୍ଷେପ ନେଇଛନ୍ତି। ଏଥିପାଇଁ କୋହଳ ହାର (୪%)ରେ ଋଣ ପ୍ରଦାନ କରାଯାଉଛି। କେତେକ ସ୍ଥଳେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସୁଧହାର ୦.୫% ଧାର୍ଯ୍ୟ ହୋଇଛି। ଭିନ୍ନକ୍ଷମମାନେ ନିଜର ବ୍ୟବହାର ଓ ଶାରୀରିକ, ମାନସିକ ଦକ୍ଷତା ବୃଦ୍ଧି ପାଇଁ ଯେପରି ଶସ୍ତା ଓ ସୁବିଧାରେ ଅତ୍ୟାଧୁନିକ ଯନ୍ତ୍ରପାତି ଉପକରଣ କିଣିପାରିବେ ସେଥିପାଇଁ ସରକାର ଆର୍ଥିକ








ସହାୟତା ପ୍ରଦାନର ବ୍ୟବସ୍ଥା କରିଛନ୍ତି। ସେମାନଙ୍କ ଥଇଥାନ ଓ ଆବଶ୍ୟକତା ପୂରଣକୁ ଅଗ୍ରାଧିକାର ଦିଆଯାଇଛି।

### ଇନ୍ଦିରା ଆବାସ ଯୋଜନା

ଇନ୍ଦିରା ଆବାସ ଯୋଜନାରେ ଗରିବ ଲୋକଙ୍କୁ ଘର ଯୋଗାଇ ଦେବାକୁ ଯେଉଁ ଜାତୀୟ ବ୍ୟବସ୍ଥା ରହିଛି, ତାହାର ୩ ଶତାଂଶ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗ୍ରାମାଞ୍ଚଳ ଭିନ୍ନକ୍ଷମଙ୍କ ନିମନ୍ତେ ସଂରକ୍ଷିତ ରହିଛି।

ଏହାବ୍ୟତୀତ ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଓ ସଫଳତା ପାଇଁ ଭିନ୍ନକ୍ଷମଙ୍କ ନିମନ୍ତେ ସ୍ୱତନ୍ତ୍ର ପୁରସ୍କାରର ବ୍ୟବସ୍ଥା ଅଛି। ସେମାନଙ୍କୁ ପ୍ରୋତ୍ସାହିତ କରିବା ହେଉଛି ଏହାର ଲକ୍ଷ୍ୟ। ବିଶେଷଭାବେ ମହିଳା ଭିନ୍ନକ୍ଷମଙ୍କ ବିକାଶ ଉପରେ ସରକାର ଅଧିକ ଗୁରୁତ୍ୱ ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

### ଟ୍ରଷ୍ଟଫଣ୍ଡ୍

ଭିନ୍ନକ୍ଷମଙ୍କ କଲ୍ୟାଣ ଓ ବିକାଶ ପାଇଁ କେନ୍ଦ୍ରୀୟ ସ୍ତରରେ 'ଅର୍ଥ ଯୋଗାଣ ନିଗମ' ଗଠନ ସହ ପ୍ରାଦେଶିକସ୍ତରରେ ସଂସ୍ଥାମାନ ଗଠିତହୋଇ କାର୍ଯ୍ୟକରୁଛି। ୨୦୦୪ରେ ସୁପ୍ରିମକୋର୍ଟ ଆଦେଶ ଦେଇଥିଲେ ଯେ ବ୍ୟାଙ୍କ ସମୂହ ଋଣକାରୀଙ୍କଠାରୁ ବାର୍ଷିକ ଋଣ ଟିକସ ଆକାରରେ ସଂଗ୍ରହ କରିଥିବା ଅତିରିକ୍ତ ୭୨୩.୭୯କୋଟି ଟଙ୍କାକୁ ଏକ ଟ୍ରଷ୍ଟରେ ଜମାକରି ସେଇ ପାଣ୍ଠିକୁ ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ବ୍ୟୟ କରିବା ଉଚିତ। ସରକାର ଏଥିପାଇଁ ଏକ ଜାତୀୟ ଟ୍ରଷ୍ଟ ଫଣ୍ଡ ଗଠନ କରି ସେହି ଅର୍ଥ ଏଥିରେ ଜମା କରିବାକୁ ସର୍ବୋଚ୍ଚ ଅଦାଲତଙ୍କ ଅନୁମତି ଲୋଡ଼ିଛନ୍ତି। ତେବେ ଅଦାଲତ ଏହା ଉପରେ ଏଯାଏ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ତେବେ ଟ୍ରଷ୍ଟ ଗଠନ ପରେ ସେଥିରେ ଅର୍ଥ ଜମା କରିବାକୁ ଅର୍ଥମନ୍ତ୍ରଣାଳୟ ବ୍ୟାଙ୍କ ଡିଭିଜନକୁ ନିର୍ଦ୍ଦେଶ ଦେଇଛି।

### ବୈଷୟିକ ବିକାଶ ପ୍ରକଳ୍ପ

ଭିନ୍ନକ୍ଷମମାନଙ୍କୁ ଉପଯୁକ୍ତ ଓ ସୁଲଭମୂଲ୍ୟରେ ବୈଷୟିକ ଉପକରଣ ଯୋଗାଇଦେବା ଉଦ୍ଦେଶ୍ୟରେ ସରକାର ଏକ ପ୍ରକଳ୍ପ ହାତକୁ ନେଇଛନ୍ତି। ଏଥିପାଇଁ ଗବେଷଣା ଓ ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଛି। ୧୯୯୧ରୁ ଏ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଭିନ୍ନକ୍ଷମଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ଟେକ୍‌ନୋଲୋଜିର ପ୍ରୟୋଗ ଗୁରୁତ୍ୱ ଲାଭ କରିଛି।

ଆନ୍ତର୍ଜାତିକ ଶ୍ରମ ସଂଗଠନର ମାର୍ଗଦର୍ଶିକା ଅନୁସାରେ ଭାରତରେ ସୁରକ୍ଷାବାଦୀ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯାଉଛି। ଏଥିରେ ବାର୍ଦ୍ଧକ୍ୟ ଭତ୍ତା, ମେଡିକାଲ ବୀମା, କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ। ୨୦୦୯ରୁ ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ ହୋଇଛି ଓ ଏହା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଅଂଶ ବିଶେଷ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଉଥିବା ଏହି ସହାୟତା ବାବଦରେ ହିତାଧିକାରୀ ମାସିକ ୩୦୦ ଟଙ୍କା ପାଉଛନ୍ତି। ଏହା ୧୮ ରୁ ୭୯ ବର୍ଷ ବୟସ ମଧ୍ୟରେ ବିପିଏଲ୍ ପରିବାରର ମାତ୍ରାଧିକ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ। ସେହିଭଳି କାର୍ଯ୍ୟକ୍ଷେତ୍ରରେ ଦୁର୍ଘଟଣାଯୋଗୁ ଅକର୍ମଣ୍ୟ ହେଉଥିବା, ମୃତ୍ୟୁମୁଖରେ ପଡୁଥିବା ବ୍ୟକ୍ତିଙ୍କୁ ମାଲିକ

**ଭାରତୀୟ ସମ୍ବିଧାନର ଧାରା ୪୩ ଅନୁସାରେ ଦେଶର ନାଗରିକମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ରାଷ୍ଟ୍ରର ଦାୟିତ୍ୱ। ଧାରା ୧୪ ଅନୁସାରେ ସବୁ ନାଗରିକ ଆଇନ ଆଗରେ ସମାନ। ଏଥିରୁ କାହାରିକୁ ବଞ୍ଚିତ କରାଯାଇପାରିବ ନାହିଁ। ଭିନ୍ନକ୍ଷମମାନଙ୍କୁ ସହାୟତା, ସୁଯୋଗ ଓ ସୁବିଧା ଯୋଗାଇଦେବାକୁ ରାଷ୍ଟ୍ର ବାଧ୍ୟ। ସମ୍ବିଧାନର ଧାରା ୪୧ କହେ ଯେ, ରାଷ୍ଟ୍ର ତାହାର ଆର୍ଥିକ କ୍ଷମତା ଓ ବିକାଶ ସୀମା ମଧ୍ୟରେ ଲୋକଙ୍କୁ ନିଯୁକ୍ତି ନ ମିଳିବାବେଳେ, ପରିଣତ ବୟସରେ, ଅସୁସ୍ଥତା ସମୟରେ, ଅକ୍ଷମ ସ୍ଥିତିରେ ସରକାରୀ ସହାୟତା, କାମ କରିବାର ଓ ପାଠ ପଢ଼ିବାର ସୁଯୋଗ ସୁବିଧା ଓ ଆବଶ୍ୟକ ସହାୟତା ଦେବାକୁ ବାଧ୍ୟ। ଭିନ୍ନକ୍ଷମଙ୍କ ପାଇଁ ୧୯୯୫ରେ ପ୍ରଣିତ ଆଇନ ଏବଂ ୨୦୧୬ରେ ପ୍ରଣିତ ଭିନ୍ନକ୍ଷମଙ୍କ ଅଧିକାର ସଂକ୍ରାନ୍ତ ଆଇନରେ ଏହି ବର୍ଗଙ୍କ ଉତ୍‌ଥାନ ଓ ବିକାଶ ପାଇଁ କେତେକ ବ୍ୟବସ୍ଥା କରାଯାଇଛି ଯାହା ପାଳନ କରିବା ସରକାରଙ୍କ ଦାୟିତ୍ୱ।**



କ୍ଷତିପୂରଣ ଦେବାର ବ୍ୟବସ୍ଥା ୧୯୨୩ରୁ ରହିଛି। ତା'ଛଡ଼ା କାର୍ଯ୍ୟସ୍ଥଳୀରେ ପେସାଗତ କାରଣରୁ ରୋଗରେ ପଡ଼ିଲେ ଶ୍ରମିକ କର୍ମଚାରୀଙ୍କୁ ମାଲିକ କ୍ଷତିପୂରଣ ଦେବାର ବ୍ୟବସ୍ଥା ଅଛି।

### ଆହ୍ୱାନ ଓ ସମାଧାନ ପନ୍ଥା

ଭିନ୍ନକ୍ଷମଙ୍କୁ ଶାରୀରିକ, ମାନସିକ, ସାମାଜିକ ଓ ଆର୍ଥିକ ସ୍ତରରେ ସମର୍ଥ କରି ସେମାନଙ୍କୁ ଥଇଥାନ କରିବା ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହା ସତ୍ତ୍ୱେ ଭାରତରେ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମର ସଫଳତା ଭିନ୍ନକ୍ଷମଙ୍କ ନିକଟରେ ଆବଶ୍ୟକମତେ ପହଞ୍ଚି ପାରୁନାହିଁ। ଏଥିପାଇଁ ସାମାଜିକ ଓ ଭୌତିକ ପ୍ରତିବନ୍ଧକ ମୁଖ୍ୟତଃ ଦାୟୀ। ଭିନ୍ନକ୍ଷମଙ୍କ ପାଇଁ ଦେଶରେ ନାନାବିଧ କଲ୍ୟାଣକାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିଲେ ହେଁ ଏହା ପୂର୍ଣ୍ଣାଙ୍ଗ ନୁହେଁ ଏବଂ ଭିନ୍ନକ୍ଷମଙ୍କ ବାସ୍ତବ ଆବଶ୍ୟକତା ପୂରଣ କରିବାକୁ ଅପର୍ଯ୍ୟାପ୍ତ। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଭିନ୍ନକ୍ଷମଙ୍କ ନିକଟରେ ଯଥେଷ୍ଟ ସୂଚନା ପହଞ୍ଚି ପାରୁନାହିଁ। ତଥ୍ୟ ପ୍ରସାରଣ ବ୍ୟବସ୍ଥା ମଧ୍ୟ ସନ୍ତୋଷଜନକ ନୁହେଁ। ସର୍ବୋପରି ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମଗଡ଼ିକର ସୂଚନାପ୍ରଦାନ ଓ ସେବା ଯୋଗାଣ ନିମନ୍ତେ ଏକକ ବାତାୟନ ବ୍ୟବସ୍ଥାର ଅଭାବ ରହିଛି। ଏବେ ପ୍ରଶାସନିକ ସ୍ତରରେ ଏଥିରେ ସୁଧାର ଆଣିବାକୁ ଉଦ୍ୟମ କରାଯାଉଛି। ସେଥିପାଇଁ ଜଣେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧୀନରେ ପ୍ରଶାସନିକ ବ୍ୟବସ୍ଥା ରଖି ଗୋଟିଏ ବାଟରେ ସବୁ ଭିନ୍ନକ୍ଷମଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନାର ଲାଭଗୁଡ଼ିକୁ ଯୋଗ୍ୟତା ଅନୁସାରେ ଯୋଗାଇ ଦେବାର ପ୍ରୟାସ ଚାଲିଛି। ଦଶମ ଯୋଜନାରେ ପ୍ରତ୍ୟେକ ମନ୍ତ୍ରଣାଳୟ ନିଜ ବିଭାଗଗୁଡ଼ିକ ପାଇଁ ଭିନ୍ନକ୍ଷମଙ୍କ କଲ୍ୟାଣ ନିମନ୍ତେ ବଜେଟ୍ ବ୍ୟବସ୍ଥା କରିବାର ନିର୍ଦ୍ଦେଶ ଥିଲା। କିନ୍ତୁ ଏଯାଏ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାଛଡ଼ା ୧୦ମ ପଞ୍ଚବାର୍ଷିକ ଯୋଜନାରେ ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ଯେଉଁ ବ୍ୟୟବରାଦ କରାଯାଇଥିଲା, ସେଥିମଧ୍ୟରୁ ମାତ୍ର ୩୧ ଶତାଂଶ ଅର୍ଥ ଖର୍ଚ୍ଚ କରାଯାଇଛି। ଏଥିରୁ ଦେଶରେ ଭିନ୍ନକ୍ଷମ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଏକ ସ୍ଥୂଳ ଚିତ୍ର ମିଳେ।

ଭିନ୍ନକ୍ଷମମାନଙ୍କ ସ୍ଥିତି ଓ ବାସ୍ତବତାକୁ ଅନୁଧ୍ୟାନ କରି ସେମାନଙ୍କ ନିମନ୍ତେ ଦେଶରେ ଏକ ପୂର୍ଣ୍ଣାଙ୍ଗ ଯୋଜନା କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ସେଥିପାଇଁ ପ୍ରଥମ ଆବଶ୍ୟକତା ହେଉଛି ଭିନ୍ନକ୍ଷମଙ୍କ ସମ୍ପର୍କରେ ସବିଶେଷ ପୂର୍ଣ୍ଣାଙ୍ଗ ତଥ୍ୟ ସଂଗ୍ରହ କରିବା। ଏଥିରୁ ଭିନ୍ନକ୍ଷମଙ୍କ ସ୍ଥିତି, ସେମାନଙ୍କ ଭିନ୍ନକ୍ଷମତାର ମାତ୍ରା, ସାମାଜିକ, ଆର୍ଥିକ, ଶୈକ୍ଷିକ ଓ ଅନ୍ୟାନ୍ୟ ତଥ୍ୟ ମିଳିପାରିବ। ଯାହାକୁ ଭିତ୍ତି କରି ଏକ ପୂର୍ଣ୍ଣାଙ୍ଗ ଯୋଜନା ପ୍ରସ୍ତୁତ କରିବା ସହଜ ହେବ। ଏହାଛଡ଼ା ଏକ ପୂର୍ଣ୍ଣାଙ୍ଗ ପ୍ରଶାସନିକ ବ୍ୟବସ୍ଥା ତିଆରି କରି ଭିନ୍ନକ୍ଷମଙ୍କ କଲ୍ୟାଣ ନିମନ୍ତେ ଅର୍ଥ ଯୋଗାଣ ବ୍ୟବସ୍ଥା ଓ ତାହାର ଖର୍ଚ୍ଚକୁ ନିୟମିତ ତଦାରଖ କରିବାକୁ ହେବ। ଏଥିପାଇଁ କେନ୍ଦ୍ର, ରାଜ୍ୟ ସରକାର, ଆନ୍ତର୍ଜାତିକ ସଂସ୍ଥା ଓ ସଙ୍ଗଠନ, ସରକାରୀ ଓ ବେସରକାରୀ ସଂସ୍ଥାଙ୍କ ଠାରୁ ପାଣ୍ଠି ସଂଗ୍ରହ କଲେ ଅର୍ଥର ଅଭାବ ରହିବ ନାହିଁ। ଏହା ସମ୍ଭବ ହୋଇପାରିଲେ ଭିନ୍ନକ୍ଷମଙ୍କ ପ୍ରକୃତ କଲ୍ୟାଣ ସାଧିତ ହୋଇପାରିବ ବୋଲି ଆଶା କରାଯାଉଛି।

ମୁମ୍ବାଇସ୍ଥିତ ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍‌ସେସ୍‌ରେ ଲେଖିକା ଜଣେ ଆସୋସିଏଟ ପ୍ରଫେସର

# କୃଷକ କଲ୍ୟାଣ : ବାସ୍ତବତା ଓ ଦୂରଦୃଷ୍ଟି

ନୀଲବ୍ଜ ଘୋଷ

୨୦୧୫ରୁ କୃଷିମନ୍ତ୍ରଣାଳୟର ନାମ ପରିବର୍ତ୍ତନ କରାଯାଇ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ କରାଯାଇଛି । ଏହି ପରିବର୍ତ୍ତନ କେବଳ ନାମକୁ ମାତ୍ର ନୁହେଁ, ଏହା ପଛରେ କିଛି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରହିଛି । ଚାଷ କେବଳ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନରେ ସୀମିତ ନୁହେଁ । ଏହା ସହିତ ଅନେକ କଥା ଜଡ଼ିତ । ଖାଦ୍ୟ ଉତ୍ପାଦନ ପ୍ରକ୍ରିୟାରେ ସାମିଲ ମଣିଷଟି କିପରି ସମାଜର ଅନ୍ୟାନ୍ୟ ସ୍ୱଚ୍ଛଳ ଲୋକଙ୍କ ସହ ସମାନ ହୋଇପାରିବ ଓ ଭଲରେ ଚଳିବ ତାହା ଉପରେ ନଜର ରଖି ଏହି ନାମ ପରିବର୍ତ୍ତନ କରାଯାଇଛି ।

ସରକାରଙ୍କ ନୀତି ଓ ପ୍ରୋତ୍ସାହନ ଫଳରେ ମୌଳିକ ଖାଦ୍ୟଶସ୍ୟର ଉତ୍ପାଦନ ଦେଶରେ ବହୁଗୁଣିତ ହୋଇଛି । ଷାଠିଏ ଦଶକର ଖାଦ୍ୟାଭାବ ପରିସ୍ଥିତିରୁ ଉଠି ଭାରତ ଏବେ ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛି; ଧାନ ଓ ଦୁଗ୍ଧ ଉତ୍ପାଦନରେ ବିଶ୍ୱର ପ୍ରଥମ ଦୁଇ ସ୍ଥାନରେ ସ୍ଥାନିତ ହୋଇଛି । ଡାଲିଜାତୀୟ ଫସଲ, ଫଳ ଓ ପନିପରିବା ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯିବା ଫଳରେ ଏହାର ଅମଳ ମଧ୍ୟ ବଢ଼ିଛି । ଏହି ଅଭିବୃଦ୍ଧି କାହାଣୀ ସତ୍ତ୍ୱେ ଦେଶର ଅଧିକାଂଶ ଚାଷୀ ବଞ୍ଚିତ ଓ ଅବହେଳିତ ଅବସ୍ଥାରେ ଅଛନ୍ତି । କେବଳ ସେମାନଙ୍କ କୃଷିଜାତ ଆୟ କମ୍ ରହୁନାହିଁ; ବରଂ ଏହା ସହିତ ଦେଶର ଅର୍ଥନୈତିକ ଅନିଶ୍ଚିତତା ଯୋଗୁଁ ସେମାନେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ।

୨୦୦୩-୦୪ରେ ହୋଇଥିବା ଏକ ସର୍ଭେ ଅନୁସାରେ ବିକଳ୍ପ ମିଳିଲେ ୪୦ ଶତାଂଶ ଚାଷୀ ଚାଷ ଛାଡ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଆହୁରି ମଧ୍ୟ ସେମାନେ ନିଜ ଆୟ ବଢ଼ାଇବା ପାଇଁ ଚାଷ ବ୍ୟତୀତ ଅନ୍ୟାନ୍ୟ ଧନ୍ଦା ପ୍ରତି ମଧ୍ୟ ଆଗ୍ରହ ଦେଖାଇଥିଲେ । ଅଧିକ ଉତ୍ପାଦନ ସତ୍ତ୍ୱେ ଚାଷୀକୂଳ କାହିଁକି ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରୁଛି ଓ ଦୁଃସ୍ଥ ଜୀବନଯାପନ କରିବାକୁ ବାଧ୍ୟ ହେଉଛି ସେ ସମ୍ପର୍କରେ ଏହି ଲେଖାରେ ଆଲୋକପାତ କରାଯିବା ସହିତ ପରିସ୍ଥିତିରେ ପରିବର୍ତ୍ତନ ଆଣିବାକୁ କେତେକ ପ୍ରସ୍ତାବ ଦିଆଯାଇଛି ।

### ଚାଷୀଙ୍କ ଆୟ ଓ ଦୁର୍ବଳତା

୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ ଭାଷଣ ପରେ ଏ ନେଇ ଚର୍ଚ୍ଚା ଜୋର ଧରିଛି । କୃଷି ଆୟ ବିଭିନ୍ନ କାରଣ ଉପରେ ନିର୍ଭର କରେ । ଉତ୍ପାଦକତା, ବିଶେଷ କରି ଜମିର ଉତ୍ପାଦନ ଶକ୍ତି ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସାର ଓ କୀଟନାଶକ ପ୍ରୟୋଗ ତଥା ଜଳସେଚନ ପାଇଁ ଚାଷରେ ଖର୍ଚ୍ଚ ବଢୁଛି । ଫଳରେ ଉତ୍ପାଦିତ ସାମଗ୍ରୀର ମୂଲ୍ୟ ଅଧିକ ହେଉଛି । ସେହି ହାରରେ ବଜାର ମୂଲ୍ୟ ମିଳୁ ନ ଥିବାରୁ ଏବଂ ଅମଳ ପରେ ସାଇତି ରଖିବାର ବ୍ୟବସ୍ଥା ଅଭାବରୁ ଫସଲ ନଷ୍ଟ ଯୋଗୁଁ ଚାଷୀ କମ୍‌ଦାମ୍‌ରେ ବିକିବାକୁ ବାଧ୍ୟ ହେଉଛି । ଫଳରେ କ୍ଷତିର ସମ୍ମୁଖୀନ ହେଉଛି । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବେଳେବେଳେ ଚାଷୀ ଚାଷରେ ଲଗାଇଥିବା ମୂଳଧନ ମଧ୍ୟ ପାଇପାରୁନାହିଁ ।

ଭାରତରେ କୃଷି ଜଳବାୟୁ ମଣ୍ଡଳ ଭିନ୍ନଭିନ୍ନ ଏବଂ କୃଷି ମୂଲ୍ୟ ନିର୍ଦ୍ଧାରଣ ବିଭିନ୍ନ ରାଜ୍ୟରେ ଅଲଗା ଅଲଗା । କୃଷି ରାଜ୍ୟ ତାଲିକାର ଅନ୍ତର୍ଭୁକ୍ତ ହୋଇଥିବାରୁ କେନ୍ଦ୍ରର ଏ କ୍ଷେତ୍ରରେ ପ୍ରତ୍ୟକ୍ଷ ହସ୍ତକ୍ଷେପ ସୁଯୋଗ ସୀମିତ । ଏହା କେବଳ

> କୃଷିର ବିକାଶ ପାଇଁ ସରକାର କ୍ରମାଗତ ଭାବେ କିଛି ପଦକ୍ଷେପ ନେବା ଫଳରେ ଏଥିରେ ଉନ୍ନତି ଆସିଛି ଓ ଉତ୍ପାଦନ ବଢ଼ିଛି । ଉନ୍ନତମାନର ବିହନ, ରିଆତି ମୂଲ୍ୟରେ ସାର ଯୋଗାଣ, ଶସ୍ତାରେ ଶକ୍ତି ତଥା ଚାଷ ପାଇଁ ସ୍ୱଳ୍ପ ମୂଲ୍ୟରେ ଋଣ ଯୋଗାଣ ବ୍ୟବସ୍ଥା ଏବଂ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା ଆଦି ଚାଷରେ ଉନ୍ନତି ଆଣିଛି । ଏହାଦ୍ୱାରା କେତେକ କ୍ଷେତ୍ରରେ ଚାଷ ଲାଭଜନକ ହୋଇଛି । ତେବେ ଯେତେବେଳେ ଜଣାପଡ଼ିଲା ଯେ ସରକାର ଯୋଗାଉଥିବା ସୁବିଧା ସୁଯୋଗର ଲାଭ ନିର୍ଦ୍ଦିଷ୍ଟ କେତେକ ଆଗୁଆ ରାଜ୍ୟ ଉଠାଉଛନ୍ତି, ସେତେବେଳେ ଏହି ନୀତିରେ ସରକାର କେତେକ ପରିବର୍ତ୍ତନ ଆଣିଲେ । ଏବେ କୃଷି କ୍ଷେତ୍ରରେ ପଛୁଆ ଥିବା ଦେଶର ପୂର୍ବାଞ୍ଚଳ ଉପରେ ଅଗ୍ରାଧିକାର ଦିଆଯାଇଛି ।

ସହାୟକକାରୀ (ଫ୍ୟାସିଲିଟେଟ୍ର) ଭାବେ କାମ କରିଥାଏ। ଭାରତରେ ଚାଷଜମିର ଆକାର କ୍ଷୁଦ୍ର ଓ ଛୋଟ ଛୋଟ ଚାଷୀଙ୍କ ସଂଖ୍ୟା ଅଧିକ। ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜମି ଉପରେ ଚାପ ବଢୁଛି ଓ ପରିବାର ବିଭାଜନ ଯୋଗୁ ଜମି କ୍ରମଶଃ ବିଭାଜିତ ହୋଇ ଛୋଟଛୋଟ ଖଣ୍ଡରେ ପରିଣତ ହେଉଛି। ଶିଳ୍ପ ବାଣିଜ୍ୟ କ୍ଷେତ୍ରରେ ନିଯୁକ୍ତିର ଅଧିକ ସୁଯୋଗ ନ ଥିବାରୁ ଅନାବଶ୍ୟକ ଭାବେ ଅଧିକ ଲୋକ ଚାଷ ଉପରେ ନିର୍ଭର କରୁଛନ୍ତି। ଫଳରେ ଚାଷରୁ ମୁଣ୍ଡ ପିଛା ଆୟ କମ୍‌ହେଉଛି। ତେବେ ଜଳବାୟୁ, ଲୋକସଂଖ୍ୟା ଓ ପ୍ରଶାସନିକ ଅନୁକୂଳତା ଯୋଗୁଁ ଦେଶର କେତେକ ଭାଗରେ ଚାଷ ଲାଭଜନକ ହୋଇଛି।

କୃଷି ସହିତ ବିଭିନ୍ନ କ୍ଷେତ୍ରରେ ପରିବାରର ସଦସ୍ୟମାନେ କାର୍ଯ୍ୟକରିବାର ସୁଯୋଗ ପାଇଲେ ମୁଣ୍ଡପିଛା ଓ ପରିବାର ପିଛା ଆୟ ବୃଦ୍ଧି ପାଇବ।



ସେଥିପାଇଁ କୌଶଳ ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। କୃଷିକ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ଉତ୍ପାଦନ ଓ ଆୟ ବୃଦ୍ଧିର ଆଉ ଏକ ମାର୍ଗ। ଏହି ଆୟ ଅଣକୃଷି କ୍ଷେତ୍ରର ଚାହିଦା ବଢ଼ାଇବାରେ ମଧ୍ୟ ସହାୟକ ହେବ।

ଚାଷୀଙ୍କ ପାଇଁ ପାଣିପାଗର ଅନିଶ୍ଚିତତା ସବୁଠୁ ବଡ଼ ବିପଦ। ମୌସୁମି ବିଫଳତା



## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସ୍ୱଳ୍ପ ପ୍ରିମିୟମ ପ୍ରତିବଦଳରେ ଅଧିକ ବୀମା ବ୍ୟବସ୍ଥା କରାଯାଇଛି ।
- ସ୍ୱାଧୀନତା ପରଠାରୁ ଏପର୍ଯ୍ୟନ୍ତ ଦେଶର କେବଳ ୨୦ପ୍ରତିଶତ ଚାଷୀ ଫସଲ ବୀମା ଯୋଜନାରେ ସାମିଲ ହୋଇଛନ୍ତି । ତେବେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧିନରେ ଏହି ସଂଖ୍ୟାକୁ ୨୦୧୮-୧୯ ମସିହା ସୁଦ୍ଧା ୫୦ ପ୍ରତିଶତ କରିବାକୁ ଲକ୍ଷ୍ୟ ରଖାଯାଇଛି ।
- ୨୦୧୬ ଖରିଫ ବର୍ଷରେ ୧ଲକ୍ଷ ୪୨ହଜାର କୋଟି ବୀମା ଅର୍ଥରେ ୩କୋଟି ୯୦ଲକ୍ଷ ଚାଷୀଙ୍କ ବୀମା କରାଯାଇଛି । ସେହିପରି ୨୦୧୬-୧୭ ରବି ଋତୁରେ ୭୨ହଜାର କୋଟି ଟଙ୍କାର ବୀମା ରାଶି ଦ୍ୱାରା ୧କୋଟି ୬୭ଲକ୍ଷ ଚାଷୀଙ୍କ ବୀମା କରାଯାଇଛି ।
- ପ୍ରଧାନମନ୍ତ୍ରୀ ଫସଲ ବୀମା ଅଧୀନରେ ୩୩ ପ୍ରତିଶତ ଫସଲ ନଷ୍ଟ ହେଲେ ସହାୟତା ଦେବାର ବ୍ୟବସ୍ଥା କରାଯାଇଛି। ଏହା ପୂର୍ବରୁ ୫୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଫସଲ ନଷ୍ଟ ହେଲେ ଯାଇ ଏହି ସହାୟତା ପ୍ରଦାନ କରାଯାଉଥିଲା । ଏଥିପାଇଁ ସହାୟତା ଅର୍ଥକୁ ୧.୫ଗୁଣ ବୃଦ୍ଧି କରାଯାଇଛି ।
- ଅଧିକ ବର୍ଷା ଯୋଗୁ ଫସଲ ନଷ୍ଟ ହେଲେ ମଧ୍ୟ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ଫସଲ ପାଇଁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯାଇଥିବା ବ୍ୟବସ୍ଥା କରାଯାଇଛି ।

କେବଳ ଗୋଟିଏ ବର୍ଷର ଉତ୍ପାଦନକୁ ବ୍ୟାହତ କରେ ନାହିଁ, ଏହାର କୁପ୍ରଭାବ ପରବର୍ତ୍ତୀ ବର୍ଷକୁ ମଧ୍ୟ ସଂପ୍ରସାରିତ ହୁଏ। କ୍ରମାଗତ ଭାବେ ମୌସୁମୀ ପ୍ରବାହ ଜନିତ ବିଫଳତା ଦୁର୍ଭିକ୍ଷ ପ୍ରାୟ ପରିସ୍ଥିତି ସୃଷ୍ଟି କରେ ଏବଂ ଚାଷୀ ଋଣଗ୍ରସ୍ତ ହେବାସହ ସର୍ବସ୍ୱାନ୍ତ ହୋଇଥାନ୍ତି। ଜଳଭଣ୍ଡାର, ନଈନାଳ ଶୁଖିଯିବା ସହ ମାଟିତଳ ଜଳସ୍ତର ମଧ୍ୟ ବିପଜ୍ଜନକ ଭାବେ ହ୍ରାସ ପାଏ। ଏହି ପରିସ୍ଥିତି ସ୍ୱାଭାବିକ ହେବାକୁ ଦୀର୍ଘ ସମୟ ଲାଗେ। ୨୦୧୪ ଓ ୧୫ରେ ଦେଶରେ ଏଭଳି ପରିସ୍ଥିତି ଉପୁଜିଥିଲା। ଦେଶରେ ସ୍ୱାଭାବିକ ମୌସୁମୀ ବର୍ଷା ହେଲେ ମଧ୍ୟ କେତେକ ଅଞ୍ଚଳରେ ମରୁଡ଼ିର ପ୍ରଭାବ ଦେଖାଦିଏ। ସେହିଭଳି ଅସମୟରେ ଅତିବୃଷ୍ଟି ଚାଷ ପାଇଁ ବିଶେଷ କ୍ଷତିକାରକ ହୋଇଥାଏ। ୨୦୧୬ରେ ଦେଶରେ ସ୍ୱାଭାବିକ ମୌସୁମୀ ବର୍ଷା ହୋଇଥିବାବେଳେ ୯ଟି ରାଜ୍ୟରେ ଅତିବଷ୍ଟି ଯୋଗୁଁ ବନ୍ୟା ଆସି ବହୁ କ୍ଷତିଘଟିଥିଲା। ବିହାରରେ କ୍ଷୟକ୍ଷତି ସବୁଠୁ ଅଧିକ ଥିଲା।



ଚାଷ ପାଇଁ ମୂଲ୍ୟରେ ଅସ୍ଥିରତା ଏକ ବିପଦ। ଅମଳ ସମୟରେ କୃଷିଜାତ ଦ୍ରବ୍ୟର ମୂଲ୍ୟ କମ୍‌ରହେ ଏବଂ ଚାଷୀଙ୍କଠାରୁ କମ୍‌ଦାମ୍‌ରେ ଉତ୍ପାଦିତ ସାମଗ୍ରୀ କିଣିନେବାର ପ୍ରକ୍ରିୟା ସୃଷ୍ଟି ହୁଏ। ପରବର୍ତ୍ତୀ ସମୟରେ ଅବଶ୍ୟ ମୂଲ୍ୟରେ ଉନ୍ନତି ଘଟେ ଓ ସାଇତି ରଖିଥିବା ଫସଲ ଉପରେ ଚାଷୀ ଅଧିକ ମୂଲ୍ୟ ପାଏ। ସବୁ ଚାଷୀଙ୍କ ପାଇଁ ଏହି ସୁଯୋଗ ମିଳେ ନାହିଁ। ସରକାର ବିଭିନ୍ନ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବିଭିନ୍ନ ଋତୁ ନିମନ୍ତେ ଘୋଷଣା କରିଥାନ୍ତି। ଏହାର ଅର୍ଥ ହେଲା ସରକାରୀ ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍‌ଦାମରେ କ୍ରୟବିକ୍ରୟ ହୋଇପାରିବ ନାହିଁ। ଦ୍ୱିତୀୟ କଥା ହେଲା ସହାୟକ ମୂଲ୍ୟକୁ ଦେଖି ଚାଷୀ ନିଜର ଲାଭକ୍ଷତି ହିସାବ କରି କୌଣସି ଫସଲ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଥାଏ। ତେବେ ସରକାର ଯଦି କୃଷିଜାତ ଦ୍ରବ୍ୟ ଆବଶ୍ୟକ ପରିମାଣରେ ଚାଷୀଙ୍କଠାରୁ କ୍ରୟ ନ'କରନ୍ତି ତେବେ ଚାଷୀ



## ଚାଷ ପାଇଁ ବଜାର: ଇ-ନାମ

- ଚାଷୀମାନଙ୍କ ଉତ୍ପାଦିତ ସାମଗ୍ରୀକୁ ବଜାର ସୁବିଧା ଉପଲବ୍ଧ କରାଇବା ସକାଶେ କେନ୍ଦ୍ର ସରକାର ଇ-ନାମ୍ ବା ରାଷ୍ଟ୍ରୀୟ କୃଷି ବଜାରର ପରିକଳ୍ପନା କରିଛନ୍ତି।
- ଏହି ଯୋଜନା ଅଧିନରେ ଦେଶର ପ୍ରତ୍ୟେକ କୃଷି ବଜାରଗୁଡ଼ିକୁ ଇଲେକ୍ଟ୍ରୋନିକ ମାଧ୍ୟମରେ ଯୋଡ଼ିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ଏହା ଦ୍ୱାରା ଚାଷୀମାନଙ୍କୁ ନିଜ ଫସଲ ପାଇଁ ଅଧିକ ମୂଲ୍ୟ ମିଳିପାରିବାର ପରିକଳ୍ପନା କରାଯାଇଛି ।
- ଇ-ନାମ୍ ଅଧିନରେ ୧୩ଟି ରାଜ୍ୟର ୪୧୫ଟି କୃଷି ବଜାରକୁ ଯୋଡାଯାଇ ସାରିଛି । ଏହା ମାଧ୍ୟମରେ ଚଳିତବର୍ଷ ମାର୍ଚ୍ଚ ମାସ ସୁଦ୍ଧା ୧୫ହଜାର କୋଟି ମୂଲ୍ୟର କୃଷି ସାମଗ୍ରୀର କିଣାବିକା ହୋଇଛି ।
- ଇ-ନାମ୍ ଭିତ୍ତିଭୂମି ସ୍ଥାପନ କରିବା ପାଇଁ ପ୍ରତ୍ୟେକ ବଜାରକୁ ୭୫ଲକ୍ଷ ଟଙ୍କା ଆବଣ୍ଟନ କରିବାର ବ୍ୟବସ୍ଥା କରାଯାଇଛି ।




କ୍ଷତିଗ୍ରସ୍ତ ହୁଏ । ବେସରକାରୀ ସଂସ୍ଥା ବା ଘରୋଇ ସଂସ୍ଥା ଚାଷୀଙ୍କଠାରୁ କମ୍‌ଦାମ୍‌ରେ ଏହା କିଣି ଲାଭବାନ ହୋଇଥାନ୍ତି ।

ଆଉଏକ ସମସ୍ୟା ହେଲା ପ୍ରଚୁର ଉତ୍ପାଦନ । ବଜାର ଚାହିଦାଠାରୁ ଅଧିକ ଅମଳ ହେଲେ ଯେ କୌଣସି ଫସଲର ଦାମ୍ କମ୍ ରହେ । ସର୍ବନିମ୍ନ ସରକାରୀ ସହାୟତା ମୂଲ୍ୟ ଘୋଷଣା ଏଥିରେ ବିଶେଷ କିଛି ପ୍ରଭାବ ପକାଇ ନ ଥାଏ । ୨୦୧୬-୧୭ରେ ଡାଲିର ସର୍ବନିମ୍ନ ସହାୟକ ମୂଲ୍ୟ ସରକାର ବଢ଼ାଇଥିଲେ । ଚାଷୀ ଏଥିରେ ଉତ୍ସାହିତ ହୋଇ ଅମଳ ବଢ଼ାଇବାରୁ ବଜାରକୁ ଚାହିଦାଠାରୁ ଅଧିକ ଡାଲି ଆସିଗଲା ଫଳରେ ଡାଲିର ମୂଲ୍ୟ କମିଗଲା । ଉଭୟ ଜାତୀୟ ଓ ଆନ୍ତର୍ଜାତିକ ବଜାରର ଚାହିଦା ଉପରେ ଫସଲର ମୂଲ୍ୟ ନିର୍ଭର କରେ । ବଜାର ମାନ୍ଦା ରହିଲେ ଉତ୍ପାଦିତ ସାମଗ୍ରୀ ଶାଗମାଛ ଦାମ୍‌ରେ ବିକ୍ରି ହୁଏ ।

### ଗ୍ରାମାଞ୍ଚଳ ସୁବିଧା

ଚାଷୀଙ୍କ କଲ୍ୟାଣକୁ କେବଳ ଉତ୍ପାଦନ ଓ ମୂଲ୍ୟ ମଧ୍ୟରେ ତଉଲିବା ଠିକ୍‌ହେବନାହିଁ । ଏଥିପାଇଁ ଦୈନନ୍ଦିନ ଜୀବନରେ ସେବା ବ୍ୟବସ୍ଥାର ସ୍ଥିତିକୁ ମଧ୍ୟ ଦେଖିବାକୁ ପଡ଼ିବ । ଭାରତରେ ଅଧିକାଂଶ କାର୍ଯ୍ୟକ୍ରମରେ ସହରାଞ୍ଚଳ ଆଭିମୁଖ୍ୟ ଅଧିକ ଓ ଗ୍ରାମାଞ୍ଚଳ ପ୍ରତି ହେୟଭାବ ବେଶୀ ବୋଲି ଅଭିଯୋଗ ହୁଏ । ସେଥିପାଇଁ ମୌଳିକ ସୁବିଧା ସୁଯୋଗ, ଭିତ୍ତିଭୂମି ଓ ସୁଖସୁବିଧା ଆଦିରେ ସହରାଞ୍ଚଳ ଅଗ୍ରାଧିକାର ପାଏ । ଗ୍ରାମାଞ୍ଚଳ ଅବହେଳିତ ହୋଇ ରହେ । ଅନେକ ଦିନ ଯାଏ ଗରିବଙ୍କ କ୍ଷେତ୍ରରେ ମାନବସମ୍ବଳ ବିକାଶର ପରିକଳ୍ପନା ନ ଥିଲା । ଗ୍ରାମାଞ୍ଚଳ, ଯେଉଁଠି ସର୍ବାଧିକ ଗରିବ ଲୋକ ବାସ କରନ୍ତି, ସେଠାରେ ସ୍କୁଲ, ଡାକ୍ତରଖାନା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ଯୋଗାଣ ବ୍ୟବସ୍ଥା ଅତ୍ୟନ୍ତ ନୈରାଶ୍ୟଜନକ । ଗ୍ରାମାଞ୍ଚଳ ଲୋକଙ୍କ ପୁଷ୍ଟିସାଧନ ବ୍ୟବସ୍ଥା ଓ ଜୀବନଧାରଣର ମାନ ମଧ୍ୟ ଖରାପ । ଏଭଳି ବ୍ୟବସ୍ଥାରେ ରହୁଥିବା ଚାଷୀ ଓ କୃଷି ଶ୍ରମିକଙ୍କ ବିକାଶ ହେବ କେମିତି ? ଅବଶ୍ୟ ପରବର୍ତ୍ତୀ ସମୟରେ ସରକାରଙ୍କ ଏହି ଆଭିମୁଖ୍ୟରେ ପରିବର୍ତ୍ତନ ଘଟିଛି ଏବଂ ଗ୍ରାମାଞ୍ଚଳର ବିକାଶ ଏବଂ କୃଷିର ଉନ୍ନତି ଏବେ ଅଗ୍ରାଧିକାର ପାଇଛି । ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସୁସଂହତ କରାଯିବା ସହ ଯୋଗାଯୋଗ ଅଗ୍ରାଧିକାର ଲାଭ



## ନିମ୍ବ ଆସ୍ତରଣଯୁକ୍ତ ୟୁରିଆ

- ୨୦୧୫ ନୂଆ ୟୁରିଆନୀତି ଅଧୀନରେ ସମଗ୍ର ଦେଶରେ ୟୁରିଆ ସାରର ଉପଲବ୍ଧତା ସୁନିଶ୍ଚିତ କରିବାର ବ୍ୟବସ୍ଥା କରାଯାଇଛି ।
- ଏହି ଅନୁଯାୟୀ ସମସ୍ତ ପ୍ରକାର ୟୁରିଆ ସାରକୁ ନିମ୍ବ ଆବରଣ ଯୁକ୍ତ କରାଯାଉଛି । ଏହି ସାରର ବ୍ୟବହାର ଦ୍ୱାରା ବିଭିନ୍ନ ଫସଲ ଉତ୍ପାଦନ କ୍ଷେତ୍ରରେ ୫ରୁ ୧୭ ପ୍ରତିଶତ ପର୍ଯ୍ୟନ୍ତ ଅଭିବୃଦ୍ଧି ଲକ୍ଷ୍ୟ କରାଯାଇଛି ।
- ନିମ୍ବ ଆବରଣଯୁକ୍ତ ୟୁରିଆ ସାରର ପ୍ରଚଳନ ଦ୍ୱାରା ଅଣକୃଷି କ୍ଷେତ୍ରରେ ୟୁରିଆର ଉପଯୋଗକୁ ପ୍ରତିହତ କରାଯାଇ ଚାଷୀମାନଙ୍କ ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ୟୁରିଆ ଯୋଗାଇ ଦିଆଯାଇପାରୁଛି ।



## ଜଳସେଚନ ସୁବିଧା

- ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ (ଜଳସେଚନ) ଯୋଜନା ଅଧିନରେ ୨୮.୫ ଲକ୍ଷ ହେକ୍ଟର ଜମିକୁ ସାମିଲ କରାଯାଇଛି ।
- ପର୍ ଡ୍ରପ୍, ମୋର୍ କ୍ରପ୍ ଅର୍ଥାତ୍ ପ୍ରତ୍ୟେକ ବୁନ୍ଦା ଜଳରେ ଅଧିକ ଅମଳ ଲକ୍ଷ୍ୟ ହାସଲ ପାଇଁ ୨୦୧୪ରୁ ୧୭ ମସିହା ମଧ୍ୟରେ ୧୫.୮୬ଲକ୍ଷ ହେକ୍ଟର ଜମିକୁ ସୂକ୍ଷ୍ମ ଜଳସେଚନ ବ୍ୟବସ୍ଥାରେ ସାମିଲ କରାଯାଇଛି ।

କରିଛି। ଏଥିରେ ଏକାଧିକ ସଂଶୋଧନ କରାଯାଇ ପ୍ରକୃତ ହିତାଧିକାରୀଙ୍କ ପାଖରେ ଲାଭ ପହଞ୍ଚାଇବାର ଉଦ୍ୟମ ହେଉଛି।

ଗତ ଶତାବ୍ଦୀରେ ଭାରତରେ ରେଳ, ସଡ଼କ ଓ ମେଟ୍ରୋରେଳ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିଲେ ହେଁ ଏବେ ମଧ୍ୟ ୧୬ ଶତାଂଶ ଭାରତୀୟ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ବିଜୁଳି ଶକ୍ତି ଜୀବନକୁ ସୁଗମ କରେ ଓ ଅର୍ଥନୈତିକ କାର୍ଯ୍ୟକଳାପକୁ ବଢ଼ାଏ। ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଆବାସ, ଜଳ ଯୋଗାଣ, ଆବର୍ଜନା ନିଷ୍କାସନ ଓ ପାଇଖାନାର ଭୂମିକା ଅନସ୍ୱୀକାର୍ଯ୍ୟ। ଭାରତରେ ଏବେ ମଧ୍ୟ ୧୮ ଶତାଂଶ ଲୋକ ଏହି ସୁବିଧାରୁ ବଞ୍ଚିତ। ତ୍ୱରିତ ତଥ୍ୟ ପ୍ରେରଣ କ୍ଷେତ୍ରରେ ମୋବାଇଲ ଫୋନ୍, ଇଣ୍ଟରନେଟ୍ ଓ ମହାକାଶ ଜ୍ଞାନ କୌଶଳର ଭୂମିକା ଅଧିକ। ଏ କ୍ଷେତ୍ରରେ ଭାରତର ପ୍ରଦର୍ଶନ ଅବଶ୍ୟ ମନ୍ଦ ନୁହେଁ। ଏସବୁ ଭୌତିକ ଭିତ୍ତିଭୂମି ସାମାଜିକ ଜୀବନରେ କେବଳ ଉନ୍ନତି ଆଣେ ନାହିଁ ଏହା କୃଷିକ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଉତ୍ପାଦକତା ବୃଦ୍ଧି, ବିପଣନ ବ୍ୟବସ୍ଥା, ଉତ୍ପାଦିତ ସାମଗ୍ରୀକୁ ସାଇତି ରଖିବା, ଅପଚୟ ରୋକିବା ଏବଂ ମୂଲ୍ୟ ମିଶ୍ରଣରେ ଏହା ଉଲ୍ଲେଖନୀୟ ଅବଦାନ ଯୋଗାଏ।

ମହିଳାଙ୍କର ନିଜସ୍ୱ ସ୍ୱତନ୍ତ୍ର ଆବଶ୍ୟକତା ରହିଛି। ଚାଷୀ ପରିବାରର ମହିଳାମାନେ ଜମିରେ ଯେଉଁ କାମ କରନ୍ତି ସେମାନଙ୍କୁ ମଜୁରି ମିଳେ ନାହିଁ। ଅନେକ ଦରିଦ୍ରବର୍ଗର ମହିଳା ଅନ୍ୟଲୋକଙ୍କ ଧାନ ରୁଆ ଓ ଅନ୍ୟାନ୍ୟ ଚାଷ କାମରେ କମ୍‌ମଜୁରିରେ ମଧ୍ୟ କାମ କରନ୍ତି। ତେବେ ନୂଆ ଜ୍ଞାନକୌଶଳ ଆସିବା ପରେ ଅନେକ ମହିଳା କୃଷିକାର୍ଯ୍ୟରୁ ଓହରିଆସି ଅଧିକ ମଜୁରି ମିଳୁଥିବା କାର୍ଯ୍ୟରେ ଏବେ ସାମିଲ ହେଉଛନ୍ତି। ପୁରୁଷ ଶ୍ରମିକ ଓ କ୍ଷୁଦ୍ର ଚାଷୀ ଚାଷରୁ ମୁହଁ ଫେରାଇ ଅନ୍ୟାନ୍ୟ ଧନ୍ଦାରେ ଅଧିକ ପ୍ରବେଶ କରୁଥିବାରୁ ସେମାନଙ୍କ ପରିବାରର ମହିଳାମାନେ ନିଜେ ଚାଷବାସ ସମ୍ଭାଳୁଛନ୍ତି। ଏଥିପାଇଁ ସେମାନେ ଏକପ୍ରକାର ବାଧ୍ୟ ହେଉଛନ୍ତି। ଏହାକୁ ଚାଷର ମହିଳାକରଣ କୁହାଯାଉଛି। ଏହି ବର୍ଗର ମହିଳାଙ୍କ ସ୍ୱାସ୍ଥ୍ୟ, ଶିଶୁପାଳନ, ପରିବାର ପ୍ରତିପୋଷଣ ଓ କଲ୍ୟାଣ ପ୍ରତି ଆବଶ୍ୟକ ଦୃଷ୍ଟିଦିଆଯିବା ଉଚିତ।

### କୃଷକ କଲ୍ୟାଣ ପାଇଁ ନୂଆ ବାଟ

କୃଷିର ବିକାଶ ପାଇଁ ସରକାର କ୍ରମାଗତ ଭାବେ କିଛି ପଦକ୍ଷେପ ନେବା ଫଳରେ ଏଥିରେ ଉନ୍ନତି ଆସିଛି ଓ ଉତ୍ପାଦନ ବଢ଼ିଛି। ଉନ୍ନତମାନର ବିହନ, ରିଆତି ମୂଲ୍ୟରେ ସାର ଯୋଗାଣ, ଶସ୍ତାରେ ଶକ୍ତି ତଥା ଚାଷ ପାଇଁ ସ୍ୱଳ୍ପ ମୂଲ୍ୟରେ ଋଣ ଯୋଗାଣ ବ୍ୟବସ୍ଥା ଏବଂ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା ଆଦି ଚାଷରେ ଉନ୍ନତି ଆଣିଛି। ଏହାଦ୍ୱାରା କେତେକ କ୍ଷେତ୍ରରେ ଚାଷ ଲାଭଜନକ ହୋଇଛି। ତେବେ ଯେତେବେଳେ ଜଣାପଡ଼ିଲା ଯେ ସରକାର ଯୋଗାଉଥିବା ସୁବିଧା ସୁଯୋଗର ଲାଭ ନିର୍ଦ୍ଦିଷ୍ଟ କେତେକ ଆଗୁଆ ରାଜ୍ୟ ଉଠାଉଛନ୍ତି, ସେତେବେଳେ ଏହି ନୀତିରେ ସରକାର କେତେକ ପରିବର୍ତ୍ତନ ଆଣିଲେ। ଏବେ କୃଷି କ୍ଷେତ୍ରରେ ପଛୁଆ ଥିବା ଦେଶର ପୂର୍ବାଞ୍ଚଳ ଉପରେ ଅଗ୍ରାଧିକାର ଦିଆଯାଇଛି। ବର୍ଷା ଉପରେ ଅଧିକ ନିର୍ଭରଶୀଳ ଏହି ଅଞ୍ଚଳରେ ଜଳସେଚନ ବ୍ୟବସ୍ଥାରେ ଉନ୍ନତି, ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଫସଲ ଚାଷ ନୀତି, ଭଣ୍ଡାରଣ ବ୍ୟବସ୍ଥା, ଅଣଧାନ ଫସଲ ଚାଷ ସରକାରୀ ପ୍ରାଧାନ୍ୟ ଲାଭ କରିଛି। ସେଥିପାଇଁ ବିଜିଆର୍‌ଇଆଇ, ଆଇସୋପମ୍, ଏନ୍‌ଏଫ୍‌ଏସ୍‌ଏସ୍ ଓ ଡବ୍ଲ୍ୟୁଡିଆର୍‌ଏ ଆଦି କାର୍ଯ୍ୟକାରୀ ହେଉଛି। ଚାଷରେ ଏବେ ସହଣୀୟ ନୀତି ଅବଲମ୍ବନ କରାଯାଉଛି। ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଭାରତ ପ୍ୟାରିସ ଚୁକ୍ତିର ନୀତିନିୟମ ଅନୁସାରେ ନୂଆ କୃଷି ପଦ୍ଧତି ଅବଲମ୍ବନ କରୁଛି। ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତାକୁ ପୂରଣ କରିବା ବେଳେ ପ୍ରକୃତି ଯେତିକି ଉତ୍ପାଦନ ନିରନ୍ତର କରିବାକୁ ସକ୍ଷମ ତା'ଠାରୁ ଅଧିକ ଚାପ ନ ଦେବାକୁ ନିଷ୍ପତ୍ତି ନିଆଯାଇଛି।

ପ୍ରାକୃତିକ ଓ ଅନ୍ୟ କେତେକ ମନୁଷ୍ୟକୃତ ଦୁର୍ବିପାକରୁ ଫସଲ କ୍ଷତି ଜନିତ ପରିସ୍ଥିତିରେ ଚାଷୀକୁ ସୁରକ୍ଷା ଦେବା ପାଇଁ ବୀମା ଏକ ସଫଳ ବ୍ୟବସ୍ଥା। ତଦନୁସାରେ ଭାରତରେ କୃଷି ବୀମାକୁ ମୁଖ୍ୟତଃ ଉପଯୋଗ କରାଯାଇଛି। ଏ କ୍ଷେତ୍ରରେ ବିଭିନ୍ନ ଫସଲ ପାଇଁ ଅଞ୍ଚଳଭିତ୍ତିକ ନୀତି ଅବଲମ୍ବନ କରାଯାଇଥିବାବେଳେ



## ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ

- ମୃତ୍ତିକା ଅନୁଯାୟୀ ଫସଲ ଚାଷ ପାଇଁ କେନ୍ଦ୍ର ସରକାର ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦେଉଛନ୍ତି ।

- ବର୍ତ୍ତମାନ ସୁଦ୍ଧା ୬.୫କୋଟି ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଗାଇ ଦିଆଯାଇଥିବାବେଳେ ୨୦୧୮ ମସିହା ସୁଦ୍ଧା ସମସ୍ତ ଚାଷୀଙ୍କୁ ଏହା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି ।

ଭାଗଚାଷୀର ସ୍ୱାର୍ଥ ଯେପରି ସୁରକ୍ଷିତ ରହେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। କୃଷି ବୀମା ଉପରେ ସରକାର ଚାଷୀଙ୍କୁ ରିଆତି ଦେଉଛନ୍ତି। ତଥ୍ୟ ସଂଗ୍ରହରେ ନୂଆ ଜ୍ଞାନକୌଶଳର ଉପଯୋଗ କରାଯାଉଛି। ଉପଗ୍ରହ ଜରିଆରେ ପାଣିପାଗ ସଂକ୍ରାନ୍ତ ଆଗୁଆ ତଥ୍ୟ ପ୍ରଦାନ ବ୍ୟବସ୍ଥା ଚାଷୀଙ୍କ ପାଇଁ ବିଶେଷ ସହାୟକ ହୋଇଛି। ମରୁଡ଼ି ଘୋଷଣା ଏବେ ପାଣିପାଗ ବିଭାଗ ନ'କରି ରାଜ୍ୟ ସରକାରଙ୍କ ଉପରେ ସେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପାରମ୍ପରିକ ନିୟନ୍ତ୍ରଣ ବ୍ୟବସ୍ଥା ବିଫଳ ପ୍ରମାଣିତ ହେବାପରେ କୃଷିଜାତ ଦ୍ରବ୍ୟ ବିପଣନ କ୍ଷେତ୍ରରେ ସଂସ୍କାର ଅପରିହାର୍ଯ୍ୟ ହୋଇଥିଲା। ତେଣୁ ବଜାରକୁ ଦକ୍ଷ ଓ ପ୍ରତିଯୋଗିତାମୂଳକ କରିବା ପାଇଁ ସରକାର ଏପିଏମ୍‌ସି ଆଇନରେ ସଂଶୋଧନ କରିଛନ୍ତି। ଏହାଦ୍ୱାରା ଚାଷୀଙ୍କୁ ଅଧିକ ବିକଳ୍ପ ମିଳୁଛି। ଭଣ୍ଡାରଣ ଓ ଆବଣ୍ଟନ ବ୍ୟବସ୍ଥା ପାଇଁ ଅଧିକ ଅର୍ଥ ଓ ଉପଯୁକ୍ତ ତଦାରଖର ଆବଶ୍ୟକତା ଥିବାରୁ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ୨୦୧୩ ବଳରେ ଲୋକଙ୍କୁ ରିଆତି ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇବା ସରକାରଙ୍କ ପାଇଁ ବାଧ୍ୟତାମୂଳକ ହୋଇଥିବାରୁ ଏବାବଦରେ ବିପୁଳ ଅର୍ଥ ସରକାର ସବ୍‌ସିଡି ବାବଦରେ ବହନ କରିବେ। ତେଣେ କୃଷି କ୍ଷେତ୍ର ପାଇଁ ବିଭିନ୍ନ ରିଆତି ସରକାରଙ୍କ ଆର୍ଥିକ ବୋଝକୁ ଅଧିକ ଦୁର୍ବିସହ କରିବ। ଏହା ସତ୍ତ୍ୱେ ସରକାର ଚାଷୀଙ୍କ ଉନ୍ନତି ଓ ଖାଦ୍ୟନିରାପତ୍ତା ବ୍ୟବସ୍ଥାକୁ ସଫଳ କରିବାକୁ ପ୍ରଯତ୍ନଶୀଳ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସରକାର ଯେଉଁ ରିଆତି ଦେଉଛନ୍ତି ତାହା ପ୍ରକୃତ ହିତାଧିକାରୀଙ୍କ ପାଖରେ ନ ପହଞ୍ଚି ବାଟମାରଣା ହେଉଥିଲା। ଫଳରେ ସରକାର ବିପୁଳ କ୍ଷତିର ସମ୍ମୁଖୀନ ହେଉଥିଲେ। ଏବେ ହିତାଧିକାରୀଙ୍କ ବ୍ୟାଙ୍କଖାତା, ଆଧାରକାର୍ଡକୁ ସଂଯୋଗ କରାଯାଇଛି। ହିତାଧିକାରୀଙ୍କ ବାୟୋମେଟ୍ରିକକୁ ଏବେ ଏଥିରେ ଯୋଡ଼ାଯିବା ଫଳରେ ପ୍ରକୃତ ହିତାଧିକାରୀଙ୍କ ଖାତାକୁ ସବ୍‌ସିଡି ବାବଦ ଅର୍ଥ ଯାଇପାରିବ। ଏଲ୍‌ପିଜି ଆବଣ୍ଟନ କ୍ଷେତ୍ରରେ ଏହି ବ୍ୟବସ୍ଥା ଲାଗୁ ହେବା ପରେ ସରକାର ବିପୁଳ ଅର୍ଥ ସଞ୍ଚୟ କରିପାରିଛନ୍ତି। ଏହାଛଡ଼ା ସରକାର ସାମାଜିକ ସୁରକ୍ଷା ପାଇଁ ଲୋକଙ୍କୁ ପ୍ରତି ମାସରେ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଯୋଗାଇବାକୁ ବିଚାର କରୁଛନ୍ତି।

ସରକାର ଚାଷୀଙ୍କ ସ୍ଥିତିରେ ଉନ୍ନତି ଆଣିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏକାଧିକ ଗ୍ରାମ୍ୟଉନ୍ନୟନ କାର୍ଯ୍ୟକ୍ରମ ମୁଖ୍ୟତଃ ଚାଷୀ କୈନ୍ଦ୍ରୀକ ହୋଇଛି। ଏହାଛଡ଼ା ଏନ୍‌ଆର୍‌ଏଲ୍‌ଏମ୍, ଇ-ନାମ୍, ଏନଏସ୍‌ଏପି, ଇନ୍ଦିରାଆବାସ, ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଭିନ୍ନ ଜଳସେଚନ ଯୋଜନା, ମନରେଗା, ପବ୍ଲିକ୍ ୱାର୍କ୍ସ ପ୍ରୋଗ୍ରାମ ଆଦି ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଛି ଯାହା ପ୍ରତ୍ୟକ୍ଷଭାବେ କୃଷିଜୀବୀଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ। ଏହାଦ୍ୱାରା ଗ୍ରାମାଞ୍ଚଳରେ ଶ୍ରମିକଙ୍କୁ ସର୍ବନିମ୍ନ ଆୟ ଓ ମୌଳିକ ସୁବିଧା ଯୋଗାଣର

ବ୍ୟବସ୍ଥା କରାଯାଇଛି । କେତେକ କ୍ଷେତ୍ରରେ ଲୋକଙ୍କୁ କାମ କରିବାର ଆଇନଗତ ଅଧିକାର ମିଳିଛି । ତେବେ କେତେକ କ୍ଷେତ୍ରରେ ସରକାର ଯୋଜନାଗୁଡ଼ିକ ପାଇଁ ଅତିକମ୍ ଅର୍ଥ ବରାଦ କରିଥିବାରୁ ଏହା ବିବାଦ ସୃଷ୍ଟି କରିଛି । ସେହିଭଳି କାମର ମାନ ନେଇ ମଧ୍ୟ ଅନେକଙ୍କର ଆପତ୍ତି ରହିଛି । ଏସବୁ ସତ୍ତ୍ୱେ ସରକାରଙ୍କ ଏହି ପ୍ରୟାସର ସଫଳ ରୂପାୟନ ଉପରେ ଅନେକ କିଛି ନିର୍ଭର କରୁଛି । ସରକାରଙ୍କର ଏସବୁ ନାନାବିଧ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳରେ ସ୍ଥାୟୀ ସମ୍ବଳ ସୃଷ୍ଟି ହେବା ସହ ଲୋକଙ୍କ ଜୀବନଧାରଣର ମାନରେ କ୍ରମଶଃ ଉନ୍ନତି ଆସିପାରିବ । ଲୋକଙ୍କ ନିଯୁକ୍ତି ସୁଯୋଗ ବଢ଼ିବା ସହ ଉତ୍ପାଦକତା ବଢ଼ିବ ଓ କୌଶଳ ବିକାଶ ପାଇଁ ସୁଯୋଗ ସୃଷ୍ଟି ହେବ ।

### ଉପସଂହାର

ଦୀର୍ଘ କାଳ ଧରି ଚାଷୀଙ୍କ ଆୟ ନିରାପତ୍ତା ଉପଭୋକ୍ତା କଲ୍ୟାଣ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେଉଥିଲା । ଅର୍ଥାତ୍ ଉପଭୋକ୍ତାଙ୍କ ଉପଭୋଗ ବା ଉପଯୋଗ ବଢ଼ିଲେ ଚାଷୀର ଆୟ ବଢୁଥିଲା । ଏବେ ବଜାର ସଂସ୍କାର ବ୍ୟବସ୍ଥା ଓ ବଜେଟ କଟକଣା ଫଳରେ ସମଗ୍ର ପ୍ରସଙ୍ଗଟି ଓଲଟି ଯାଇଛି । ଏବେ ସବୁ ନାଗରିକଙ୍କ ସର୍ବନିମ୍ନ କଲ୍ୟାଣକୁ ଏକ ଅଧିକାର ଭାବେ ଦେଖାଯାଉଛି । ସରକାର ଏବେ ଚାଷୀଙ୍କ ପାଇଁ ଏକ ବଜାର ତିଆରିର ବ୍ୟବସ୍ଥା କରିପାରିବେ ଯାହା ବେଶ୍ ସଫଳତାର ସହ ଚାଲି ମଧ୍ୟ ପାରିବ । ମାତ୍ର ଏକ ମୁକ୍ତ ବଜାର ବ୍ୟବସ୍ଥାରେ ଚାଷୀର ଆୟ କ'ଣ ହେବ ଓ ଉତ୍ପାଦିତ ସାମଗ୍ରୀର ମୂଲ୍ୟ କେତେକ ରହିବ ତାହାକୁ ନିୟନ୍ତ୍ରଣ କରିବା ସରକାରଙ୍କ ପକ୍ଷେ ସହଜ ନୁହେଁ ।

### କୃଷି କ୍ଷେତ୍ରରେ ରେକର୍ଡ ଉତ୍ପାଦନ




### କୃଷି ବିକାଶ

- ଦେଶର କୃଷି ବିକାଶ ହାର ୨୦୧୨-୧୩ ମସିହାରେ ୧.୫ ପ୍ରତିଶତ ଥିବାବେଳେ ୨୦୧୬-୧୭ ଆର୍ଥିକ ବର୍ଷ ବେଳକୁ ତାହା ବୃଦ୍ଧି ପାଇ ୪.୧ ପ୍ରତିଶତରେ ପହଞ୍ଚିଛି ।
- କୃଷି ଉତ୍ପାଦନ କ୍ଷେତ୍ରରେ ୨୦୧୬-୧୭ ମସିହାରେ ରେକର୍ଡ ପରିମାଣର ଖାଦ୍ୟ ଶସ୍ୟ ଉତ୍ପାଦିତ ହୋଇଛି ।

ତଥାପି ରାଷ୍ଟ୍ର ଚାଷୀଙ୍କ ସାମାଜିକ ନିରାପତ୍ତା ଓ ଲୋକଙ୍କ ଖାଦ୍ୟ ନିରାପତ୍ତାର ସ୍ୱାଭାବିକ ସୁରକ୍ଷାକାରୀ । ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସୁରକ୍ଷିତ ରଖିବା, ସେମାନଙ୍କ ପାଇଁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି, ସାମାଜିକ ସୁବିଧା ସୁଯୋଗ ଯୋଗାଣ, ସୂଚନା ପ୍ରଦାନ ଆଦି ସରକାରଙ୍କ ଦାୟିତ୍ୱ । ଟିକସ ପ୍ରଦାନ କରୁଥିବା ନାଗରିକ, ଯେଉଁମାନେ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଦ୍ୱାରା ଉପକୃତ ହେଉଛନ୍ତି । ଘରୋଇ କ୍ଷେତ୍ର ଯାହାକି କୃଷିକ୍ଷେତ୍ରର ଉପଲବ୍ଧ ବଳରେ ସମୃଦ୍ଧ-ଏହି ପ୍ରୟାସରେ ସମ୍ପୃକ୍ତ ହେବା ଆବଶ୍ୟକ । ଭବିଷ୍ୟତରେ ଚାଷ ଏକ ଉଦ୍ୟୋଗରେ ପରିଣତ ହେବ ଏବଂ ଅନ୍ୟାନ୍ୟ ବର୍ଦ୍ଧିତ ଉଦ୍ୟୋଗ ସହ ସଂଯୁକ୍ତ ହେବ ଏହା ଦେଖାଯାଉଛି । ଏହାଦ୍ୱାରା ଭୂମି ଓ ଜୀବିକା ଉପରେ ପଡୁଥିବା ଚାପ ହ୍ରାସ ପାଇବ । ଟେକ୍‌ନୋଲୋଜି ପରିଚାଳିତ ପ୍ରଶାସନିକ ବ୍ୟବସ୍ଥାର ପ୍ରଚଳନ ଯେବେ ହେବ ସେତେବେଳେ ରାଷ୍ଟ୍ରର ତଦାରଖକାରୀ ଭୂମିକା ଲାଘବ ହେବ । ଚାଷୀ ସେତେବେଳେ ଜଣେ ନାଗରିକ ଭାବେ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଜିଇଁବାର ଅଧିକାର ପାଇବ ଓ ବଜାରରେ ନିଜର ଦକ୍ଷତା ପ୍ରତିପାଦନ କରିବାକୁ ସମର୍ଥ ହେବ ।

ନୂଆଦିଲ୍ଲୀସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇକୋନମିକ୍ ଗ୍ରୋଥରେ ଲେଖିକା ଜଣେ ପ୍ରାଧ୍ୟାପିକା

# ସାମାଜିକ ନିରାପତ୍ତାରେ ଆନ୍ତର୍ଜାତିକ ସ୍ଥିତି ଓ ଭାରତ

ବିଶେଷ ପ୍ରବନ୍ଧ

ଚନ୍ଦ୍ରକାନ୍ତ ଲହରିୟା

ସାମାଜିକ ନିରାପତ୍ତା କଥାଟି ଭିନ୍ନ ପ୍ରେକ୍ଷାପଟ ଓ ଭିନ୍ନ ପ୍ରସଙ୍ଗରେ ନାନା ଭାବେ ବ୍ୟବହୃତ ଦୁଇଟି ଶବ୍ଦ ଯାହା ମୋଟାମୋଟି ସାମାଜିକ ନିରାପତ୍ତା, ସାମାଜିକ କଲ୍ୟାଣ ବା ସେହିଭଳି କିଛି ବିଷୟକୁ ବୁଝାଏ। ତେବେ ସୋସିଆଲ ସିକ୍ୟୁରିଟି ବା ସାମାଜିକ ନିରାପତ୍ତା ଶବ୍ଦ ଦୁଇଟି ପ୍ରାୟତଃ ସାଧାରଣରେ ଅଧିକ ବ୍ୟବହୃତ ହୋଇଥାଏ। ୧୯୯୮ରେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଗୃହୀତ ପ୍ରସ୍ତାବ ୨୧୬ ଯେଉଁ ସାର୍ବଜନୀନ ମାନବାଧିକାର ଘୋଷଣାନାମାକୁ ଅନୁମୋଦିତ କରିଛି ସେଥିରେ ଏହି ସାମାଜିକ ନିରାପତ୍ତା ବ୍ୟବସ୍ଥାର ପରିକଳ୍ପନା ରହିଛି। ଏହି ଘୋଷଣାନାମାର ଧାରା ୨୨ ଅନୁସାରେ "ପ୍ରତ୍ୟେକ, ସମାଜର ଜଣେ ସଦସ୍ୟ ହିସାବରେ ସାମାଜିକ ସୁରକ୍ଷା ପାଇବାକୁ ଅଧିକୃତ। ତାଙ୍କୁ ସେହି ନିରାପତ୍ତା ସଂପୃକ୍ତ ରାଷ୍ଟ୍ର ତାହାର ସଂଗଠନ ଓ ସମ୍ବଳ ଅନୁସାରେ ଜାତୀୟ ଓ ଆନ୍ତର୍ଜାତିକ ସହଯୋଗରେ ଏହି ଅଧିକାର ଯୋଗାଇ ତାଙ୍କର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅଧିକାରକୁ ସୁରକ୍ଷିତ କରିବା ସହ ମର୍ଯ୍ୟାଦାବନ୍ତ ଭାବେ ବଞ୍ଚିବା ସହ ନିଜ ବ୍ୟକ୍ତିତ୍ୱର ବିକାଶ ପାଇଁ ସୁଯୋଗ ସୁବିଧା ଯୋଗାଇବାକୁ ବାଧ୍ୟ। ଏହି ଘୋଷଣାନାମାର ଧାରା ୨୩ରେ କୁହାଯାଇଛି ଯେ "ପ୍ରତ୍ୟେକ ଯିଏ କାମ କରନ୍ତି .... ଦରକାର ପଡ଼ିଲେ ତାଙ୍କୁ ଅତିରିକ୍ତ ଭାବେ ସାମାଜିକ ନିରାପତ୍ତାର ଅନ୍ୟ ଉପାୟ ଯୋଗାଇ ଦେବାକୁ ହେବ।" ଆନ୍ତର୍ଜାତିକ ସ୍ତରରେ ସାର୍ବଜନୀନ ମାନବାଧିକାର ଘୋଷଣାନାମାର ଧାରା ୨୨ ସାମାଜିକ ସୁରକ୍ଷାର ଏକ ମୌଳିକ ପାଳନୀୟ ନିୟମ ଭାବେ ବିବେଚିତ ହୁଏ।

> ସାରା ବିଶ୍ୱରେ ସାମାଜିକ ନିରାପତ୍ତା ବ୍ୟବସ୍ଥାକୁ ଦରିଦ୍ର, ଅସହାୟ, ଦୁର୍ବଳ ଓ ବିପଦପ୍ରବଣ ଲୋକଙ୍କ ପାଇଁ ଏକ ସୁରକ୍ଷାକବଚ ଭାବେ ଦେଖା ଯାଉଛି। ଏହି ସୁରକ୍ଷା ଓ ସହାୟତା ଯୋଗୁଁ ସଂପୃକ୍ତ ବର୍ଗର ଲୋକ କେବଳ ବିପଦ ଆପଦରେ ସୁରକ୍ଷିତ ହେଉନାହାନ୍ତି, ସମାଜରେ ମର୍ଯ୍ୟାଦାର ସହ ବଞ୍ଚିବାର ସୁଯୋଗ ପାଉଛନ୍ତି। ଏହା କ୍ଷୁଧା, ଦାରିଦ୍ର୍ୟ, ସାମାଜିକ ଅସମତା ଦୂର କରିବା ସହ ମାନବିକ ମର୍ଯ୍ୟାଦାକୁ ମଜବୁତ କରୁଛି। ଏହା ଫଳରେ ଗଣତନ୍ତ୍ର ସୁଦୃଢ଼ ହେଉଛି। ଜାତିସଂଘର ସହସ୍ରାବ୍ଦ ବିକାଶ ଲକ୍ଷ୍ୟ ବା ଏମ୍‌ଡିଜିଏସ୍ ଓ ଏବେକାର ସହଣୀୟ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ରେ ମଧ୍ୟ ସାମାଜିକ ନିରାପତ୍ତା ଅଗ୍ରାଧିକାର ପାଇଛି।ଯାହା ଦେଖାଯାଉଛି, ସାମାଜିକ ନିରାପତ୍ତା ବ୍ୟବସ୍ଥାର କାର୍ଯ୍ୟକାରିତା ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରରେ ମନ୍ଥର ବେଗରେ ଚାଲିଛି।

### ସାମାଜିକ ନିରାପତ୍ତାର କ୍ରମବିକାଶ

ସାମାଜିକ ନିରାପତ୍ତାର କାହାଣୀ ଇତିହାସକାରଙ୍କ ଦ୍ୱାରା ପ୍ରାଚୀନ କାଳରୁ ଲିପିବଦ୍ଧ ହୋଇ ଆସିଛି ଯେଉଁଠି ରାଜା ଓ ସମ୍ରାଟମାନେ ଜନକଲ୍ୟାଣ ଉଦ୍ଦେଶ୍ୟରେ ଏସବୁ ପଦକ୍ଷେପ ନେଇଥିଲେ। ତେବେ ଆଧୁନିକ ସାମାଜିକ ସୁରକ୍ଷା ବ୍ୟବସ୍ଥା ଉନ୍ନବିଂଶ ଶତାବ୍ଦୀରେ ପ୍ରଥମେ ଜର୍ମାନୀରେ ଆରମ୍ଭ ହୋଇଥିଲା। ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରଚଳନ କ୍ଷେତ୍ରରେ ଜର୍ମାନୀ ମାର୍ଗଦର୍ଶକ ବୋଲି ବିଚାର କରାଯାଏ। ଜର୍ମାନୀର ଚାନ୍‌ସେଲର ଅଟ୍ଟୋଭନ ବିସମାର୍କଙ୍କ ନେତୃତ୍ୱରେ ସେ ଦେଶରେ ବିଭିନ୍ନ ସାମାଜିକ ସୁରକ୍ଷା ବ୍ୟବସ୍ଥା ଆରମ୍ଭ ହୋଇଥିଲା। ସେଥିମଧ୍ୟରୁ ଶ୍ରମିକଙ୍କ କ୍ଷତିପୂରଣ ଯୋଜନା (୧୮୮୪), ଅସୁସ୍ଥତା ବୀମା ଯୋଜନା (୧୮୮୮) ଓ ସାମାଜିକ ବୀମା ଯୋଜନା (୧୮୮୯) ଅନ୍ୟତମ।

ପ୍ରାୟ ସେହି ସମୟରେ (୧୮୯୭) ବ୍ରିଟେନରେ କର୍ମଚାରୀ/ଶ୍ରମିକ କ୍ଷତିପୂରଣ ଆଇନ କାର୍ଯ୍ୟକାରୀ ହେଲା। ଏହାପରେ ଆସିଲା (୧୯୧୧) ଜାତୀୟ ବୀମା ଆଇନ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବ୍ରିଟେନରେ ପ୍ରଥମ କରି ଏକୀକୃତ ସାମାଜିକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ହେଲା। ଏହାର ଶ୍ରେୟ ମୁଖ୍ୟତଃ ଉଇଲିୟମ ହେନେରୀ ବିଭରିଜ୍‌ଙ୍କୁ ଯାଏ। ବିଭରିଜ୍ ଜଣେ ବ୍ରିଟିଶ ଅର୍ଥନୀତିଜ୍ଞ, ପ୍ରଗତିଶୀଳ ଚିନ୍ତକ ତଥା ସମାଜ ସଂସ୍କାରକ ଥିଲେ। ସେ ସରକାରଙ୍କୁ ଏ ସମ୍ପର୍କରେ ଯେଉଁ ରିପୋର୍ଟ ଦେଇଥିଲେ ତାହା ବିଭରିଜ୍ ପ୍ଲାନ ନାମରେ ପରିଚିତ। ତାଙ୍କ ଯୋଜନା ଅନୁସାରେ ବ୍ରିଟେନରେ ଯେଉଁ ଜାତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଆସୁଛି ତାହା ସମଗ୍ର ବିଶ୍ୱ ପାଇଁ ଏକ ଆଦର୍ଶ ହୋଇଛି।

**ଟେବୁଲ-୧**

**ବଛାବଛା କେତେକ ଦେଶର ସାମାଜିକ ନିରାପତ୍ତା ବ୍ୟବସ୍ଥାର ସାରାଂଶ**

| | |
|---|---|
| ଅଷ୍ଟ୍ରେଲିଆ | ଅଷ୍ଟ୍ରେଲିଆର ସାମାଜିକ ନିରାପତ୍ତା ବ୍ୟବସ୍ଥା ବ୍ୟାପକ। ଏଥିରେ ବ୍ୟକ୍ତିବିଶେଷ / ପରିବାର, ଶିଶୁ, ଭିନ୍ନକ୍ଷମ, ବେକାର, ରୋଗୀ, ନବଜାତକର ଯତ୍ନ ନେଉଥିବା ପିତାମାତା, ସମସ୍ତଙ୍କୁ ସହାୟତା ଦେବାର ବ୍ୟବସ୍ଥା ଅଛି। ଏହାଛଡ଼ା ପାରମ୍ପରିକ ଉପଭୋକ୍ତା, ସେବାନିବୃତ୍ତ ବ୍ୟକ୍ତି, ଛାତ୍ରଛାତ୍ରୀ, ସେବାଯତ୍ନକାରୀ, ଆଦିମ ଅଧିବାସୀ ଏହାର ଅନ୍ତର୍ଭୁକ୍ତ। |
| ଚୀନ | କେନ୍ଦ୍ର ଦ୍ୱାରା ପ୍ରଣିତ ଆଇନ ଅନୁସାରେ ପ୍ରଦେଶମାନେ ସାମାଜିକ ସୁରକ୍ଷା ନୀତି କାର୍ଯ୍ୟକାରୀ କରନ୍ତି। ଏଠାରେ ନାନାବିଧ ସାମାଜିକ ସୁରକ୍ଷା ନୀତି କାର୍ଯ୍ୟକାରୀ ହେଉଛି। ଏହା ଫଳରେ ଚୀନର ଅଭିବୃଦ୍ଧି ଓ ବିକାଶ ଉଲ୍ଲେଖନୀୟ ହୋଇଛି। ସରକାର ଏବାବଦ ସବୁ ଖର୍ଚ୍ଚ ପ୍ରାୟତଃ ବହନ କରନ୍ତି। |
| କ୍ୟୁବା | କ୍ୟୁବାରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରାୟ ସାର୍ବଜାନନ। ଏବାବଦ ଅଧିକାଂଶ ଖର୍ଚ୍ଚ ସରକାର ବହନ କରନ୍ତି। ଏହି ବ୍ୟବସ୍ଥା ଅନ୍ୟାନ୍ୟ ଉନ୍ନତ ଦେଶର ବ୍ୟବସ୍ଥା ସହ ସମକକ୍ଷ। ଖୁବ୍ କମ୍ ଦିନରେ କ୍ୟୁବା ସରକାର ଏହି ଯୋଜନା ଦେଶରେ ସଫଳତାର ସହ କର୍ଯ୍ୟକାରୀ କରିଛନ୍ତି। |
| ଜାପାନ | ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ଦେଶର ପ୍ରାୟ ସବୁ ଲୋକ ଅନ୍ତର୍ଭୁକ୍ତ। ଏହି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ। ମୌଳିକ ଜୀବନଧାରଣ ଖର୍ଚ୍ଚ, ଆବାସିକ ବ୍ୟୟ, ବାଧ୍ୟତାମୂଳକ ଶିକ୍ଷା, ଦକ୍ଷତା ବିକାଶ ତାଲିମ ବାବଦ ଖର୍ଚ୍ଚ. ସ୍ୱାସ୍ଥ୍ୟବୀମା, ଅନ୍ତେଷ୍ଟି ଆଦି ଖର୍ଚ୍ଚ ସରକାର ବହନ କରନ୍ତି। ବୃଦ୍ଧ / ବୃଦ୍ଧାଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ବ୍ୟବସ୍ଥା ମଧ୍ୟ ରହିଛି। ଏ କ୍ଷେତ୍ରରେ ଜାପାନ ବିଶ୍ୱରେ ଏକ ଆଦର୍ଶ ସୃଷ୍ଟି କରିଛି। |
| ଫିଲିପାଇନ୍ସ | ଦେଶର ସାମାଜିକ ସୁରକ୍ଷା ବ୍ୟବସ୍ଥା ବାବଦ ବ୍ୟୟ ରାଷ୍ଟ୍ର ବହନ କରେ। ଘରୋଇ, ବୃତ୍ତିଗତ ଓ ଅଣ ଆନୁଷ୍ଠାନିକ ଉଦ୍ୟୋଗ ପାଇଁ ବୀମା ବ୍ୟବସ୍ଥା ପ୍ରଚଳନ। ମେଡିକେୟାର ବ୍ୟବସ୍ଥା ସରକାରୀ ଓ ବେସରକାରୀ କର୍ମଚାରୀଙ୍କ ପାଇଁ ରହିଛି। ସ୍ୱତନ୍ତ୍ର ପେନ୍‌ସନ୍ ବ୍ୟବସ୍ଥା ପ୍ରଚଳିତ। |

୧୯୦୦ରୁ ୧୯୨୦ ମଧ୍ୟରେ ଆମେରିକାରେ ବୟସ୍କ ଲୋକଙ୍କୁ ସହାୟତା ବା ପେନ୍‌ସନ୍ ଦେବାର ବିଚାର ଉଦ୍ରେକ ହେଲା ଏବଂ ତଦନୁସାରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ବ୍ୟବସ୍ଥା କରାଗଲା। ଏହା ପରେ ପରେ ଆର୍ଥିକ ସୁରକ୍ଷା ଓ ସାମାଜିକ ସୁରକ୍ଷା ପ୍ରଦାନ ବ୍ୟବସ୍ଥା ସରକାର ଆରମ୍ଭ କଲେ। ଶେଷରେ ଏସବୁକୁ ମିଶାଇ ୧୯୩୫ରେ ସାମାଜିକ ନିରାପତ୍ତା ଆଇନ ପ୍ରଣିତ ହୋଇ ରାଷ୍ଟ୍ରପତି ଫ୍ରାଙ୍କ୍‌ଲିନ୍ ରୁଜଭେଲ୍ଟଙ୍କ ଦ୍ୱାରା କାର୍ଯ୍ୟକାରୀ ହେଲା। ଏହାପରେ ୧୯୪୩ରେ ସେ ଦେଶରେ ସଂଯୁକ୍ତ ସାମାଜିକ ବୀମା ବ୍ୟବସ୍ଥା ପ୍ରବର୍ତ୍ତନ ହୋଇଥିଲା। ଫ୍ରାନ୍ସରେ ୧୯୪୬ରେ ପି.ଲାରକ୍‌ଙ୍କ ଦ୍ୱାରା ଜାତୀୟ ସାମାଜିକ ନିରାପତ୍ତା ବ୍ୟବସ୍ଥା ପ୍ରସ୍ତୁତ ହୋଇ ଦେଶର ସବୁ ନାଗରିକଙ୍କୁ ଏହାର ଅନ୍ତର୍ଭୁକ୍ତ କରାଗଲା।

**ପ୍ରତ୍ୟେକ ଦେଶରେ ସାମାଜିକ ନିରାପତ୍ତା ବ୍ୟବସ୍ଥା ନିର୍ଦ୍ଦିଷ୍ଟ କେତେକ ସ୍ଥିରୀକୃତ ଜନସଂଖ୍ୟାକୁ ନେଇ ଆରମ୍ଭ କରାଯାଇଥାଏ। ଏହାର ସଫଳତାକୁ ଦେଖି ଏହାକୁ ଅନ୍ୟାନ୍ୟ ଅଞ୍ଚଳକୁ ସଂପ୍ରସାରିତ କରାଯାଏ। ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରରେ ଏବାବଦରେ ଆବଶ୍ୟକ ପାଣ୍ଠି ଯୋଗାଣର ଅସୁବିଧା ହେତୁ ଏହା ସୀମିତ ସ୍ତରରେ କାର୍ଯ୍ୟକାରୀ ହେଉଛି। କାଗଜକଲମରେ ଏହି ଯୋଜନା ଭଲ ଦେଖାଯାଉଥିଲେ ହେଁ ଜନସଂଖ୍ୟାର ଏକ ବିରାଟ ଭାଗ ଏହାଦ୍ୱାରା ଉପକୃତ ହୋଇପାରୁନାହିଁ। ଯେଉଁ ଦୁର୍ବଳ ଓ ଅନଗ୍ରସରବର୍ଗଙ୍କୁ ଚିହ୍ନଟ କରିବା କଥା ସେହି ଚିହ୍ନଟ ପ୍ରକ୍ରିୟା ଠିକଣା ଭାବେ ହୋଇପାରୁ ନ ଥିବାରୁ ଯୋଜନାର ଲକ୍ଷ୍ୟ ଭଣ୍ଡୁର ହେଉଛି।ଅତଏବ ଏହାକୁ ସାର୍ବଜନୀନ ବୋଲି କୁହାଯାଇପାରିବ ନାହିଁ। ଏହାର ସଫଳତା ପାଇଁ ଆବଶ୍ୟକ ସମ୍ବଳ ଏବଂ ଦେଶର ଦକ୍ଷତା ସହିତ ଏହାର ନିୟମିତ ତଦାରଖ ଓ ଉଚିତ ରୂପାୟନ ଆଦି ଉପରେ ଗୁରୁତ୍ୱ ଦେବାକୁ ହେବ।**

ପ୍ରାୟ ଏହି ସମୟରେ ଆନ୍ତର୍ଜାତିକ ଶ୍ରମ ସଂଗଠନ ଓ ମିଳିତ ଜାତିସଂଘ ଆନ୍ତର୍ଜାତିକ ଆଇନ ଏବଂ ପରମ୍ପରାରେ ସାମାଜିକ ନିରାପତ୍ତା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଇଥିଲେ। ସାମାଜିକ ସୁରକ୍ଷା ଓ ନିରାପତ୍ତାକୁ ନିଶ୍ଚିତ କରିବା ପାଇଁ ୧୯୪୪ରେ ଆନ୍ତର୍ଜାତିକ ଶ୍ରମ ସଂଗଠନ ଏକ ଘୋଷଣାନାମା ପ୍ରକାଶ କଲା। ଏଥିରେ ସ୍ୱାସ୍ଥ୍ୟ ସେବା ଓ ସାମାଜିକ ସୁରକ୍ଷା ଯୋଗାଣ ରାଷ୍ଟ୍ରଙ୍କ ନିମନ୍ତେ ବାଧ୍ୟତାମୂଳକ ହେଲା। ୧୯୫୨ରେ ଶ୍ରମ ସଂଗଠନ ସାମାଜିକ ନିରାପତ୍ତା ସଂକ୍ରାନ୍ତ ଘୋଷଣାନାମାକୁ ଅନୁମୋଦନ କରିଥିଲା। ତଦନୁସାରେ ବିଶ୍ୱର ରାଷ୍ଟ୍ରସମୂହ ନିଜ ନିଜର ନାଗରିକଙ୍କ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ କେତେକ ନିରାପତ୍ତା ଯୋଗାଇ ଦେବାକୁ ରାଜି ହୋଇ କାର୍ଯ୍ୟ ଆରମ୍ଭ କଲେ।

### ଆନ୍ତର୍ଜାତିକ ଅନୁଭୂତିରୁ ଶିକ୍ଷା

ସାରା ବିଶ୍ୱରେ ସାମାଜିକ ନିରାପତ୍ତା ବ୍ୟବସ୍ଥାକୁ ଦରିଦ୍ର, ଅସହାୟ, ଦୁର୍ବଳ ଓ ବିପଦପ୍ରବଣ ଲୋକଙ୍କ ପାଇଁ ଏକ ସୁରକ୍ଷାକବଚ ଭାବେ ଦେଖାଯାଉଛି। ଏହି ସୁରକ୍ଷା ଓ ସହାୟତା

ଯୋଗୁଁ ସଂପୃକ୍ତ ବର୍ଗର ଲୋକ କେବଳ ବିପଦ ଆପଦରେ ସୁରକ୍ଷିତ ହେଉନାହାନ୍ତି, ସମାଜରେ ମର୍ଯ୍ୟାଦାର ସହ ବଞ୍ଚିବାର ସୁଯୋଗ ପାଉଛନ୍ତି। ଏହା କ୍ଷୁଧା, ଦାରିଦ୍ର୍ୟ, ସାମାଜିକ ଅସମତା ଦୂର କରିବା ସହ ମାନବିକ ମର୍ଯ୍ୟାଦାକୁ ମଜବୁତ କରୁଛି। ଏହା ଫଳରେ ଗଣତନ୍ତ୍ର ସୁଦୃଢ଼ ହେଉଛି। ଜାତିସଂଘର ସହସ୍ରାବ୍ଦ ବିକାଶ ଲକ୍ଷ୍ୟ ବା ଏମ୍‌ଡିଜିଏସ୍ ଓ ଏବେକାର ସହଣୀୟ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ରେ ମଧ୍ୟ ସାମାଜିକ ନିରାପତ୍ତା ଅଗ୍ରାଧିକାର ପାଇଛି।

ଯାହା ଦେଖାଯାଉଛି, ସାମାଜିକ ନିରାପତ୍ତା ବ୍ୟବସ୍ଥାର କାର୍ଯ୍ୟକାରିତା ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରରେ ମନ୍ଥର ବେଗରେ ଚାଲିଛି। ୨୦୧୪ରେ ଆଇଏଲ୍‌ଓ ଦ୍ୱାରା ପ୍ରକାଶିତ ଏକ ତଥ୍ୟ ଅନୁସାରେ ବିଶ୍ୱର ମାତ୍ର ୨୭ ଶତାଂଶ ଲୋକଙ୍କୁ ସାମାଜିକ ନିରାପତ୍ତା ମିଳୁଛି। ଏହି ବ୍ୟବସ୍ଥାରେ ଦୁଇଟି ପ୍ରମୁଖ ପ୍ରତିବନ୍ଧକ ମଧ୍ୟ ପ୍ରାୟତଃ ଦୃଷ୍ଟିଗୋଚର ହେଉଛି। ସେ ଦୁଇଟି ହେଲା ସାମାଜିକ ନିରାପତ୍ତା ଯୋଗାଣ ପାଇଁ ଆବଶ୍ୟକ ପାଣ୍ଠିର ବ୍ୟବସ୍ଥା ଓ ତାହାକୁ ଯୋଗାଇ ରଖିବା ସହ ସାର୍ବଜନୀନ କରିବାରେ ନାନାବିଧ ଅସୁବିଧା।

**ବିକଶିତ ଦେଶରେ ଏହି କାର୍ଯ୍ୟକ୍ରମରେ ଯେଉଁ ଏକ ପ୍ରମୁଖ ଅସୁବିଧା ଦେଖାଦେଉଛି ତାହା ହେଲା ଉପାନ୍ତ ହିତାଧିକାରୀଙ୍କୁ ଚିହ୍ନଟ କରି ସୁଫଳ ଯୋଗାଇଦେବା ପାଇଁ ଆନୁଷ୍ଠାନିକ ଦକ୍ଷତାର ଅଭାବ। ଅଧିକାଂଶ ଧାର୍ଯ୍ୟ ହିତାଧିକାରୀ ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତଥିବାରୁ ସେମାନଙ୍କୁ ଠାବ କରିବା ସହଜ ହେଉନାହିଁ। ଏମାନଙ୍କୁ ଚିହ୍ନଟ କରି ଯୋଜନାର ସୁଫଳ ଯୋଗାଇ ଦିଆଯିବାର ନୂଆ ବ୍ୟବସ୍ଥା କରାଯିବା ଉଚିତ୍। ସେହିଭଳି ଅନେକ ଦେଶର ସମ୍ବିଧାନରେ ସାମାଜିକ ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ ଥିବା ସତ୍ତ୍ୱେ ସମ୍ବଳ ଅଭାବରୁ ତାହା କାର୍ଯ୍ୟକାରୀ ହେଉନାହିଁ। ଆଉ କେତେକ ଦେଶରେ ଏହା ମଧ୍ୟ ଏଯାଏ ସାମ୍ବିଧାନିକ ମାନ୍ୟତା ପାଇନାହିଁ। ଫିନ୍‌ଲାଣ୍ଡରେ କାର୍ଯ୍ୟକାରୀ ହେଉଥିବା ସାମାଜିକ ନିରାପତ୍ତା ବ୍ୟବସ୍ଥା ବିଶ୍ୱରେ ସବୁଠୁ ଭଲ ଓ ଏହା ଏକ ପୂର୍ଣ୍ଣାଙ୍ଗ ବ୍ୟବସ୍ଥା। ସେ ଦେଶର ସବୁ ଲୋକ ଏହି ବ୍ୟବସ୍ଥାର ଅନ୍ତର୍ଭୁକ୍ତ ଏବଂ ନିର୍ଦ୍ଦିଷ୍ଟ ବର୍ଗ ପାଇଁ ନୀତି ଭିନ୍ନଭିନ୍ନ ଭାବେ କାର୍ଯ୍ୟକାରୀ ହେଉଛି।**

ପ୍ରତ୍ୟେକ ଦେଶରେ ସାମାଜିକ ନିରାପତ୍ତା ବ୍ୟବସ୍ଥା ନିର୍ଦ୍ଦିଷ୍ଟ କେତେକ ସ୍ଥିରୀକୃତ ଜନସଂଖ୍ୟାକୁ ନେଇ ଆରମ୍ଭ କରାଯାଇଥାଏ। ଏହାର ସଫଳତାକୁ ଦେଖି ଏହାକୁ ଅନ୍ୟାନ୍ୟ ଅଞ୍ଚଳକୁ ସଂପ୍ରସାରିତ କରାଯାଏ। ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରରେ ଏବାବଦରେ ଆବଶ୍ୟକ ପାଣ୍ଠି ଯୋଗାଣର ଅସୁବିଧା ହେତୁ ଏହା ସୀମିତ ସ୍ତରରେ କାର୍ଯ୍ୟକାରୀ ହେଉଛି। କାଗଜକଲମରେ ଏହି ଯୋଜନା ଭଲ ଦେଖାଯାଉଥିଲେ ହେଁ ଜନସଂଖ୍ୟାର ଏକ ବିରାଟ ଭାଗ ଏହାଦ୍ୱାରା ଉପକୃତ ହୋଇପାରୁନାହିଁ। ଯେଉଁ ଦୁର୍ବଳ ଓ ଅନଗ୍ରସରବର୍ଗଙ୍କୁ ଚିହ୍ନଟ କରିବା କଥା ସେହି ଚିହ୍ନଟ ପ୍ରକ୍ରିୟା ଠିକଣା ଭାବେ ହୋଇପାରୁ ନ ଥିବାରୁ ଯୋଜନାର ଲକ୍ଷ୍ୟ ଭଣ୍ଡୁର ହେଉଛି। ଅତଏବ ଏହାକୁ ସାର୍ବଜନୀନ ବୋଲି କୁହାଯାଇପାରିବ ନାହିଁ। ଏହାର ସଫଳତା ପାଇଁ ଆବଶ୍ୟକ ସମ୍ବଳ ଏବଂ ଦେଶର ଦକ୍ଷତା ସହିତ ଏହାର ନିୟମିତ ତଦାରଖ ଓ ଉଚିତ ରୂପାୟନ ଆଦି ଉପରେ ଗୁରୁତ୍ୱ ଦେବାକୁ ହେବ।

ଦ୍ୱିତୀୟ ପ୍ରସଙ୍ଗଟି ହେଲା ଯୋଜନାର ନିରନ୍ତରତା। ଆବଶ୍ୟକ ସମ୍ବଳ ଓ ସଠିକ୍

**ଆନ୍ତର୍ଜାତିକ ଶ୍ରମ ସଂସ୍ଥାର ୧୯୫୨ ସମ୍ମିଳନୀର ସାମାଜିକ ନିରାପତ୍ତା ଘୋଷଣାନାମାର ପ୍ରମୁଖ ନିର୍ଦ୍ଦେଶାବଳୀ**

* ବାର୍ଦ୍ଧକ୍ୟ ଭତ୍ତା : ନିର୍ଦ୍ଧାରିତ ବୟସ ପରେ ବଞ୍ଚିଥିବା ଲୋକଙ୍କୁ ଏହି ସୁବିଧା ଯୋଗାଣ
* ଉତ୍ତରାଧିକାରୀଙ୍କୁ ସୁବିଧା (ସର୍ଭାଇବର ବେନିଫିଟ୍) : ରୋଜଗାରକ୍ଷମ ବ୍ୟକ୍ତିର ମୃତ୍ୟୁ ପରେ ତା' ଉପରେ ନିର୍ଭରଶୀଳ ତା'ର ପତ୍ନୀ କିମ୍ବା ପିଲାଙ୍କୁ ସହାୟତା ଯୋଗାଣ।
* ଅସୁସ୍ଥତା ଜନିତ ଛୁଟିର ଲାଭ: ଅସୁସ୍ଥତା ସମୟରେ ଆର୍ଥିକ ସହାୟତା ଯୋଗାଣ ବ୍ୟବସ୍ଥା ଓ ଅନ୍ୟାନ୍ୟ ସହାୟତା।
* କାର୍ଯ୍ୟସ୍ଥଳୀରେ ଆଘାତ ଜନିତ କ୍ଷତି : ଚିକିତ୍ସା ଖର୍ଚ୍ଚ ଯୋଗାଣ, ଚିକିତ୍ସାକାଳୀନ ସବେତନ ଛୁଟି ଏବଂ ମୃତ୍ୟୁ ହେଲେ ପରିବାରକୁ ସାମାଜିକ ସୁରକ୍ଷା ଯୋଗାଣ। ଅସୁସ୍ଥତା ଜନିତ ଅକର୍ମଣ୍ୟତା ବା ମୃତ୍ୟୁ ପାଇଁ ମଧ୍ୟ କ୍ଷତିପୂରଣ ଓ ସାମାଜିକ ନିରାପତ୍ତା ପ୍ରଦାନ।
* ଅକର୍ମଣ୍ୟତା ଜନିତ ସୁବିଧା ଯୋଗାଣ : ଏ କ୍ଷେତ୍ରରେ ଜୀବିକା ଉପାର୍ଜନ ପାଇଁ ବିକଳ୍ପ ବ୍ୟବସ୍ଥା ଯୋଗାଣ।
* ବେକାର ରହିବା ସମୟରେ ସୁଯୋଗ ଯୋଗାଣ: ନିଯୁକ୍ତିର ସୁଯୋଗ ପ୍ରଦାନ ବ୍ୟବସ୍ଥା ଓ ଆବଶ୍ୟକସ୍ଥଳେ ବେକାରୀ ଭତ୍ତା।
* ପରିବାର ଲାଭ: ଶିଶୁଙ୍କ ଭରଣ ପୋଷଣ ପାଇଁ ଦାୟିତ୍ୱ ଗ୍ରହଣ
* ସ୍ୱାସ୍ଥ୍ୟସେବା ଓ ଯତ୍ନ : ଆବଶ୍ୟକ ଚିକିତ୍ସା ଓ ସେବାଯତ୍ନ ଯୋଗଣ ଏବଂ ଗର୍ଭବତୀଙ୍କୁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା।
* ସାମାଜିକ ସହାୟତା: ଅନ୍ୟାନ୍ୟ ବିଭିନ୍ନ କାରଣ ପାଇଁ ନିଶ୍ଚିତ ସାମାଜିକ ସର୍ବନିମ୍ନ ସୁବିଧା ପାଉ ନ ଥିବା ବ୍ୟକ୍ତିଙ୍କୁ ସହାୟତା ।

**ସାମାଜିକ ନିରାପତ୍ତା ପାଇଁ ଭାରତ ନିମନ୍ତେ ସାତଟି ମାର୍ଗ**

- ❖ ସାମାଜିକ ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ସମ୍ମତି
- ❖ ଏକ ସ୍ୱୟଂଶାସିତ ସାମାଜିକ ନିରାପତ୍ତା ପ୍ରତିଷ୍ଠାନ ଗଠନ
- ❖ ଏକ ସାମାଜିକ କ୍ଷେତ୍ର ବିନିଯୋଗ ଯୋଜନା ପ୍ରସ୍ତୁତ ତଥା ଅର୍ଥଯୋଗାଣ ବ୍ୟବସ୍ଥା
- ❖ ବ୍ୟାପକ ଜନସଚେତନତା ସୃଷ୍ଟି ଓ କାର୍ଯ୍ୟକ୍ରମରେ ଲୋକଙ୍କୁ ଅଧିକରୁ ଅଧିକ ସାମିଲ କରିବା
- ❖ ସାମାଜିକ ନିରାପତ୍ତା ବ୍ୟବସ୍ଥାରେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ପ୍ରଚଳନ
- ❖ ରାଜ୍ୟ ସରକାରଙ୍କ ଦ୍ୱାରା କ୍ରିୟାଶୀଳ ନେତୃତ୍ୱ
- ❖ ସାମାଜିକ ନିରାପତ୍ତା ପାଇଁ ବୈଧାନିକ ଓ ଆଇନଗତ ସଂସ୍କାର

କାର୍ଯ୍ୟକାରିତା ଉପରେ ଯେକୌଣସି ଯୋଜନାର ନିରନ୍ତରତା ନିର୍ଭର କରେ। ଯାହା ଆକଳନ କରାଯାଇଛି, ତଦନୁସାରେ ସାମାଜିକ ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବାଦ୍ୱାରା ୨୦୫୦ ସୁଦ୍ଧା ବିକଶିତ ରାଷ୍ଟ୍ରମାନଙ୍କ ମୋଟ୍ ଜାତୀୟ ଆୟର ଏକ ପଞ୍ଚମାଂଶ ଏ ଦିଗରେ ଖର୍ଚ୍ଚ ହେବ। ତେବେ ଲୋକଙ୍କ ପରମାୟୁ ବଢୁଥିବାରୁ ଏବେ ଲୋକଙ୍କୁ ଅଧିକ କାଳ ଅବସରଜନିତ ଭତ୍ତା ଓ ପେନ୍‌ସନ୍ ଆଦି ଦେବାକୁ ପଡ଼ିବ ଏବଂ ସେଥିପାଇଁ ସରକାରଙ୍କ ଉପରେ ଆର୍ଥିକ ଚାପ ବଢ଼ିବ। କର୍ମଠ ଲୋକ ଅଧିକରୁ ଅଧିକ ସେବାନିବୃତ୍ତ ହୋଇ ଏଥିରେ ସାମିଲ ହେଲେ ଖର୍ଚ୍ଚ ଆହୁରି ବୃଦ୍ଧି ପାଇବ। ତେଣୁ ଜନସଂଖ୍ୟା ବୃଦ୍ଧି ଜନିତ କାରଣରୁ ସାମାଜିକ ନିରାପତ୍ତା ବ୍ୟବସ୍ଥା ଭବିଷ୍ୟତରେ ଯେପରି ପ୍ରଭାବିତ ନହୁଏ ସେଥିପାଇଁ ପ୍ରତ୍ୟେକ ସରକାରଙ୍କୁ ଉପଯୁକ୍ତ ଯୋଜନା ଓ ଅର୍ଥବରାଦ ବ୍ୟବସ୍ଥା କରିବାକୁ ହେବ।

ବିକଶିତ ଦେଶରେ ଏହି କାର୍ଯ୍ୟକ୍ରମରେ ଯେଉଁ ଏକ ପ୍ରମୁଖ ଅସୁବିଧା ଦେଖାଦେଉଛି ତାହା ହେଲା ଉପାନ୍ତ ହିତାଧିକାରୀଙ୍କୁ ଚିହ୍ନଟ କରି ସୁଫଳ ଯୋଗାଇଦେବା ପାଇଁ ଆନୁଷ୍ଠାନିକ ଦକ୍ଷତାର ଅଭାବ। ଅଧିକାଂଶ ଧାର୍ଯ୍ୟ ହିତାଧିକାରୀ ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତଥିବାରୁ ସେମାନଙ୍କୁ ଠାବ କରିବା ସହଜ ହେଉନାହିଁ। ଏମାନଙ୍କୁ ଚିହ୍ନଟ କରି ଯୋଜନାର ସୁଫଳ ଯୋଗାଇ ଦିଆଯିବାର ନୂଆ ବ୍ୟବସ୍ଥା କରାଯିବା ଉଚିତ୍। ସେହିଭଳି ଅନେକ ଦେଶର ସମ୍ବିଧାନରେ ସାମାଜିକ ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ ଥିବା ସତ୍ତ୍ୱେ ସମ୍ବଳ ଅଭାବରୁ ତାହା କାର୍ଯ୍ୟକାରୀ ହେଉନାହିଁ। ଆଉ କେତେକ ଦେଶରେ ଏହା ମଧ୍ୟ ଏଯାଏ ସାମ୍ବିଧାନିକ ମାନ୍ୟତା ପାଇନାହିଁ।

ଫିନ୍‌ଲାଣ୍ଡରେ କାର୍ଯ୍ୟକାରୀ ହେଉଥିବା ସାମାଜିକ ନିରାପତ୍ତା ବ୍ୟବସ୍ଥା ବିଶ୍ୱରେ ସବୁଠୁ ଭଲ ଓ ଏହା ଏକ ପୂର୍ଣ୍ଣାଙ୍ଗ ବ୍ୟବସ୍ଥା। ସେ ଦେଶର ସବୁ ଲୋକ ଏହି ବ୍ୟବସ୍ଥାର ଅନ୍ତର୍ଭୁକ୍ତ ଏବଂ ନିର୍ଦ୍ଦିଷ୍ଟ ବର୍ଗ ପାଇଁ ନୀତି ଭିନ୍ନଭିନ୍ନ ଭାବେ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ଟିକସ ବ୍ୟବସ୍ଥାରେ ସରକାର ସମ୍ବଳ ସଂଗ୍ରହ କରନ୍ତି ଏବଂ ଯୋଜନାର କାର୍ଯ୍ୟକାରିତା ସ୍ୱୟଂଶାସିତ ସଂସ୍ଥାଦ୍ୱାରା ହୁଏ। ନିଯୁକ୍ତିଭିତ୍ତିକ ଓ ଆୟଭିତ୍ତିକ ସାମାଜିକ ସୁରକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ ପଡୁଥିବା ଅର୍ଥ ଘରୋଇ ବୀମା କମ୍ପାନୀ ଓ ପେନ୍‌ସନ୍ ପାଣ୍ଠିକୁ ଯୋଗାଇଦିଆଯାଏ। ଏହି ଅର୍ଥର ପରିଚାଳନା ଦେଶର ପେନ୍‌ସନ୍ ସଂସ୍ଥା କରେ। ଏହାଦ୍ୱାରା ଉଭୟ ସାମାଜିକ ବୀମା ଓ ଜନକଲ୍ୟାଣ ଦୁଇଟି କାର୍ଯ୍ୟ ସାଧିତ ହୁଏ। ସେ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ମଧ୍ୟ ଅତି ଉତ୍ତମ ଓ ଲୋକଙ୍କୁ ସୁବିଧାରେ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟ ନିରାପତ୍ତା ଯୋଗାଇଥାଏ। ବିଶ୍ୱର ପାଞ୍ଚଟି ଦେଶରେ ଏଭଳି ଉନ୍ନତ ସାମାଜିକ ନିରାପତ୍ତା ବ୍ୟବସ୍ଥା ପ୍ରଚଳନ କରାଯାଇଛି ଯାହା ଟେବୁଲ-୧ରେ ଉଲ୍ଲେଖ କରାଯାଇଛି।

**ଏହି ଯୋଜନାର ସଫଳ ରୂପାୟନ ପାଇଁ ଭାରତ ପାଖରେ ସାତଟି ରାସ୍ତା ରହିଛି। ସେହି ମାର୍ଗଗୁଡ଼ିକ ହେଲା ୧) ସାର୍ବଜନୀନତା, ୨) ସ୍ୱୟଂଶାସିତ ଜାତୀୟ ସାମାଜିକ ନିରାପତ୍ତା ପ୍ରତିଷ୍ଠାନ ଗଠନ, ୩) ସାମାଜିକ କ୍ଷେତ୍ର ନିବେଶ ଯୋଜନା ବ୍ୟବସ୍ଥା ଓ ଅଭିନବ ଅର୍ଥ ଯୋଗାଣ ବ୍ୟବସ୍ଥା, ୪) ସର୍ବସାଧାରଣରେ ସଚେତନତା ସୃଷ୍ଟି ଓ ଯୋଜନାର ଯଥାର୍ଥ ରୂପାୟନ, ୫) ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଓ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା, ୬) ରାଜ୍ୟ ସରକାରଙ୍କ ଦ୍ୱାରା ଉତ୍ସର୍ଗୀକୃତ ନେତୃତ୍ୱ ପ୍ରଦର୍ଶନ, ୭) ବୈଧାନିକ ଓ ଆଇନଗତ ପଦକ୍ଷେପ ଗ୍ରହଣ ପୂର୍ବକ ଯୋଜନାକୁ ଅଧିକ ନ୍ୟାୟସଂଗତ କରିବା। ଏଥିପାଇଁ ସରକାରୀ ସ୍ତରରେ ଅଧିକ ଆଗ୍ରହର ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଭାରତରେ ଏହି ଯୋଜନାର ସଫଳତା ସମ୍ଭାବନା ବିଭିନ୍ନ କାରଣରୁ ଅଧିକ। ତାହାର କାରଣ ହେଲା - ଭାରତରେ ଯୁବକମାନଙ୍କ ସଂଖ୍ୟା ଅଧିକ ଓ ଏହାର ଜନସଂଖ୍ୟା ଜନିତ ଲାଭ ଅଧିକ ରହିଛି। ଭାରତର ଅର୍ଥନୀତି ଉତ୍ତମ ଅଭିବୃଦ୍ଧି ପଥରେ ଅଛି ଏବଂ ଏହା ଉପରେ ବିଶ୍ୱ ମାନ୍ଦାବସ୍ଥାର ପ୍ରଭାବ ପଡ଼ିନାହିଁ।**

୧୯୦୦ରୁ ୧୯୨୦ ମଧ୍ୟରେ ଆମେରିକାରେ ବୟସ୍କ ଲୋକଙ୍କୁ ସହାୟତା ବା ପେନ୍‌ସନ୍ ଦେବାର ବିଚାର ଉଦ୍ରେକ ହେଲା ଏବଂ ତଦନୁସାରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ବ୍ୟବସ୍ଥା କରାଗଲା। ଏହା ପରେ ପରେ ଆର୍ଥିକ ସୁରକ୍ଷା ଓ ସାମାଜିକ ସୁରକ୍ଷା ପ୍ରଦାନ ବ୍ୟବସ୍ଥା ସରକାର ଆରମ୍ଭ କଲେ। ଶେଷରେ ଏସବୁକୁ ମିଶାଇ ୧୯୩୫ରେ ସାମାଜିକ ନିରାପତ୍ତା ଆଇନ ପ୍ରଣିତ ହୋଇ ରାଷ୍ଟ୍ରପତି ଫ୍ରାଙ୍କ୍‌ଲିନ୍ ରୁଜଭେଲ୍ଟଙ୍କ ଦ୍ୱାରା କାର୍ଯ୍ୟକାରୀ ହେଲା। ଏହାପରେ ୧୯୪୩ରେ ସେ ଦେଶରେ ସଂଯୁକ୍ତ ସାମାଜିକ ବୀମା ବ୍ୟବସ୍ଥା ପ୍ରବର୍ତ୍ତନ ହୋଇଥିଲା। ଫ୍ରାନ୍ସରେ ୧୯୪୬ରେ ପି.ଲାରକ୍‌ଙ୍କ ଦ୍ୱାରା ଜାତୀୟ ସାମାଜିକ ନିରାପତ୍ତା ବ୍ୟବସ୍ଥା ପ୍ରସ୍ତୁତ ହୋଇ ଦେଶର ସବୁ ନାଗରିକଙ୍କୁ ଏହାର ଅନ୍ତର୍ଭୁକ୍ତ କରାଗଲା। ପ୍ରାୟ ଏହି ସମୟରେ ଆନ୍ତର୍ଜାତିକ ଶ୍ରମ ସଂଗଠନ ଓ ମିଳିତ ଜାତିସଂଘ ଆନ୍ତର୍ଜାତିକ ଆଇନ ଏବଂ ପରମ୍ପରାରେ ସାମାଜିକ ନିରାପତ୍ତା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଇଥିଲେ।

## ଭାରତ ପାଇଁ ସାତଟି ମାର୍ଗ

ଏହି ଯୋଜନାର ସଫଳ ରୂପାୟନ ପାଇଁ ଭାରତ ପାଖରେ ସାତଟି ରାସ୍ତା ରହିଛି। ସେହି ମାର୍ଗଗୁଡ଼ିକ ହେଲା ୧) ସାର୍ବଜନୀନତା, ୨) ସ୍ୱୟଂଶାସିତ ଜାତୀୟ ସାମାଜିକ ନିରାପତ୍ତା ପ୍ରତିଷ୍ଠାନ ଗଠନ, ୩) ସାମାଜିକ କ୍ଷେତ୍ର ନିବେଶ ଯୋଜନା ବ୍ୟବସ୍ଥା ଓ ଅଭିନବ ଅର୍ଥ ଯୋଗାଣ ବ୍ୟବସ୍ଥା, ୪) ସର୍ବସାଧାରଣରେ ସଚେତନତା ସୃଷ୍ଟି ଓ ଯୋଜନାର ଯଥାର୍ଥ ରୂପାୟନ, ୫) ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଓ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା, ୬) ରାଜ୍ୟ ସରକାରଙ୍କ ଦ୍ୱାରା ଉତ୍ସର୍ଗୀକୃତ ନେତୃତ୍ୱ ପ୍ରଦର୍ଶନ, ୭) ବୈଧାନିକ ଓ ଆଇନଗତ ପଦକ୍ଷେପ ଗ୍ରହଣ ପୂର୍ବକ ଯୋଜନାକୁ ଅଧିକ ନ୍ୟାୟସଂଗତ କରିବା। ଏଥିପାଇଁ ସରକାରୀ ସ୍ତରରେ ଅଧିକ ଆଗ୍ରହର ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

ଭାରତରେ ଏହି ଯୋଜନାର ସଫଳତା ସମ୍ଭାବନା ବିଭିନ୍ନ କାରଣରୁ ଅଧିକ। ତାହାର କାରଣ ହେଲା - ଭାରତରେ ଯୁବକମାନଙ୍କ ସଂଖ୍ୟା ଅଧିକ ଓ ଏହାର ଜନସଂଖ୍ୟା ଜନିତ ଲାଭ ଅଧିକ ରହିଛି। ଭାରତର ଅର୍ଥନୀତି ଉତ୍ତମ ଅଭିବୃଦ୍ଧି ପଥରେ ଅଛି ଏବଂ ଏହା ଉପରେ ବିଶ୍ୱ ମାନ୍ଦାବସ୍ଥାର ପ୍ରଭାବ ପଡ଼ିନାହିଁ। ଅତଏବ ଏଭଳି ସ୍ଥିତିରେ ସାମାଜିକ ନିରାପତ୍ତା ବ୍ୟବସ୍ଥାମାନ କାର୍ଯ୍ୟକାରୀ କରିବାକୁ ଉପଯୁକ୍ତ ସମୟ ଆସିଛି। ଭାରତର ସମ୍ବିଧାନ ମଧ୍ୟ ସାମାଜିକ ସୁରକ୍ଷାକୁ ଗ୍ୟାରେଣ୍ଟି ଦେଇଛି। ତେଣୁ ଏହା କାର୍ଯ୍ୟକାରୀ ହେଲେ ଅର୍ଥନୀତି ତାହାକୁ ସମ୍ଭାଳି ପାରିବ ଏବଂ ରାଜନୈତିକ ସାହାଯ୍ୟ ସମର୍ଥନ ମଧ୍ୟ ମିଳିବ।

## ଉପସଂହାର

ସାମାଜିକ ନିରାପତ୍ତା ବ୍ୟବସ୍ଥା ବିଭିନ୍ନ ଦେଶରେ କାର୍ଯ୍ୟକାରୀ ହେବାପରେ ଏହାର ସଫଳତା -ବିଫଳତା ଘେନି ଅନେକ କିଛି ଶିଖିବାକୁ ମିଳୁଛି। ସଫଳତାକୁ ଅନ୍ୟମାନେ ଗ୍ରହଣ କରି ନିଜ ନିଜ ଦେଶରେ ଏହାକୁ କାର୍ଯ୍ୟ କରୁଛନ୍ତି ଏବଂ ବିଫଳତାର ସଂଶୋଧନ ଉପରେ ଗୁରୁତ୍ୱ ଦିଆଯାଉଛି। କୌଣସି ଏକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଲେ ନାନା କଥା ଜଣାପଡ଼େ ଏବଂ ତ୍ରୁଟି ବିଚ୍ୟୁତିର ସଂଶୋଧନ ପାଇଁ ସୁଯୋଗ ସୃଷ୍ଟି ହୁଏ। ସାମାଜିକ ନିରାପତ୍ତା ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାର ଏକ ଅଂଶ। ବିଭିନ୍ନ ସରକାର ବିଭିନ୍ନ ସମୟରେ ଏହାର ପରିପାଳନକୁ ଅଗ୍ରାଧିକାର ଦେଇଆସିଛନ୍ତି। ଏହା ସତ୍ତ୍ୱେ ଏହି ଯୋଜନା ସୀମିତ ସ୍ତରରେ ଅଳ୍ପ ଲୋକଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହିଛି। ଏହାର ପ୍ରଭାବ ମଧ୍ୟ ସୀମିତ। ଏ କ୍ଷେତ୍ରରେ ପ୍ରଗତି ପାଇଁ ଭାରତ ବିଶ୍ୱ ଅନୁଭୂତିରୁ ଶିକ୍ଷା ଲାଭ କରିବା ଉଚିତ। ତେବେ ଯାଇଁ ଏହା ସାର୍ବଜନୀନ ଓ ନିରନ୍ତର ହୋଇପାରିବ। ସାମାଜିକ କ୍ଷେତ୍ରରେ ବିକାଶ ଓ ପୁଞ୍ଜିନିବେଶ ପ୍ରକ୍ରିୟାଦ୍ୱାରା ଏହି ଯୋଜନା ଭାରତରେ ସଫଳ ହେବା ସମ୍ଭାବନା ଅଧିକ। ଏହି ଯୋଜନାରେ ଥିବା ସବୁ କାର୍ଯ୍ୟକ୍ରମର ସମନ୍ୱୟ ଓ ସଂହତି ଲୋଡ଼ା। ଏଥିପାଇଁ କେବଳ ଜନସହଯୋଗ ଯଥେଷ୍ଟ ନୁହେଁ ଲୋକେ ଏସବୁ ଯୋଜନା ପାଇଁ ଅଂଶ ଦେଇ ଏଥିରେ ଅଧିକ ସଂଖ୍ୟାରେ ସାମିଲ ହେବା ଉଚିତ୍। ରାଜ୍ୟମାନେ ଏ କ୍ଷେତ୍ରରେ ନେତୃତ୍ୱ ନେବାର ଆବଶ୍ୟକତା ରହିଛି। ସାମାଜିକ କଲ୍ୟାଣ ବ୍ୟବସ୍ଥାରେ ସାର୍ବଜୀନନ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଧ୍ୟ ଅଗ୍ରାଧିକାର ଦେବାକୁ ପଡ଼ିବ। ଏସବୁ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିଲେ ଭାରତରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ସଫଳ ହେବା ସହ ଦେଶର ଅର୍ଥନୈତିକ ବିକାଶ ପ୍ରକ୍ରିୟା ସ୍ଥିର ନିରନ୍ତର ହୋଇପାରିବ। ଦାରିଦ୍ର୍ୟ କମିବ ଏବଂ ସର୍ବୋପରି ସହଣୀୟ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ପୂରଣ ହୋଇପାରିବ।

ଲେଖକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ନ୍ୟାସନାଲ୍ ପ୍ରଫେସନାଲ୍ ଅଫିସରଭାବେ କାର୍ଯ୍ୟରତ

# ବୁଢ଼ାକାଳରେ ରୋଜଗାର ନିରାପତ୍ତା : ଜାତୀୟ ପେନ୍‌ସନ୍ ବ୍ୟବସ୍ଥା

ଫୋକସ୍

ଡ. ବଦ୍ରିସିଂହ ଭଣ୍ଡାରୀ

ବୁଢ଼ାକାଳରେ ଆୟ ବ୍ୟବସ୍ଥା ବା ପେନ୍‌ସନ୍ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏହାଦ୍ୱାରା ବାର୍ଦ୍ଧକ୍ୟରେ ଜଣେ ଦାରିଦ୍ର୍ୟର କଷାଘାତରୁ ରକ୍ଷାପାଇପାରିବ ଏବଂ ତା'ର ଦୁଃଖ ଲାଘବ ହେବ । ପେନ୍‌ସନ୍ ବ୍ୟବସ୍ଥା ଫଳରେ ଜଣେ ଲୋକ ଅବସର ପରେ ମଧ୍ୟ ସ୍ୱାଭାବିକ ଜୀବନ କଟାଇପାରିବ ଏବଂ ଜୀବନ ଦୁର୍ବିସହ ହେବ ନାହିଁ । ପେନ୍‌ସନ୍ ବ୍ୟବସ୍ଥାରେ ସାମିଲ ହେବା ପାଇଁ ପେନ୍‌ସନ୍ ଦାତାଙ୍କ ପାଇଁ କଠୋର ବା ଜଟିଳ ନୀତି ନିୟମ ରହିବା ଅନୁଚିତ । ନିଜର ଅଂଶ ବାବଦରେ ଅର୍ଥ ଅବଦାନ ଦେବାକୁ ପେନ୍‌ସନ୍‌ଦାତା ଯେପରି କ୍ଷମ ହେଉଥିବ ସେଥିପ୍ରତି ନଜର ଦେବାକୁ ପଡ଼ିବ । ଆହୁରି ମଧ୍ୟ ପେନ୍‌ସନ୍ ବ୍ୟବସ୍ଥା ଆର୍ଥିକ ଦୃଷ୍ଟିରୁ ଦକ୍ଷ ତଥା ଦେଶର ଅର୍ଥନୀତି ପାଇଁ ସହଣୀୟ ହେବା ଆବଶ୍ୟକ । ସର୍ବୋପରି ଏହା ବିଭିନ୍ନ ବୃତ୍ତିରେ ଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହେବା ସହ ଏଥିରେ ଯେତେ ଅଧିକ ଲୋକ ଅନ୍ତର୍ଭୁକ୍ତ ହୋଇପାରିବେ ସେତେ ଭଲ । ଗତ ତିନି ଦଶନ୍ଧି ଧରି ବିଶ୍ୱର ବିଭିନ୍ନ ଦେଶରେ ପେନ୍‌ସନ୍ ବ୍ୟବସ୍ଥାରେ ସଂସ୍କାରମାନ ଆସିଛି । ପେନ୍‌ସନ୍ ବ୍ୟବସ୍ଥା ଜାତୀୟ ଅର୍ଥନୀତି ଉପରେ ବୋଝ ନ'ହୋଇ ଏହା ଯେପରି ସୁବିଧାରେ କାର୍ଯ୍ୟକାରୀ ହୋଇପାରିବ ସେଥିପାଇଁ ଏହି ସଂସ୍କାର କରାଯାଇଛି । ଜନସଂଖ୍ୟା ବୃଦ୍ଧି ସହିତ ବିଭିନ୍ନ ଅଣଆନୁଷ୍ଠାନିକ କ୍ଷେତ୍ରରେ ଅଧିକରୁ ଅଧିକ ଲୋକ କାମ କରୁଥିବାରୁ ଏହି ଯୋଜନାରେ ବିଭିନ୍ନ ବର୍ଗଙ୍କୁ କିପରି ଅଧିକ ପରିମାଣରେ ସାମିଲ କରାଯାଇପାରିବ ସେଥିପାଇଁ ମଧ୍ୟ ବିଭିନ୍ନ ସରକାର ଗୁରୁତ୍ୱ ଦେଉଛନ୍ତି ।

ଭାରତରେ ବାର୍ଦ୍ଧକ୍ୟ ଜନିତ ଆୟନିରାପତ୍ତା ଯୌଥ ପରିବାର ବ୍ୟବସ୍ଥା ପାରମ୍ପରିକ ଭାବେ ଯୋଗାଇ ଦେଇଆସିଛି । ଏଥିରେ ପରମ୍ପରାର ଭୂମିକା ଅଧିକ । ତେବେ ଏବେ ପାରମ୍ପରିକ ଯୌଥ ପରିବାର ବ୍ୟବସ୍ଥା ବୃତ୍ତିଗତ ପରିବର୍ତ୍ତନ, ସହରାୟନ ଓ ଛୋଟ ପରିବାର ବ୍ୟବସ୍ଥାର ଉଦ୍‌ଭବ ଫଳରେ କ୍ରମଶଃ ଭାଙ୍ଗି ପଡୁଛି । ଉଭୟ ଜନ୍ମ ଓ ମୃତ୍ୟୁ ହାର ମଧ୍ୟ ଏବେ କ୍ରମଶଃ ହ୍ରାସ ପାଉଛି । ଚିକିତ୍ସା ବିଜ୍ଞାନର ଅଗ୍ରଗତି ଏବଂ ଆୟ ସ୍ତରରେ ବୃଦ୍ଧି ଯୋଗୁଁ ଲୋକଙ୍କ ସାଧାରଣ ପରମାୟୁ ମଧ୍ୟ ବଢ଼ିଛି । ଏହା ଫଳରେ ଅବସର ପରେ ଲୋକେ ଅଧିକ ଦିନ ବଞ୍ଚୁଛନ୍ତି । ଅତଏବ ଲୋକଙ୍କ ପରମାୟୁ ବୃଦ୍ଧି ଏବଂ ବାର୍ଦ୍ଧକ୍ୟ ଜନିତ ଆର୍ଥିକ ଆବଶ୍ୟକତା ମଧ୍ୟରେ ସମନ୍ୱୟ ଆଣି ଲୋକଙ୍କୁ ସାମାଜିକ ନିରାପତ୍ତା ଯୋଗାଇବାକୁ ପେନ୍‌ସନ୍ ଯୋଜନାରେ ସଂଶୋଧନ ଅପରିହାର୍ଯ୍ୟ ହୋଇଛି ।

ଚାକିରିରୁ ଅବସର ନେବା ପରେ ଯେଉଁ ଅର୍ଥ ମିଳେ ତାହାର ଏକାଧିକ ନାମ ରହିଛି । ଏହା ପ୍ରୋଭିଡେଣ୍ଟ ଫଣ୍ଡ୍ (ଭବିଷ୍ୟନିଧି) ପେନ୍‌ସନ୍, ଅବସରକାଳୀନ ଲାଭ ଆଦି ଭିନ୍ନଭିନ୍ନ ନାମରେ ପରିଚିତ । ଏହା ଏକ ବାର୍ଦ୍ଧକ୍ୟକାଳୀନ ଆୟ ନିରାପତ୍ତା ଯୋଜନା । ଐତିହାସିକ ଭାବେ ଏହି ବ୍ୟବସ୍ଥାଟି ସଂଗଠିତ କ୍ଷେତ୍ର, ମୁଖ୍ୟତଃ ସରକାରୀ ଚାକିରି, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ସଂଗଠନ, ସଂସ୍ଥା ଓ ଘରୋଇ ଉଦ୍ୟୋଗରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା । ୨୦୦୪ ପୂର୍ବରୁ ଭାରତର ପେନ୍‌ସନ୍ ବ୍ୟବସ୍ଥା ମୁଖ୍ୟତଃ ପେନ୍‌ସନ୍, ପ୍ରୋଭିଡେଣ୍ଟ ଫଣ୍ଡ୍ କିମ୍ବା ଅବସରଜନୀତ ଆର୍ଥିକ ଦେୟ ଏହି ତିନିଟି ବ୍ୟବସ୍ଥାରେ ସୀମିତ ଥିଲା । ଏହା ପରେ ଏଥିରେ

> ୨୦୦୪ ପୂର୍ବରୁ ସରକାରୀ ପେନ୍‌ସନ୍ ବ୍ୟବସ୍ଥା ମୁଖ୍ୟତଃ କେନ୍ଦ୍ରୀୟ ସିଭିଲ ସେବା ପେନ୍‌ସନ୍ ଯୋଜନା ଆଇନ ୧୯୭୨ ଅନୁସାରେ ଥିଲା ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଥିବା କର୍ମଚାରୀମାନେ ମଧ୍ୟ ସେଇ ଆଇନ ବଳରେ ପେନ୍‌ସନ୍ ପାଉଥିଲେ । ଏହି ନିୟମ ମଧ୍ୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବ୍ୟାଙ୍କ, ବୀମା ଆଦି କ୍ଷେତ୍ରରେ ପ୍ରଚଳିତ ଥିଲା । ୨୦୦୪ ପରେ ସେଥିରେ ବଡ଼ଧରଣର ପରିବର୍ତ୍ତନ କରାଯାଇଛି । କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ଏବଂ କର୍ମଚାରୀ ପେନ୍‌ସନ୍ ଯୋଜନା (ଇପିଏସ୍) ଯାହା କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ପ୍ରତିଷ୍ଠାନ (ଇପିଏଫ୍‌ଓ) ଦ୍ୱାରା ପରିଚାଳିତ ତାହା କେବଳ ସରକାରଙ୍କ ଦ୍ୱାରା ବିଜ୍ଞାପିତ ସଂସ୍ଥା ଓ ପ୍ରତିଷ୍ଠାନ ପାଇଁ ଉଦ୍ଦିଷ୍ଟ । ଏଥିରେ ଘରୋଇ ଉଦ୍ୟୋଗର ପ୍ରତିଷ୍ଠାନ ଓ ସଂସ୍ଥା ସମୂହ ମଧ୍ୟ ସାମିଲ ।

ବେଶ୍ କିଛି ପରିବର୍ତ୍ତନ ଆସିଛି ଓ ପେନ୍‌ସନ୍ ବ୍ୟବସ୍ଥାରେ ସଂସ୍କାର ଅଣାଯାଇଛି। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି)ରେ ଟିକସରୁ ଅର୍ଥ ବ୍ୟବସ୍ଥା କରି ୬୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ, ଭିନ୍ନକ୍ଷମ, ବିଧବାମାନଙ୍କୁ ସରକାର ସାମାଜିକ ସୁରକ୍ଷା ପାଇଁ ସର୍ବନିମ୍ନ ପେନ୍‌ସନ୍ ଯୋଗାଉଛନ୍ତି।

ପ୍ରତିଷ୍ଠାନ (ଇପିଏଫ୍‌ଓ) ଦ୍ୱାରା ପରିଚାଳିତ ତାହା କେବଳ ସରକାରଙ୍କ ଦ୍ୱାରା ବିଜ୍ଞାପିତ ସଂସ୍ଥା ଓ ପ୍ରତିଷ୍ଠାନ ପାଇଁ ଉଦ୍ଦିଷ୍ଟ। ଏଥିରେ ଘରୋଇ ଉଦ୍ୟୋଗର ପ୍ରତିଷ୍ଠାନ ଓ ସଂସ୍ଥା ସମୂହ ମଧ୍ୟ ସାମିଲ। ଯେଉଁ ସଂସ୍ଥାରେ ୨୦ ବା ତତୁର୍ଦ୍ଧ୍ୱ କର୍ମଚାରୀ କାମ କରୁଥିବେ ସେମାନେ ଇପିଏଫ୍ ଆଇନ ୧୯୫୨ର ପରିସରଭୁକ୍ତ।

ରିଆତି ଆଦିର ବ୍ୟବସ୍ଥା ଅଛି।

ଭାରତରେ ପେନ୍‌ସନ୍ ସଂସ୍କାର ନୀତିର ସଂଶୋଧନ ବିଭିନ୍ନ କାରଣରୁ ଅପରିହାର୍ଯ୍ୟ ଥିଲା। ସରକାରୀ କର୍ମଚାରୀଙ୍କ ପାଇଁ ଯେଉଁ ପେନ୍‌ସନ୍ ପ୍ରଦାନ ବ୍ୟବସ୍ଥା ଥିଲା ସେଥିରେ ସେମାନଙ୍କର ଅଂଶ / ଅବଦାନ ରହୁ ନ ଥିଲା। ସରକାର ହିଁ ସେମାନଙ୍କ ପେନ୍‌ସନ୍ ବାବଦ ଦେୟ ଭରଣା

**ଟେବୁଲ -୧**

**ଗ୍ରାହକ ଦେୟ ଏବଂ ଏନ୍‌ପିଏସ୍ ଅଧୀନ ଏୟୁଏମ୍**

| | ଗ୍ରାହକଙ୍କ ସଂଖ୍ୟା | | ମୋଟ କର୍ପସ ପାଣ୍ଠି | | ପରିଚାଳନା ଅଧୀନ ମୋଟ ସମ୍ପତ୍ତି ବା (ଏୟୁଏସ୍) | |
|---|---|---|---|---|---|---|
| **କ୍ଷେତ୍ର** | **ମୋଟ ସଂଖ୍ୟା** | **(%)** | **ଟଙ୍କା କୋଟିରେ** | **(%)** | **ଟଙ୍କା କୋଟିରେ** | **(%)** |
| **କେନ୍ଦ୍ର ସରକାର** | ୧୮୧୯୪୫୭ | ୧୭.୦ | ୫୧୩୩୨ | ୩୬.୧ | ୭୦୯୬୫ | ୩୮.୪ |
| **ରାଜ୍ୟ ସରକାର** | ୩୪୧୨୪୮୬ | ୩୧.୮ | ୭୨୩୩୧ | ୫୦.୮ | ୯୧୫୯୫ | ୪୯.୫ |
| **ମୋଟ** | ୫୨୩୧୯୪୩ | ୪୮.୮ | ୧୨୩୬୬୩ | ୮୬.୯ | ୧୬୨୫୬୧ | ୮୭.୯ |
| **ଉଦ୍ୟୋଗଜଗତ** | ୬୦୮୪୩୪ | ୫.୭ | ୧୨୯୫୦ | ୯.୧ | ୧୬୦୯୧ | ୮.୭ |
| **ଅସଂଗଠିତ** | ୪୬୦୪୬୮ | ୪.୩ | ୩୩୮୭ | ୨.୪ | ୩୫୨୦ | ୧.୯ |
| **ମୋଟ** | ୧୦୬୮୯୦୨ | ୧୦.୦ | ୧୬୩୩୭ | ୧୧.୫ | ୧୯୬୧୦ | ୧୦.୬ |
| **ଏନ୍‌ପିଏସ୍ ଲାଇଟ୍** | ୪୪୨୪୮୦୬ | ୪୧.୩ | ୨୨୬୩ | ୧.୬ | ୨୭୭୭ | ୧.୫ |
| **ମୋଟ୍** | ୧୦୭୨୫୬୫୧ | ୧୦୦.୦ | ୧୪୨୨୬୩ | ୧୦୦.୦ | ୧୮୪୯୪୮ | ୧୦୦.୦ |
| **ଏପିୱାଏ** | ୫୩୭୨୬୧୮ | | ୨୦୭୭ | | ୨୨୦୩ | |
| **ସର୍ବମୋଟ୍** | ୧୬୦୯୮୨୬୯ | | ୧୪୪୩୪୦ | | ୧୮୭୧୫୧ | |

୨୦୦୪ ପୂର୍ବରୁ ସରକାରୀ ପେନ୍‌ସନ୍ ବ୍ୟବସ୍ଥା ମୁଖ୍ୟତଃ କେନ୍ଦ୍ରୀୟ ସିଭିଲ ସେବା ପେନ୍‌ସନ୍ ଯୋଜନା ଆଇନ ୧୯୭୨ ଅନୁସାରେ ଥିଲା ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଥିବା କର୍ମଚାରୀମାନେ ମଧ୍ୟ ସେଇ ଆଇନ ବଳରେ ପେନ୍‌ସନ୍ ପାଉଥିଲେ। ଏହି ନିୟମ ମଧ୍ୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବ୍ୟାଙ୍କ, ବୀମା ଆଦି କ୍ଷେତ୍ରରେ ପ୍ରଚଳିତ ଥିଲା। ୨୦୦୪ ପରେ ସେଥିରେ ବଡ଼ଧରଣର ପରିବର୍ତ୍ତନ କରାଯାଇଛି।

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ଏବଂ କର୍ମଚାରୀ ପେନ୍‌ସନ୍ ଯୋଜନା (ଇପିଏସ୍) ଯାହା କର୍ମଚାରୀ ଭବିଷ୍ୟନିଧି ପାଣ୍ଠି

ସେହିଭଳି ବୈଧାନିକ ବୃତ୍ତିଗତ ଭବିଷ୍ୟନିଧି ପାଣ୍ଠି ଆଇନ ଅଧୀନରେ କୋଇଲା ଖଣି, ସମୁଦ୍ର ଓ ଜାହାଜରେ କାର୍ଯ୍ୟକରୁଥିବା କର୍ମଚାରୀ, ଆସାମ ଚା ବଗିଚାର କର୍ମଚାରୀ ପେନ୍‌ସନ୍ ବା ଅବସରକାଳୀନ ଦେୟ ପାଇଥାନ୍ତି।

ଅବସରକାଳୀନ ଦେୟ, ପେନ୍‌ସନ୍ ବା ଅନ୍ୟାନ୍ୟ ସେବାନିବୃତ୍ତ ଆର୍ଥିକ ଲାଭ ବୀମା କମ୍ପାନୀ, ମ୍ୟୁଚୁଆଲ ଫଣ୍ଡ, ସରକାରୀ ପ୍ରୋଭିଡେଣ୍ଟ ଫଣ୍ଡ ଆଦି ଦ୍ୱାରା ବ୍ୟାଙ୍କ ଓ ଡାକଘର ଜରିଆରେ ପ୍ରଦାନ କରାଯାଉଛି। ଏହି ପେନ୍‌ସନ୍ ବ୍ୟବସ୍ଥାରେ ବ୍ୟକ୍ତିବିଶେଷ ଇଚ୍ଛାଧୀନ ଭାବେ ସାମିଲ ହୋଇପାରିବେ। ଏଥିପାଇଁ ଦେବାକୁ ଥିବା ଅର୍ଥ ଉପରେ ଟିକସ ପ୍ରୋତ୍ସାହନ,

କରୁଥିଲେ। ଏହା ଫଳରେ ରାଜକୋଷ ଉପରେ ଭାରି ବୋଝ ପଡୁଥିଲା ଏବଂ ଟିକସର ଏକ ବଡ଼ ଭାଗ ପେନ୍‌ସନ୍ ବାବଦରେ ଯାଉଥିଲା। ସେହିଭଳି ବିରାଟ ଅସଂଗଠିତ କ୍ଷେତ୍ରରେ ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ପେନ୍‌ସନ୍ ବାବଦରେ ସରକାରଙ୍କୁ ବିପୁଳ ପାଣ୍ଠି ବ୍ୟୟ କରିବାକୁ ପଡୁଥିଲା। ବିଭିନ୍ନ ବିଶେଷଜ୍ଞ କମିଟିଙ୍କ ସୁପାରିଶ ଆଧାରରେ ସରକାର ପୁରୁଣା ବ୍ୟବସ୍ଥାକୁ ବନ୍ଦ କରି ବ୍ୟକ୍ତିବିଶେଷ / କର୍ମଚାରୀଙ୍କ ସହଯୋଗ ବା ଅବଦାନରେ ନୂଆ ପେନ୍‌ସନ୍ ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି। ଏଥିପାଇଁ ସରକାରଙ୍କ ସହ ବ୍ୟକ୍ତିବିଶେଷଙ୍କ ପେନ୍‌ସନ୍ ପାଣ୍ଠିକୁ ନିର୍ଦ୍ଦିଷ୍ଟ ଅର୍ଥ ଆନୁପାତିକ

**ସରକାରୀ କର୍ମଚାରୀଙ୍କ ବ୍ୟତୀତ ଅନ୍ୟମାନଙ୍କ ପାଇଁ ଆଠଟି ବ୍ୟବସ୍ଥାରେ ପେନ୍‌ସନ୍ ଫଣ୍ଡ ଅର୍ଥ ବିନିଯୋଗର ବ୍ୟବସ୍ଥା ରହିଛି । ସେମାନେ ନିଜ ଇଚ୍ଛା ଅନୁସାରେ ଏଥିରୁ ଗୋଟିଏ ବାଛି ପାରିବେ । ଏସବୁ ହେଲା ଏଚ୍‌ଡିଏଫ୍‌ସି ପେନ୍‌ସନ୍ ମ୍ୟାନେଜମେଣ୍ଟ, ଆଇସିଆଇସିଆଇ ପ୍ରୁଡେନସିଅଲ୍ ପେନ୍‌ସନ୍ ଫଣ୍ଡ, କୋଟାକ ମହୀନ୍ଦ୍ରା ପେନ୍‌ସନ୍ ଫଣ୍ଡ, ଏଲ୍‌ଆଇସି ପେନ୍‌ସନ୍ ଫଣ୍ଡ, ରିଲାଏନ୍ସ କ୍ୟାପିଟାଲ ପେନ୍‌ସନ୍ ଫଣ୍ଡ, ଏସ୍‌ବିଆଇ ପେନ୍‌ସନ୍ ଫଣ୍ଡ, ୟୁଟିଆଇ ରିଟାୟାରମେଣ୍ଟ ସଲ୍ୟୁସନ୍ସ, ବିର୍ଲା ସନ୍ ଲାଇଫ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ । ସମ୍ପୃକ୍ତ ଜମାକରୀ ନିଜ ଇଚ୍ଛା ଅନୁସାରେ ନିଜ ପାଣ୍ଠି ବିନିଯୋଗର ଶୈଳୀ ମଧ୍ୟ ନିର୍ଦ୍ଧାରଣ କରିବାର ଅଧିକାର ପାଇଛନ୍ତି ।୨୦୧୭ ଜୁନ୍ ତିନି ତାରିଖ ସୁଦ୍ଧା ଏନ୍‌ପିଏସ୍ ଖାତାଧାରୀଙ୍କ ସଂଖ୍ୟା ୧୦.୭ ନିୟୁତରୁ ଅଧିକ ହୋଇଛି । ଏବାବଦରେ ମୋଟ୍ ୧୪୨୨୬୩ କୋଟି ଟଙ୍କା ବିନିଯୋଗ କରାଯାଇଛି ।**

ଭାବେ ଦେବାକୁ ପଡୁଛି । ନୂଆ ପେନ୍‌ସନ୍ ଯୋଜନା ଏବେ ଜାତୀୟ ପେନ୍‌ସନ୍ ଯୋଜନା (ଏନ୍‌ପିଏସ୍) ନାମରେ ପରିଚିତ । ଏହାର ପରିଚାଳନା ଦାୟିତ୍ୱରେ ପେନ୍‌ସନ୍ ଫଣ୍ଡ ନିୟନ୍ତ୍ରକ ଓ ବିକାଶ ପ୍ରାଧିକରଣ (ପିଏଫ୍‌ଆରଡିଏ) ରହିଛି । ଏନ୍‌ପିସି ପ୍ରାରମ୍ଭିକ ଭାବେ ୨୦୦୪ ଜାନୁଆରୀ ପହିଲାରୁ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଲାଗୁ ହୋଇଥିଲା ଏବଂ ପ୍ରତିରକ୍ଷାବାହିନୀର କର୍ମଚାରୀଙ୍କୁ ଏଥିରୁ ବାଦ ଦିଆଯାଇଥିଲା । ପରେ ବିଭିନ୍ନ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଏହି ପେନ୍‌ସନ୍ ନୀତି ଲାଗୁହେଲା । ୨୦୦୯ ମଇ ପହିଲାରୁ ଏହି ପେନ୍‌ସନ୍ ବ୍ୟବସ୍ଥାରେ ଦେଶର ରାଷ୍ଟ୍ରାୟତ୍ତ, ଘରୋଇ ଉଦ୍ୟୋଗର କର୍ମଚାରୀଙ୍କୁ ଦେୟ ଭିତ୍ତିରେ ସାମିଲ କରିବା ପ୍ରୟାସ ଆରମ୍ଭ ହେଲା । ଅସଂଗଠିତ / ଅଣଆନୁଷ୍ଠାନିକ କ୍ଷେତ୍ରର କର୍ମଚାରୀ ଓ ଆତ୍ମନିଯୁକ୍ତ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଏହି ବ୍ୟବସ୍ଥାରେ ଦେୟ ଭିତ୍ତିରେ ସାମିଲ କରାଯାଇଛି । ଏବେ ୧୮ ରୁ ୬୦ ବର୍ଷ ବୟସର ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏନ୍‌ପିଏସ୍ ବ୍ୟବସ୍ଥାର ସୁବିଧା ଯୋଗାଇ ଦିଆଯାଇଛି । ନିଜର ରୋଜଗାର ସମୟରେ ଯେଉଁମାନେ ଏହି ପେନ୍‌ସନ୍ ପାଣ୍ଠିକୁ ନିଜର ଅଂଶ ପ୍ରଦାନ କରି ଏହାର ସଦସ୍ୟ ହେବେ ସେମାନଙ୍କୁ ୬୦ବର୍ଷ ପରେ ନିର୍ଦ୍ଦିଷ୍ଟ ଅନୁପାତର ପେନ୍‌ସନ୍ ଦେବାର ବ୍ୟବସ୍ଥା କରାଯାଇଛି ।

ସରକାରୀ କର୍ମଚାରୀଙ୍କ ପାଇଁ ଏନ୍‌ପିଏସ୍ ବ୍ୟବସ୍ଥାରେ ସେମାନଙ୍କ ମୂଳ ଦରମା ଓ ମହଙ୍ଗାଭତ୍ତାର ୧୦ ଶତାଂଶ ଅର୍ଥ ଦେବା ବାଧ୍ୟତାମୂଳକ ହୋଇଛି । ସଂପୃକ୍ତ କର୍ମଚାରୀଙ୍କ ପାଇଁ ସମପରିମାଣର ଅର୍ଥ ନିଯୁକ୍ତିଦାତାଙ୍କୁ ପ୍ରତିମାସରେ ପେନ୍‌ସନ୍ ପାଣ୍ଠିରେ ଜମା କରିବାକୁ ମଧ୍ୟ ପଡୁଛି । ଏଥିପାଇଁ ଏକ ସ୍ଥାୟୀ ଜମା ଖାତା ନମ୍ବର (ପରମାନେଣ୍ଟ ରିଟାୟାର ଆକାଉଣ୍ଟ ନମ୍ବର) 'ପ୍ରାନ୍' ପ୍ରତ୍ୟେକ ସଦସ୍ୟଙ୍କୁ ପ୍ରଦାନ କରାଯାଇଛି । ସ୍ୱେଚ୍ଛାକୃତ ଭାବେ ଏନ୍‌ପିଏସ୍‌ରେ ଯୋଗଦେଉଥିବା ବ୍ୟକ୍ତିବିଶେଷଙ୍କୁ ବାର୍ଷିକ ସର୍ବନିମ୍ନ ଏକହଜାର ଟଙ୍କା ବିନିଯୋଗ କରିବାର ବ୍ୟବସ୍ଥା ଅଛି । ସମୟକ୍ରମେ ସଂପୃକ୍ତ ବ୍ୟକ୍ତି ନିଜର ଆୟ ବୃଦ୍ଧିକୁ ଦେଖି ଅଧିକ ଅର୍ଥ ଏହି ପେନ୍‌ସନ୍ ଯୋଜନାରେ ବିନିଯୋଗ କରିପାରିବେ । ପିଏଫ୍‌ଆରଡିଏର ନିର୍ଦ୍ଦେଶାବଳୀ ଅନୁସାରେ ପେନ୍‌ସନ୍ ପାଣ୍ଠିରେ ଜମା ଅର୍ଥକୁ ବିଭିନ୍ନ ସରକାରୀ ପ୍ରତିଭୂତି, କମ୍ପାନୀ ଡିବେଞ୍ଚର / ବଣ୍ଡ, ସେୟାର, ଇକ୍ୟୁଟି ଆଦିରେ ବିନିଯୋଗ କରାଯାଏ । ଏବାବଦରେ ଯେଉଁ ସୁଧ ମିଳେ ତାହାକୁ ହିସାବକୁ ନେଇ ପେନ୍‌ସନ୍ ଅର୍ଥ ପରିମାଣ ଧାର୍ଯ୍ୟ ହୋଇଥାଏ ।

ଏନ୍‌ପିଏସ୍ ଆକାଉଣ୍ଟ କିପରି ଖୋଲାଯିବ ଏବଂ ଜଣେ ଏଥିରେ କିପରି ସାମିଲ ହେବ ସେଥିପାଇଁ ବିଭିନ୍ନ ସାଇଟ୍ ରହିଛି । www.ptrda.org.in ଓ www.npscra. nsdl.co.in ସାଇଟ୍‌ରୁ ଏ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିବ । ପେନ୍‌ସନ୍ ଅଂଶ ବାବଦରେ ଜମା କରାଯାଉଥିବା ଅର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କେନ୍ଦ୍ରୀୟ ପେନ୍‌ସନ୍ ଆକାଉଣ୍ଟରେ ଗଚ୍ଛିତ ରହେ । ଏହି ଅର୍ଥ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଦାୟିତ୍ୱରେ ପରିଚାଳିତ ହୁଏ ଏବଂ କଣ୍ଟ୍ରୋଲର ଓ ଅଡିଟର ଜେନେରାଲ ଏହାର ନିୟମିତ ହିସାବ ଯାଞ୍ଚ କରନ୍ତି । ସଂପୃକ୍ତ ଜମା ଅର୍ଥ ଏକ ଟ୍ରଷ୍ଟି ବ୍ୟାଙ୍କକୁ ହସ୍ତାନ୍ତର ହେବା ପରେ ଏହା ବିଭିନ୍ନ ଲାଭକାରୀ କ୍ଷେତ୍ରରେ ଲଗାଣ ହୋଇ ସୁଧ ସଂଗ୍ରହ ହୁଏ । ଏହି ଅର୍ଥ ପାଇଁ ସରକାର ଗ୍ୟାରେଣ୍ଟର ଥିବାରୁ ଏହା ବୁଡ଼ିଯିବାର ସମ୍ଭାବନା ନାହିଁ ।

ଅବସର ବା ୬୦ବର୍ଷ ପରେ ଜମାକାରୀଙ୍କୁ ନିଜ 'ପ୍ରାନ୍' ଜମା ଖାତାରେ ମୋଟ ଜମାରାଶୀର ସର୍ବନିମ୍ନ ୪୦ ଶତାଂଶ ଅର୍ଥ ଆନୁଇଟି ବାବଦରେ ଜମା ରଖିବାକୁ ପଡ଼ିବ । ସେହି ରାଶୀରୁ ପ୍ରତି ମାସରେ ତାଙ୍କୁ ନିର୍ଦ୍ଦିଷ୍ଟ ପେନ୍‌ସନ୍ ମିଳିବ । ଅବଶିଷ୍ଟ ୬୦ ଶତାଂଶ ଅର୍ଥ ସେ ଉଠାଇପାରିବେ । ଏକକାଳିନ ଯେଉଁ ୬୦ ଶତାଂଶ ଅର୍ଥ ଉଠାଣର ବ୍ୟବସ୍ଥା ଅଛି ତା' ଉପରେ ଆୟକର ପଡ଼ିବ ନାହିଁ । ଆନୁଇଟି ଅର୍ଥ ମଧ୍ୟ ଟିକସ ମୁକ୍ତ । ଏହି ପେନ୍‌ସନ୍ ଯୋଜନାରୁ ଜମାକରୀ ଯଦି ୬୦ ବର୍ଷ ବୟସ ପୂର୍ବରୁ ଓହରିଯାଆନ୍ତି ତାଙ୍କୁ ଜମାରାଶୀର ୮୦ ଶତାଂଶ ଆନୁଇଟି କ୍ରୟ ବ୍ୟବସ୍ଥାରେ ବିନିଯୋଗ କରିବାକୁ ହେବ ଓ ବାକି ୨୦ ଶତାଂଶ ଅର୍ଥ ଏକକାଳୀନ ଉଠାଣର ସୁଯୋଗ ମିଳିବ । ଷାଠିଏ ବର୍ଷ ପୂର୍ବରୁ ଜମାକାରୀଙ୍କ ମୃତ୍ୟୁ ଘଟିଲେ ତାଙ୍କ ମନୋନୀତ ବ୍ୟକ୍ତି (ନମିନୀ) ଖାତାରେ ଜମାଥିବା ସମସ୍ତ ଅର୍ଥ ବିନା ଟିକସରେ ଉଠାଇବାର ସୁଯୋଗ ପାଇବେ । ଆବଶ୍ୟକସ୍ଥଳେ ଜମାକାରୀ ଚାହିଁଲେ ୭୦ବର୍ଷ ବୟସ ପର୍ଯ୍ୟନ୍ତ ନିଜର ଅନ୍ତିମ ଅର୍ଥ ଉଠାଣକୁ ସ୍ଥଗିତ ରଖିପାରିବେ । ସେହିଭଳି ତିନିବର୍ଷ ପର୍ଯ୍ୟନ୍ତ ଆନୁଇଟି କ୍ରୟ ବ୍ୟବସ୍ଥାକୁ

ସ୍ଥଗିତ ରଖିବାର ସୁବିଧା ମଧ୍ୟ ଜମାକାରୀଙ୍କର ରହିଛି । ଏହି ପରିବର୍ଦ୍ଧିତ ସମୟ ପାଇଁ ଜମାକାରୀ ଚାହିଁଲେ ଜମାଖାତାରେ ନିଜ ଅଂଶ ଦେୟ ଜମା କରିପାରିବେ ।

ପ୍ରବାସୀ ଭାରତୀୟଙ୍କ ପାଇଁ ମଧ୍ୟ ଏନ୍‌ପିଏସ୍ ବ୍ୟବସ୍ଥା ରହିଛି । ସେମାନେ ଚାହିଁଲେ ଏବାବଦ ଅର୍ଥ ବସବାସ କରୁଥିବା ଦେଶରୁ ନିଜ ଆକାଉଣ୍ଟ ବାବଦରେ ଦେଇପାରିବେ । ସେମାନେ ରହୁଥିବା ଦେଶର ମୁଦ୍ରାକୁ ଡଲାର ଅନୁପାତରେ ଜମା କରିବାର ବ୍ୟବସ୍ଥା ଅଛି । ଭାରତରେ ଯଦି ସେମାନେ ଖାତା ଖୋଲନ୍ତି ତେବେ ସେମାନଙ୍କ ପାଇଁ ସର୍ବନିମ୍ନ ଦେୟ ପରିମାଣ ଟାୟାର-୧ ଆକାଉଣ୍ଟ ପାଇଁ ୫୦୦ ଓ ରହୁଥିବା ଦେଶରେ ଖୋଲିଲେ ୧୦୦୦ ଟଙ୍କା ଧାର୍ଯ୍ୟ ହୋଇଛି ।

## ଏନ୍‌ପିଏସ୍‌ରେ ଟିକସ ଲାଭ

ଏନ୍‌ପିଏସ୍‌ରେ ଯେଉଁ କର୍ମଚାରୀ ବେତନର ୧୦ ଶତାଂଶ (ମୂଳ ଦରମା ଓ ଭତ୍ତା) ଜମା କରୁଛନ୍ତି ସେମାନଙ୍କୁ ଟିକସ ରିଆତି ଦେବାର ବ୍ୟବସ୍ଥା ଅଛି । ଆୟକର ଆଇନ ଅନୁସାରେ ଏବାବଦରେ ସର୍ବୋଚ୍ଚ ଏକ ଲକ୍ଷ ୫୦ ହଜାର ଉପରେ ଟିକସ ରିଆତି ସୁବିଧା ଅଛି । ସେହିଭଳି ମାଲିକ / ନିଯୁକ୍ତିଦାତା କର୍ମଚାରୀଙ୍କ ବାବଦରେ ଯେଉଁ ଦେୟ ଦିଅନ୍ତି ତାହା ମଧ୍ୟ ଆୟକରମୁକ୍ତ । ଏହାଛଡ଼ା କର୍ମଚାରୀଙ୍କ ଅତିରିକ୍ତ ୫୦ ହଜାର ଟଙ୍କା ନିବେଶ ଉପରେ ଟିକସ ରିଆତି ବ୍ୟବସ୍ଥା ଅଛି । ଏହାର ଅର୍ଥ ଜଣେ କର୍ମଚାରୀ ଏହି ଯୋଜନାରେ ସର୍ବାଧିକ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ଼ ସୁଯୋଗ ପାଇପାରିବେ । ଅନ୍ୟାନ୍ୟ ଜମାକାରୀଙ୍କ ପାଇଁ ମଧ୍ୟ ଏହି ବ୍ୟବସ୍ଥାରେ ଭିନ୍ନଭିନ୍ନ ଟିକସ ରିଆତିର ସୁବିଧା ରହିଛି ।

## ଏନ୍‌ପିଏସ୍ ଫି ଓ ଦେୟ

ଜାତୀୟ ପେନ୍‌ସନ୍ ବ୍ୟବସ୍ଥା (ଏନ୍‌ପିଏସ୍)ରେ ଅର୍ଥ ବିନିଯୋଗ ନିମନ୍ତେ ଫି ଓ ଅନ୍ୟାନ୍ୟ ଦେୟ ବାବଦରେ ଖୁବ୍ କମ୍ ଟଙ୍କା ବା ୦.୫ ଶତାଂଶ ଅର୍ଥ ଦେବାକୁ ପଡ଼େ । ଖାତା ପରିଚାଳନା, ଅନ୍ୟାନ୍ୟ ପରିଚାଳନା ବ୍ୟୟ ଆଦି ପାଇଁ ଏହି ଫି ଆଦାୟ ହୋଇଥାଏ ।

## ନିବେଶ ପରିଚାଳନା

ସରକାରୀ କ୍ଷେତ୍ରର ପେନ୍‌ସନ୍ ପାଣ୍ଠି ବିନିଯୋଗକାରୀଙ୍କ ଅର୍ଥ ତିନିଟି ପେନ୍‌ସନ୍ ପାଣ୍ଠି ଦ୍ୱାରା ପରିଚାଳିତ ହେଉଛି । ସେଗୁଡ଼ିକ ହେଲା ଏସ୍‌ବିଆଇ ପେନ୍‌ସନ୍ ଫଣ୍ଡସ୍, ୟୁଟିଆଇ ରିଟାୟାରମେଣ୍ଟ ସଲ୍ୟୁସନ୍ସ ଓ ଏଲଆଇସି ପେନ୍‌ସନ୍ ଫଣ୍ଡ । ଜମାକାରୀଙ୍କ ଅର୍ଥ ନିମ୍ନ ବ୍ୟବସ୍ଥାରେ ବିନିଯୋଗ ହୋଇଥାଏ ।

୧) ୫୦ ଶତାଂଶ ପର୍ଯ୍ୟନ୍ତ ସରକାରୀ ସିକ୍ୟୁରିଟି ଓ ତତ୍‌ସଂକ୍ରାନ୍ତ ପ୍ରତିଭୂତିରେ ବିନିଯୋଗ

୨) ୪୫ ଶତାଂଶ ଯାଏ ଅର୍ଥ ଋଣ ପ୍ରତିଭୂତି ଓ ତତ୍ ସଂକ୍ରାନ୍ତ ପ୍ରତିଭୂତିରେ ବିନିଯୋଗ

୩) ୧୫ ଶତାଂଶ ଯାଏ ଇକ୍ୟୁଟି ଓ ତତ୍‌ସଂକ୍ରାନ୍ତ ପ୍ରତିଭୂତିରେ

୪) ୫ ଶତାଂଶ ପର୍ଯ୍ୟନ୍ତ ସ୍ୱଳ୍ପ ମିଆଦି ଋଣ ପ୍ରତିଭୂତି ଆଦିରେ

୫) ପାଞ୍ଚ ଶତାଂଶ ଯାଏ ସମ୍ପତ୍ତି ଭିତ୍ତିକ, ଟ୍ରଷ୍ଟ ବ୍ୟବସ୍ଥାର ବିଭିନ୍ନ କ୍ଷେତ୍ରରେ ବିନିଯୋଗ

### ଟେବୁଲ -୨

### ଆରମ୍ଭରୁ ଯୋଜନା ଦ୍ୱାରୀ ଓ ଭବିଷ୍ୟନିଧି ଦ୍ୱାରୀ ଲାଭ (ରିଟର୍ଣ୍ଣ) - ୨୦୧୭ ଏପ୍ରିଲ ୨୯ ସୁଦ୍ଧା

| ପେନ୍‌ସନ୍ ଫଣ୍ଡ | | ଏସ୍‌ବିଆଇ | ୟୁଟିଆଇ | ଏଲଆଇସି | କୋଟାକ୍ | ରିଲାଏନ୍ସ | ଆଇସିଆଇସିଆଇ | ଏଚ୍‌ଡିଏଫ୍‌ସି |
|---|---|---|---|---|---|---|---|---|
| ସିଜି | | ୧୦.୪୩ | ୧୦.୦୬ | ୧୦.୧୩ | -- | -- | -- | -- |
| ଏସ୍‌ଜି | | ୧୦.୦୪ | ୧୦.୧୧ | ୧୦.୨୩ | -- | -- | -- | -- |
| କର୍ପୋରେଟ୍ ସିଜି | | ୧୦.୬୧ | -- | ୧୦.୭୯ | -- | -- | -- | -- |
| ଟାୟାର-୧ | ଇ | ୯.୬୯ | ୧୧.୮୧ | ୧୩.୮୯ | ୧୦.୯୪ | ୧୧.୦୧ | ୧୧.୮୪ | ୧୬.୮୦ |
| | ସି | ୧୧.୧୪ | ୯.୭୯ | ୧୧.୬୧ | ୧୧.୦୬ | ୯.୬୭ | ୧୧.୧୧ | ୧୧.୬୫ |
| | ଜି | ୧୦.୦୬ | ୮.୭୫ | ୧୨.୪୪ | ୮.୯୬ | ୮.୬୩ | ୯.୦୩ | ୧୧.୦୪ |
| ଟାୟାର-୨ | ଇ | ୯.୩୩ | ୯.୬୪ | ୮.୯୧ | ୧୦.୦୮ | ୯.୫୯ | ୯.୩୧ | ୧୨.୩୧ |
| | ସି | ୧୦.୮୦ | ୯.୯୯ | ୯.୯୪ | ୯.୮୦ | ୯.୪୪ | ୧୧.୦୪ | ୯.୯୦ |
| | ଜି | ୧୦.୨୯ | ୯.୮୬ | ୧୨.୬୩ | ୮.୮୨ | ୮.୯୫ | ୯.୨୦ | ୧୧.୬୫ |
| ଏନ୍‌ପିଏସ୍ ସ୍ୱାଭିମାନ | | ୧୧.୧୦ | ୧୦.୯୬ | ୧୦.୯୨ | ୧୧.୧୮ | -- | -- | -- |

**ଅବସରକାଳୀନ ଦେୟ, ପେନ୍‌ସନ୍ ବା ଅନ୍ୟାନ୍ୟ ସେବାନିବୃତ୍ତ ଆର୍ଥିକ ଲାଭ ବୀମା କମ୍ପାନୀ, ମ୍ୟୁଚୁଆଲ ଫଣ୍ଡ, ସରକାରୀ ପ୍ରୋଭିଡେଣ୍ଟ ଫଣ୍ଡ ଆଦି ଦ୍ୱାରା ବ୍ୟାଙ୍କ ଓ ଡାକଘର ଜରିଆରେ ପ୍ରଦାନ କରାଯାଉଛି। ଏହି ପେନ୍‌ସନ୍ ବ୍ୟବସ୍ଥାରେ ବ୍ୟକ୍ତିବିଶେଷ ଇଚ୍ଛାଧୀନ ଭାବେ ସାମିଲ ହୋଇପାରିବେ। ଏଥିପାଇଁ ଦେବାକୁ ଥିବା ଅର୍ଥ ଉପରେ ଟିକସ ପ୍ରୋତ୍ସାହନ, ରିଆତି ଆଦିର ବ୍ୟବସ୍ଥା ଅଛି। ଭାରତରେ ପେନ୍‌ସନ୍ ସଂସ୍କାର ନୀତିର ସଂଶୋଧନ ବିଭିନ୍ନ କାରଣରୁ ଅପରିହାର୍ଯ୍ୟ ଥିଲା। ସରକାରୀ କର୍ମଚାରୀଙ୍କ ପାଇଁ ଯେଉଁ ପେନ୍‌ସନ୍ ପ୍ରଦାନ ବ୍ୟବସ୍ଥା ଥିଲା ସେଥିରେ ସେମାନଙ୍କର ଅଂଶ / ଅବଦାନ ରହୁ ନ ଥିଲା। ସରକାର ହିଁ ସେମାନଙ୍କ ପେନ୍‌ସନ୍ ବାବଦ ଦେୟ ଭରଣା କରୁଥିଲେ। ଏହା ଫଳରେ ରାଜକୋଷ ଉପରେ ଭାରି ବୋଝ ପଡୁଥିଲା ଏବଂ ଟିକସର ଏକ ବଡ଼ ଭାଗ ପେନ୍‌ସନ୍ ବାବଦରେ ଯାଉଥିଲା। ସେହିଭଳି ବିରାଟ ଅସଂଗଠିତ କ୍ଷେତ୍ରରେ ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ପେନ୍‌ସନ୍ ବାବଦରେ ସରକାରଙ୍କୁ ବିପୁଳ ପାଣ୍ଠି ବ୍ୟୟ କରିବାକୁ ପଡୁଥିଲା। ବିଭିନ୍ନ ବିଶେଷଜ୍ଞ କମିଟିଙ୍କ ସୁପାରିଶ ଆଧାରରେ ସରକାର ପୁରୁଣା ବ୍ୟବସ୍ଥାକୁ ବନ୍ଦ କରି ବ୍ୟକ୍ତିବିଶେଷ / କର୍ମଚାରୀଙ୍କ ସହଯୋଗ ବା ଅବଦାନରେ ନୂଆ ପେନ୍‌ସନ୍ ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି।**

ସରକାରୀ କର୍ମଚାରୀଙ୍କ ବ୍ୟତୀତ ଅନ୍ୟମାନଙ୍କ ପାଇଁ ଆଠଟି ବ୍ୟବସ୍ଥାରେ ପେନ୍‌ସନ୍ ଫଣ୍ଡ ଅର୍ଥ ବିନିଯୋଗର ବ୍ୟବସ୍ଥା ରହିଛି। ସେମାନେ ନିଜ ଇଚ୍ଛା ଅନୁସାରେ ଏଥିରୁ ଗୋଟିଏ ବାଛି ପାରିବେ। ଏସବୁ ହେଲା ଏଚ୍‌ଡିଏଫ୍‌ସି ପେନ୍‌ସନ୍ ମ୍ୟାନେଜମେଣ୍ଟ, ଆଇସିଆଇସିଆଇ ପ୍ରୁଡେନସିଅଲ୍ ପେନ୍‌ସନ୍ ଫଣ୍ଡ, କୋଟାକ ମହୀନ୍ଦ୍ରା ପେନ୍‌ସନ୍ ଫଣ୍ଡ, ଏଲ୍‌ଆଇସି ପେନ୍‌ସନ୍ ଫଣ୍ଡ, ରିଲାଏନ୍ସ କ୍ୟାପିଟାଲ ପେନ୍‌ସନ୍ ଫଣ୍ଡ, ଏସ୍‌ବିଆଇ ପେନ୍‌ସନ୍ ଫଣ୍ଡ, ୟୁଟିଆଇ ରିଟାୟାରମେଣ୍ଟ ସଲ୍ୟୁସନ୍ସ, ବିର୍ଲା ସନ୍ ଲାଇଫ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ। ସମ୍ପୃକ୍ତ ଜମାକରୀ ନିଜ ଇଚ୍ଛା ଅନୁସାରେ ନିଜ ପାଣ୍ଠି ବିନିଯୋଗର ଶୈଳୀ ମଧ୍ୟ ନିର୍ଦ୍ଧାରଣ କରିବାର ଅଧିକାର ପାଇଛନ୍ତି।

୨୦୧୭ ଜୁନ୍ ତିନି ତାରିଖ ସୁଦ୍ଧା ଏନ୍‌ପିଏସ୍ ଖାତାଧାରୀଙ୍କ ସଂଖ୍ୟା ୧୦.୭ ନିୟୁତରୁ ଅଧିକ ହୋଇଛି। ଏବାବଦରେ ମୋଟ୍ ୧୪୨୨୬୩ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହି ଖାତାଧାରୀଙ୍କ ମଧ୍ୟରେ ସରକାରୀ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୪୯ ଶତାଂଶ। ଅଟଳ ପେନ୍‌ସନ୍ ଯୋଜନାର ଖାତାଧାରୀଙ୍କୁ ହିସାବକୁ ନେଲେ ମୋଟ୍ ଖାତାଧାରୀଙ୍କ ସଂଖ୍ୟା ୧୬.୧ ନିୟୁତ ଏବଂ ଅଂଶଧନ ଜମା ପରିମାଣ ୧୪୪୩୪୦ କୋଟି ଟଙ୍କା ହେବ। ଏଯାଏ ଏନ୍‌ପିଏସ୍ ପାଣ୍ଠିର ପ୍ରାୟ ୧୩.୫% ଇକ୍ୟୁଇଟି ସେୟାରରେ ନିବେଶ ହୋଇଛି। ସେହିଭଳି ସରକାରୀ ପ୍ରତିଭୂତିରେ ୪୮ ଶତାଂଶ, କର୍ପୋରେଟ୍ ବଣ୍ଡସ୍‌ରେ ୩୫.୫ ଏବଂ ଅବଶିଷ୍ଟ ଅନ୍ୟାନ୍ୟ ସ୍ୱଳ୍ପମିଆଦି/ ଅର୍ଥବଜାର ପ୍ରତିଭୂତିରେ ବିନିଯୋଗ ହୋଇଛି। ଅଧିକାଂଶ ଅର୍ଥ ଅଧିକ ସୁଧ ମିଳୁଥିବା ଉଦ୍ୟୋଗରେ ବିନିଯୋଗ କରାଯାଇଛି। ବିନିଯୋଗ ହୋଇଥିବା ଅର୍ଥରୁ ବାର୍ଷିକ ହାରାହାରି ୧୦ ପ୍ରତିଶତ ହାରରେ ସୁଧ ମିଳୁଛି।

ଲେଖକ ଜଣେ ପେନ୍‌ସନ୍ ଫଣ୍ଡ୍ ରେଗୁଲେଟୋରୀ ଆଣ୍ଡ୍ ଡେଭଲପ୍‌ମେଣ୍ଟ ଅଥରିଟ୍‌ରେ ଅର୍ଥନୀତି ବିଭାଗର ଜଣେ ପୂର୍ଣ୍ଣକାଳୀନ ସଦସ୍ୟ

# ମଧ୍ୟାହ୍ନଭୋଜନ : ଶିକ୍ଷାରେ ସାମାଜିକ ନିରାପତ୍ତା

କିରଣ ଭଟ୍ଟି

> ଭାରତରେ ସ୍କୁଲରେ ପିଲାଙ୍କୁ ଗରମ ରନ୍ଧା ଖାଦ୍ୟ ଦେବାର ଇତିହାସ ୧୯୮୨ରେ ପ୍ରଥମେ ତାମିଲନାଡୁରେ ଆରମ୍ଭ ହୋଇଥିଲା। ୨୦୦୧ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସବୁ ସରକାରୀ ସ୍କୁଲରେ ରନ୍ଧା ଖାଦ୍ୟ ଯୋଗାଣ ଏକ ଆଇନଗତ ବ୍ୟବସ୍ଥା ହେବାର ବହୁପୂର୍ବରୁ ତାମିଲନାଡୁରେ ଏହା ଆରମ୍ଭ କରାଯାଇଥିଲା। ଏବେ ମଧ୍ୟ ଦେଶର ବିଭିନ୍ନ ଭାଗରେ ସ୍କୁଲରେ ପିଲାଏ ଯେଉଁ ପ୍ରଥମ ମଧ୍ୟାହ୍ନଭୋଜନ ଖାଉଛନ୍ତି, ବାସ୍ତବରେ ଦିନରେ ଏହା ସେମାନଙ୍କର ପ୍ରଥମ ଭୋଜନ। ସାରା ଦେଶର ୧୧.୫ ଲକ୍ଷ ସ୍କୁଲରେ ୧୦କୋଟିରୁ ଅଧିକ ପିଲାଙ୍କୁ ଏହି ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି। ଏହି ଯୋଜନାର ଆଉ କେତେକ ସାମାଜିକ ଲାଭ ମଧ୍ୟ ରହିଛି। ସାମାଜିକ ପୃଷ୍ଠଭୂମି ନିର୍ବିଶେଷରେ ସବୁ ବର୍ଗର ପିଲାଏ ଏକାଠି ବସି ଭୋଜନ କରିବାର ଅଭ୍ୟାସ ପ୍ରଚଳିତ ହୋଇଛି।

ସାମାଜିକ ନିରାପତ୍ତାର ସଂଜ୍ଞା ହେଲା ସବୁ ନାଗରିକଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟକୁ ନିଶ୍ଚିତ କରିବା ଏବଂ ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା। ଏହି ବ୍ୟବସ୍ଥାରେ ସରକାର ଲୋକଙ୍କୁ ମର୍ଯ୍ୟାଦାର ସହ ବଞ୍ଚିବାକୁ ନିର୍ଦ୍ଦିଷ୍ଟ କିଛି ମୌଳିକ ସେବା ଯୋଗାଇଥାନ୍ତି। ସାମାଜିକ ଚୁକ୍ତି ବିଚାରରୁ ଏହି ସାମାଜିକ ସୁରକ୍ଷା ମତବାଦଟି ଆସିଛି। ଏଥିରେ ସମାଜ ବା ରାଷ୍ଟ୍ରର ସବୁବର୍ଗର ଲୋକଙ୍କୁ ସମାନ ସାମାଜିକ ସୁରକ୍ଷା ଓ ସେବା ଯୋଗାଇ ଦେବାର ବ୍ୟବସ୍ଥା ଅଛି। ସାମାଜିକ ଚୁକ୍ତିକୁ (ସୋସିଆଲ କଣ୍ଟ୍ରାକ୍ଟ) ସବୁ ଗଣତାନ୍ତ୍ରିକ ରାଷ୍ଟ୍ର ଓ ସମାଜ ସ୍ୱୀକୃତି ପ୍ରଦାନ କରେ। ଏହାର ଇତିହାସ ଅତି ପୁରୁଣା ଏବଂ ଦୀର୍ଘ ଯାହାର ମୂଳ ନିର୍ଣ୍ଣୟ କରିବା କଷ୍ଟ। ରୋମ୍ ସାମ୍ରାଜ୍ୟରେ ଲୋକଙ୍କୁ ମାଗଣାରେ ଖାଦ୍ୟ ଶସ୍ୟ ବଣ୍ଟନର ପ୍ରମାଣ ମିଳେ। ୧୬୦୧ରେ ଗରିବ ଲୋକଙ୍କ ପାଇଁ ପ୍ରଣିତ ବ୍ରିଟିଶ ଆଇନ ('ଇଂଲିଶ ପୁଅର ଲ') ଏବଂ ୧୯୩୫ର ଆମେରିକୀୟ ସାମାଜିକ ନିରାପତ୍ତା ଆଇନ୍ ଆଦି ଏହାର ଗୋଟିଏ ଗୋଟିଏ ବଳିଷ୍ଠ ଉଦାହରଣ।

ସାର୍ବଜନୀନ ମାନବାଧିକାର ଘୋଷଣାନାମା (୧୯୪୮)ର ଧାରା ୨୨ରେ ସାମାଜିକ ନିରାପତ୍ତା ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯାହା ସମସ୍ତଙ୍କ ପାଇଁ ଗ୍ରହଣୀୟ। ଏଥିରେ କୁହାଯାଇଛି, "ପ୍ରତ୍ୟେକ, ସମାଜର ଜଣେ ସଦସ୍ୟ ହିସାବରେ, ସାମାଜିକ ନିରାପତ୍ତା ପାଇବାକୁ ହକ୍‌ଦାର। ଏଥିପାଇଁ ତାଙ୍କୁ ଜାତୀୟ ପ୍ରୟାସରେ, ଆନ୍ତର୍ଜାତିକ ସହଯୋଗରେ, ପ୍ରତ୍ୟେକ ରାଷ୍ଟ୍ରର ସମ୍ବଳ ଅନୁସାରେ ଆର୍ଥିକ, ସାମାଜିକ, ସାଂସ୍କୃତିକ ସୁରକ୍ଷା ଯୋଗାଇ ଦେବା ସହ ତାଙ୍କର ମର୍ଯ୍ୟାଦା ଏବଂ ତାଙ୍କ ବ୍ୟକ୍ତିତ୍ୱର ମୁକ୍ତ ବିକାଶ ପାଇଁ ସହାୟତା ଯୋଗାଇ ଦିଆଯିବା ଆବଶ୍ୟକ।"

ଏହାପରଠାରୁ ବିଶ୍ୱର ବିଭିନ୍ନ ଦେଶରେ ସାମାଜିକ ନିରାପତ୍ତା ବ୍ୟବସ୍ଥା ନାନା ରୂପ ନେଇଛି। ତଦନୁସାରେ ନାଗରିକଙ୍କୁ କାର୍ଯ୍ୟରେ ଅବଦାନ ନିମନ୍ତେ ପେନ୍‌ସନ୍ କିମ୍ବା ବେକାରଙ୍କୁ ବେକାରୀ ଭତ୍ତା ବୀମା (ସାମାଜିକ ବୀମା) କିମ୍ବା ସ୍ୱାସ୍ଥ୍ୟ, ଶିକ୍ଷା ଆଦି ମୌଳିକସେବା କ୍ଷେତ୍ରରେ ବିନା ଦେୟରେ ସାମାଜିକ ନିରାପତ୍ତା ଓ ସୁବିଧା ଯୋଗାଣ ବ୍ୟବସ୍ଥା କରାଯାଇଛି। ଉଭୟ କ୍ଷେତ୍ରରେ ଏହା ଗଣତାନ୍ତ୍ରିକ ସମାଜର ଅଂଶବିଶେଷ ଭାବେ ଗଣ୍ୟ ହେଉଛି। ଦାରିଦ୍ର୍ୟ ଓ ସାମାଜିକ ଅସମତା ଜନିତ ପ୍ରତିବନ୍ଧକକୁ ଦୂର କରିବା ଲକ୍ଷ୍ୟରେ ରାଷ୍ଟ୍ର ପକ୍ଷରୁ ସରକାର ଏହି ସୁରକ୍ଷା ନାଗରିକଙ୍କୁ ଯୋଗାଇ ଦେଉଛନ୍ତି।

ଭାରତରେ କାଗଜ କଲମରେ ଅନେକ ସାମାଜିକ ସୁରକ୍ଷା ବ୍ୟବସ୍ଥା ରହିଛି। ସେଥିମଧ୍ୟରୁ ପେନ୍‌ସନ୍, ନିଯୁକ୍ତି ଗ୍ୟାରେଣ୍ଟି (ବେକାରୀ ଓ କ୍ଷତିପୂରଣ) ମାତୃତ୍ୱ ଜନିତ ସହାୟତା, ଖାଦ୍ୟ ରିଆତି ଏବଂ ସ୍କୁଲରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ ଆଦି ଅନ୍ୟତମ। ଏସବୁ ଯୋଜନା ଓ କର୍ଯ୍ୟକ୍ରମର ବାସ୍ତବ ରୂପାୟନ ସ୍ଥିତି ସର୍ବତ୍ର ସମାନ ନୁହେଁ ଏଥିରେ ଅନେକ ତ୍ରୁଟି ବିଚ୍ୟୁତି ଘଟିଥାଏ। ରୂପାୟନ ଗତ ବିଭ୍ରାଟ ଯୋଗୁଁ ଉଦ୍ଦିଷ୍ଟବର୍ଗଙ୍କ ନିକଟରେ ଲକ୍ଷ୍ୟର ସୁଫଳ ପହଞ୍ଚିପାରୁ ନ ଥିବା ବିଭିନ୍ନ ସର୍ଭେକ୍ଷଣ ଓ ତଥ୍ୟାବଳୀରୁ ଜଣାପଡ଼େ। ଅମଲାତାନ୍ତ୍ରିକ ଉଦାସୀନତା, ଦୁର୍ନୀତି, ପାଣ୍ଠିର ଅଭାବ ଆଦି ନାନା କଥାକୁ କାର୍ଯ୍ୟକ୍ରମର ବିଫଳତା ପାଇଁ ଦାୟୀ କରାଯାଏ। ଏ କ୍ଷେତ୍ରରେ ବିଫଳତାକୁ ରୋକିବା ଏବଂ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ସରକାର ଅସମର୍ଥ ହେଉଥିବାରୁ ସାଧାରଣରେ ଅସନ୍ତୋଷ




ସୃଷ୍ଟି ହେଉଛି ଏବଂ ପ୍ରଶାସନରେ ନୈରାଶ୍ୟ ପ୍ରକାଶ ପାଉଛି। ଲୋକଙ୍କୁ ସେବା ଯୋଗାଣରେ ଅମଲାତନ୍ତ୍ର ବିଫଳ ହେଉଛି ବୋଲି ଏକ ଧାରଣା ସୃଷ୍ଟି ହେଉଛି। ଏକ ଲୋକ କଲ୍ୟାଣକାରୀ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନତାଙ୍କୁ ଯୋଜନା ସତ୍ତ୍ୱେ ତାହାର ଲାଭ ମିଳିବ ନାହିଁ ଏବଂ ଜନତା ବିଭିନ୍ନ ସାମାଜିକ ସୁରକ୍ଷା ବ୍ୟବସ୍ଥାରୁ ରୂପାୟନଗତ ତ୍ରୁଟି ପାଇଁ ବଞ୍ଚିତ ହେବେ - ଏହା ଅତ୍ୟନ୍ତ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଥାଏ। ତେଣୁ ରୂପାୟନଗତ ତ୍ରୁଟି ସୁଧାରିବା ସହ ଲୋକଙ୍କୁ ସେବା ଯୋଗାଣ କାର୍ଯ୍ୟ ସରକାର ନିଜେ ସିଧାସଳଖ ନ'କରି ଏହାକୁ ଅନ୍ୟ ମାଧମରେ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ସେଥିମଧ୍ୟରେ ଘରୋଇକରଣ, ସରକାରୀ-ଘରୋଇ ଭାଗୀଦାରୀ କିମ୍ବା ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରି ଯୋଗାଣ ବ୍ୟବସ୍ଥାର ତଦାରଖ କରିବା ଆଦି ଅନ୍ୟତମ। ଏସବୁ ସତ୍ତ୍ୱେ ଏହି କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଚିହ୍ନିବା ଏବଂ ସେମାନଙ୍କୁ ଯୋଜନାର ସୁଫଳ ଦେବା କ୍ଷେତ୍ରରେ ବାୟୋମେଟ୍ରିକ୍ସର ବାଧ୍ୟତାମୂଳକ ପ୍ରଚଳନ ଅଧିକ ଗୁରୁତ୍ୱ ରଖେ। ଏହା ଦ୍ୱାରା ଠକାମି, ଜାଲିଆତି, ବାଟମାରଣା ଓ ଦୁର୍ନୀତିର ବାଟ ବନ୍ଦ ହୋଇଯିବ। ହିତାଧିକାରୀଙ୍କୁ ସେବା ଯୋଗାଣ ସହଜ ଏବଂ ସରଳ ହୋଇପାରିବ। ଏ ସମ୍ପର୍କରେ ଭାରତ ସରକାରଙ୍କ ସର୍ବଶେଷ ନିର୍ଦ୍ଦେଶାବଳୀ ଗୁରୁତ୍ୱପୂର୍ଣ୍ଣ। ସରକାର ଏବେ ନିର୍ଦ୍ଦେଶ ଦେଇଛନ୍ତି ଯେ ସ୍କୁଲରେ ମଧ୍ୟାହ୍ନ ଭୋଜନ ପାଇଁ ପିଲାଙ୍କ ଶାରୀରିକ ସଂକେତ ଥିବା ବାୟୋମେଟ୍ରିକ ଭିତ୍ତିକ ଆଧାର କାର୍ଡ ବାଧ୍ୟତାମୂଳକ ହେବ।

ଏହି ଲେଖାରେ ସ୍କୁଲ ସମୂହରେ ପ୍ରଦାନ କରାଯାଉଥିବା ମଧ୍ୟାହ୍ନ ଭୋଜନର ସାମାଜିକ ନିରାପତ୍ତା ଦିଗ ଏବଂ ଏହି ବ୍ୟବସ୍ଥାର ଉନ୍ନତି ପାଇଁ ବାୟୋମେଟ୍ରିକ ବ୍ୟବସ୍ଥାର ପ୍ରବର୍ତ୍ତନର ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିରେ ଉପସ୍ଥାପିତ ଯୁକ୍ତି ହେଲା ବାୟୋମେଟ୍ରିକ ବ୍ୟବସ୍ଥା ପ୍ରବର୍ତ୍ତନ ହେଲେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସଫଳତା ଓ ଉଦ୍ଦେଶ୍ୟ ନେଇ ଅଧିକ ପ୍ରଶ୍ନ ଉଠିବ ଓ ସମାଧାନ ସୂତ୍ର କମ୍ ମିଳିବ। ପ୍ରକାରାନ୍ତରେ ଏହା ଶିଶୁଙ୍କ ପୁଷ୍ଟି ଓ ଶିକ୍ଷାଗତ ନିରାପତ୍ତାକୁ ପ୍ରଭାବିତ କରିବ।

### ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ

ସମାଜିକ ନିରାପତ୍ତା ଓ ଶିକ୍ଷା ମଧ୍ୟରେ ଥିବା ସମ୍ପର୍କ ସୁପ୍ରତିଷ୍ଠିତ ହୋଇଥିଲେ ହେଁ ଏହା ଜଟିଳ। କାରଣ ଦୁଇଟିଯାକ ଜିନିଷ ପରସ୍ପର ବିପରୀତ ଦିଗରେ ଗତି କରନ୍ତି। ଶିକ୍ଷା ସୁଯୋଗ ପାଇବା ପାଇଁ ଗରିବ ପରିବାରର ପିଲାଏ ନିଶ୍ଚିତ ଭାବେ କିଛି ପରିମାଣର ସାମାଜିକ ନିରାପତ୍ତା ଲୋଡ଼ିଥାନ୍ତି। ଅପରପକ୍ଷରେ ଶିକ୍ଷା ମଧ୍ୟ ଏକ ସାମାଜିକ ନିରାପତ୍ତା ଯାହା ଜଣକୁ ଭବିଷ୍ୟତର ଅନିଶ୍ଚିତତା ଓ ଦାରିଦ୍ର୍ୟରୁ ସୁରକ୍ଷିତ କରିଥାଏ। ଲାକ୍ଷଣିକ ବା ଆଦର୍ଶ ଭାବେ ଶିକ୍ଷା ପାଇଁ ସାମାଜିକ ସୁରକ୍ଷାରେ ସାମାଜିକ ଓ ଆର୍ଥିକ ଅନଗ୍ରସର ବର୍ଗର ପିଲାଙ୍କ ନିମନ୍ତେ ଏଭଳି ସୁବିଧା ସୁଯୋଗ ସୃଷ୍ଟି କରାଯିବା ଉଚିତ ଯେଉଁଠି ସେମାନେ ପାଠ ପଢ଼ିବାର ଉତ୍ତମ ସୁବିଧା ସୁଯୋଗ ପାଇବେ ଏବଂ ସେମାନଙ୍କୁ ସେଥିପାଇଁ ଆବଶ୍ୟକ ପରିବେଶ ଓ ସୁବିଧା ମିଳୁଥିବ। ଏଥି ପାଇଁ ସ୍କୁଲଗୁଡ଼ିକ ଗାଁର ନିକଟବର୍ତ୍ତୀ ହେବା ଆବଶ୍ୟକ। ପିଲାଙ୍କ ପାଇଁ ବୃତ୍ତି ଓ ଅନ୍ୟାନ୍ୟ ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା, ସ୍କୁଲରେ ଭୋଜନ ସୁବିଧା, ସ୍କୁଲ ସ୍ୱାସ୍ଥ୍ୟ ଯୋଜନା ଓ ଅନ୍ୟାନ୍ୟ ସୁବିଧା



ସୁଯୋଗ ଭାରତରେ ସରକାରୀ ବ୍ୟବସ୍ଥାରେ ଏସବୁ କଥା ରହିଛି । ତେବେ ସର୍ବତ୍ର ଏହା ସମାନ ଭାବେ ଉପଲବ୍ଧ ହେଉନାହିଁ । ଏହା ସତ୍ତ୍ୱେ ଭାରତରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ସବୁଠୁ ଗ୍ରହଣୀୟ ସାମାଜିକ ନିରାପତ୍ତା ବ୍ୟବସ୍ଥା ଭାବେ ସ୍କୁଲ ସମୂହରେ ଚାଲିଛି ।

ଏକଥା ସର୍ବଜନବିଦିତ ଯେ ଭୋକିଲା ପେଟରେ ପାଠପଢ଼ା ମୂଲ୍ୟହୀନ । ଭାରତର ଶିଶୁଙ୍କ କ୍ଷୁଧା ଓ ପୁଷ୍ଟିହୀନତାର ରେକର୍ଡ ଦେଖିଲେ ସ୍କୁଲରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପ୍ରବର୍ତ୍ତନକୁ ଯଥାର୍ଥ କୁହାଯାଇପାରେ । ଏହାଦ୍ୱାରା ଦୁଇଟି ଉଦ୍ଦେଶ୍ୟ - ପିଲାଙ୍କ ପୁଷ୍ଟିସାଧନ ଏବଂ ଭୋଜନ ଉଦ୍ଦେଶ୍ୟରେ ପିଲାଙ୍କ ସ୍କୁଲ ଆଗମନ ଏବଂ ସେଠାରେ ଦିନ ସାରା ରହିବା ସହଜ ହେବ । ଏହାଦ୍ୱାରା ସେମାନେ ପ୍ରକାରାନ୍ତରେ ଶିକ୍ଷାପ୍ରତି ମଧ୍ୟ ଆକୃଷ୍ଟ ହେବେ । ଅତଏବ ସ୍କୁଲରେ ମଧ୍ୟାହ୍ନ ଭୋଜନ ଏକ ବହୁମୁଖୀ ବ୍ୟବସ୍ଥା । ବିଶ୍ୱବ୍ୟାପୀ ହୋଇଥିବା ଗବେଷଣାରୁ



ଜଣାପଡ଼ିଛି ଯେ ସ୍କୁଲ ମିଲ୍ (ଭୋଜନ) କ୍ଷୁଧା ଦୂର କରେ । ପିଲାଙ୍କ ନାମ ଲେଖା ଓ ଉପସ୍ଥାନ ହାର ବଢ଼ାଏ ଏବଂ ଶିକ୍ଷାଗ୍ରହଣ ଧାରାକୁ ତ୍ୱରାନ୍ୱିତ କରେ । ବିକାଶଶୀଳ ଓ ବିକଶୀତ - ସବୁ ଦେଶରେ କିଛି ନା କିଛି ସ୍କୁଲ ଭୋଜନର ବ୍ୟବସ୍ଥା ଅଛି ।

ଭାରତରେ ସ୍କୁଲରେ ପିଲାଙ୍କୁ ଗରମ ରନ୍ଧା ଖାଦ୍ୟ ଦେବାର ଇତିହାସ ୧୯୮୨ରେ ପ୍ରଥମେ

## ଶିକ୍ଷା ସୁଯୋଗର ସମ୍ପ୍ରସାରଣ

❖ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶର ପୂର୍ବାଞ୍ଚଳ, ଆସାମ ହିମାଚଳ ପ୍ରଦେଶ, ଜାମ୍ମୁ ଓ କାଶ୍ମୀର, ପଞ୍ଜାବ, ତାମିଲନାଡୁ ଏବଂ ବିହାରରେ ୧୦ଟି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା କରାଯିବ ।

❖ ୨୦୧୪-୧୫ ମସିହାରେ ସ୍ନାତକ ଶ୍ରେଣୀରେ ୫୪,୩୪୮ ସିଟ୍ ଥିବାବେଳେ ତାହା ୨୦୧୬-୧୭ ମସିହାରେ ୬୫୧୮୩କୁ ବୃଦ୍ଧି ପାଇଛି ।

❖ ୨୦୧୪-୧୫ ମସିହାରେ ୨୫,୩୪୬ଟି ସ୍ନାତକୋତ୍ତର ସିଟ୍ ଥିବାବେଳେ ତାହା ୨୦୧୭-୧୮ ମସିହା ବେଳକୁ ୩୬ହଜାର ୭୦୩ କୁ ବୃଦ୍ଧି ପାଇଛି ।



❖ ସୁକନ୍ୟା ସମୃଦ୍ଧି ଯୋଜନା ଅଧୀନରେ ବାଳିକା ଶିକ୍ଷା ଉପରେ ପ୍ରାଧାନ୍ୟ ଦିଆଯାଇଛି । ଏଥିରେ ୧କୋଟିରୁ ଅଧିକ ବ୍ୟାଙ୍କ ଖାତା ଖୋଲାଯାଇ ୧୧ହଜାର କୋଟି ଟଙ୍କା ଜମା କରାଯାଇଛି ।



ତାମିଲନାଡୁରେ ଆରମ୍ଭ ହୋଇଥିଲା। ୨୦୦୧ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସବୁ ସରକାରୀ ସ୍କୁଲରେ ରନ୍ଧା ଖାଦ୍ୟ ଯୋଗାଣ ଏକ ଆଇନଗତ ବ୍ୟବସ୍ଥା ହେବାର ବହୁପୂର୍ବରୁ ତାମିଲନାଡୁରେ ଏହା ଆରମ୍ଭ କରାଯାଇଥିଲା। ଏବେ ମଧ୍ୟ ଦେଶର ବିଭିନ୍ନ ଭାଗରେ ସ୍କୁଲରେ ପିଲାଏ ଯେଉଁ ପ୍ରଥମ ମଧ୍ୟାହ୍ନଭୋଜନ ଖାଉଛନ୍ତି, ବାସ୍ତବରେ ଦିନରେ ଏହା ସେମାନଙ୍କର ପ୍ରଥମ ଭୋଜନ। ସାରା ଦେଶର ୧୧.୫ ଲକ୍ଷ ସ୍କୁଲରେ ୧୦କୋଟିରୁ ଅଧିକ ପିଲାଙ୍କୁ ଏହି ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି। ମଧ୍ୟାହ୍ନଭୋଜନ ପ୍ରସ୍ତୁତି ନିମନ୍ତେ (ପାଚିକା) ଏବଂ ଏଥିରେ ସହାୟତା କରିବାକୁ ମୁଖ୍ୟତଃ ତଫସିଲଭୁକ୍ତ ଜାତି, ଉପଜାତି ଓ ଅନ୍ୟାନ୍ୟ ପଛୁଆବର୍ଗର ପ୍ରାୟ ୨୫ ଲକ୍ଷ ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଯୋଜନାର ଆଉ କେତେକ ସାମାଜିକ ଲାଭ ମଧ୍ୟ ରହିଛି। ସାମାଜିକ ପୃଷ୍ଠଭୂମି ନିର୍ବିଶେଷରେ ସବୁ ବର୍ଗର ପିଲାଏ ଏକାଠି ବସି ଭୋଜନ କରିବାର ଅଭ୍ୟାସ ପ୍ରଚଳିତ ହୋଇଛି। ଖାଦ୍ୟର ମାନ ନିର୍ଦ୍ଧାରଣ ଓ ନିୟନ୍ତ୍ରଣ କରିବାକୁ ସ୍ଥାନୀୟ କମିଟିକୁ ସୁଯୋଗ ଦିଆଯାଇଛି। ଏହାଦ୍ୱାରା ସ୍କୁଲରେ ପିତାମାତାଙ୍କ ଉପସ୍ଥିତି ଓ କାର୍ଯ୍ୟକ୍ରମରେ ସାମିଲ ହେବାର ଅବକାଶ ସୃଷ୍ଟି ହୋଇଛି। କେତେକ ସ୍ଥାନରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ସାମଗ୍ରୀର ବ୍ୟବହାର ମଧ୍ୟ କରାଯାଉଛି।

ଏହି କାର୍ଯ୍ୟକ୍ରମ ଓ ଏହାର ପରିଚାଳନା ଯେ ସମାଲୋଚନାର ଊର୍ଦ୍ଧ୍ୱରେ ଏକଥା ନୁହେଁ। ଏହାର ରୂପାୟନ କ୍ଷେତ୍ରରେ ଅନେକ ତ୍ରୁଟି ବିଚ୍ୟୁତି ରହିଛି। ମଧ୍ୟାହ୍ନ ଭୋଜନ ଯୋଗାଣରେ ଅନିୟମିତତା ଦେଖାଯାଏ। ଭୋଜନ ପ୍ରସ୍ତୁତିରେ ପରିଚ୍ଛନ୍ନତା ଜନିତ ଅଭାବ ରହିଛି। ଆବଶ୍ୟକ ଭିତ୍ତିଭୂମି ଓ ମୌଳିକ ସୁବିଧା ସୁଯୋଗ ଅନେକ ସ୍କୁଲରେ ନାହିଁ। ପିଲାଙ୍କୁ ଯେଉଁ ଖାଦ୍ୟ ଖାଇବାକୁ ଦିଆଯାଉଛି ତାହାର ପୌଷ୍ଟିକତା ମଧ୍ୟ କେତେକ ସ୍ଥଳେ ଯଥେଷ୍ଟ ନୁହେଁ। କେତେ ସଂଖ୍ୟକ ପିଲାଙ୍କୁ ପ୍ରକୃତରେ ଏହି ମଧ୍ୟାହ୍ନ ଭୋଜନ ଦିଆଯାଉଛି ତାହାର ପ୍ରକୃତ ସଂଖ୍ୟା ମଧ୍ୟ ନିର୍ଣ୍ଣୟ କରିବା କଷ୍ଟ। ସମାଲୋଚକଙ୍କ ମତରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଓ ପିଲାଙ୍କୁ ତାହା ଯୋଗାଇବା ପାଇଁ ଶିକ୍ଷକମାନେ ପ୍ରାୟତଃ ବ୍ୟସ୍ତ ରହୁଥିବାରୁ ସେମାନେ ନିଜର ମୌଳିକ କାର୍ଯ୍ୟ ପାଠପଢ଼ା ସମ୍ପାଦନ କରିପାରୁ ନାହାନ୍ତି। ଅନେକ ସ୍ଥାନରେ ପିଲାଏ କେବଳ ଖାଇବାକୁ ସ୍କୁଲ ଆସନ୍ତି ଏବଂ ମଧ୍ୟାହ୍ନଭୋଜନ ପରେ ପଳାଇଯାଆନ୍ତି। ସ୍କୁଲରେ ଦଳିତ ପିଲାଙ୍କୁ ଅନ୍ୟ ପିଲାଙ୍କ ଗହଣରେ ବସି ଖାଇବାକୁ ସୁଯୋଗ ଦିଆଯାଏନାହିଁ ଏବଂ ଜାତିଭିତ୍ତିରେ ପିଲାଏ ଅଲଗା ଅଲଗା ବସି ଅନେକ ସ୍କୁଲରେ ଖାଆନ୍ତି। ଏବେ ପ୍ରଶ୍ନ ହେଉଛି ଯେ ସବୁ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନକୁ ୟୁନିକ୍ ଆଇଡେଣ୍ଟିଟି ନମ୍ବର ବା ଆଧାରକାର୍ଡ ଭିତ୍ତିକ କଲେ ଉପୁଜୁଥିବା ସମସ୍ୟାର ସମାଧାନ ହୋଇପାରିବ କି ?

**ଏକଥା ସର୍ବଜନବିଦିତ ଯେ ଭୋକିଲା ପେଟରେ ପାଠପଢ଼ା ମୂଲ୍ୟହୀନ। ଭାରତର ଶିଶୁଙ୍କ କ୍ଷୁଧା ଓ ପୁଷ୍ଟିହୀନତାର ରେକର୍ଡ ଦେଖିଲେ ସ୍କୁଲରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପ୍ରବର୍ତ୍ତନକୁ ଯଥାର୍ଥ କୁହାଯାଇପାରେ। ଏହାଦ୍ୱାରା ଦୁଇଟି ଉଦ୍ଦେଶ୍ୟ - ପିଲାଙ୍କ ପୁଷ୍ଟିସାଧନ ଏବଂ ଭୋଜନ ଉଦ୍ଦେଶ୍ୟରେ ପିଲାଙ୍କ ସ୍କୁଲ ଆଗମନ ଏବଂ ସେଠାରେ ଦିନ ସାରା ରହିବା ସହଜ ହେବ। ଏହାଦ୍ୱାରା ସେମାନେ ପ୍ରକାରାନ୍ତରେ ଶିକ୍ଷାପ୍ରତି ମଧ୍ୟ ଆକୃଷ୍ଟ ହେବେ। ଅତଏବ ସ୍କୁଲରେ ମଧ୍ୟାହ୍ନ ଭୋଜନ ଏକ ବହୁମୁଖୀ ବ୍ୟବସ୍ଥା। ବିଶ୍ୱବ୍ୟାପୀ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ସ୍କୁଲ ମିଲ୍ (ଭୋଜନ) କ୍ଷୁଧା ଦୂର କରେ। ପିଲାଙ୍କ ନାମ ଲେଖା ଓ ଉପସ୍ଥାନ ହାର ବଢ଼ାଏ ଏବଂ ଶିକ୍ଷାଗ୍ରହଣ ଧାରାକୁ ତ୍ୱରାନ୍ୱିତ କରେ। ବିକାଶଶୀଳ ଓ ବିକଶୀତ - ସବୁ ଦେଶରେ କିଛି ନା କିଛି ସ୍କୁଲ ଭୋଜନର ବ୍ୟବସ୍ଥା ଅଛି।**

### ବାୟୋମେଟ୍ରିକ୍ସର ବ୍ୟବହାର

ମଧ୍ୟାହ୍ନଭୋଜନ କାର୍ଯକ୍ରମରେ ପିଲାଙ୍କ ପାଇଁ ଆଧାରକାର୍ଡ ବାଧ୍ୟତାମୂଳକ କରିବାର ମୂଳ ଅର୍ଥ ହେଲା ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରିବା ଏବଂ ଏଥିରେ ହେଉଥିବା ଦୁର୍ନୀତିକୁ ଦୂର କରିବା। ଆଧାର ଭିତ୍ତିକ ଭୋଜନ ବ୍ୟବସ୍ଥା ହେଲେ ଭୋଜନକାରୀ ପିଲାଙ୍କ ସଂଖ୍ୟା ନିଶ୍ଚିତ

> ସମାଜିକ ନିରାପତ୍ତା ଓ ଶିକ୍ଷା ମଧ୍ୟରେ ଥିବା ସମ୍ପର୍କ ସୁପ୍ରତିଷ୍ଠିତ ହୋଇଥିଲେ ହେଁ ଏହା ଜଟିଳ। କାରଣ ଦୁଇଟିଯାକ ଜିନିଷ ପରସ୍ପର ବିପରୀତ ଦିଗରେ ଗତି କରନ୍ତି। ଶିକ୍ଷା ସୁଯୋଗ ପାଇବା ପାଇଁ ଗରିବ ପରିବାରର ପିଲାଏ ନିଶ୍ଚିତ ଭାବେ କିଛି ପରିମାଣର ସାମାଜିକ ନିରାପତ୍ତା ଲୋଡ଼ିଥାନ୍ତି। ଅପରପକ୍ଷରେ ଶିକ୍ଷା ମଧ୍ୟ ଏକ ସାମାଜିକ ନିରାପତ୍ତା ଯାହା ଜଣକୁ ଭବିଷ୍ୟତର ଅନିଶ୍ଚିତତା ଓ ଦାରିଦ୍ର୍ୟରୁ ସୁରକ୍ଷିତ କରିଥାଏ। ଲାକ୍ଷଣିକ ବା ଆଦର୍ଶ ଭାବେ ଶିକ୍ଷା ପାଇଁ ସାମାଜିକ ସୁରକ୍ଷାରେ ସାମାଜିକ ଓ ଆର୍ଥିକ ଅନଗ୍ରସର ବର୍ଗର ପିଲାଙ୍କ ନିମନ୍ତେ ଏଭଳି ସୁବିଧା ସୁଯୋଗ ସୃଷ୍ଟି କରାଯିବା ଉଚିତ ଯେଉଁଠି ସେମାନେ ପାଠ ପଢ଼ିବାର ଉତ୍ତମ ସୁବିଧା ସୁଯୋଗ ପାଇବେ ଏବଂ ସେମାନଙ୍କୁ ସେଥିପାଇଁ ଆବଶ୍ୟକ ପରିବେଶ ଓ ସୁବିଧା ମିଳୁଥିବ। ଏଥି ପାଇଁ ସ୍କୁଲଗୁଡ଼ିକ ଗାଁର ନିକଟବର୍ତ୍ତୀ ହେବା ଆବଶ୍ୟକ। ପିଲାଙ୍କ ପାଇଁ ବୃତ୍ତି ଓ ଅନ୍ୟାନ୍ୟ ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା, ସ୍କୁଲରେ ଭୋଜନ ସୁବିଧା, ସ୍କୁଲ ସ୍ୱାସ୍ଥ୍ୟ ଯୋଜନା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଭାରତରେ ସରକାରୀ ବ୍ୟବସ୍ଥାରେ ଏସବୁ କଥା ରହିଛି।

ହ୍ରାସ ପାଇବ। ଯେଉଁମାନେ ଗଳିପଶି ଖାଉଥିଲେ ସେମାନେ ଧରାପଡ଼ିଯିବେ। ମଧ୍ୟାହ୍ନଭୋଜନର ଲକ୍ଷ୍ୟ ସାଧନ କରିବାକୁ ଏହା ଏକ ଉପଯୁକ୍ତ ମାର୍ଗ ହୋଇପାରେ; ମାତ୍ର ଏହା ସାମାଜିକ ନିରାପତ୍ତା ଲକ୍ଷ୍ୟ ସାଧନର ଉଦ୍ଦେଶ୍ୟକୁ ପୂରଣ କରିବାରେ ବିଫଳ ହେବ। ବାଧ୍ୟତାମୂଳକ ଆଧାରଭିତ୍ତିକ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମର ପ୍ରକୃତ ଉଦ୍ଦେଶ୍ୟ କ'ଣ ତାହା ସ୍ପଷ୍ଟ ହେଉନାହିଁ। ଏହାଦ୍ୱାରା କିଏ ଉତ୍ତରଦାୟୀ ହେବ ଏବଂ କାହା ଉପରେ ଦାୟିତ୍ୱ ନ୍ୟସ୍ତ କରାଯିବ ତାହା ମଧ୍ୟ ବୁଝିବା କଷ୍ଟ। ମଧ୍ୟାହ୍ନ ଭୋଜନରେ ଅନ୍ୟାନ୍ୟ ଯେଉଁସବୁ ଉପରବର୍ଣ୍ଣିତ ଅନିୟମିତତା ହେଉଛି ଏହାଦ୍ୱାରା ତାହା ଦୂର ହୋଇପାରିବ କି? ସ୍କୁଲରେ ରୋଷଶାଳା ଓ ଭୋଜନସ୍ଥଳୀର ପରିଚ୍ଛନ୍ନତା ବ୍ୟବସ୍ଥାରେ ଉନ୍ନତି ଆସିପାରିବ କି? ସର୍ବୋପରି ପିଲାଙ୍କୁ ମିଳୁଥିବା ଖାଦ୍ୟର ଗୁଣମାନ ବଢ଼ାଇ ହେବ କି ? ଯେଉଁ ଛାତ୍ରଛାତ୍ରୀମାନେ ଦୁଇଟି ସ୍କୁଲରେ ନାମ ଲେଖାଇଛନ୍ତି (ଘରୋଇ ଓ ସରକାରୀ) ସେମାନେ ଏହାଦ୍ୱାରା ପ୍ରଭାବିତ ହୋଇପାରନ୍ତି। ବିଶେଷ କରି ଭଲ ପଢ଼ିବା ପାଇଁ ଘରୋଇ ସ୍କୁଲରେ ପଢୁଥିବା ପୁଷ୍ଟିହୀନ, ଗରିବ ଛାତ୍ରଛାତ୍ରୀ ଯେଉଁମାନେ କି ମଧ୍ୟାହ୍ନଭୋଜନ ପାଇଁ ସରକାରୀ ସ୍କୁଲକୁ ମଝିରେ ଚାଲିଆସୁଥିଲେ ସେମାନେ ଏଥିରୁ ବଞ୍ଚିତ ହେବେ।

ସାଧାରଣ ବଣ୍ଟନ ବ୍ୟବସ୍ଥା, ପେନ୍‌ସନ୍ ଏବଂ ଅନ୍ୟାନ୍ୟ ସରକାରୀ ପ୍ରତ୍ୟକ୍ଷ ଲାଭ ଯୋଜନାରେ ରାଜସ୍ଥାନ, ଛତିଶଗଡ଼, ଦିଲ୍ଲୀ ଓ ଅନ୍ୟ କେତେକ ରାଜ୍ୟରେ ଆଧାରକୁ ବାଧ୍ୟତାମୂଳକ କରାଯାଇଥିଲେ ହେଁ ଏହାର ଫଳାଫଳ ସନ୍ତୋଷଜନକ ହୋଇନାହିଁ। ପ୍ରାୟ ୩୦ ଶତାଂଶ ହିତାଧିକାରୀ ଅଧିପ୍ରମାଣନ (ଅଥେଣ୍ଟିକେସନ) ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମୋବାଇଲ ନେଟ୍‌ୱାର୍କ, ବିଦ୍ୟୁତ୍ ଯୋଗାଣ ଓ ଅନ୍ୟ କେତେକ କ୍ଷେତ୍ରରେ ଏହି ସମସ୍ୟା ଅଧିକ। ଅତଏବ ସ୍କୁଲରେ ପିଲାଙ୍କ ଅଧିପ୍ରମାଣନ ଦୈନିକ କରି ସେମାନଙ୍କୁ ଖାଇବାକୁ ଦେବା ସହଜ ହେବ ନାହିଁ। ଏ ସଂକ୍ରାନ୍ତ ପ୍ରଯୁକ୍ତି ବ୍ୟବସ୍ଥା ବିଫଳ ହେଲେ ପିଲାଙ୍କ ଖାଇବା ବନ୍ଦ ହୋଇଯିବ। ଏଥିପାଇଁ କାହାକୁ ଦାୟୀ କରାଯିବ? ପିଲା, ଶିକ୍ଷକ ନା ବ୍ୟବସ୍ଥାର ଅପାରଗତାକୁ?

ଦୁର୍ନୀତି ହ୍ରାସ କରିବା ପାଇଁ ଅନେକ ଜଣା ଏବଂ ସଫଳ ବାଟ ରହିଛି। ମଧ୍ୟାହ୍ନଭୋଜନ କ୍ଷେତ୍ରରେ ଗୋଷ୍ଠୀଗତ ତଦାରଖ, ସାମାଜିକ ସମୀକ୍ଷା, ବିକେନ୍ଦ୍ରୀତ ଆପତ୍ତି ଅପନୋଦନ ବ୍ୟବସ୍ଥା, ହିତାଧିକାରୀ ଓ ଖାଦ୍ୟ ସାମଗ୍ରୀ ସଂକ୍ରାନ୍ତ ତଥ୍ୟାବଳୀ ସୂଚନା ସର୍ବସାଧାରଣରେ ପ୍ରଦର୍ଶନ ଆଦି ବ୍ୟବସ୍ଥା ଅଛି। ଏହା ଉପରେ ଅଧିକ ଧ୍ୟାନ ଦେଲେ ମଧ୍ୟାହ୍ନଭୋଜନରେ ହେଉଥିବା ଦୁର୍ନୀତି ଯଥେଷ୍ଟ କମିଯିବ। ଅତଏବ ଆଧାର ଭିତ୍ତିକ ମଧ୍ୟାହ୍ନଭୋଜନ ଯୋଗାଣ ସଂକ୍ରାନ୍ତ ବିଜ୍ଞପ୍ତିରୁ ମନେ ହୁଏ ଆମ ସମାଜରେ ଶିଶୁମାନଙ୍କ ପ୍ରତି ସରକାରଙ୍କର ସମ୍ମାନ ନାହିଁ। ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଅଧିକାର, ସେମାନେ ସମ୍ମୁଖୀନ ହେଉଥିବା କଷଣ ଶୋଷଣ ଜନିତ ତଥ୍ୟାବଳୀ ପ୍ରମାଣ କରୁଛି ଯେ ଶିଶୁମାନେ ଏବେ ମଧ୍ୟ ବିଶେଷ ଅବହେଳିତ। ମଧ୍ୟାହ୍ନଭୋଜନ ଏକ କାର୍ଯ୍ୟକ୍ରମ ଯାହାଦ୍ୱାରା ପିଲାମାନେ ବହୁଳଭାବେ ଉପକୃତ ହେଉଥିଲେ। ଏବେ ଏଥିରେ ନୂଆ କଟକଣା ଓ ବ୍ୟବସ୍ଥା କରି ତାହାକୁ ମଧ୍ୟ ସଂକୁଚିତ କରିଦେବାକୁ ଉଦ୍ୟମ ହେଉଛି। ଏକ ଭଲ କାର୍ଯ୍ୟକ୍ରମକୁ ଏହା ବିଫଳ କରିପାରେ।

ଏବେ ସମୟ ଆସିଛି ଯେତେବେଳେ ପିଲାମାନଙ୍କୁ ଯତ୍ନର ସହ ପରିପାଳନ କରିବା ପାଇଁ ଏକ ଅନୁକୂଳ ବ୍ୟବସ୍ଥା ସୃଷ୍ଟି କରିବାକୁ ପଡ଼ିବ। ସେମାନଙ୍କୁ ଗରମ ସୁଷମ ରନ୍ଧା ଖାଦ୍ୟ ଓ ଉତ୍ତମ ଶିକ୍ଷା ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ହେବ। ଏଥିରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେମାନଙ୍କର ଆନ୍ତରିକ ସହଯୋଗ ଲୋଡ଼ା। ଅନ୍ୟାନ୍ୟ ପକ୍ଷଙ୍କର ସହଯୋଗ ଓ ସଦିଚ୍ଛା ମଧ୍ୟ ଅପରିହାର୍ଯ୍ୟ।

ସାମାଜିକ ଚୁକ୍ତିର ପରିପାଳନ ତଥା ସାମାଜିକ ଓ ଗଣତାନ୍ତ୍ରିକ ପ୍ରତିବଦ୍ଧତା ଦୃଷ୍ଟିରୁ ଆମକୁ ଆମ ନାଗରିକ, ବିଶେଷତଃ ଶିଶୁମାନଙ୍କର ଯତ୍ନ ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ। ଡିଜିଟାଲ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନିର୍ବାହ ପାଇଁ ଆମେ ଆମ ଶିଶୁଙ୍କ ସାମାଜିକ ନିରାପତ୍ତାକୁ ଜଳାଞ୍ଜଳି ଦେବା ଏକ ଉଚିତ ବିଚାର ନୁହେଁ।

ଲେଖିକା ସେଣ୍ଟର ଫର୍ ପଲିସି ରିସର୍ଚ୍ଚରେ ଜଣେ ସିନିୟର ଫେଲୋଭାବେ କାର୍ଯ୍ୟରତ

# ଭାରତରେ ଖାଦ୍ୟନୀତି : ସହଣୀୟ ବିକାଶ ଲକ୍ଷ୍ୟ ହାସଲରେ କୃଷି ଓ ପୁଷ୍ଟିସାଧନର ଗୁରୁତ୍ୱ

ଡକ୍ଟର ମୌସୁମି ଦାସ

ଖାଦ୍ୟ ସୁରକ୍ଷା ଏକ ବହୁଭିତ୍ତିକ ପ୍ରକ୍ରିୟା। ଏହାର ବିଭିନ୍ନ ଦିଗ ଓ ଭିତ୍ତି ରହିଛି। ଉତ୍ପାଦନ, ଆବଣ୍ଟନ, ଖାଉଟିର ପସନ୍ଦ ଏବଂ ଉପଯୋଗ, ଖାଦ୍ୟର ପୌଷ୍ଟିକତା ଆଦି ଅନେକ କଥା ଖାଦ୍ୟ ସୁରକ୍ଷାର ପରିସରଭୁକ୍ତ। ଖାଦ୍ୟ ବ୍ୟବସ୍ଥା ଏବଂ ପୌଷ୍ଟିକତାର ସ୍ଥିତି ମଧ୍ୟରେ ଏକ ଦ୍ୱୈତ ସାମୟିକ ସମ୍ପର୍କ ରହିଛି। ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ଖାଦ୍ୟ ସୁରକ୍ଷା ସମ୍ପର୍କରେ ଯେଉଁ ସଂଜ୍ଞା ନିର୍ଦ୍ଧାରଣ କରିଛି ତାହା ବିଭିନ୍ନ ଦେଶର ତତ୍‌ସଂକ୍ରାନ୍ତ ନୀତି ନିର୍ଦ୍ଧାରଣକୁ ସହଜ କରିବା ଲକ୍ଷ୍ୟରେ କରାଯାଇଛି।

### ଗତିଶୀଳ ବିଶ୍ୱ ଖାଦ୍ୟ ବ୍ୟବସ୍ଥା

ପରିବର୍ତ୍ତିତ ଆବଶ୍ୟକତା ଓ ଦାରିଦ୍ର୍ୟକୁ ଦୃଷ୍ଟିରେ ରଖି ସମୟକ୍ରମେ ଖାଦ୍ୟନୀତି ଢାଞ୍ଚା ପ୍ରସ୍ତୁତ କରାଯାଇଛି। ତଦନୁସାରେ ସାରା ବିଶ୍ୱର ରାଷ୍ଟ୍ରସମୂହ ନିଜର ଖାଦ୍ୟନୀତି ପ୍ରସ୍ତୁତ କରିଛନ୍ତି। ଦକ୍ଷିଣ ଏସିଆ ଓ ଆଫ୍ରିକୀୟ ମହାଦେଶର ବିକାଶଶୀଳ ରାଷ୍ଟ୍ରସମୂହର ଖାଦ୍ୟନୀତି ମଧ୍ୟ ପ୍ରଣିତ। ଏ ସମ୍ପର୍କରେ ପିନ୍‌ଷ୍ଟ୍ରପ୍-ଆଣ୍ଡରସନ୍ ଓ ୱାଟସନ୍ (୨୦୧୧) ଯେଉଁ ନୀତିର ଚିଠା ପ୍ରସ୍ତୁତ କରିଥିଲେ ତାହା ସର୍ବଶେଷ ଚିଠାନୀତି। ଏଥିରେ ଖାଦ୍ୟ ସୁରକ୍ଷାର ବିଭିନ୍ନ ଦିଗ ଭାଗ ଅନ୍ତର୍ଭୁକ୍ତ।

ଭାରତରେ ଖାଦ୍ୟ ନୀତି ପ୍ରସ୍ତୁତି ପ୍ରକ୍ରିୟା ଅନେକ ଦିନରୁ ବସ୍ତୁତଃ ଅନାବଶ୍ୟକ ହୋଇଯାଇଛି। ଦେଶରେ ଯେଉଁ ଖାଦ୍ୟ ନୀତି ପ୍ରଣିତ ହେଉଛି ତାହା ଆଦର୍ଶଗତ ବିଚାରରୁ ହେଉଛି ଅଥବା ପୁରୁଣାନୀତିର ସଂଶୋଧନ କରାଯାଉଛି। ଭାରତର ସର୍ବବୃହତ୍ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା, ସାଧାରଣ ବଣ୍ଟନ ପ୍ରଣାଳୀ ବା ପିଡିଏସ୍‌କୁ ସମୟର ଆବଶ୍ୟକତା କୁହାଯାଇପାରେ। ସମୟକ୍ରମେ ଉତ୍‌ଥାପିତ ବିଭିନ୍ନ ପ୍ରସଙ୍ଗ ଓ ପ୍ରଶ୍ନକୁ ବିଚାରକୁ ନେଇ ଏହି ପିଡିଏସ୍ ନୀତି ପ୍ରସ୍ତୁତ। ଏହା ଦେଶର ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ତେବେ ଏଥିରେ ଏବେ ମଧ୍ୟ ଅନେକ ତ୍ରୁଟି ବିଚ୍ୟୁତି ଓ ଅସୁବିଧା ରହିଛି। ଏଥିରେ ବାଟମାରଣା ଦୁର୍ନୀତି ଓ ଛିଦ୍ର ଥିବାରୁ ଉଦ୍ଦିଷ୍ଟବର୍ଗଙ୍କ ପାଖରେ ଯୋଜନାର ସୁଫଳ ପହଞ୍ଚି ପାରୁନାହିଁ। ଅନେକ ରାଜ୍ୟ ସରକାର ଏହି ବ୍ୟବସ୍ଥାର ତ୍ରୁଟି ସୁଧାରିବାରେ ବିଫଳ ହେବା ପରେ ଏହାକୁ ଅନୁପଯୁକ୍ତ ବିଚାର କରି କାର୍ଯ୍ୟକାରୀ କରୁନାହାନ୍ତି। ଏହା ସ୍ଥାନରେ ସେମାନେ ବିକଳ୍ପ ଖାଦ୍ୟ ସୁରକ୍ଷା ଯୋଜନା କଥା ଚିନ୍ତା କରୁଛନ୍ତି କିମ୍ବା ନୂଆ ବ୍ୟବସ୍ଥାକୁ ଆପଣାଉଛନ୍ତି।

ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ଏବେ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟକର ବ୍ୟବସ୍ଥା ମଧ୍ୟ ଅଗ୍ରାଧିକାର ପାଇଛି। ମନଇଚ୍ଛା ଲୋକଙ୍କୁ ନିମ୍ନମାନର ଖାଦ୍ୟଶସ୍ୟ ଯୋଗାଣ ଆଉ ସମ୍ଭବ ନୁହେଁ। ଖାଦ୍ୟ ଶସ୍ୟର ମାନ ଓ ଗୁଣବତ୍ତା ସହ ଲୋକଙ୍କ ଖାଦ୍ୟ ରୁଚିକୁ ବିଚାରକୁ ନେଇ ବିକଳ୍ପ ଖାଦ୍ୟଶସ୍ୟ ଯୋଗାଣର ଆବଶ୍ୟକତା ପଡୁଛି। ଖାଦ୍ୟ ସୁରକ୍ଷା ସହିତ ମହିଳା ସଶକ୍ତୀକରଣକୁ ମଧ୍ୟ ଯୋଡ଼ାଯାଉଛି। ଏହା ସତ୍ତ୍ୱେ ଭାରତରେ ୨୦୧୩ରେ ଯେଉଁ ଖାଦ୍ୟ ସୁରକ୍ଷା ଆଇନ ପ୍ରଣିତ ହେଲା ସେଥିରେ କିଛି ପୁରୁଣାକାଳିଆ ବ୍ୟବସ୍ଥା ରହିଛି ଯାହା ଅନାବଶ୍ୟକ ମନେହୁଏ। ସମସ୍ତଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମୋଟା ଶସ୍ୟ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏହା ଫଳରେ

ପଡ଼ି ସାମଗ୍ରୀ ବଦଳରେ ହିତାଧିକାରୀଙ୍କୁ ଅର୍ଥ ଯୋଗାଇଲେ ସେମାନେ ମୁଖ୍ୟ ଖାଦ୍ୟ ପରିବର୍ତ୍ତେ ଅଧିକ ପୁଷ୍ଟିକର ଖାଦ୍ୟ ଓ ଅନ୍ୟାନ୍ୟ ଖାଦ୍ୟ ପାଇଁ ସେ ଅର୍ଥ ବିନିଯୋଗ କରିପାରନ୍ତି। ପଡ଼ି ସାମଗ୍ରୀରେ ଯୋଗାଇ ଦିଆଯାଉଥିବା ଖାଦ୍ୟଶସ୍ୟର 'ମାନ' ଉତ୍ତମ ରହିବା ଆବଶ୍ୟକ। ଏହାଛଡ଼ା ପରିବାରର ଖାଦ୍ୟଭ୍ୟାସ କ'ଣ ହେବ ସେ ଦାୟିତ୍ୱ ଘରର ବୟସ୍କ ମହିଳାଙ୍କ ଉପରେ ନ୍ୟସ୍ତ କରାଯିବା ଆବଶ୍ୟକ। ସେମାନଙ୍କୁ ବିବିଧ ଖାଦ୍ୟ ଗ୍ରହଣ ଅଭ୍ୟାସ ବିଷୟରେ ତାଲିମ ଦିଆଯିବା ଉଚିତ। ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାରେ ଉନ୍ନତି ଆଣିବାରେ ଡିଜିଟାଲ ବ୍ୟବସ୍ଥା ବିଶେଷ ଉପଯୋଗୀ ହୋଇପାରିବ। ହିତାଧିକାରୀଙ୍କୁ ମିଳିଥିବା ଆଧାର କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ସେମାନଙ୍କ ଖାତାକୁ ରିଆତି ବାବଦ ଟଙ୍କା ବା ପ୍ରତ୍ୟକ୍ଷ ଲାଭ ସିଧାସଳଖ ଯାଇପାରିବ।



ଲୋକଙ୍କର ବିକଳ୍ପ ଖାଦ୍ୟାଭ୍ୟାସ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ । ଭାତ ଖାଉଥିବା ଲୋକଙ୍କୁ ଗହମ ନେବାକୁ ବାଧ କରାଯାଉଛି ବା ଏହାର ବିପରିତ ହେଉଛି ।

ପୁନଃବିନ୍ୟସ୍ତ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏହି ତ୍ରୁଟି ସଂଶୋଧନ ପାଇଁ ଗୁରୁତ୍ୱ ଆରୋପ କରାଯାଇଥିଲେ ହେଁ ଏହା ଉପରେ ଏବେ ଅଗ୍ରାଧିକାର ନାହିଁ । ସେହିଭଳି ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁଯୋଗ ପାଉଥିବା ଓ ନ'ପାଉଥିବା ପରିବାରର ଶିଶୁ ପୁଷ୍ଟିସାଧନ ବ୍ୟବସ୍ଥା ନିର୍ଦ୍ଧାରଣ ପାଇଁ ସ୍ୱତନ୍ତ୍ର ପ୍ରୟାସ ନାହିଁ । ତେଣୁ ଏବେ ସମୟର ଆବଶ୍ୟକତା ହେଲା ଖାଦ୍ୟ ସୁରକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଧ୍ୟାନ କେନ୍ଦ୍ରୀତ କରିବା ଏବଂ କୃଷି ଉତ୍ପାଦନଠାରୁ ପୁଷ୍ଟିସାଧନ ପର୍ଯ୍ୟନ୍ତ ସମୁଦାୟ ବ୍ୟବସ୍ଥାକୁ ଏକୀକୃତ କରି ଏହା ଉପରେ ଗୁରୁତ୍ୱ ଦେବା । ଏହି ଏକୀକୃତ ବ୍ୟବସ୍ଥାର ଅଭାବରୁ ଭାରତ ଜାତିସଂଘ ସହସ୍ରାବ୍ଦ ଲକ୍ଷ୍ୟ ହାସଲରେ ବିଫଳ ହେଉଛି । ସହସ୍ରାବ୍ଦ ଲକ୍ଷ୍ୟର ଗୋଟିଏ ମୁଖ୍ୟ ଲକ୍ଷ୍ୟ ହେଲା ଭାରତ ତାହାର ପୁଷ୍ଟିହୀନ ଶିଶୁଙ୍କ ଅନୁପାତ ୧୯୯୦ ହିସାବ ଅନୁସାରେ ୫୩.୫%ରୁ ୨୦୧୫ ସୁଦ୍ଧା ଅଧାକୁ କମାଇବ । ମାତ୍ର ଭାରତ ଏହି ଲକ୍ଷ୍ୟ ହାସଲ କରିପାରିନାହିଁ । ୨୦୦୫ରେ ଏହି ଅନୁପାତ ଅଳ୍ପ ହ୍ରାସ ପାଇ ୪୦%ରେ ପହଞ୍ଚିଥିବାବେଳେ ୨୦୧୫ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ୨୬%ରୁ ବହୁ ପଛରେ ରହିଗଲା ।

ସହସ୍ରାବ୍ଦ ଲକ୍ଷ୍ୟ (ଏମ୍‌ଡିଜି) ପରିବର୍ତ୍ତେ ଏବେ ଭାରତରେ ବାସ୍ତବବାଦୀ ବା ସହଣୀୟ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) କାର୍ଯ୍ୟକାରୀ ହେଉଛି । ଏହି ପରିବର୍ତ୍ତିତ ଲକ୍ଷ୍ୟ ମଧ୍ୟ ସଫଳ ହେବା ସମ୍ଭାବନା କମ୍ ଦେଖାଯାଉଛି । ଏହାର କାରଣ ହେଲା କୃଷିଠାରୁ ପୁଷ୍ଟିସାଧନ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟ ଓ ଦିଗରେ ଯେଉଁ ସମନ୍ୱୟ ରହିବା କଥା ତାହା ରହୁନାହିଁ । ଏହି ତ୍ରୁଟି ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ ଦେଖାଯାଉଛି । ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ଯେଉଁ ସବୁ ପଥ ଅନୁସରଣ କରାଯାଉଛି ତାହା ଭିନ୍ନ । ସେଗୁଡ଼ିକ ହେଲା ୧) କୃଷି ଖାଦ୍ୟର ଏକ ଉତ୍ସ ରୂପେ ପରିଗଣିତ ହେବା, ୨) ଖାଦ୍ୟ ଓ ଅଣଖାଦ୍ୟ ଜନିତ ବ୍ୟୟ ପାଇଁ କୃଷି ଏକ ଆୟଉତ୍ସ ଭାବେ ଗୃହୀତ ହେବା, ୩) କୃଷି ନୀତି ଏବଂ ଖାଦ୍ୟ ମୂଲ୍ୟ ଯାହା ଖାଦ୍ୟ ଭକ୍ଷଣକୁ ପ୍ରଭାବିତ କରିବ, ୪) କୃଷି ଓ ଘରୋଇ ନିଷ୍ପତ୍ତି ଗ୍ରହଣରେ ମହିଳାଙ୍କ ଭୂମିକା ତଥା ସମ୍ବଳ ଆବଣ୍ଟନ ୫) କୃଷିରେ ମହିଳାଙ୍କ ସଂପୃକ୍ତି ଏବଂ ଶିଶୁ ପାଳନ ଓ ସେମାନଙ୍କୁ ଖାଦ୍ୟ ପ୍ରଦାନ ଉପରେ ଏହାର ପ୍ରଭାବ, ୬) କୃଷି କ୍ଷେତ୍ରରେ ମହିଳାଙ୍କ ନିୟୋଜନ ଏବଂ ସେମାନଙ୍କର ଓ ଶିଶୁଙ୍କର ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଉପରେ ଏହାର ପ୍ରଭାବ । ଏସ୍‌ଡିଜିର ଯେଉଁ ସହଯୋଗୀ ବା ଉପଲକ୍ଷ୍ୟ ରଖାଯାଇଛି ସେଥିମଧ୍ୟରୁ କେତେକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉଦାହରଣ ସ୍ୱରୂପ ଲକ୍ଷ୍ୟ ୧- ଦାରିଦ୍ର୍ୟର ଅବସାନ, ଲକ୍ଷ୍ୟ ୨-କ୍ଷୁଧାର ଅବସାନ, ୩- ଉତ୍ତମ ସ୍ୱାସ୍ଥ୍ୟ ଓ ସୁଖଶାନ୍ତି, ୬-ସ୍ୱଚ୍ଛ ଜଳ ଓ ପରିଚ୍ଛନ୍ନତା, ଲକ୍ଷ୍ୟ ୧୨- ନିରନ୍ତର ଉତ୍ପାଦନ ଓ ଉପଯୋଗ, ଲକ୍ଷ୍ୟ ୧୩ - ଜଳବାୟୁ କାର୍ଯ୍ୟାନୁଷ୍ଠାନ । ଅତଏବ ସହଣୀୟ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଉପ-ଲକ୍ଷ୍ୟଗୁଡ଼ିକର ପରିପାଳନ ଉପରେ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ମଧ୍ୟରେ ଅଧିକ ସମନ୍ୱୟ ଓ ସହଯୋଗ ଲୋଡ଼ା । ମିଳିତ ଭାବେ କାମ ନ'ହେଲେ ଏହି ଲକ୍ଷ୍ୟ ପୂରଣ ହେବା ସମ୍ଭାବନା କ୍ଷୀଣ । ଅତଏବ ଗୋଟିଏ ଛତା ତଳେ ବସି କାମ କରିବାକୁ ହେବ ଏବଂ ୨୦୩୦ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ କରିବା ପାଇଁ ସ୍ୱଳ୍ପ ଏବଂ ମଧ୍ୟମ ଅବଧିର ରଣକୌଶଳ ପ୍ରସ୍ତୁତ କରିବାକୁ ପଡ଼ିବ । ସମଗ୍ର ବିଶ୍ୱ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଯାଉଥିବାବେଳେ ଭାରତ ସେଥିରୁ ବିଚ୍ଛିନ୍ନ ହୋଇ ରହିପାରିବ ନାହିଁ । ଏହି ଲକ୍ଷ୍ୟ ସାଧନ କରିବା ପାଇଁ ନିମ୍ନଲିଖିତ ସ୍ୱଳ୍ପ ମିଆଦି ପଦକ୍ଷେପମାନ ଗ୍ରହଣ କରାଯାଇପାରେ ।

### ଖାଦ୍ୟ ବିବିଧତା

ଖାଦ୍ୟ ନିରାପତ୍ତା ବ୍ୟବସ୍ଥାରେ ଖାଦ୍ୟ ବିବିଧତା ଏକ ବାସ୍ତବତା ହୋଇଥିଲେ ହେଁ ଏଥିପ୍ରତି ଆବଶ୍ୟକ ଦୃଷ୍ଟି ସରକାରୀ ଭାବେ ଦିଆଯାଇନାହିଁ । ଜାତୀୟ ପୁଷ୍ଟିସାଧନ ପ୍ରତିଷ୍ଠାନ (ଏନ୍‌ଆଇଏନ୍) ଯେଉଁ ଖାଦ୍ୟ ପିରାମିଡର ପରିକଳ୍ପନା କରିଛି ତାହା ସାଧାରଣ ଲୋକଙ୍କ




**ଉତ୍ସ : ୟୁଏନ୍‌ଡିପି**

କଳ୍ପନାର ବାହାରେ। ଖାଦ୍ୟ ତାଲିକାକୁ ଅଧିକ ସରଳ, ସାଧାରଣଙ୍କ ପାଇଁ ବୋଧଗମ୍ୟ ଏବଂ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ ଆମେରିକାର କୃଷି ବିଭାଗ ଏକ ଆଦର୍ଶ ଖାଦ୍ୟ ଥାଳିର ପରିକଳ୍ପନା କରି ତାହାର ଚିତ୍ର ଜାରି କରିଛନ୍ତି। ସେହି ଥାଳି ଦେଖିବା ପରେ ପିଲାଠୁ ବୃଦ୍ଧ ସହଜରେ ବୁଝି ପାରିବେ ଯେ ଜଣେ ଲୋକର କ'ଣ ଖାଇବାର ସର୍ବନିମ୍ନ ଆବଶ୍ୟକତା ରହିଛି। ଏହି ଥାଳିରେ ବିଭିନ୍ନ ଖାଦ୍ୟ ପଦାର୍ଥର ବର୍ଗୀକରଣ ହୋଇଛି। ଯଥା : ଖାଦ୍ୟ ଶସ୍ୟ, ଡାଲି,ଫଳ, ପନିପରିବା, ମାଂସ ଆଦି ଥାଳିର ବିଭିନ୍ନ ଭାଗରେ ଦର୍ଶାଯାଇଛି। ଭାରତରେ ମଧ୍ୟ ଏହି ବ୍ୟବସ୍ଥା ଆମିଷ, ନିରାମିଷ ନିର୍ବିଶେଷରେ କରାଯାଇ ପାରିବ।

ଆମ ଦେଶର ବିଭିନ୍ନ ଅଞ୍ଚଳରେ ଜଳବାୟୁ ଭିତ୍ତିରେ ଭିନ୍ନ ଭିନ୍ନ ପ୍ରକାର ଫସଲ ଉତ୍ପାଦିତ ହୋଇଥାଏ। ତଦନୁସାରେ ଲୋକଙ୍କ ଖାଦ୍ୟ ଅଭ୍ୟାସ ଭିନ୍ନଭିନ୍ନ। ଦେଶର ସବୁ ଲୋକଙ୍କ ପାଇଁ ଗୋଟିଏ ପ୍ରକାର ଖାଦ୍ୟ ବ୍ୟବସ୍ଥା ସରକାର ଉପରୁ ଲଦି ଦେଲେ ଚଳିବ ନାହିଁ। ଖାଦ୍ୟ ଗ୍ରହଣ କ୍ଷେତ୍ରରେ ସଂସ୍କୃତି ଓ ସ୍ଥାନୀୟ ଖାଦ୍ୟାଭ୍ୟାସକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ସହିତ ସୁସ୍ଥ ଖାଦ୍ୟ ଓ ଅଭ୍ୟାସର ପରିପ୍ରଚାର କରିବାକୁ ହେବ। ଏଥିପାଇଁ ଖାଦ୍ୟ ନୀତିର ବିକେନ୍ଦ୍ରୀକରଣ ଲୋଡ଼ା। ଖାଦ୍ୟ ସୁରକ୍ଷା ବ୍ୟବସ୍ଥାର ସଫଳତା ପାଇଁ ଦେଶରେ ମଧ୍ୟ ଉତ୍ତମ ଭିତ୍ତିଭୂମି ତିଆରି କରିବାକୁ ପଡ଼ିବ।

### ପ୍ରକୃତ ଦୁର୍ବଳଙ୍କୁ ଚିହ୍ନଟିକରଣ

ଦେଶର ଅତି ଗରିବ ଲୋକ ମାଗଣା ଖାଦ୍ୟ ଶସ୍ୟ ଲୋଡ଼ନ୍ତି। ବଞ୍ଚିବା ପାଇଁ ସେମାନଙ୍କର ଖାଦ୍ୟ ଦରକାର। ଦେଶର ଅନ୍ୟ ଲୋକଙ୍କର କ୍ୟାଲୋରୀ (ଶକ୍ତି) ବଢ଼ାଇବାର ଆବଶ୍ୟକତା ରହିଛି। ସୂଚନାଯୋଗ୍ୟ ଯେ ଭାରତର ଉଭୟ ସହର ଓ ଗ୍ରାମାଞ୍ଚଳ ଜନତାଙ୍କ କ୍ୟାଲୋରୀ ଆବଶ୍ୟକତା ସ୍ତର ହ୍ରାସ ପାଉଛି ବୋଲି ବିଶେଷଜ୍ଞ ଦର୍ଶାଉଛନ୍ତି। ଅତଏବ କେବଳ ଚାଉଳ, ଗହମ ଓ ଡାଲି ଆଦି ଖାଦ୍ୟ ପଦାର୍ଥ ଲୋକଙ୍କୁ ସରକାର ରିଆତି ମୂଲ୍ୟରେ ଯୋଗାଇଲେ ଲୋକଙ୍କର କ୍ୟାଲୋରୀ ଆବଶ୍ୟକତା ପୂରଣ ହେବ ନାହିଁ। ତେବେ ଖାଦ୍ୟ ଶସ୍ୟ ଓ ଡାଲି ଆଦି ବ୍ୟତୀତ ଅନ୍ୟ ଖାଦ୍ୟ ଉପରେ ରିଆତି ଦେବା ସହଜ ନୁହେଁ। ତଥାପି ପୁଷ୍ଟିସାଧନ ଓ ଲୋକଙ୍କ ଶକ୍ତି ବୃଦ୍ଧି ପାଇଁ ସ୍ଥାନୀୟ ଉତ୍ପାଦନ ଶୈଳୀ ଓ ଉପଯୋଗକୁ ଦେଖି ପନିପରିବା, ଫଳ, ଦୁଧ, ଅଣ୍ଡା, ମାଛ ଓ ମାଂସ ଆଦି ଉତ୍ପାଦନ କରୁଥିବା ବ୍ୟକ୍ତିବିଶେଷଙ୍କୁ ଆମେ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଶୀତଳ ଭଣ୍ଡାରର ଅଭାବ ଭାରତର ଏକ ବଡ଼ ସମସ୍ୟା। ଏହାର ନିରାକରଣ ଲୋଡ଼ା। ଏହା ଫଳରେ ଭଣ୍ଡାରଣ ଓ ଆବଣ୍ଟନ ବ୍ୟବସ୍ଥା ସହଜ ହେବ। ଉତ୍ପାଦନ ବଢ଼ିଲେ ଏବଂ ଲୋକଙ୍କୁ ଆବଶ୍ୟକତା ଅନୁସାରେ କୃଷିଜାତ ଦ୍ରବ୍ୟ ଓ ତତ୍ ସଂକ୍ରାନ୍ତ ଜିନିଷ ମିଳିଲେ ଲୋକେ ଉପକୃତ ହେବେ। ଖାଦ୍ୟ ନିରାପତ୍ତାର ଲକ୍ଷ୍ୟ ପୂରଣ ସହଜ ହୋଇପାରିବ। ଦେଶର ସ୍କୁଲଗୁଡ଼ିକରେ ଏବେ ଯେଉଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଚାଲିଛି ତାହା ପିଲାଙ୍କ ପୁଷ୍ଟିସାଧନ ପାଇଁ ଅଭିପ୍ରେତ। କେତେକ ରାଜ୍ୟରେ ଏଥିରେ ଅଣ୍ଡାକୁ ସାମିଲ କରାଯାଇଥିବାବେଳେ ଅନ୍ୟତ୍ର ଭାତ ସହ ଡାଲି ଓ ଆଉ କେତେକ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି।

ଦାରିଦ୍ର୍ୟ ସୀମାରେଖା ନିର୍ଦ୍ଧାରଣରେ ଖାଦ୍ୟର ଯେଉଁ ଭୂମିକା ରହିଛି ସେ ସଂକ୍ରାନ୍ତ ତଥ୍ୟର ସବିଶେଷ ସ୍ଥିତିକୁ ବିଚାରକୁ ନେବା ଆବଶ୍ୟକ। କ୍ୟାଲୋରୀ ବ୍ୟତୀତ ପୋଷ୍ଟିକତାକୁ ମଧ୍ୟ ହିସାବକୁ ନେଇ ଦାରିଦ୍ର୍ୟ ସୀମାରେଖା ନିର୍ଦ୍ଧାରଣ ହେବା ଉଚିତ। ଏହା ସପକ୍ଷରେ ଉଭୟ ତେଣ୍ଡୁଲକର ଓ ରଙ୍ଗରାଜନ କମିଟି ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଆମମତରେ ଖାଦ୍ୟ ବିବିଧତାକୁ ବିଚାରକୁ ନେଇ ସାରା ଭାରତ ପାଇଁ ଏକ ନୂଆ ସୁସ୍ଥ ଭୋଜନ ସୂଚୀ




(ହେଲ୍‌ଦି ଇଟିଙ୍ଗ୍ ଇଣ୍ଡେକ୍ସ) ପ୍ରସ୍ତୁତ ହେବା ଉଚିତ। ଏହି ସୂଚୀ ଆଧାରରେ ଗରିବ ଲୋକ ଅଧିକ ଖାଉଥିବା ଖାଦ୍ୟ ଚିହ୍ନଟ ହେବା ସହଜ ହେବ। ଏହି ସୂଚୀରୁ ମଧ୍ୟ ଆମିଷ ଓ ନିରାମିଷ ଭୋଜନକାରୀଙ୍କ ଖାଦ୍ୟ ଅଗ୍ରାଧିକାର ସଂକ୍ରାନ୍ତ ତଥ୍ୟ ସହଜରେ ମିଳିବ। କେଉଁ ପରିବାର କ'ଣ ଖାଇବାକୁ ଚାହୁଁଛି ଏବଂ ତାକୁ କ'ଣ ମିଳୁଛି ସେ ସମ୍ପର୍କରେ ମଧ୍ୟ ଏହି ତାଲିକାରୁ ତଥ୍ୟ ମିଳିପାରିବ।

ଦାରିଦ୍ର୍ୟ ସୀମାରେଖା ଅଧିକ ଗତିଶୀଳ ହେବା ଆବଶ୍ୟକ। ଏଥିରେ ପରିବାରର ଦୁର୍ବଳତାକୁ ଠାବ କରିବାର ବ୍ୟବସ୍ଥା ରହିବା ଉଚିତ। ଅପ୍ରତ୍ୟାଶିତ ଭାବେ ରୋଜଗାର ହରାଉଥିବା କିମ୍ବା ସ୍ୱାସ୍ଥ୍ୟଗତ ଓ ପରିବେଶ ପରିବର୍ତ୍ତନଗତ କାରଣ ଯୋଗୁଁ ଯେଉଁମାନେ ଅସହାୟ ହୋଇପଡୁଛନ୍ତି ସେଭଳି ପରିବାରଗୁଡ଼ିକ ପାଇଁ ଅଣ ଆର୍ଥିକ ସ୍ୱତନ୍ତ୍ର ସହାୟତା ଦେବାର ବ୍ୟବସ୍ଥା ରହିବା ଆବଶ୍ୟକ।

## ଡିଜିଟାଲ ସମାଧାନ

ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ଲୋକଙ୍କୁ ଉଭୟ ନଗଦ ଟଙ୍କା ଓ ସାମଗ୍ରୀ ଯୋଗାଇ ଦିଆଯିବା ଉଚିତ। ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ସେବା ବ୍ୟବସ୍ଥା ଉପରେ ନଜର ରଖିବା ସହ ଏହି ଯୋଜନାର ସୁଫଳ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପକାଉଛି ସେଥିପ୍ରତି ନଜର ଦେବାକୁ ହେବ। ଏକଥା କହିବାର ଉଦ୍ଦେଶ୍ୟ ହେଲା କ୍ଷେତ୍ରୀୟ ବାସ୍ତବତା ଓ ତଥ୍ୟ ପ୍ରମାଣରୁ ଜଣାପଡ଼େ ଯେ ଦେଶର କେତେକ ଅଞ୍ଚଳରେ ସାଧାରଣ ବଣ୍ଟନ ବ୍ୟବସ୍ଥା ପ୍ରାୟତଃ ଠିକ୍‌ଠାକ୍ ଚାଲିଛି। ସେଠାରେ ହିତାଧିକାରୀଙ୍କୁ ଖାଦ୍ୟ ସାମଗ୍ରୀ ଦିଆଯାଉଛି। ଯେଉଁଠି ଏହି ବ୍ୟବସ୍ଥା ଠିକ୍‌ଠାକ୍ ଚାଲିଛି ତାହାକୁ ବଦଳାଇବାର ଆବଶ୍ୟକତା ନାହିଁ। ଯେଉଁଠି ଖାଦ୍ୟ ଶସ୍ୟ ବଦଳରେ ଅର୍ଥ ହିତାଧିକାରୀଙ୍କୁ ଦିଆଯାଉଛି ସେଠାରେ ସତର୍କତା ଅବଲମ୍ବନ କରାଯିବା ଉଚିତ। ସେହି ଅର୍ଥ ସଂପୃକ୍ତ ପରିବାରଙ୍କ ଖାଦ୍ୟ ନିରାପତ୍ତା ସ୍ଥିତିରେ ଉନ୍ନତି ପାଇଁ ଯେପରି ବିନିଯୋଗ ହୁଏ ତାହାକୁ ନିଶ୍ଚିତ କରିବାକୁ ପଡ଼ିବ। ପଡ଼ି ସାମଗ୍ରୀ ବଦଳରେ ହିତାଧିକାରୀଙ୍କୁ ଅର୍ଥ ଯୋଗାଇଲେ ସେମାନେ ମୁଖ୍ୟ ଖାଦ୍ୟ ପରିବର୍ତ୍ତେ ଅଧିକ ପୁଷ୍ଟିକର ଖାଦ୍ୟ ଓ ଅନ୍ୟାନ୍ୟ ଖାଦ୍ୟ ପାଇଁ ସେ ଅର୍ଥ ବିନିଯୋଗ କରିପାରନ୍ତି। ପଡ଼ି ସାମଗ୍ରୀରେ ଯୋଗାଇ ଦିଆଯାଉଥିବା ଖାଦ୍ୟଶସ୍ୟର 'ମାନ' ଉତ୍ତମ ରହିବା ଆବଶ୍ୟକ। ଏହାଛଡ଼ା ପରିବାରର ଖାଦ୍ୟଭ୍ୟାସ କ'ଣ ହେବ ସେ ଦାୟିତ୍ୱ ଘରର ବୟସ୍କ ମହିଳାଙ୍କ ଉପରେ ନ୍ୟସ୍ତ କରାଯିବା ଆବଶ୍ୟକ। ସେମାନଙ୍କୁ ବିବିଧ ଖାଦ୍ୟ ଗ୍ରହଣ ଅଭ୍ୟାସ ବିଷୟରେ ତାଲିମ ଦିଆଯିବା ଉଚିତ। ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାରେ ଉନ୍ନତି ଆଣିବାରେ ଡିଜିଟାଲ ବ୍ୟବସ୍ଥା ବିଶେଷ ଉପଯୋଗୀ ହୋଇପାରିବ। ହିତାଧିକାରୀଙ୍କୁ ମିଳିଥିବା ଆଧାର କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ସେମାନଙ୍କ ଖାତାକୁ ରିଆତି ବାବଦ ଟଙ୍କା ବା ପ୍ରତ୍ୟକ୍ଷ ଲାଭ ସିଧାସଳଖ ଯାଇପାରିବ। ଏହା ବାଟମାରଣା, ଅର୍ଥ ତୋଷାରପାତ ଏବଂ ଦୁର୍ନୀତିକୁ ବନ୍ଦ କରିବାରେ ବିଶେଷ ସହାୟକ ହେବ। ଏହାଛଡ଼ା ଏହି ବ୍ୟବସ୍ଥାରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ସ୍ଥିତିକୁ ନିୟମିତ ଭାବେ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଯୋଜନାର ସୁଫଳ ଲୋକେ କିପରି ପାଉଛନ୍ତି ଏବଂ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ରହୁଛି ସେ ବାବଦରେ ପ୍ରକୃତ ତଥ୍ୟ ମିଳିପାରିବ।

୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରାୟ ୫୧ ଶତାଂଶ ନରେଗା ହିତାଧିକାରୀ ଆଧାର ବ୍ରିଜ୍ ପେମେଣ୍ଟ (ଏବିପି) ବ୍ୟବସ୍ଥାରେ ନିଜର ମଜୁରୀ ପାଇଥିଲେ। ସେହିଭଳି ଖାଦ୍ୟଶସ୍ୟ ପାଇଁ ଯେଉଁ ନଗଦ ଟଙ୍କା ଆକାରରେ ଯେଉଁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଯୋଜନା ରହିଛି ସେଥିରେ ୯୪ ଶତାଂଶ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଯାଉଛି। ଏହା ଫଳରେ ସରକାରୀ ଯୋଜନାର ଲାଭ ପ୍ରକୃତ ହିତାଧିକାରୀ ପାଉଛନ୍ତି ଏବଂ ଏ କ୍ଷେତ୍ରରେ ଦୁର୍ନୀତି ଓ



ବାଟମାରଣାର ରାସ୍ତା ବନ୍ଦ ହୋଇଯାଇଛି। ଏକ ସରକାରୀ ହିସାବ ଅନୁସାରେ ୨୦୧୬ ଡିସେମ୍ବର ଶେଷ ସୁଦ୍ଧା ସରକାର ଏବାବଦରେ ୫୦ ହଜାର କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି। ଏହି ଅର୍ଥର ପରିମାଣ ଗୋଟିଏ ବର୍ଷର ସବ୍‌ସିଡି ବାବଦ ଦେୟ ସଙ୍ଗେ ସମାନ। ଏହା ଦାରିଦ୍ର୍ୟ ନିର୍ଦ୍ଧାରଣ ପାଇଁ ଅତିରିକ୍ତ ସୀମରେଖା ପ୍ରଦାନରେ ସହାୟକ ହେବ। ଅର୍ଥାତ ଯେଉଁମାନେ ନକଲି ଗରିବ ଥିଲେ ସେମାନେ ତାଲିକାରୁ ବାଦ୍ ପଡ଼ିବା ପରେ ପ୍ରକୃତ ଗରିବଙ୍କ ସଂଖ୍ୟା ହ୍ରାସ ପାଇବ। କେବଳ ଖାଦ୍ୟ ନିରାପତ୍ତା ନୁହେଁ, ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥାର ନିୟମିତ ତଦାରଖ କରାଗଲେ ଏହି ଯୋଜନାର ବାସ୍ତବ ସ୍ଥିତି ସମ୍ପର୍କରେ ତଥ୍ୟ ମିଳିପାରିବ।

### ସ୍ୱଚ୍ଛଳତା ଓ ପୃଥୁଳତା

ପୁଷ୍ଟିହୀନତା ସହିତ ଭାରତରେ ପୃଥୁଳତା ମଧ୍ୟ ଏକ ସମସ୍ୟା। ଅନେକ ଲୋକ ମୋଟାସୋଟା ଦେଖାଯାଉଥିଲେ ହେଁ ସେମାନେ ସୂକ୍ଷ୍ମ ପୋଷକତତ୍ତ୍ୱର ଅଭାବ ଜନିତ ବ୍ୟାଧି (ମାଇକ୍ରୋ ନ୍ୟୁଟ୍ରିଏଣ୍ଟ ଡେଫିସିଏନ୍ସି)ରେ ପୀଡ଼ିତ। ଭାରତର ମଧ୍ୟମ ଓ ଧନିକବର୍ଗର ଲୋକେ ଏହି ବ୍ୟାଧିରେ ଅଧିକ ପୀଡ଼ିତ। ଦ୍ରୁତ ନଗରାୟନ, ଦରଦାମ, ଜୀବନଶୈଳୀ, ସହଜରେ ମିଳୁଥିବା ତେଲିଆ, ଚର୍ବିଯୁକ୍ତ ଖାଦ୍ୟ ଏହାର ପ୍ରମୁଖ କାରଣ। ଅତଏବ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଧନିକମାନଙ୍କୁ ମଧ୍ୟ ସୂଚିତ କରିବାର ଆବଶ୍ୟକତା ରହିଛି। ସେମାନେ ବୁଝିପାରିବା ଦରକାର ଯେ ଆର୍ଥିକ ସ୍ୱଚ୍ଛଳତା ଯୋଗୁଁ ସେମାନେ ମନଇଚ୍ଛା ଖାଦ୍ୟ ପାନୀୟ ଗ୍ରହଣ କରି ଡାଇବେଟିସ୍, ହୃଦ୍‌ଘାତ ଭଳି ଅଣସଂକ୍ରାମକ ରୋଗକୁ ନିମନ୍ତ୍ରଣ କରିବା ସହ ନିଜକୁ ମଧ୍ୟ ଖର୍ଚ୍ଚାନ୍ତ ହେବାକୁ ବାଧ୍ୟ କରୁଛନ୍ତି। ଅତଏବ ଚର୍ବିଯୁକ୍ତ ଖାଦ୍ୟର ପ୍ରସ୍ତୁତି ଓ ବିକ୍ରିବଟା ଏବଂ ଏଭଳି ଖାଦ୍ୟ ବିକୁଥିବା ସୁପର ମାର୍କେଟ ଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ମୋଟାମୋଟି ପୁଷ୍ଟିହୀନତାର ତିନିଟିକିଆ ବୋଝର ଅର୍ଥନୈତିକ ମୂଲ୍ୟ ଅତି ଅଧିକ ଯାହା ସମାଜ ଓ ଜିଡିପିକୁ ପ୍ରଭାବିତ କରିପାରେ। ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନ ଆଉ ଏକ ବଡ଼ ବିପଦ ହେବାକୁ ଯାଉଛି। ଏହାଦ୍ୱାରା ସୈନ୍ଧବ-ଗାଙ୍ଗେୟ କ୍ଷେତ୍ର ବିଶେଷ ପ୍ରଭାବିତ ହେବ। ସେଥିପାଇଁ ଏହି ଅଞ୍ଚଳର ଖାଦ୍ୟ ବ୍ୟବସ୍ଥା ପରିବର୍ତ୍ତିତ ଜଳବାୟୁ ସହ ଖାପ ଖୁଆଇବା ପ୍ରକ୍ରିୟା ଆରମ୍ଭ ହେଲାଣି। ଖାଦ୍ୟ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉପରେ ଦର୍ଶାଯାଇଥିବା ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି।

ଭାରତ ଏ ପର୍ଯ୍ୟନ୍ତ ବିଶ୍ୱ ଖାଦ୍ୟ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇନାହିଁ। ଦେଶର ଖାଦ୍ୟ ନୀତି ସାମଗ୍ରିକ ଓ ଦେଶର ସବୁ ଅଞ୍ଚଳର ଉପଯୋଗୀ ହେବା ଆବଶ୍ୟକ। ଏହାଦ୍ୱାରା ପୁଷ୍ଟିହୀନତାର ତିନିଟିଆକ ବୋଝର ମୁକାବିଲା କରାଯାଇପାରିବ। ପୂର୍ବରୁ କୁହାଯାଇଛି ଯେ ଭାରତରେ କେବେ ଏକ ପୂର୍ଣ୍ଣାଙ୍ଗ ଖାଦ୍ୟ ନୀତି ନ ଥିଲା। ଜରୁରୀ ଆବଶ୍ୟକତାକୁ ଦେଖି ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ ହେଉଥିଲା। ଏଥିରେ ବିଭିନ୍ନ ସଂପୃକ୍ତ ପକ୍ଷଙ୍କର ପ୍ରଭାବ ମଧ୍ୟ ରହୁଥିଲା। ଏଭଳି ସୀମିତ ଲକ୍ଷ୍ୟ ସାଧନକାରୀ ଯୋଜନାକୁ ବଦଳାଇ ଏକ ପୂର୍ଣ୍ଣାଙ୍ଗ ଜାତୀୟ ଖାଦ୍ୟ ସୁରକ୍ଷା ନୀତି ପ୍ରଣୟନ କରିବା ସହଜ କଥା ନୁହେଁ। ଅତଏବ ଏ କ୍ଷେତ୍ରରେ ତୁରନ୍ତ ସମାଧାନର ସୂତ୍ର ହେଲା ସହଣୀୟ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)କୁ ଦୃଷ୍ଟିରେ ରଖି ସ୍ୱଳ୍ପ ଓ ମଧ୍ୟମ ମିଆଦି ଲକ୍ଷ୍ୟ ଧାର୍ଯ୍ୟ କରି ସେ ଦିଗରେ କାମ କରିବା।

### କୃଷିରୁ ପୁଷ୍ଟିସାଧନ

ଏ କ୍ଷେତ୍ରରେ ଏକ ଗ୍ରହଣୀୟ ପନ୍ଥା। ଏଥିପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ତଥା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ ଓ ତାହାର ନିୟମିତ ଆକଳନ କରିବାର ଆବଶ୍ୟକତା ରହିଛି। ଏହା ହୋଇପାରିଲେ ଭାରତରେ ଏସ୍‌ଡିଜି ଲକ୍ଷ୍ୟ ସହଜରେ ପୂରଣ ହୋଇପାରିବ।

ଲେଖିକା ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫାଇନାଲସିଆଲ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚରେ ଜଣେ ସହକାରୀ ପ୍ରାଧାପିକାଭାବେ କାର୍ଯ୍ୟରତ

# ଅସଂଗଠିତ ଶ୍ରମିକଙ୍କ ପାଇଁ ସାମାଜିକ ନିରାପତ୍ତା: ଆହ୍ୱାନ ଓ ସମାଧାନ ପନ୍ଥା

ଡକ୍ଟର ରୁମା ଘୋଷ

ଏକ ନ୍ୟାୟୋଚିତ, ସମତାଭିତ୍ତିକ ସମାଜ ପାଇଁ ସାମାଜିକ ନିରାପତ୍ତା ଏକ ପ୍ରାକ୍ ଆବଶ୍ୟକତା; ତେଣୁ ଏହି କାରଣରୁ ସାମାଜିକ ନିରାପତ୍ତାର ଅଧିକାର ଏକ ମାନବାଧିକାର। ମିଳିତ ଜାତିସଂଘ ଦ୍ୱାରା ଘୋଷିତ ସାର୍ବଜନୀନ ମାନବାଧିକାର ଘୋଷଣାନାମାର ଧାରା ୨୨ ଓ ୨୫ ଅନୁସାରେ ସାମାଜିକ ନିରାପତ୍ତା ମଣିଷର ଏକ ମୌଳିକ ଅଧିକାର ଓ ଏହା ସେ ପାଇବାକୁ ହକ୍‌ଦାର। ୧୯୫୨ରେ ଆନ୍ତର୍ଜାତିକ ଶ୍ରମ ସଂଗଠନ ସାମାଜିକ ନିରାପତ୍ତା (ସର୍ବନିମ୍ନମାନ) ସମ୍ମେଳନ ୧୦୨ରେ ଯେଉଁ ପ୍ରସ୍ତାବଗୁଡ଼ିକ ଅନୁମୋଦନ କରିଥିଲା ସେଥିରେ ସ୍ୱାସ୍ଥ୍ୟଗତ ସୁବିଧା, ଅସୁସ୍ଥତା ଜନିତ ଚିକିତ୍ସା ଲାଭ ବ୍ୟବସ୍ଥା, ବେକାରୀ ଭତ୍ତା, ବୃଦ୍ଧାବସ୍ଥା ସହାୟତା, କର୍ମସ୍ଥଳୀରେ ଆଘାତ ପାଇଁ ସହାୟତା, ପରିବାର ସହାୟତା, ମାତୃତ୍ୱକାଳୀନ ଲାଭ, ଅପଙ୍ଗତା ଜନିତ ଲାଭ ଏବଂ ଉତ୍ତରାଧିକାରୀଙ୍କୁ ସହାୟତା ଆଦି ୯ଟି କ୍ଷେତ୍ରରେ ସର୍ବନିମ୍ନ ସାମାଜିକ ସୁରକ୍ଷା ଯୋଗାଣ ଆଦି ଅନ୍ତର୍ଭୁକ୍ତ।

ଭାରତ ଆନ୍ତର୍ଜାତିକ ଶ୍ରମ ପ୍ରତିଷ୍ଠାନର ଜଣେ ପ୍ରତିଷ୍ଠାତା ସଦସ୍ୟ। ଏହା ଏହି ସଂଗଠନର ଏବଂ ଜାତିସଂଘ ମାନବାଧିକାର ସଂକ୍ରାନ୍ତ ବିଭିନ୍ନ ଘୋଷଣାନାମାକୁ ଅନୁମୋଦନ କରିଛି। ସେଥିମଧ୍ୟରୁ ଅଧିକାଂଶ ସାମାଜିକ ନିରାପତ୍ତା ସଂକ୍ରାନ୍ତ। ନିକଟରେ ଗୃହୀତ ସହଣୀୟ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ରେ ଏହା ମଧ୍ୟରୁ ଅନେକ ସ୍ଥାନ ପାଇଛି। ଭାରତର ସାମାଜିକ ନିରାପତ୍ତା ଯୋଗାଣ ବ୍ୟବସ୍ଥା ବେଶ୍ ଦୃଢ଼। ଜାତସଂଘର ୯ଟି ଯାକ ସର୍ବନିମ୍ନ ସାମାଜିକ ସୁରକ୍ଷା ଯୋଗାଣ ନୀତି ମଧ୍ୟରୁ ଭାରତ ଅଧିକାଂଶକୁ କାର୍ଯ୍ୟକାରୀ କରୁଛି। ସେଥିମଧ୍ୟରୁ ସଂଗଠିତ କ୍ଷେତ୍ରର ଆନୁଷ୍ଠାନିକ କର୍ମଚାରୀଙ୍କୁ ପ୍ରାୟ ସବୁ ସୁବିଧା ମିଳୁଛି। ଅସଂଗଠିତ କ୍ଷେତ୍ରର କେତେକ କ୍ଷେତ୍ରରେ ମଧ୍ୟ ଏହି ସାମାଜିକ ସୁରକ୍ଷା ଯୋଗାଣ ସୀମିତ ସ୍ତରରେ ପ୍ରଦାନ କରାଯାଉଛି।

ଅସଂଗଠିତ କ୍ଷେତ୍ର ଭାରତୀୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀମାନଙ୍କ ମଧ୍ୟରୁ ୮୪ ଶତାଂଶଙ୍କ ପାଇଁ କୌଣସି ବିଧିବଦ୍ଧ ସାମାଜିକ ସୁରକ୍ଷା ବ୍ୟବସ୍ଥା ନାହିଁ।

### ଭାରତରେ ଅସଂଗଠିତ କ୍ଷେତ୍ର

ଜାତୀୟ ନମୂନା ସର୍ବେକ୍ଷଣ ସଂସ୍ଥା (ଏନ୍‌ଏସ୍‌ଏସ୍‌ଓ)ର ଆକଳନ ଅନୁସାରେ ଭାରତର ୮୪ ଶତାଂଶ ଶ୍ରମିକ ଅସଂଗଠିତ କ୍ଷେତ୍ର କିମ୍ବା ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତ। ଉଭୟ ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ କ୍ଷେତ୍ରକୁ ହିସାବକୁ ନେଲେ ଅଣଆନୁଷ୍ଠାନିକ ଶ୍ରମିକ ସଂଖ୍ୟା ୯୦ ଭାଗରୁ ଅଧିକ। ଏନ୍‌ଏସ୍‌ଏସ୍‌ର ରିପୋର୍ଟ ଅନୁସାରେ ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ମଧ୍ୟରୁ ୯୭ ଶତାଂଶ ଆତ୍ମନିଯୁକ୍ତି, ୭୮ ଶତାଂଶ ସାମୟିକ ଶ୍ରମିକ। ଗ୍ରାମାଞ୍ଚଳରେ ଥିବା ୪୨ ଶତାଂଶ ନିୟମିତ / ମଜୁରୀ ଭିତ୍ତିକ ଶ୍ରମିକ ଅଣସଂଗଠିତ କ୍ଷେତ୍ରରେ କାମ କରନ୍ତି। ସହରାଞ୍ଚଳରେ ବେତନ ବା ମଜୁରୀ ଭିତ୍ତିରେ କାମ କରୁଥିବା ୪୦ ଶତାଂଶ ଶ୍ରମିକ ଅସଂଗଠିତ କ୍ଷେତ୍ରର ହୋଇଥିବାବେଳେ ସାମୟିକ ଶ୍ରମିକଙ୍କ ମଧ୍ୟରୁ ୮୧ ଶତାଂଶ ଆନୁଷ୍ଠାନିକ କ୍ଷେତ୍ରର ବାହାରେ କାମ କରନ୍ତି।

> ସବୁ ଶ୍ରମିକଙ୍କ ପାଇଁ ଏକ ବାଧ୍ୟତାମୂଳକ ୟୁନିକ୍ ଆଧାର ଭିତ୍ତିକ ପଞ୍ଜୀକରଣ ବ୍ୟବସ୍ଥା କରାଯିବ। ଏହା ସହିତ ସବୁ ଶ୍ରମିକଙ୍କ ପାଇଁ ପୋର୍ଟେବଲ୍ (ବ୍ୟାଙ୍କରୁ ବ୍ୟାଙ୍କକୁ ବଦଳ ହୋଇପାରୁଥିବା) ସାମାଜିକ ନିରାପତ୍ତା ଆକାଉଣ୍ଟର ବ୍ୟବସ୍ଥା ବା 'ବିଶ୍ୱକର୍ମା କାର୍ମିକ ସୁରକ୍ଷା ଖାତା' ରହିବ। ଏହାକୁ ସେମାନଙ୍କ ଆଧାର ନମ୍ବର ସହ ସଂଯୁକ୍ତ କରାଯିବ। ସଂପୃକ୍ତ ଶ୍ରମିକ କର୍ମଚାରୀଙ୍କୁ ସରକାର ସାମାଜିକ ସୁରକ୍ଷା ଯୋଜନାରେ ଯେଉଁସବୁ ଆର୍ଥିକ ଲାଭ ଯୋଗାଉଛନ୍ତି ତାହା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯିବ ଏବଂ ସେ ଯେଉଁ ସ୍ଥାନକୁ କାମ ଉଦ୍ଦେଶ୍ୟରେ ଯିବେ ସେଠାରେ ଏହି ଖାତାରୁ ଟଙ୍କା ଉଠାଇବାର ସୁବିଧା ପାଇବେ।



ଏହି ତଥ୍ୟରୁ ଜଣାପଡ଼େ ଯେ ଅଣଆନୁଷ୍ଠାନିକ କ୍ଷେତ୍ରର ଶ୍ରମିକଙ୍କ ମଧ୍ୟରୁ ଗ୍ରାମାଞ୍ଚଳର ୭୫ ଭାଗ ଓ ସହରାଞ୍ଚଳର ୭୦ ଭାଗ ଛୋଟମୋଟ ସଂସ୍ଥା ବା ଉଦ୍ୟୋଗରେ କାମ କରନ୍ତି। କୃଷି ଓ ଅଣକୃଷି କ୍ଷେତ୍ରରେ କାର୍ଯ୍ୟରତ ପ୍ରାୟ ୭୯ ଶତାଂଶ ଶ୍ରମିକଙ୍କର ଲିଖିତ ନିଯୁକ୍ତି ଚୁକ୍ତି ନାହିଁ। ଆହୁରି ମଧ୍ୟ ସେମାନଙ୍କ ମଧ୍ୟରୁ ୪୨ ଶତାଂଶ ଅସ୍ଥାୟୀ। ତଥ୍ୟ ଅନୁସାରେ ଭାରତରେ କୃଷି ଓ ଅଣକୃଷି କ୍ଷେତ୍ରରେ କାର୍ଯ୍ୟରତ ୭୨ ଶତାଂଶ ଶ୍ରମିକଙ୍କୁ କୌଣସି ସାମାଜିକ ସୁରକ୍ଷା ମିଳେନାହିଁ। ଯେଉଁମାନଙ୍କର ଚୁକ୍ତିଭିତ୍ତିକ ନିଯୁକ୍ତି ନାହିଁ ସେହି ଶ୍ରମିକମାନେ ଅଣସଂଗଠିତ କ୍ଷେତ୍ରର ବୋଲି ବିବେଚିତ ହୁଅନ୍ତି।

ଅଣଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥା ବା କାର୍ଯ୍ୟକ୍ରମରେ ଦେଶର ଯେଉଁ ଲୋକମାନେ କାର୍ଯ୍ୟ କରନ୍ତି ତାହାର ଏକ ବଡ଼ ଭାଗ ସାମାଜିକ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର। କ୍ରମଶଃ ଅସଂଗଠିତ କ୍ଷେତ୍ରର କାର୍ଯ୍ୟ ପରିସର ବୃଦ୍ଧି ଓ ପ୍ରଦର୍ଶନ ଭଲ ହେଉଥିବାରୁ ଗତ ଦୁଇ ଦଶନ୍ଧି ଧରି ଭାରତୀୟ ଅର୍ଥନୀତି ଉଚ୍ଚ ଅଭିବୃଦ୍ଧି ହାର ହାସଲ କରିବାରେ ସଫଳ ହୋଇଛି। ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ଅର୍ଥନୈତିକ କାର୍ଯ୍ୟକ୍ରମ ମଧ୍ୟରେ ଆନ୍ତଃସଂଯୋଗ ବୃଦ୍ଧି ପାଉଥିବାର ଆଭାସ ମିଳିଲାଣି। ଉତ୍ପାଦନ, ନିଯୁକ୍ତି, ଆୟ ଆଦି ବିଭିନ୍ନ କ୍ଷେତ୍ରରେ ଅଣଆନୁଷ୍ଠାନିକ ଅର୍ଥନୀତିର ପ୍ରଦର୍ଶନ ବେଶ୍ ଭଲ ପରିଲକ୍ଷିତ ହେଉଛି। ଅଣ ଆନୁଷ୍ଠାନିକ ଅର୍ଥନୀତି ତ୍ୱରିତ ଓ ସମାବେଶୀ ବିକାଶ ଲୋଡ଼େ। ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟିର ଆବଶ୍ୟକତା ରହିଛି। ଉଚ୍ଚ ଅଭିବୃଦ୍ଧି ହାର ବଜାୟ ରଖିବାକୁ ହେଲେ ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସ୍ଥିତିରେ ସୁଧାର ଆଣିବାକୁ ପଡ଼ିବ। ଏହା ସହିତ ଆଭ୍ୟନ୍ତରୀଣ ଚାହିଦାକୁ ମଧ୍ୟ ବଜାୟ ରଖିବାକୁ ହେବ। ଏଥିପାଇଁ ଏହି ଉଦ୍ୟୋଗକୁ ଋଣ, ପ୍ରଯୁକ୍ତି ବିଦ୍ୟା, ଆଧୁନିକ ଯନ୍ତ୍ରପାତି, ଭିତ୍ତିଭୂମି ଓ ବଜାର ସୁବିଧା ଆଦି ଯୋଗାଇ ଦେବାକୁ ପଡ଼ିବ। ସବୁଠୁ ବଡ଼କଥା ହେଲା ଏହି ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତ ଅଧିକାଂଶ ଶ୍ରମିକଙ୍କର ସାଧାରଣ ସର୍ବନିମ୍ନ ସାମାଜିକ ସୁରକ୍ଷା ବ୍ୟବସ୍ଥା ନାହିଁ। ତେଣୁ ଏମାନଙ୍କ ପାଇଁ ଅଂଶ ପ୍ରଦାନ ଭିତ୍ତିକ ବା ଟିକସ/ ଉପକର ଭିତ୍ତିକ ସାମାଜିକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯିବାର ଆବଶ୍ୟକତା ରହିଛି।

ସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ସଂଖ୍ୟା ମୋଟ ଶ୍ରମିକ ସଂଖ୍ୟାର ମାତ୍ର ସାତ ପ୍ରତିଶତ। ସେମାନେ ବିଭିନ୍ନ ଆଇନଗତ ବ୍ୟବସ୍ଥା ମାଧ୍ୟମରେ ସାମାଜିକ ନିରାପତ୍ତା ଉପଭୋଗ କରୁଛନ୍ତି। ଏହି ଆଇନ ମଧ୍ୟରେ କର୍ମଚାରୀ ରାଜ୍ୟ ବୀମା ଆଇନ ୧୯୪୮ ଓ କର୍ମଚାରୀ ଭବିଷ୍ୟନିଧି ଆଇନ ୧୯୫୨ ଅନ୍ୟତମ। ଏହି ଦୁଇ ଆଇନ ବଳରେ ସଂପୃକ୍ତ କର୍ମଚାରୀ ସ୍ୱାସ୍ଥ୍ୟ ବୀମା, ଭବିଷ୍ୟନିଧି ଓ ପେନ୍‌ସନ୍ ଆଦିର ସୁବିଧା ପାଇଥାନ୍ତି। ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସଂଖ୍ୟା ପ୍ରାୟ ୪୭ କୋଟି ୨୯ ଲକ୍ଷ। ଏହି ଶ୍ରମିକଙ୍କର ନିଯୁକ୍ତିର ସୁରକ୍ଷା, ବେତନ, ମଜୁରୀ, କାମ କରିବାର

**ଜାତୀୟ ନମୂନା ସର୍ବେକ୍ଷଣ ସଂସ୍ଥା (ଏନ୍‌ଏସ୍‌ଏସ୍‌ଓ)ର ଆକଳନ ଅନୁସାରେ ଭାରତର ୮୪ ଶତାଂଶ ଶ୍ରମିକ ଅସଂଗଠିତ କ୍ଷେତ୍ର କିମ୍ବା ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତ। ଉଭୟ ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ କ୍ଷେତ୍ରକୁ ହିସାବକୁ ନେଲେ ଅଣଆନୁଷ୍ଠାନିକ ଶ୍ରମିକ ସଂଖ୍ୟା ୯୦ ଭାଗରୁ ଅଧିକ। ଏନ୍‌ଏସ୍‌ଏସ୍‌ର ରିପୋର୍ଟ ଅନୁସାରେ ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ମଧ୍ୟରୁ ୯୭ ଶତାଂଶ ଆତ୍ମନିଯୁକ୍ତି, ୭୮ ଶତାଂଶ ସାମୟିକ ଶ୍ରମିକ। ଗ୍ରାମାଞ୍ଚଳରେ ଥିବା ୪୨ ଶତାଂଶ ନିୟମିତ / ମଜୁରୀ ଭିତ୍ତିକ ଶ୍ରମିକ ଅଣସଂଗଠିତ କ୍ଷେତ୍ରରେ କାମ କରନ୍ତି। ସହରାଞ୍ଚଳରେ ବେତନ ବା ମଜୁରୀ ଭିତ୍ତିରେ କାମ କରୁଥିବା ୪୦ ଶତାଂଶ ଶ୍ରମିକ ଅସଂଗଠିତ କ୍ଷେତ୍ରର ହୋଇଥିବାବେଳେ ସାମୟିକ ଶ୍ରମିକଙ୍କ ମଧ୍ୟରୁ ୮୧ ଶତାଂଶ ଆନୁଷ୍ଠାନିକ କ୍ଷେତ୍ରର ବାହାରେ କାମ କରନ୍ତି।**

**ଏବେ ଦେଶରେ ଚାଲିଥିବା ସାମାଜିକ ନିରାପତ୍ତା ପ୍ରଶାସନ ବିବିଧ ସମସ୍ୟାର ସମ୍ମୁଖୀନ । ଏକାଧିକ ଯୋଜନା, କାର୍ଯ୍ୟକ୍ରମର କାର୍ଯ୍ୟକାରିତା ବୋଝ, ଉଦ୍ଦିଷ୍ଟ ବର୍ଗଙ୍କ ପାଖରେ ଠିକଣା ଭାବେ ପହଞ୍ଚି ନ'ପାରିବାର ଅସୁବିଧା, ସୀମିତ ସଫଳତା, ରୂପାୟନଗତ ତ୍ରୁଟି, କାର୍ଯ୍ୟକ୍ରମର ବିପୁଳ ଖର୍ଚ୍ଚ ଏବଂ ଅସଂଗଠିତ କ୍ଷେତ୍ରର ଏକ ବଡ଼ ଭାଗ କାର୍ଯ୍ୟକ୍ରମରୁ ବାଦ ପଡ଼ିବା ଏସବୁ ସମସ୍ୟା ମଧ୍ୟରୁ ଅନ୍ୟତମ ।ଏସବୁକୁ ବିଚାରକୁ ନେଇ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଦ୍ୱିତୀୟ ଜାତୀୟ ଶ୍ରମ କମିଶନଙ୍କ ସୁପାରିଶ ଆଧାରରେ ଏସଂକ୍ରାନ୍ତ କେନ୍ଦ୍ରୀୟ ଆଇନଗୁଡ଼ିକର ସରଳୀକରଣ, ମିଶ୍ରଣ ଉପରେ ଗୁରୁତ୍ୱ ଦେଉଛନ୍ତି ।**

ଉତ୍ତମ ପରିବେଶ, ସାମାଜିକ ନିରାପତ୍ତା, କାର୍ଯ୍ୟ କରିବାର ନିର୍ଦ୍ଧାରିତ ସମୟସୀମା, ଆଇନଗତ ସୁରକ୍ଷା ଆଦି କିଛି ନାହିଁ । ସରକାରଙ୍କ ପକ୍ଷରୁ ମଧ୍ୟ ଏମାନଙ୍କୁ କୌଣସି ସହାୟତା ମିଳେନାହିଁ ।

ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ଗଠିତ କମିଶନ (ଏନ୍‌ସିଇୟୁଏସ୍) ଅନୁସାରେ ଅସଂଗଠିତ ଶ୍ରମିକମାନେ ମୋଟାମୋଟି ତିନି ପ୍ରକାର ସୁରକ୍ଷାରୁ ବଞ୍ଚିତ । ସେଗୁଡ଼ିକ ହେଲା ନିଯୁକ୍ତି ସୁରକ୍ଷା, କାର୍ଯ୍ୟ ସୁରକ୍ଷା (କାମ ସମୟରେ ଦୁର୍ଘଟଣା ଓ ଅସୁସ୍ଥତା ଜନିତ) ଏବଂ ସାମାଜିକ ସୁରକ୍ଷା ଅର୍ଥାତ୍ ପେନ୍‌ସନ୍, ସ୍ୱାସ୍ଥ୍ୟଭତ୍ତା ଓ ସେବା, ମାତୃତ୍ୱକାଳୀନ ସୁବିଧା ଆଦି ପାଆନ୍ତି ନାହିଁ ।

ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଯୋଗାଣ ଲକ୍ଷ୍ୟରେ ସରକାର ୨୦୦୪ରେ ଏକ ସାମାଜିକ ସୁରକ୍ଷା ଆଇନ ପ୍ରସ୍ତୁତ କରିଥିଲେ । ଏଥିରେ ଏହି ବର୍ଗର ଶ୍ରମିକଙ୍କୁ ସର୍ବନିମ୍ନ ସାମାଜିକ ନିରାପତ୍ତା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଥିଲା । ସେଥିମଧ୍ୟରେ ସ୍ୱାସ୍ଥ୍ୟ ସେବାଜନିତ ସୁରକ୍ଷା, ରୋଜଗାର ବ୍ୟବସ୍ଥା, ଦାରିଦ୍ର୍ୟ ହ୍ରାସ ଏବଂ ମର୍ଯ୍ୟାଦାଜନକ ସ୍ଥିତିରେ କାମ କରିବାର ସୁଯୋଗ ଅନ୍ୟତମ । ଏହା ଏକ ଉତ୍ତମ ପଦକ୍ଷେପ ହୋଇଥିଲେ ହେଁ ଏହାର ଉଚିତ କାର୍ଯ୍ୟକାରୀତା ଏବଂ ଏଥିପାଇଁ ଆବଶ୍ୟକ ପାଣ୍ଠି ଯୋଗାଣର ଅଭାବ ଇପ୍‌ସିତ ଲକ୍ଷ୍ୟ ପୂରଣରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଏହି ଆଇନ୍ ବଳରେ ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ ଯେଉଁ ସାମାଜିକ ନିରାପତ୍ତା ବୋର୍ଡମାନ ଗଠନ କରାଯାଇଛି ତାହାର ବିଶେଷ କିଛି କ୍ଷମତା ନାହିଁ । ଏହା କେବଳ ପରାମର୍ଶଦାତା ଭୂମିକା ନିର୍ବାହ କରୁଛି ।

### ଅସଂଗଠିତ କ୍ଷେତ୍ର ପାଇଁ ସାମାଜିକ ନିରାପତ୍ତା

ବର୍ତ୍ତମାନ ଦେଶର ସାମାଜିକ ନିରାପତ୍ତା ବ୍ୟବସ୍ଥା ଦୁଇଟି ସ୍ତରରେ କାର୍ଯ୍ୟକାରୀ ହେଉଛି । ପ୍ରଥମ ସ୍ତରରେ ସାର୍ବଜନୀନ କାର୍ଯ୍ୟକ୍ରମଗୁଡ଼ିକ କାର୍ଯ୍ୟକାରୀ କରାଯାଉଥିବାବେଳେ ଏଥିରେ ମୌଳିକ ସାମାଜିକ / ମାନବିକ ବିକାଶ କାର୍ଯ୍ୟକ୍ରମ ସମୂହ ଯଥା - ସାକ୍ଷରତା ମିଶନ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ପାନୀୟ ଜଳ ଓ ପରିଚ୍ଛନ୍ନତା, ବୈଷୟିକ ତାଲିମ ଆଦି ଅନ୍ତର୍ଭୁକ୍ତ । ଦ୍ୱିତୀୟ ସ୍ତରରେ ସାମାଜିକ / ମାନବିକ ବିକାଶ କାର୍ଯ୍ୟକ୍ରମଗୁଡ଼ିକ କାର୍ଯ୍ୟକାରୀ ହେଉଛି । ଏହା ମାଧ୍ୟମରେ ସାମାଜିକ - ଆର୍ଥିକ ନିରାପତ୍ତା ଗରିବ ଓ ଅଭାବଗ୍ରସ୍ତ ଲୋକଙ୍କୁ ଯୋଗାଇ ଦିଆଯାଉଛି । ସେଗୁଡ଼ିକ ମଧ୍ୟରେ ଆଇସିଡିଏସ୍, ପିଡିଏସ୍, ଏନ୍‌ଏସ୍‌ଏପି, ଏମ୍‌ଜିନରେଗା ଆଦି ଅନ୍ତର୍ଭୁକ୍ତ ।

ନାନା ପ୍ରକାର ଅଭାବ ଜନିତ ସମସ୍ୟାର ସମାଧାନ କରି ଲୋକଙ୍କୁ ଯେଉଁ ସାମାଜିକ ସୁରକ୍ଷା ଯୋଗାଇଦେବାର ପ୍ରୟାସ ଚାଲିଛି ତାହାର ଉଦ୍ଦେଶ୍ୟ ମହତ୍ ହୋଇଥିଲେ ହେଁ ସେଥିରେ କେତେକ ତ୍ରୁଟି ବିଚ୍ୟୁତି ରହିଛି । ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାଇଁ ଅସୁସ୍ଥତା, ଦୁର୍ଘଟଣା / ମୃତ୍ୟୁ, ବାର୍ଦ୍ଧକ୍ୟଜନିତ ସ୍ଥିତିରେ ସାମାଜିକ ସୁରକ୍ଷା ଯୋଗାଣର ବ୍ୟବସ୍ଥା ନାହିଁ । ଆନୁଷ୍ଠାନିକ ବା ସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ଏ କ୍ଷେତ୍ରରେ ଆଇନଗତ ବ୍ୟବସ୍ଥା ରହିଛି ।



ଅତଏବ ଅସଂଗଠିତ କ୍ଷେତ୍ରର କର୍ମଚାରୀଙ୍କ ପାଇଁ ସାମାଜିକ ବୀମା ବ୍ୟବସ୍ଥା ରହିବା ଆବଶ୍ୟକ ଯ'ଦ୍ୱାରା ସେମାନେ ଅସୁବିଧା ସମୟରେ ସୁରକ୍ଷା ପାଇପାରିବେ। ଦେଶରୁ ଦାରିଦ୍ର୍ୟ ହ୍ରାସ ପାଉଥିଲେ ମଧ୍ୟ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ଅଧିକାଂଶ ଗରିବ। ସେମାନଙ୍କୁ ସାମାଜିକ ଓ ଆର୍ଥିକ ନିରାପତ୍ତା ଯୋଗାଇ ଦିଆଯିବା ଉଚିତ। ସାମାଜିକ ସୁରକ୍ଷାର ଅଭାବ ଉତ୍ପାଦକତା ହ୍ରାସ କରେ। ଦୁର୍ବଳ ଓ ରୋଗା ଶ୍ରମିକ ଠିକ୍ ଭାବେ କାମ କରିପାରେନା। ଚିକିତ୍ସା ପାଇଁ ଗରିବ ଶ୍ରମିକ ଅର୍ଥ ଯୋଗାଡ଼ କରିପାରେନାହିଁ ଓ ତା'ର ପରିବାର ମଧ୍ୟ ତା'କୁ ଏହି ସମୟରେ ଆବଶ୍ୟକ ସହାୟତା ଓ ସୁରକ୍ଷା ଦେବାରେ ବିଫଳ ହୋଇଥାଏ। ଅତଏବ ଶ୍ରମିକଙ୍କ ପାଇଁ ଏକ ସର୍ବନିମ୍ନ ନିରାପତ୍ତା ବ୍ୟବସ୍ଥା ନ' ହେଲେ ସମାବେଶୀ ବିକାଶ ଲକ୍ଷ୍ୟ ହାସଲ ପୂରଣ ହେବ ନାହିଁ।

ଏବେ ଦେଶରେ ଚାଲିଥିବା ସାମାଜିକ ନିରାପତ୍ତା ପ୍ରଶାସନ ବିବିଧ ସମସ୍ୟାର ସମ୍ମୁଖୀନ। ଏକାଧିକ ଯୋଜନା, କାର୍ଯ୍ୟକ୍ରମର କାର୍ଯ୍ୟକାରିତା ବୋଝ, ଉଦ୍ଦିଷ୍ଟ ବର୍ଗଙ୍କ ପାଖରେ ଠିକଣା ଭାବେ ପହଞ୍ଚି ନ'ପାରିବାର ଅସୁବିଧା, ସୀମିତ ସଫଳତା, ରୂପାୟନଗତ ତ୍ରୁଟି,



କାର୍ଯ୍ୟକ୍ରମର ବିପୁଳ ଖର୍ଚ୍ଚ ଏବଂ ଅସଂଗଠିତ କ୍ଷେତ୍ରର ଏକ ବଡ଼ ଭାଗ କାର୍ଯ୍ୟକ୍ରମରୁ ବାଦ ପଡ଼ିବା ଏସବୁ ସମସ୍ୟା ମଧ୍ୟରୁ ଅନ୍ୟତମ।

ଏସବୁକୁ ବିଚାରକୁ ନେଇ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଦ୍ୱିତୀୟ ଜାତୀୟ ଶ୍ରମ କମିଶନଙ୍କ ସୁପାରିଶ ଆଧାରରେ ଏସଂକ୍ରାନ୍ତ କେନ୍ଦ୍ରୀୟ ଆଇନଗୁଡ଼ିକର ସରଳୀକରଣ, ମିଶ୍ରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଫଳରେ ପ୍ରଚଳିତ ଶ୍ରମ ଆଇନ ଓ ସାମାଜିକ ନିରାପତ୍ତା ଆଇନକୁ ମିଶାଇ ନୂଆ ସାମାଜିକ ନିରାପତ୍ତା ଓ କଲ୍ୟାଣ ଆଇନ (କୋଡ୍) ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ପ୍ରାୟ ୧୫ଟି ବିଭିନ୍ନ ଶ୍ରମ ଆଇନକୁ ମିଶାଇ ଗୋଟିଏ ପୂର୍ଣ୍ଣାଙ୍ଗ ସାମାଜିକ ନିରାପତ୍ତା ଆଇନ କରାଯାଇ ତାହାର ବିଭିନ୍ନ ଧାରା ଉପଧାରା ରଖାଯାଇଛି।

ଏହି କୋଡ୍ ତ୍ରିସ୍ତରୀୟ ସାମାଜିକ ନିରାପତ୍ତା ପ୍ରଶାସନିକ ଢାଞ୍ଚା ପ୍ରସ୍ତୁତ କରିଛି। ଏଥିରେ ଶୀର୍ଷରେ ଜାତୀୟ ସ୍ତରରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସାମାଜିକ ନିରାପତ୍ତା ପରିଷଦ କାର୍ଯ୍ୟ କରିବ। କେନ୍ଦ୍ର ସ୍ତରରେ ସାମାଜିକ ନିରାପତ୍ତା ସଂକ୍ରାନ୍ତ ବୋର୍ଡ ଓ ପ୍ରାଦେଶିକ ସ୍ତରରେ ଅନୁରୂପ ବୋର୍ଡମାନ ରହିବା ସହ ଏ ସଂକ୍ରାନ୍ତ ନୀତି ଓ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବ। ଚତୁର୍ଥ ସ୍ତରରେ ସ୍ଥାନୀୟ ସଂସ୍ଥା ଯଥା ପଞ୍ଚାୟତ/ପୌର ସଂସ୍ଥା ବା ସହରାଞ୍ଚଳ ସଂସ୍ଥାମାନ ଏହି କାର୍ଯ୍ୟକ୍ରମର ରୂପାୟନରେ ସହାୟତା ପ୍ରଦାନ କରିବେ।

ସବୁ ଶ୍ରମିକଙ୍କ ପାଇଁ ଏକ ବାଧ୍ୟତାମୂଳକ ୟୁନିକ୍ ଆଧାର ଭିତ୍ତିକ ପଞ୍ଜୀକରଣ ବ୍ୟବସ୍ଥା କରାଯିବ। ଏହା ସହିତ ସବୁ ଶ୍ରମିକଙ୍କ ପାଇଁ ପୋର୍ଟେବଲ୍ (ବ୍ୟାଙ୍କରୁ ବ୍ୟାଙ୍କକୁ ବଦଳ ହୋଇପାରୁଥିବା) ସାମାଜିକ ନିରାପତ୍ତା ଆକାଉଣ୍ଟର ବ୍ୟବସ୍ଥା ବା 'ବିଶ୍ୱକର୍ମା କାର୍ମିକ

**ଉତ୍ପାଦନ, ନିଯୁକ୍ତି, ଆୟ ଆଦି ବିଭିନ୍ନ କ୍ଷେତ୍ରରେ ଅଣଆନୁଷ୍ଠାନିକ ଅର୍ଥନୀତିର ପ୍ରଦର୍ଶନ ବେଶ୍ ଭଲ ପରିଲକ୍ଷିତ ହେଉଛି। ଅଣ ଆନୁଷ୍ଠାନିକ ଅର୍ଥନୀତି ତ୍ୱରିତ ଓ ସମାବେଶୀ ବିକାଶ ଲୋଡ଼େ। ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟିର ଆବଶ୍ୟକତା ରହିଛି। ଉଚ୍ଚ ଅଭିବୃଦ୍ଧି ହାର ବଜାୟ ରଖିବାକୁ ହେଲେ ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସ୍ଥିତିରେ ସୁଧାର ଆଣିବାକୁ ପଡ଼ିବ। ଏହା ସହିତ ଆଭ୍ୟନ୍ତରୀଣ ଚାହିଦାକୁ ମଧ୍ୟ ବଜାୟ ରଖିବାକୁ ହେବ। ଏଥିପାଇଁ ଏହି ଉଦ୍ୟୋଗକୁ ଋଣ, ପ୍ରଯୁକ୍ତି ବିଦ୍ୟା, ଆଧୁନିକ ଯନ୍ତ୍ରପାତି, ଭିତ୍ତିଭୂମି ଓ ବଜାର ସୁବିଧା ଆଦି ଯୋଗାଇ ଦେବାକୁ ପଡ଼ିବ। ସବୁଠୁ ବଡ଼କଥା ହେଲା ଏହି ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତ ଅଧିକାଂଶ ଶ୍ରମିକଙ୍କର ସାଧାରଣ ସର୍ବନିମ୍ନ ସାମାଜିକ ସୁରକ୍ଷା ବ୍ୟବସ୍ଥା ନାହିଁ। ତେଣୁ ଏମାନଙ୍କ ପାଇଁ ଅଂଶ ପ୍ରଦାନ ଭିତ୍ତିକ ବା ଟିକସ/ ଉପକର ଭିତ୍ତିକ ସାମାଜିକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯିବାର ଆବଶ୍ୟକତା ରହିଛି।**



ସୁରକ୍ଷା ଖାତା' ରହିବ। ଏହାକୁ ସେମାନଙ୍କ ଆଧାର ନମ୍ବର ସହ ସଂଯୁକ୍ତ କରାଯିବ। ସଂପୃକ୍ତ ଶ୍ରମିକ କର୍ମଚାରୀଙ୍କୁ ସରକାର ସାମାଜିକ ସୁରକ୍ଷା ଯୋଜନାରେ ଯେଉଁସବୁ ଆର୍ଥିକ ଲାଭ ଯୋଗାଉଛନ୍ତି ତାହା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯିବ ଏବଂ ସେ ଯେଉଁ ସ୍ଥାନକୁ କାମ ଉଦ୍ଦେଶ୍ୟରେ ଯିବେ ସେଠାରେ ଏହି ଖାତାରୁ ଟଙ୍କା ଉଠାଇବାର ସୁବିଧା ପାଇବେ।

ସରକାରଙ୍କର ଏହି ନୂଆ ବ୍ୟବସ୍ଥା ଶ୍ରମିକଙ୍କୁ ସନ୍ତୋଷ କଲାଭଳି ଏକ ପଦକ୍ଷେପ କେବଳ ନୁହେଁ; ଏହାଦ୍ୱାରା ଶ୍ରମିକଙ୍କ ସାମାଜିକ ସୁରକ୍ଷା ସଂକ୍ରାନ୍ତ ପ୍ରତିମାନ ବଦଳିଯିବ ଏବଂ ପ୍ରତ୍ୟେକ ଶ୍ରମିକଙ୍କ ଅଧିକାର ପୂରଣ ଦିଗରେ ଏକ ବଳିଷ୍ଠ ପଦକ୍ଷେପଭାବେ ପରିଗଣିତ ହେବ।

ଲେଖିକା ଭି.ଭି. ଗିରି ନ୍ୟାସନାଲ ଲେବର ଇନ୍‌ଷ୍ଟିଚ୍ୟୁଟର ଜଣେ ଫାକଲ୍‌ଟି ସଦସ୍ୟା


## Revision of Discount Structure for Agents/Distributors of Employment News/Rozgar Samachar

| No. Of Copies | Discount |
|---|---|
| 20-99 | 25% |
| 100-250 | 35% |
| 251 and above | 40% |

# କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ
# ବଞ୍ଚିତଙ୍କ ସାମାଜିକ ଓ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏକ ପଦକ୍ଷେପ

ଡକ୍ଟର ଯତିନ୍ଦ୍ର ସିଂହ

କର୍ପୋରେଟ୍ ସୋସିଆଲ୍ ରେସ୍‌ପନ୍ସିବିଲିଟି (ସିଏସ୍‌ଆର୍) ଅର୍ଥାତ୍ ଉଦ୍ୟୋଗଙ୍କ ସାମାଜିକ ଉତ୍ତରଦାୟିତ୍ୱ ସଂସ୍ଥାକୁ ପ୍ରୋତ୍ସାହିତ କରିଥାଏ। ଲୋକଙ୍କ ସ୍ୱାର୍ଥକୁ ଏହା ସୁରକ୍ଷିତ ରଖିବା ସହ କମ୍ପାନୀର ଲାଭକୁ ମଧ୍ୟ ବଢ଼ାଇ ବିକାଶମୁଖୀ କରାଏ। ଭାରତ ହେଉଛି ଏଭଳି ଏକ ରାଷ୍ଟ୍ର; ଯେଉଁଠି ସିଏସ୍‌ଆର୍ ବ୍ୟବସ୍ଥା ପାଇଁ ରହିଛି ସ୍ୱତନ୍ତ୍ର ନିୟମ କାନୁନ୍। ୨୦୦୯ ମସିହାରେ ସିଏସ୍‌ଆର୍ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିଛି ଭାରତୀୟ ଉଦ୍ୟୋଗ ବ୍ୟାପାର ମନ୍ତ୍ରଣାଳୟ। 'ଦ କମ୍ପାନିଜ୍ ଆକ୍ଟ-୨୦୧୩' ଅନୁସାରେ ଏହି ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। କମ୍ପାନିଜ୍ ଆକ୍ଟ-୨୦୧୩ ଧାରା ୧୩୫ର ଉପଧାରା-୧ ଅନୁସାରେ କମ୍ପାନୀଗୁଡ଼ିକୁ ସିଏସ୍‌ଆର୍ ପରିସରଭୁକ୍ତ କରାଯାଇଛି। କମ୍ପାନୀର ବର୍ଗୀକରଣ ଅନୁସାରେ ସିଏସ୍‌ଆର୍‌ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଯଥା -

* କମ୍ପାନୀର ମୋଟ୍ ସମ୍ପତ୍ତି ୫୦୦କୋଟି କିମ୍ବା ତଦୁର୍ଦ୍ଧ୍ୱ।
* ବାର୍ଷିକ ୧୦୦୦କୋଟି କିମ୍ବା ତଦୁର୍ଦ୍ଧ୍ୱ କାରବାର।
* ମୋଟ୍ ଲାଭ ୫କୋଟି କିମ୍ବା ତାଠାରୁ ଉର୍ଦ୍ଧ୍ୱ।

ଆକଳନ ଅନୁଯାୟୀ ୮ହଜାର କମ୍ପାନୀ ଏହି ଆଇନ୍‌ର ସିଏସ୍‌ଆର୍ ବ୍ୟବସ୍ଥା ଭିତରେ କାର୍ଯ୍ୟ କରୁଛନ୍ତି। ଆଇନ ଅନୁସାରେ ଏହା ସ୍ପଷ୍ଟ କରାଯାଇଛି ଯେ କମ୍ପାନୀ ଗୁଡ଼ିକ ପ୍ରତି ତିନିବର୍ଷ ଲାଭର ଅତିକମ୍‌ରେ ହାରାହାରି ୨ ପ୍ରତିଶତ ଉଦ୍ୟୋଗ ସାମାଜିକ, ଉତ୍ତରଦାୟିତ୍ୱ(ସିଏସଆର) କାର୍ଯ୍ୟରେ ବିନିଯୋଗ କରିବେ। ସେହିଅନୁସାରେ ବାର୍ଷିକ ୧୦ହଜାରରୁ ୧୨ହଜାର କୋଟି ଟଙ୍କା ଏ କ୍ଷେତ୍ରରେ ଖର୍ଚ୍ଚ ହେଉଥିବା ଏକ ହିସାବରୁ ଜଣାପଡ଼ିଛି। ମୋଟ୍ ଘରୋଇ ଉତ୍ପାଦନର ଅଭିବୃଦ୍ଧି ହେଲେ ଅନୁରୂପ ଭାବେ କମ୍ପାନୀଗୁଡ଼ିକର ଲାଭ ମଧ୍ୟ ବଢ଼ିଥାଏ। ତଦନୁଯାୟୀ ସେମାନଙ୍କୁ ଏ କ୍ଷେତ୍ରରେ ଅଧିକ ଖର୍ଚ୍ଚ କରିବାକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଧାରା ୧୩୫ ଅନୁସାରେ କମ୍ପାନୀଗୁଡ଼ିକୁ ୩ରୁ ଅଧିକ ନିର୍ଦ୍ଦେଶକ ଓ ଜଣେ ନିରପେକ୍ଷ ନିର୍ଦ୍ଦେଶକଙ୍କୁ ନେଇ ସମିତିର ଗଠନର ବ୍ୟବସ୍ଥା ରହିଛି। କ'ଣ ସିଏସ୍‌ଆର୍ କାର୍ଯ୍ୟକ୍ରମ କରାଯିବ ସେ ନେଇ ଉକ୍ତ କମିଟି ନୀତି ନିର୍ଦ୍ଧାରଣ କରିଥାଏ। ଆଇନର ଅଷ୍ଟମ ଅନୁଚ୍ଛେଦ ଅନୁସାରେ ଏହା ନିର୍ଦ୍ଧାରିତ କରାଯାଇଛି। କମ୍ପାନୀଗୁଡ଼ିକ ନିଜର ଫାଉଣ୍ଡେସନ ଓ ଟ୍ରଷ୍ଟ ଗଢ଼ି ଏହି ସାମାଜିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମ କରିପାରିବେ। ଏହା ବ୍ୟତୀତ ବେସରକାରୀ ସଂସ୍ଥା ବା ଅନୁଷ୍ଠାନ (ଏନ୍‌ଜିଓ) ଅଥବା ଅନ୍ୟ ଏକ କମ୍ପାନୀକୁ ସେମାନଙ୍କ ପାଣ୍ଠି ଦେଇ ସାଧାରଣ ଜନତାଙ୍କ କଲ୍ୟାଣ ପାଇଁ ଆଞ୍ଚଳିକ ବିକାଶ କାର୍ଯ୍ୟକ୍ରମ ହାତକୁ ନେଇପାରିବେ। ସିଏସ୍‌ଆର୍ କାର୍ଯ୍ୟକ୍ରମ କେବଳ ଏକ ଅଭିଯୋଗ କିମ୍ବା ସ୍ଥାନୀୟ ଲୋକଙ୍କ ଅସନ୍ତୋଷକୁ ହ୍ରାସ କରିବା ଲାଗି ଅଭିପ୍ରେତ ନୁହେଁ; ବରଂ ଏହାର ନୀତି ଏଭଳି ପ୍ରସ୍ତୁତ ହୋଇଛି ଯାହାକି ସାମାଜିକ ଓ ଆର୍ଥିକ ଅନଗ୍ରସର, ଦୁର୍ବଳଶ୍ରେଣୀର ସଶକ୍ତୀକରଣ ତଥା ବିକାଶ ପାଇଁ ଉର୍ଦ୍ଦିଷ୍ଟ ଏବଂ ପ୍ରତିଶ୍ରୁତିବଦ୍ଧ।

### ସିଏସ୍‌ଆର୍ : ସଶକ୍ତୀକରଣର ବାର୍ତ୍ତାବହ

ସାମାଜିକ-ଆର୍ଥିକ ଅନଗ୍ରସରଙ୍କ ଜୀବନଧାରଣର ମାନରେ ଉନ୍ନତି ଘଟାଇବା, ସେମାନଙ୍କ ଦକ୍ଷତା ବୃଦ୍ଧି କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସିଏସ୍‌ଆର୍

ଭାରତର ଏହି ସ୍ଥିତିକୁ ବଦଳାଇବା ଲାଗି କେବଳ ପାଣ୍ଠି ଯୋଗାଡ଼ ଏକ ବଡ଼ କଥା ନୁହେଁ, ଏପରିକି ଏକାଧିକ ସଂସ୍ଥାକୁ ସିଏସ୍‌ଆର୍ କାର୍ଯ୍ୟପାଇଁ ଅନୁପ୍ରେରିତ କରିବା ମଧ୍ୟ ବାହାଦୂରୀ ନୁହେଁ; ବରଂ ମୁଖ୍ୟ ଆହ୍ୱାନ ହେଉଛି ଏ ସବୁ ଲାଗି ମିଳୁଥିବା ପାଣ୍ଠିର ସଠିକ୍ ଉପଯୋଗ କରିବା। ସରକାର ସିଏସ୍‌ଆର୍ ପ୍ରକଳ୍ପଗୁଡ଼ିକର ପ୍ରୋତ୍ସାହନ ଲାଗି 'ମେକ୍ ଇନ୍ ଇଣ୍ଡିଆ', 'ଷ୍ଟାର୍ଟଅପ୍ ଇଣ୍ଡିଆ', 'ସ୍କିଲ୍ ଇଣ୍ଡିଆ' ଓ 'ଡିଜିଟାଲ୍ ଇଣ୍ଡିଆ' ଭଳି ଛାମୁଆଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହାଦ୍ୱାରା ବିଭିନ୍ନ କ୍ଷେତ୍ରରେ ରହିଥିବା ସାମାଜିକ ଓ ଆର୍ଥିକ ବୈଷମ୍ୟତା ଦୂର ହେବା ସହ ଦୁର୍ବଳ ଓ ଗରିବ ଶ୍ରେଣୀର ଲୋକେ ଅଧିକରୁ ଅଧିକ ବିକାଶର ମୁଖ୍ୟ ଧାରାକୁ ଆସିପାରିବେ। ଲୋକେ ଅଧିକ ଶିକ୍ଷିତ ହେବା ସହ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରାଯାଇପାରିବ। ଏପରିକି ଏହି କାର୍ଯ୍ୟକ୍ରମ ବହୁ ସଂଖ୍ୟାରେ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବାର ସମ୍ଭାବନା ରହିଛି।

# ଔଦ୍ୟୋଗିକ ସାମାଜିକ ଦାୟିତ୍ୱର ୬ଟି ମୌଳିକ ଗୁଣାବଳୀ




କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହା ବଞ୍ଚିତଙ୍କ ସଶକ୍ତୀକରଣର ଏକ ଅଗ୍ରଦୂତ। ଦୁର୍ବଳ ଓ ଗରିବ ଶ୍ରେଣୀର ଲୋକଙ୍କ ବିକାଶ ଘଟାଇବା ସରକାରଙ୍କ ପ୍ରାଥମିକ ଉତ୍ତରଦାୟିତ୍ୱ। ମାତ୍ର ଏଥିସହ ଉଦ୍ୟୋଗ ଜଗତର ସହାୟତା ଓ ସହଯୋଗ ମଧ୍ୟ ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିଥାଏ। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓ ସ୍ଥାନରେ ବ୍ୟବସାୟ ଚାଲିଥାଏ। ବ୍ୟବସାୟ ଚଳାଇବାକୁ ହେଲେ କମ୍ପାନୀକୁ ସେହି ଲୋକଙ୍କର ସୁବିଧାସୁଯୋଗ ଓ ଅଭାବଅସୁବିଧା ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡିଥାଏ। ଉକ୍ତ ଅଞ୍ଚଳରେ ଥିବା ସମସ୍ୟା, ସୁଯୋଗ ତଥା ଆହ୍ୱାନକୁ ଦୃଷ୍ଟିରେ ରଖି ସିଏସ୍‌ଆର୍‌ ଯୋଜନା ପ୍ରସ୍ତୁତ କରିବାକୁ ପଡିଥାଏ। ଏହା ବିଶେଷକରି ଦୁର୍ବଳଙ୍କ ଲାଗି ସମର୍ପିତ କରିବାକୁ ପଡ଼ିଥାଏ। ଅତୀତରେ ଭାରତ ସାମଗ୍ରିକ ବିକାଶ ଘଟାଇଛି। ଦୁର୍ବଳଙ୍କୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବାଲାଗି ସରକାର ବହୁ ପଦକ୍ଷେପ ନେଇଛନ୍ତି। ଏହା ଆମ ଶତାବ୍ଦୀ ପୁରାତନ ବ୍ୟବସ୍ଥାରେ ମଧ୍ୟ ସାମିଲ ରହିଛି। 'ସବ୍‌କା ସାଥ୍‌ ସବ୍‌କା ବିକାଶ' ହେଉଛି ସାମଗ୍ରିକ ବିକାଶର ମନ୍ତ୍ର। ସରକାରୀ ଓ ଘରୋଇ କ୍ଷେତ୍ରର ଭାଗୀଦାରିତାରେ ବିକାଶର ମଡେଲ୍‌କୁ ସଂଯୋଗ କରି ସାମଗ୍ରିକ ଅଭିବୃଦ୍ଧି ଘଟାଇବା ପାଇଁ ଉଦ୍ୟମ ଚାଲିଛି। ରାଜ୍ୟସରକାରଙ୍କ ବଜେଟ୍‌ ଲୋକଙ୍କର ବର୍ଦ୍ଧିତ ଚାହିଦାକୁ ପୁରଣ କରିବାରେ ଯଥେଷ୍ଟ ନୁହେଁ। ସରକାର ବଞ୍ଚିତ ତଥା ଦୁର୍ବଳଙ୍କ ସଶକ୍ତୀକରଣ ପାଇଁ ଏକାଧିକ କଲ୍ୟାଣକାରୀ ଯୋଜନା ଲାଗୁ କରିଛନ୍ତି। ମାତ୍ର ଏହା ସ୍ୱଳ୍ପସମୟ ଭିତରେ ସମସ୍ତଙ୍କ ନିକଟରେ ପହଞ୍ଚିବା ସମ୍ଭବପର ହୋଇନପାରେ। ବଞ୍ଚିତଙ୍କ ବିକାଶ ଲକ୍ଷ୍ୟକୁ ଛୁଇଁବା ପାଇଁ ଘରୋଇ କ୍ଷେତ୍ରର ଭାଗିଦାରିତା ଅତ୍ୟାବଶ୍ୟକ ହୋଇପଡ଼ିଛି। ଶିକ୍ଷା, ଜୀବନଜୀବିକା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବଢୁଥିବା ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ସମାଧାନ ପାଇଁ ପାଣ୍ଠି ଯୋଗାଡ଼ ନିଶ୍ଚିତ ରୂପେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ଜାତିସଂଘ ବିକାଶ କାର୍ଯ୍ୟକ୍ରମ ପକ୍ଷରୁ ପ୍ରକାଶିତ 'ମାନବ ବିକାଶ ରିପୋର୍ଟ' ଅନୁସାରେ ୧୮୮ଟି ଦେଶଙ୍କ ମଧ୍ୟରେ ୧୩୧ ତମ ସ୍ଥାନରେ ରହିଛି ଭାରତ। ମାନବ ବିକାଶ ସୂଚକାଙ୍କ ହେଉଛି ଦେଶରେ ଉନ୍ନତ ମାନବ ସମ୍ବଳ ସଫଳତାର ମୂଳାଧାରକୁ ନେଇ ପ୍ରସ୍ତୁତ। ସେମାନଙ୍କ ମୌଳିକ ଆବଶ୍ୟକତାକୁ

**ସହରାଞ୍ଚଳରେ ଦିନକୁ ଦିନ ଅଧିକ ସହରତଳି ଅଞ୍ଚଳ ଗଢ଼ିଉଠୁଛି। ଲୋକେ କର୍ମସଂସ୍ଥାନ ପାଇଁ ସହରମୁହାଁ ହେଉଥିବାରୁ ସହରରେ ମଧ୍ୟ ଏକାଧିକ ସମସ୍ୟା ଓ ଆହ୍ୱାନ ସୃଷ୍ଟି ହୋଇଛି। ଲୋକଙ୍କୁ ଆବାସ ପାଇଁ ଜମି ଓ କର୍ମନିଯୁକ୍ତି ଯୋଗାଇବା ଏବେ ସବୁଠୁ ବଡ଼ ପ୍ରାଥମିକତା। ୨୦୧୧ ଜନଗଣନା ହିସାବ ଅନୁସାରେ ଭାରତର ସହରତଳି ଜନସଂଖ୍ୟା ହେଉଛନ୍ତି ୯କୋଟି ୩୦ ଲକ୍ଷ। ସହରକୁ ସହରତଳି ମୁକ୍ତ କରିବା ଲାଗି ସରକାର ଆରମ୍ଭ କରିଛନ୍ତି 'ସ୍ମାର୍ଟ୍‌ ସିଟି' ପ୍ରକଳ୍ପ। ଏ କ୍ଷେତ୍ରରେ ଉଦ୍ୟୋଗଗୁଡ଼ିକର ସିଏସ୍‌ଆର୍‌ କାର୍ଯ୍ୟକ୍ରମକୁ ମଧ୍ୟ ସାମିଲ କରାଯାଇଛି। ଏକ ଦୀର୍ଘସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସହରତଳି ଜନସଂଖ୍ୟାର ସଦ୍‌ଉପଯୋଗ କରିବା ଭାରତ ପାଇଁ କେବଳ ଏକ ଆବଶ୍ୟକତା ନୁହେଁ; ବରଂ ଏକ ସୁଯୋଗ ମଧ୍ୟ ସୃଷ୍ଟି କରିଛି। ଏହା ଶିଳ୍ପ ସହ ସହରର ଗରିବ ଲୋକଙ୍କ ପାଇଁ ବହୁପ୍ରକାର ସୁବିଧା ସୁଯୋଗ ଆଣିବା ଦ୍ୱାରା ଅନ୍ତର୍ଭୁକ୍ତୀକରଣ ବିକାଶରେ ସହାୟକ ହୋଇପାରିବ।**




ଦୃଷ୍ଟିରେ ରଖି ଏହି ରିପୋର୍ଟ ପ୍ରସ୍ତୁତ ହୋଇଥାଏ । ଭାରତର ଏହି ସ୍ଥିତିକୁ ବଦଳାଇବା ଲାଗି କେବଳ ପାଣ୍ଠି ଯୋଗାଡ଼ ଏକ ବଡ଼ କଥା ନୁହେଁ, ଏପରିକି ଏକାଧିକ ସଂସ୍ଥାକୁ ସିଏସ୍ଆର୍ କାର୍ଯ୍ୟପାଇଁ ଅନୁପ୍ରେରିତ କରିବା ମଧ୍ୟ ବାହାଦୂରୀ ନୁହେଁ; ବରଂ ମୁଖ୍ୟ ଆହ୍ୱାନ ହେଉଛି ଏ ସବୁ ଲାଗି ମିଳୁଥିବା ପାଣ୍ଠିର ସଠିକ୍ ଉପଯୋଗ କରିବା । ସରକାର ସିଏସ୍ଆର୍ ପ୍ରକଳ୍ପଗୁଡ଼ିକର ପ୍ରୋତ୍ସାହନ ଲାଗି 'ମେକ୍ ଇନ୍ ଇଣ୍ଡିଆ', 'ଷ୍ଟାର୍ଟଅପ୍ ଇଣ୍ଡିଆ', 'ସ୍କିଲ୍ ଇଣ୍ଡିଆ' ଓ 'ଡିଜିଟାଲ୍ ଇଣ୍ଡିଆ' ଭଳି ଛାମୁଆଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହାଦ୍ୱାରା ବିଭିନ୍ନ କ୍ଷେତ୍ରରେ ରହିଥିବା ସାମାଜିକ ଓ ଆର୍ଥିକ ବୈଷମ୍ୟତା ଦୂର ହେବା ସହ ଦୁର୍ବଳ ଓ ଗରିବ ଶ୍ରେଣୀର ଲୋକେ ଅଧିକରୁ ଅଧିକ ବିକାଶର ମୁଖ୍ୟ ଧାରାକୁ ଆସିପାରିବେ । ଲୋକେ ଅଧିକ ଶିକ୍ଷିତ ହେବା ସହ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରାଯାଇପାରିବ । ଏପରିକି ଏହି କାର୍ଯ୍ୟକ୍ରମ ବହୁ ସଂଖ୍ୟାରେ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବାର ସମ୍ଭାବନା ରହିଛି ।

### ସିଏସ୍ଆର୍ ଜରିଆରେ ଉଦ୍ୟୋଗ କ୍ଷେତ୍ରର ଭୂମିକା

ସିଏସ୍ଆର୍ କାର୍ଯ୍ୟକ୍ରମକୁ ବଢ଼ାଇବା ଓ ଦୃଢ଼ୀଭୂତ କରି ଅନେକ କମ୍ପାନୀ ଗୋଷ୍ଠୀଗତ ଜୀବନ ଜୀବିକାକୁ ପ୍ରୋତ୍ସାହିତ କରିପାରିବେ । ଯୋଗାଣ ବ୍ୟବସ୍ଥାରେ ଏସବୁକୁ ସାମିଲ କରାଯାଇପାରିବ । ଏଇଥିପାଇଁ ସିଏସ୍ଆର୍ ପ୍ରତିଷ୍ଠାନ ବା ସଂସ୍ଥା ଗଢ଼ାଯାଇଛି । ୨୦୧୫ରେ ଜାତିସଂଘ ଦ୍ୱାରା ଗୃହୀତ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟକୁ ପୂରଣ କରିବା ପାଇଁ ସିଏସ୍ଆର୍ ବ୍ୟବସ୍ଥା କାର୍ଯ୍ୟ କରୁଛି । ସିଏସ୍ଆର୍ କାର୍ଯ୍ୟକ୍ରମ ଜରିଆରେ ଉଦ୍ୟୋଗଜଗତ ଗୁଡ଼ିକ ବିଭିନ୍ନ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକୁ ଅଧିକ ଆଗେଇ ନେଇଛନ୍ତି । ପ୍ରଭାବୀ ସିଏସ୍ଆର୍ କାର୍ଯ୍ୟକ୍ରମ ଆଇନଗତ ଭାବରେ କମ୍ପାନୀଗୁଡ଼ିକ ଚଳାଉଥିବାରୁ ସରକାର ମଧ୍ୟ ସେମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି । ଏହାର ବିନିଯୋଗ ଦୁର୍ବଳ ଶ୍ରେଣୀର ଲୋକଙ୍କ ଉତ୍ଥାନ ପାଇଁ କରାଯାଉଛି । ଭାରତୀୟ ବ୍ୟବସ୍ଥାରେ ଅତୀତରେ ସାକ୍ଷରତା କାର୍ଯ୍ୟକ୍ରମକୁ ଆଗେଇ ନେବାରେ ସିଏସ୍ଆର୍ କାର୍ଯ୍ୟ ପ୍ରମୁଖ ମଡେଲ୍ ଭାବେ ବିବେଚିତ ହୋଇସାରିଛି । ଆଧୁନିକ ସମୟରେ ଦକ୍ଷତା ବିକାଶ ଓ ଜୀବିକା ସୃଷ୍ଟିକୁ ପ୍ରାଥମିକତା ଦିଆଯାଉଛି । ଶିକ୍ଷା କହିଲେ କେବଳ ଲେଖିବା ଓ ପଢ଼ିପାରୁଥିବା ଭଳି ବ୍ୟବସ୍ଥାରୁ ଏବେ ବହୁ ଆଗକୁ ଚାଲିଯାଇଛି । ଏବେ ଦକ୍ଷତା ହେଉଛି ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ମାପକାଠି । ତାଳସ୍ତରରେ ରହିଥିବା ଲୋକଙ୍କ ଦକ୍ଷତାକୁ ବଢ଼ାଇବା ଏବେ ହେଉଛି ଗୁରୁତ୍ୱପୂର୍ଣ୍ଣ । ଏମାନଙ୍କ ବିକାଶ ହେଲେ ହିଁ ବ୍ୟବସାୟ ଅଧିକ ବଢ଼ିପାରିବ, ଏହା ବୁଝିବା କଥା । ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ ଗ୍ଲୋବାଲ୍ ରିସ୍କ ପରସେପ୍ସନ୍ ସର୍ଭେ-୨୦୧୬ ଅନୁସାରେ ଏକ୍ଷେତ୍ରରେ ଦୁଇ ପ୍ରମୁଖ ଆହ୍ୱାନ ହେଉଛି: ସାମାଜିକ ଅସ୍ଥିରତା ଓ ସ୍ତରୀକୃତ ବେକାରୀ ବା ବେରୋଜଗାରୀ । ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟାନ୍ୱୟନ ଓ ଯୋଜନା ସମ୍ପର୍କରେ ନେତାମାନେ ଗୁରୁତ୍ୱ ଦେବା ଉଚିତ । ଭାରତୀୟ ଶିଳ୍ପ ପ୍ରମୁଖମାନେ ଏଥିପ୍ରତି ଅଧିକ ସଚେତନ ହୋଇ

**ସାମାଜିକ-ଆର୍ଥିକ ଅନଗ୍ରସରଙ୍କ ଜୀବନଧାରଣର ମାନରେ ଉନ୍ନତି ଘଟାଇବା, ସେମାନଙ୍କ ଦକ୍ଷତା ବୃଦ୍ଧି କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସିଏସ୍ଆର୍ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହା ବଞ୍ଚିତଙ୍କ ସଶକ୍ତୀକରଣର ଏକ ଅଗ୍ରଦୂତ । ଦୁର୍ବଳ ଓ ଗରିବ ଶ୍ରେଣୀର ଲୋକଙ୍କ ବିକାଶ ଘଟାଇବା ସରକାରଙ୍କ ପ୍ରାଥମିକ ଉତ୍ତରଦାୟିତ୍ୱ । ମାତ୍ର ଏଥିସହ ଉଦ୍ୟୋଗ ଜଗତର ସହାୟତା ଓ ସହଯୋଗ ମଧ୍ୟ ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିଥାଏ । ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓ ସ୍ଥାନରେ ବ୍ୟବସାୟ ଚାଲିଥାଏ । ବ୍ୟବସାୟ ଚଳାଇବାକୁ ହେଲେ କମ୍ପାନୀକୁ ସେହି ଲୋକଙ୍କର ସୁବିଧାସୁଯୋଗ ଓ ଅଭାବଅସୁବିଧା ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡିଥାଏ ।**

**ଭାରତର ବିଶାଳ ଜନସଂଖ୍ୟା ଓ ଲୋକମାନଙ୍କର ରହିଥିବା ସମସ୍ୟା, ଚାହିଦା ଓ ଅଭାବ ଅସୁବିଧା ହେଉଛି ଏକ ମୌଳିକ ପ୍ରସଙ୍ଗ। ଦୀର୍ଘସ୍ଥାୟୀ ସୂତ୍ରରେ ସରକାର ଓ କର୍ପୋରେଟ୍ ଜଗତ ନୂତନ ବିକାଶ ମଡେଲ୍‌କୁ କାର୍ଯ୍ୟକାରୀ କରାନ୍ତୁ। 'ଉଦ୍ୟୋଗ ସାମାଜିକ ସୃଜନଶୀଳତା' ସହ 'ଉଦ୍ୟୋଗ ସାମାଜିକ ଉତ୍ତରଦାୟିତ୍ୱ' ପରସ୍ପର ହାତ ଧରାଧରି ହୋଇ ଚାଲିବା ଉଚିତ। ଲାଭର କିଛି ଅଂଶ ବିକାଶ ପାଇଁ ବିନିଯୋଗ ହୋଇପାରିଲେ ତାହା ସାମାଜିକ ଶୃଙ୍ଖଳାକୁ କେବଳ ପ୍ରଭାବିତ କରିବନି; ବରଂ ଦୁର୍ବଳବର୍ଗଙ୍କୁ ମଧ୍ୟ ବିକାଶର ମୁଖ୍ୟସ୍ରୋତରେ ସାମିଲ୍ କରାଇପାରିବ। ଉଦ୍ୟୋଗ ସମ୍ପତ୍ତି ସୃଷ୍ଟି କରେ ଏବଂ ଏହାକୁ ସିଏସ୍‌ଆର୍ ବଜେଟ ଜରିଆରେ ଜନବିକାଶ ଲାଗି ରୂପାନ୍ତରିତ କରାଏ। ଉତ୍ତମ ତଥା ଆବଶ୍ୟକତାଭିତ୍ତିକ ସିଏସ୍‌ଆର୍ ପ୍ରକଳ୍ପ ସୃଷ୍ଟି କରାଇ କର୍ପୋରେଟ୍ କ୍ଷେତ୍ରଗୁଡ଼ିକ ସେମାନଙ୍କ ସାଂଗଠନିକ ଦକ୍ଷତାକୁ ବଢ଼ାଇପାରିବେ। ସାମଗ୍ରିକ ବିକାଶର ଏଜେଣ୍ଡା ଏକ ଉନ୍ନତ ଦୃଶ୍ୟପଟରେ ସଫଳତାର ସହ ହାସଲ କରିହେବ।**

ଏହି ଆହ୍ୱାନ ଗୁଡ଼ିକର ମୁକାବିଲା ଲାଗି ସେମାନଙ୍କ ଉଦ୍ୟୋଗ ସାମାଜିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରିପାରିଲେ ଲକ୍ଷ୍ୟ ନିଶ୍ଚିତ ପୂରଣ ହେବ।

### ଭିନ୍ନକ୍ଷମଙ୍କ ପାଇଁ ଦକ୍ଷତା ଓ ଜୀବିକାର୍ଜ୍ଜନ ସୁଯୋଗ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେଉଁମାନେ ଶାରୀରିକ କ୍ଷେତ୍ରରେ ଅକ୍ଷମ ସେମାନଙ୍କୁ ଭଗବାନ ଏକ ସ୍ୱତନ୍ତ୍ର ଗୁଣର ଅଧିକାରୀ କରିଛନ୍ତି। ସେମାନେ ଅନ୍ୟମାନଙ୍କ ଠାରୁ ଭିନ୍ନକ୍ଷମ ନୁହନ୍ତି; ବରଂ ସ୍ୱତନ୍ତ୍ର ସକ୍ଷମ। ଏଇଥିପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସେମାନଙ୍କୁ ଭିନ୍ନକ୍ଷମ ନ କହି 'ଦିବ୍ୟାଙ୍ଗ' ନୂଆ ପରିଚୟ ପ୍ରଦାନ କରିବାର ପ୍ରୟାସ କରିଛନ୍ତି। ବିଶ୍ୱର ଜନସଂଖ୍ୟା ତୁଳନାରେ ଭାରତରେ ରହିଛନ୍ତି ସର୍ବାଧିକ ଦିବ୍ୟାଙ୍ଗ। ୨୦୧୧ ଜନଗଣନା ରିପୋର୍ଟ ଅନୁସାରେ ଭାରତରେ ଦିବ୍ୟାଙ୍ଗଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨.୨୧ ପ୍ରତିଶତ ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ସାମାଜିକ ଅର୍ଥନୈତିକ ବିକାଶ ପରିଧିରୁ ଏହି ଦିବ୍ୟାଙ୍ଗ ସର୍ବାଧିକ ବଞ୍ଚିତ। କାରଣ ଭିତ୍ତିଭୂମି, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ଚାଲିଥିବା କାର୍ଯ୍ୟକ୍ରମର ଫାଇଦା ସେମାନେ ଅନ୍ୟମାନଙ୍କଠାରୁ କମ୍ ନେଇପାରନ୍ତି। ଅତୀତରେ ଭିନ୍ନକ୍ଷମଙ୍କ ଲାଗି କାର୍ଯ୍ୟକ୍ରମ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସୀମିତ ଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ପ୍ରତି ଏଭଳି ସମସ୍ୟା ଓ ଆହ୍ୱାନକୁ ଦୃଷ୍ଟିରେ ରଖି କମ୍ପାନୀଗୁଡ଼ିକ ପକ୍ଷରୁ ସ୍ୱତନ୍ତ୍ର ସିଏସ୍‌ଆର୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଦିବ୍ୟାଙ୍ଗଙ୍କୁ ସାକ୍ଷର କରିବା ଓ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ପାଇଁ ପ୍ରକଳ୍ପମାନ ଆରମ୍ଭ କରାଯାଇଛି। ଏହାଦ୍ୱାରା ଦିବ୍ୟାଙ୍ଗଙ୍କୁ ଅଧିକ କର୍ମନିଯୁକ୍ତି ମିଳିବା ସହ ସମାଜରେ ସେମାନଙ୍କୁ ଯେଉଭଳି ଏକ ଭିନ୍ନ ଦୃଷ୍ଟିରେ ପୂର୍ବରୁ ବିଚାର କରାଯାଉଥିଲା ସେ ମାନସିକତାରେ ମଧ୍ୟ ପରିବର୍ତ୍ତନ ଆସିବ।

### ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଓ କ୍ଷୁଦ୍ର ଉଦ୍ୟୋଗ

ଗ୍ରାମାଞ୍ଚଳରେ ଲୋକଙ୍କୁ ଜୀବିକାର୍ଜ୍ଜନର ସୁଯୋଗ ଦେବା ଓ ସେମାନଙ୍କୁ କର୍ମଅନ୍ୱେଷଣରେ ଅନ୍ୟତ୍ର ପଳାୟନ ନ କରିବା ଲାଗି ସିଏସ୍‌ଆର୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ୱୟଂସହାୟିକା ଗୋଷ୍ଠୀ ଗଠନ, କ୍ଷୁଦ୍ର ଓ ଅଣୁ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଇ ଏଭଳି ସୁଯୋଗ ସୃଷ୍ଟି କରାଯାଉଛି। ଉତ୍ପାଦିତ ସାମଗ୍ରୀର ବଜାର ସୃଷ୍ଟି, ସେବା ଓ ଉଦ୍ୟୋଗଗୁଡ଼ିକୁ ପୁଞ୍ଜି ବ୍ୟବସ୍ଥା କରାଇବା ଲାଗି ସିଏସ୍‌ଆର୍ କାର୍ଯ୍ୟକ୍ରମଗୁଡ଼ିକ ହାତକୁ ନିଆଯାଇଛି। ଇ-କମର୍ସ ଜରିଆରେ ଉତ୍ପାଦକ ଓ ବୁଣାକାରଙ୍କ ସାମଗ୍ରୀକୁ ଅନ୍‌ଲାଇନ୍ ଜରିଆରେ ବିକ୍ରି କରାଇବାର ବଜାର ସୁଯୋଗ ସୃଷ୍ଟି ହୋଇଛି। ଏହାଦ୍ୱାରା କ୍ଷୁଦ୍ର ଶିଳ୍ପକୁ ମଧ୍ୟ ପ୍ରୋତ୍ସାହନ ମିଳିପାରୁଛି। କେତେକ ସୃଜନଶୀଳ ସିଏସ୍‌ଆର୍ ମଡେଲ୍ ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀର ଦକ୍ଷତା ବୃଦ୍ଧି ସହ ସାମର୍ଥ୍ୟ ଓ ଆର୍ଥିକ ବିକାଶକୁ ମଧ୍ୟ ବଢ଼ାଯାଇପାରୁଛି।

### ପ୍ରୌଢ଼ ଜନସଂଖ୍ୟା

ଭାରତ ହେଉଛି ଯୁବକମାନଙ୍କ ଦେଶ। ଏହା ବ୍ୟତୀତ ପ୍ରୌଢ଼ମାନଙ୍କର ଜନସଂଖ୍ୟା ମଧ୍ୟ ଆଜିର ଦିନରେ କିଛି କମ୍ ନୁହେଁ। ୧୦କୋଟିରୁ ଉର୍ଦ୍ଧ୍ୱ ଜନସଂଖ୍ୟା ହେଉଛନ୍ତି ପ୍ରୌଢ଼। ବାର୍ଷିକ ୩.୮ ହାରରେ ଏମାନଙ୍କ ସଂଖ୍ୟା ବଢୁଛି। ମୋଟ୍ ଜନସଂଖ୍ୟାର ଆଠ ପ୍ରତିଶତ ହେଉଛନ୍ତି ପ୍ରୌଢ଼। ୨୦୫୦ ମସିହା ସୁଦ୍ଧା ଏମାନଙ୍କ ସଂଖ୍ୟା ୨୪କୋଟିରୁ ଅଧିକ ବଢ଼ିବା ସମ୍ଭାବନା ରହିଛି। ଏମାନେ ରାଷ୍ଟ୍ର ପାଇଁ ଆଗକୁ ମଧ୍ୟ ଆହ୍ୱାନ ସୃଷ୍ଟି କରିବେ। ସମୟକ୍ରମେ ଶାରୀରିକ ଓ ମାନସିକ ଦୁର୍ବଳତା ଏମାନଙ୍କ କାର୍ଯ୍ୟଦକ୍ଷତା ଓ ଆର୍ଥିକ ସ୍ୱଚ୍ଛଳତାକୁ ମଧ୍ୟ ପ୍ରଭାବିତ କରିବ। ଦୁର୍ବଳ ପୌର ଭିତ୍ତିଭୂମି, ସ୍ୱାସ୍ଥ୍ୟ ସୁବିଧା, ନିରୋଗ ଓ ଏମାନଙ୍କ ପାଇଁ ଗୃହର ଆବଶ୍ୟକତା କ୍ଷେତ୍ରରେ ଏକାଧିକ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ନୂତନ ସିଏସ୍‌ଆର୍ ସଂଶୋଧନ ପ୍ରସ୍ତାବ ଅନୁସାରେ ଅଧିକରୁ ଅଧିକ ବୃଦ୍ଧାଶ୍ରମ ସୃଷ୍ଟି, ଡେ କେୟାର ସେଣ୍ଟର ପ୍ରତିଷ୍ଠା ବରିଷ୍ଠ ନାଗରିକମାନଙ୍କ ଲାଗି କରିବାକୁ ପଡ଼ିବ। ସିଏସ୍‌ଆର୍ କାର୍ଯ୍ୟକ୍ରମର ସପ୍ତମ ଅନୁଚ୍ଛେଦ ଅନୁସାରେ ସରକାରଙ୍କୁ ଏ କ୍ଷେତ୍ରରେ କମ୍ପାନୀଗୁଡ଼ିକ ସହଯୋଗ ଓ ସହାୟତା ଯୋଗାଇବା ସୁନିଶ୍ଚିତ କରାଯାଇଛି। ଏହା ଫଳରେ ଦେଶର ପ୍ରୌଢ଼ଙ୍କୁ ଅଧିକରୁ ଅଧିକ ସୁବିଧା ସୃଷ୍ଟି କରାଯାଇପାରିବ ଏବଂ ଆଗକୁ ଆସିବାକୁ ଥିବା ଆହ୍ୱାନର ମଧ୍ୟ ମୁକାବିଲା କରିହେବ।

### ସହରତଳି ବିକାଶ

ସହରାଞ୍ଚଳରେ ଦିନକୁ ଦିନ ଅଧିକ ସହରତଳି ଅଞ୍ଚଳ ଗଢ଼ିଉଠୁଛି। ଲୋକେ କର୍ମସଂସ୍ଥାନ ପାଇଁ ସହରମୁହାଁ ହେଉଥିବାରୁ ସହରରେ ମଧ୍ୟ ଏକାଧିକ ସମସ୍ୟା ଓ ଆହ୍ୱାନ ସୃଷ୍ଟି

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେଉଁମାନେ ଶାରୀରିକ କ୍ଷେତ୍ରରେ ଅକ୍ଷମ ସେମାନଙ୍କୁ ଭଗବାନ ଏକ ସ୍ୱତନ୍ତ୍ର ଗୁଣର ଅଧିକାରୀ କରିଛନ୍ତି। ସେମାନେ ଅନ୍ୟମାନଙ୍କ ଠାରୁ ଭିନ୍ନକ୍ଷମ ନୁହନ୍ତି; ବରଂ ସ୍ୱତନ୍ତ୍ର ସକ୍ଷମ। ଏଇଥିପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସେମାନଙ୍କୁ ଭିନ୍ନକ୍ଷମ ନ କହି 'ଦିବ୍ୟାଙ୍ଗ' ନୂଆ ପରିଚୟ ପ୍ରଦାନ କରିବାର ପ୍ରୟାସ କରିଛନ୍ତି। ବିଶ୍ୱର ଜନସଂଖ୍ୟା ତୁଳନାରେ ଭାରତରେ ରହିଛନ୍ତି ସର୍ବାଧିକ ଦିବ୍ୟାଙ୍ଗ। ୨୦୧୧ ଜନଗଣନା ରିପୋର୍ଟ ଅନୁସାରେ ଭାରତରେ ଦିବ୍ୟାଙ୍ଗଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨.୨୧ ପ୍ରତିଶତ ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ସାମାଜିକ ଅର୍ଥନୈତିକ ବିକାଶ ପରିଧିରୁ ଏହି ଦିବ୍ୟାଙ୍ଗ ସର୍ବାଧିକ ବଞ୍ଚିତ। କାରଣ ଭିତ୍ତିଭୂମି, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ଚାଲିଥିବା କାର୍ଯ୍ୟକ୍ରମର ଫାଇଦା ସେମାନେ ଅନ୍ୟମାନଙ୍କଠାରୁ କମ୍ ନେଇପାରନ୍ତି। ଅତୀତରେ ଭିନ୍ନକ୍ଷମଙ୍କ ଲାଗି କାର୍ଯ୍ୟକ୍ରମ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସୀମିତ ଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ପ୍ରତି ଏଭଳି ସମସ୍ୟା ଓ ଆହ୍ୱାନକୁ ଦୃଷ୍ଟିରେ ରଖି କମ୍ପାନୀଗୁଡ଼ିକ ପକ୍ଷରୁ ସ୍ୱତନ୍ତ୍ର ସିଏସ୍ଆର୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଦିବ୍ୟାଙ୍ଗଙ୍କୁ ସାକ୍ଷର କରିବା ଓ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ପାଇଁ ପ୍ରକଳ୍ପମାନ ଆରମ୍ଭ କରାଯାଇଛି।

ହୋଇଛି। ଲୋକଙ୍କୁ ଆବାସ ପାଇଁ ଜମି ଓ କର୍ମନିଯୁକ୍ତି ଯୋଗାଇବା ଏବେ ସବୁଠୁ ବଡ଼ ପ୍ରାଥମିକତା। ୨୦୧୧ ଜନଗଣନା ହିସାବ ଅନୁସାରେ ଭାରତର ସହରତଳି ଜନସଂଖ୍ୟା ହେଉଛନ୍ତି ୯କୋଟି ୩୦ ଲକ୍ଷ। ସହରକୁ ସହରତଳି ମୁକ୍ତ କରିବା ଲାଗି ସରକାର ଆରମ୍ଭ କରିଛନ୍ତି 'ସ୍ମାଟ୍ ସିଟି' ପ୍ରକଳ୍ପ। ଏ କ୍ଷେତ୍ରରେ ଉଦ୍ୟୋଗଗୁଡ଼ିକର ସିଏସ୍ଆର୍ କାର୍ଯ୍ୟକ୍ରମକୁ ମଧ୍ୟ ସାମିଲ କରାଯାଇଛି। ଏକ ଦୀର୍ଘସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସହରତଳି ଜନସଂଖ୍ୟାର ସଦ୍‌ଉପଯୋଗ କରିବା ଭାରତ ପାଇଁ କେବଳ ଏକ ଆବଶ୍ୟକତା ନୁହେଁ; ବରଂ ଏକ ସୁଯୋଗ ମଧ୍ୟ ସୃଷ୍ଟି କରିଛି। ଏହା ଶିଳ୍ପ ସହ ସହରର ଗରିବ ଲୋକଙ୍କ ପାଇଁ ବହୁପ୍ରକାର ସୁବିଧା ସୁଯୋଗ ଆଣିବା ଦ୍ୱାରା ଅନ୍ତର୍ଭୁକ୍ତୀକରଣ ବିକାଶରେ ସହାୟକ ହୋଇପାରିବ।

### ଉପସଂହାର

ବ୍ୟବସାୟ ଓ ଏହାର ଅଭିବୃଦ୍ଧି ପାଇଁ ଚିନ୍ତାଶୀଳ ବ୍ୟକ୍ତିତ୍ୱ କେବଳ ଉପର କିମ୍ବା ତଳସ୍ତରର ଉନ୍ନତି ପାଇଁ ପ୍ରମୁଖତା ଦେଲେ ଚଳିବନି; ବରଂ ସାମଗ୍ରିକ ବିକାଶ ପାଇଁ ସୃଷ୍ଟି ହେଉଥିବା ଆହ୍ୱାନକୁ ସାମ୍ନା କରିବା ଲାଗି କ୍ଷେତ୍ର ପ୍ରସ୍ତୁତ କରିବାକୁ ପଡ଼ିବ। କାରଣ ଏହା କରା ନ ଗଲେ ସିଧାସଳଖ ସେମାନଙ୍କ ବ୍ୟବସାୟ ଗୁରୁତର ପ୍ରଭାବିତ ହେବ। ସାଙ୍ଗଠନିକ ଲକ୍ଷ୍ୟ ସହ ସିଏସ୍ଆର୍ ଲକ୍ଷ୍ୟକୁ ସମନ୍ୱିତ ଢଙ୍ଗରେ ଚଳାଇବା ଲାଗି କର୍ପୋରେଟ୍ ସଂସ୍ଥାଗୁଡ଼ିକ ଗୁରୁତ୍ୱ ଦେବା ଉଚିତ। ଏହା ଫଳରେ ଦେଶ ପାଇଁ ପ୍ରସ୍ତୁତ ବିକାଶ ଏଜେଣ୍ଡା ସଫଳ ହୋଇପାରିବ। ସେମାନଙ୍କ ବ୍ୟବସାୟ ମଧ୍ୟ ତଦନୁସାରେ ବଢ଼ିପାରିବ। କେନ୍ଦ୍ର ସରକାର ସାମାଜିକ କ୍ଷେତ୍ରର ବିକାଶ ଲାଗି ତାଙ୍କ ନିଜ ବଜେଟରେ ଯେଉଁ ଆର୍ଥିକ ରାଶି ଆବଣ୍ଟନ କରୁଛନ୍ତି ସେ ତୁଳନାରେ ଉଦ୍ୟୋଗ କ୍ଷେତ୍ରର ବାର୍ଷିକ ୧୦ହଜାରରୁ ୧୨ହଜାର କୋଟିର ସିଏସ୍ଆର୍ ଅର୍ଥ ଅତି ନଗଣ୍ୟ। ଏଥିପାଇଁ ସିଏସ୍ଆର୍ ପ୍ରକଳ୍ପ କ୍ଷେତ୍ରରେ ଅଧିକ ପାଣ୍ଠି ଯୋଗାଡ଼ର ଆବଶ୍ୟକତା ରହିଛି। ଜନସଂଖ୍ୟାକୁ ବିଚାରକୁ ନେଲେ ଏହି ଅର୍ଥରାଶି ବହୁଗୁଣିତ ହେବାର ଆବଶ୍ୟକତା ରଖେ। ରାସ୍ତାଘାଟ ପରିମଳ ବିକାଶ ପାଇଁ ଉଦ୍ୟୋଗ କ୍ଷେତ୍ରଗୁଡ଼ିକ ମଧ୍ୟ ସେମାନଙ୍କ ପାଣ୍ଠି ପ୍ରଦାନ କରିପାରିବେ। ଭାରତର ବିଶାଳ ଜନସଂଖ୍ୟା ଓ ଲୋକମାନଙ୍କର ରହିଥିବା ସମସ୍ୟା, ଚାହିଦା ଓ ଅଭାବ ଅସୁବିଧା ହେଉଛି ଏକ ମୌଳିକ ପ୍ରସଙ୍ଗ। ଦୀର୍ଘସ୍ଥାୟୀ ସୂତ୍ରରେ ସରକାର ଓ କର୍ପୋରେଟ୍ ଜଗତ ନୂତନ ବିକାଶ ମଡେଲ୍‌କୁ କାର୍ଯ୍ୟକାରୀ କରାନ୍ତୁ। 'ଉଦ୍ୟୋଗ ସାମାଜିକ ସୃଜନଶୀଳତା' ସହ 'ଉଦ୍ୟୋଗ ସାମାଜିକ ଉତ୍ତରଦାୟିତ୍ୱ' ପରସ୍ପର ହାତ ଧରାଧରି ହୋଇ ଚାଲିବା ଉଚିତ। ଲାଭର କିଛି ଅଂଶ ବିକାଶ ପାଇଁ ବିନିଯୋଗ ହୋଇପାରିଲେ ତାହା ସାମାଜିକ ଶୃଙ୍ଖଳାକୁ କେବଳ ପ୍ରଭାବିତ କରିବନି; ବରଂ ଦୁର୍ବଳବର୍ଗଙ୍କୁ ମଧ୍ୟ ବିକାଶର ମୁଖ୍ୟସ୍ରୋତରେ ସାମିଲ୍ କରାଇପାରିବ। ଉଦ୍ୟୋଗ ସମ୍ପତ୍ତି ସୃଷ୍ଟି କରେ ଏବଂ ଏହାକୁ ସିଏସ୍ଆର୍ ବଜେଟ ଜରିଆରେ ଜନବିକାଶ ଲାଗି ରୂପାନ୍ତରିତ କରାଏ। ଉତ୍ତମ ତଥା ଆବଶ୍ୟକତାଭିତ୍ତିକ ସିଏସ୍ଆର୍ ପ୍ରକଳ୍ପ ସୃଷ୍ଟି କରାଇ କର୍ପୋରେଟ୍ କ୍ଷେତ୍ରଗୁଡ଼ିକ ସେମାନଙ୍କ ସାଂଗଠନିକ ଦକ୍ଷତାକୁ ବଢ଼ାଇପାରିବେ। ସାମଗ୍ରିକ ବିକାଶର ଏଜେଣ୍ଡା ଏକ ଉନ୍ନତ ଦୃଶ୍ୟପଟରେ ସଫଳତାର ସହ ହାସଲ କରିହେବ। ସୁସ୍ଥ ଓ ସୃଜନଶୀଳ ଜୀବନ ପାଇଁ ଗଣଭାଗିଦାରିତାର ଆବଶ୍ୟକତା ରହିଛି। ଅଭିବୃଦ୍ଧିର ଗୋଲାପି କାହାଣୀ ଏହାଦ୍ୱାରା ହିଁ ରାଷ୍ଟ୍ର ପାଇଁ ଲେଖିହେବ। ସଂଖ୍ୟାଲଘୁ, ଦଳିତ, ଆଦିବାସୀ, ମହିଳା ଓ ଅଣସଂଗଠିତ ଶ୍ରମିକଙ୍କ ଲାଗି ଯଦି କୌଶଳାତ୍ମକ ସିଏସ୍ଆର୍ ପ୍ରକଳ୍ପର ସଫଳ ରୂପାୟନ ହୁଏ ତାହେଲେ ଯାଇ ସାମାଜିକ ବିକାଶର ଭୂମିକା ସଫଳ ହୋଇପାରିବ। ବିକାଶର ଛବି କ୍ଷେତ୍ରୀୟ ସ୍ତରରେ ପ୍ରତିଫଳିତ ହେବ।

ଲେଖକ ନୂଆଦିଲ୍ଲୀସ୍ଥିତ ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ରେ ବରିଷ୍ଠ ସଚିବ ଭାବେ କାର୍ଯ୍ୟରତ

# ଗରିବଙ୍କ ସାମାଜିକ-ଆର୍ଥିକ ନିରାପତ୍ତା ଓ ସରକାରଙ୍କ ବହୁମୁଖୀ ଯୋଜନା

- ଉର୍ମି ଗୋସ୍ୱାମୀ

ନୌକାକୁ ଗତିଶୀଳ କରିବା ଲାଗି ଲୋଡ଼ା ଏକ ଉଜାଣି ଜୁଆର। ଜନ୍ ଏଫ. କେନେଡିଙ୍କ ଏହି ଆପ୍ତବାକ୍ୟ ଭାରତୀୟ ବ୍ୟବସ୍ଥା ଲାଗି ବେଶ୍ ପ୍ରଯୁଜ୍ୟ। ସାମାଜିକ ନିରାପତ୍ତା ଲାଗି ପଦକ୍ଷେପ କହିଲେ ବିଶେଷକରି ସରକାର ଜନତାଙ୍କ ଲାଗି କରୁଥିବା ଅର୍ଥନୈତିକ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମକୁ ବୁଝାଇଥାଏ। ବିକାଶକୁ ତ୍ୱରାନ୍ୱିତ କରିବା ଲାଗି କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଅଥବା ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଆସୁଛି। କେତେକ ଗୋଷ୍ଠୀ ତଥା ଅଞ୍ଚଳରେ ଏହାକୁ ନେଇ ରହୁଥିବା ବିସଙ୍ଗତି ତଥା ଅସଙ୍ଗତି ଦୂର ଲାଗି ପାରମ୍ପରିକ ଭାବେ ଏହା କରାଯାଇଆସୁଛି। ମାତ୍ର ଏଭଳି ଆଭିମୁଖ୍ୟ ସବୁବେଳେ ଆବଶ୍ୟକୀୟ ସଫଳତା ଦେଇପାରୁନି। ଏହାର କାରଣ ହେଉଛି ଯେପର୍ଯ୍ୟନ୍ତ ଆମେ ଅର୍ଥନୈତିକ ନିରାପତ୍ତା ଓ ସାମାଜିକ  କଲ୍ୟାଣ ଲାଗି ସୀମାବୃଦ୍ଧି ନକରିବା ସେ ପର୍ଯ୍ୟନ୍ତ ଇପ୍‌ସିତ ଲକ୍ଷ୍ୟ ହାସଲ କରିବା ସମ୍ଭବପର ହେବନାହିଁ। ତେଣୁ ସଫଳତା ଲାଗି ଏକ ଉତ୍ତମ ପରିବେଶ ଓ ବାତାବରଣ ସୃଷ୍ଟିର ଆବଶ୍ୟକତା ରହିଛି। ଯୋଜନା ରୂପାୟନରେ ଏକ ଉଚ୍ଛୁଳା ଜୁଆରକୁ ଆଣିପାରିଲେ ନିର୍ଦ୍ଧାରିତ ଗୋଷ୍ଠୀ ବା ଲୋକଙ୍କ ଲାଗି ଅର୍ଥନୈତିକ ନିରାପତ୍ତା ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ରୂପକ ନୌକା ଅଧିକ ଗତିଶୀଳ ହୋଇପାରିବ।

ଜୀବନଧାରଣର ମାନରେ ଉନ୍ନତି ଘଟାଇବା ଲାଗି ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ଆଦି କ୍ଷେତ୍ର ସୁଯୋଗ ସୃଷ୍ଟି କରିଥାଏ। ଲୋକଙ୍କ ସାମାଜିକ ଅବସ୍ଥାରେ ଉନ୍ନତି ଆଣିବା ଲାଗି ନିଆଯାଉଥିବା ପଦକ୍ଷେପ ଗୁଡିକର ସଠିକ୍ ଅନୁଧ୍ୟାନ କରିବା ହେଉଛି ସରକାରଙ୍କ ଲାଗି ବଡ଼ ଉପଚାର। ବିଶେଷକରି ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ବିକାଶକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି। ଗୋଷ୍ଠୀ, ଜାତି କିମ୍ବା ଧାର୍ମିକ ଆଧାରରେ କ'ଣ ଏହାକୁ ବିଚାର କରାଯାଇପାରିବ କି? ସମସ୍ତେ ଦେଶର ନାଗରିକ। ଏକ ମହାଭାରତୀୟ ବିଚାରଧାରାରେ ବିଶେଷକରି ସମାଜର ସମସ୍ତ ସୁଖ, ସୁବିଧାରୁ ବଞ୍ଚିତ, ନିଷ୍ପେସିତ ଗରିବଙ୍କ ଜୀବନଧାରଣ ମାନରେ ଉନ୍ନତି ଘଟାଇବା ଲାଗି ସରକାର ଅତ୍ୟନ୍ତ ଉତ୍ସାହିତ ହୋଇ ଉତ୍ତରଦାୟିତ୍ୱ ନେଉଛନ୍ତି। ଲକ୍ଷ ଲକ୍ଷ ଗରିବଙ୍କ ଉନ୍ନତି ଲାଗି ଏକ ଦୀର୍ଘସ୍ଥାୟୀ ପଦକ୍ଷେପ ନିଆଯାଉଥିବା ନେଇ ସରକାର ଆଶ୍ୱସ୍ତ କରାଇବେ। ଏହାହିଁ ଆର୍ଥିକ ନିରାପତ୍ତା ଓ ସାମାଜିକ କଲ୍ୟାଣର ମୂଳଭିତ୍ତି ହେବା ଉଚିତ। ଏଭଳିସ୍ଥିତିରେ ଜନସଂଖ୍ୟାର କେତେକ ନିର୍ଦ୍ଧିଷ୍ଟ ଗୋଷ୍ଠୀ ତଥା ସମ୍ପ୍ରଦାୟ ଲୋକଙ୍କ ଆର୍ଥିକ ଦୁର୍ଗତି ସେମାନଙ୍କ ସାମାଜିକ ପରିଚୟ ଯୋଗୁଁ ପ୍ରତିବନ୍ଧକ ସୃଷ୍ଟି କରୁଛି। ଏହା ସେମାନଙ୍କ ଲାଗି ବୋଝ ଉପରେ ନଳିତା ବିଡ଼ା ଭଳି ହେଉଛି। ଗୋଷ୍ଠୀ ତଥା ସମ୍ପ୍ରଦାୟରୁ ଉପରକୁ ସେମାନଙ୍କୁ ଆଣିବା ଲାଗି ସମସ୍ୟା ବି ଅନେକ ସମୟରେ ଉପୁଜୁଛି। ଏଥିପାଇଁ ସରକାରଙ୍କୁ ଅତିରିକ୍ତ ଉଦ୍ୟମ କରିବାକୁ ପଡିବ। ଏହି ଗୋଷ୍ଠୀର ସ୍ୱତନ୍ତ୍ର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ପଡିବ। ଫଳରେ ସେମାନେ ଉପଲବ୍ଧ ସୁଯୋଗକୁ ହାସଲ କରିବାକୁ ସମର୍ଥ ହେବେ ଓ ସେମାନଙ୍କ ଜୀବନଧାରଣରେ ଉନ୍ନତି ଘଟାଇପାରିବେ।

ଅର୍ଥନୈତିକ ଓ ସାମାଜିକ ଅନଗ୍ରସରତା ଏକସଙ୍ଗେ ଦୂର କରିବା ଲାଗି ଉଭୟ ସାଧାରଣ ଓ ନିର୍ଦ୍ଧାରିତ ପଦକ୍ଷେପ ନେବାକୁ ପଡିବ। ସଂଖ୍ୟାଲଘୁ, ଦଳିତ ଓ ଆଦିବାସୀଙ୍କ ଉନ୍ନତି ଲାଗି

**୨୦୧୬ରେ ଉଜ୍ଜ୍ୱଳା ଯୋଜନାର ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଲକ୍ଷ୍ୟ ହେଉଛି ୫ କୋଟି ଏଲପିଜି ସିଲିଣ୍ଡର ସଂଯୋଗ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ମହିଳାଙ୍କଚ ଯୋଗାଇଦେବା। ପୂର୍ବରୁ ଯେଉଁମାନେ ଘସି, କାଠ, କାଠିକୁଟା ଆଦି ପାରମ୍ପରିକ ଜାଳେଣି ବ୍ୟବହାର କରି ରୋଷେଇ କରୁଥିଲେ ସେମାନଙ୍କୁ ସ୍ୱଚ୍ଛ ଇନ୍ଧନ ଯୋଗାଇବା ସରକାରଙ୍କ ଆଭିମୁଖ୍ୟ ରହିଛି। ପାରମ୍ପରିକ ଜାଳେଣି ବ୍ୟବହାରରୁ ସୃଷ୍ଟି ହେଉଥିବା ଧୂଆଁ ଓ ଅନ୍ୟାନ୍ୟ ଧୂଳିକଣା ଯୋଗୁଁ ମହିଳା ଶ୍ୱାସ, ଦୃଷ୍ଟିହୀନତା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବାରୁ ସେମାନଙ୍କୁ ଏସବୁରୁ ମୁକ୍ତି ଦେବା ସହ ଜୀବନଧାରଣ ମାନରେ ଉନ୍ନତି ଘଟାଇବା ଲାଗି ଉଜ୍ଜ୍ୱଳା ଯୋଜନା ଆରମ୍ଭ ହୋଇଛି।**

**ଏକ ମହାଭାରତୀୟ ବିଚାରଧାରାରେ ବିଶେଷକରି ସମାଜର ସମସ୍ତ ସୁଖ, ସୁବିଧାରୁ ବଞ୍ଚିତ, ନିଷ୍ପେସିତ ଗରିବଙ୍କ ଜୀବନଧାରଣ ମାନରେ ଉନ୍ନତି ଘଟାଇବା ଲାଗି ସରକାର ଅତ୍ୟନ୍ତ ଉତ୍ସାହିତ ହୋଇ ଉତ୍ତରଦାୟିତ୍ୱ ନେଉଛନ୍ତି। ଲକ୍ଷ ଲକ୍ଷ ଗରିବଙ୍କ ଉନ୍ନତି ଲାଗି ଏକ ଦୀର୍ଘସ୍ଥାୟୀ ପଦକ୍ଷେପ ନିଆଯାଉଥିବା ନେଇ ସରକାର ଆଶ୍ୱସ୍ତ କରାଇବେ। ଏହାହିଁ ଆର୍ଥିକ ନିରାପତ୍ତା ଓ ସାମାଜିକ କଲ୍ୟାଣର ମୂଳଭିତ୍ତି ହେବା ଉଚିତ। ଏଭଳିସ୍ଥିତିରେ ଜନସଂଖ୍ୟାର କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ତଥା ସମ୍ପ୍ରଦାୟ ଲୋକଙ୍କ ଆର୍ଥିକ ଦୁର୍ଗତି ସେମାନଙ୍କ ସାମାଜିକ ପରିଚୟ ଯୋଗୁଁ ପ୍ରତିବନ୍ଧକ ସୃଷ୍ଟି କରୁଛି। ଏହା ସେମାନଙ୍କ ଲାଗି ବୋଝ ଉପରେ ନଳିତା ବିଡ଼ା ଭଳି ହେଉଛି। ଗୋଷ୍ଠୀ ତଥା ସମ୍ପ୍ରଦାୟରୁ ଉପରକୁ ସେମାନଙ୍କୁ ଆଣିବା ଲାଗି ସମସ୍ୟା ବି ଅନେକ ସମୟରେ ଉପୁଜୁଛି। ଏଥିପାଇଁ ସରକାରଙ୍କୁ ଅତିରିକ୍ତ ଉଦ୍ୟମ କରିବାକୁ ପଡିବ। ଏହି ଗୋଷ୍ଠୀର ସ୍ୱତନ୍ତ୍ର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ପଡିବ। ଫଳରେ ସେମାନେ ଉପଲବ୍ଧ ସୁଯୋଗକୁ ହାସଲ କରିବାକୁ ସମର୍ଥ ହେବେ ଓ ସେମାନଙ୍କ ଜୀବନଧାରଣରେ ଉନ୍ନତି ଘଟାଇପାରିବେ।**

ସରକାରୀ ସ୍ତରରେ ସାମାଜିକ ଓ ଆର୍ଥିକ ଉନ୍ନତି ଲାଗି କି କି ପଦକ୍ଷେପ ଗ୍ରହଣ କରାଯାଉଛି ତାହାର ମୂଲ୍ୟାୟନ କରିବାକୁ ପଡିବ। ଅବସ୍ଥା ପରିବର୍ତ୍ତନ ଲାଗି କାର୍ଯ୍ୟକ୍ରମ ସମୀକ୍ଷାର ଆବଶ୍ୟକତା ରହିଛି। ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଓ ବିବେକାନନ୍ଦଙ୍କ ଭଳି ସମାଜ ସଂସ୍କାରକ ଅତୀତରେ କିଭଳି ଶିକ୍ଷା ଓ ସଚେତନତା ମାଧ୍ୟମରେ ନବଜାଗରଣ ଆଣିଥିଲେ ତାହାକୁ ଅନୁଧ୍ୟାନ କରିବାକୁ ପଡିବ। କୌଣସି ଗୋଷ୍ଠୀ ତଥା ସମ୍ପ୍ରଦାୟର ବିକାଶ କରିବାକୁ ହେଲେ ସେହି ଗୋଷ୍ଠୀର ମହିଳାଙ୍କ ଶିକ୍ଷା ଓ ସଚେତନତା ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ। କାରଣ ବ୍ୟବସ୍ଥାର ପରିବର୍ତ୍ତନରେ ମହିଳାଙ୍କ ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସଂପ୍ରତି ମାଇକ୍ରୋ ଫାଇନାନ୍ସ ଜରିଆରେ ମହିଳାମାନେ କିଭଳି ଅଧିକ ସ୍ୱାବଲମ୍ବୀ ହେଉଛନ୍ତି ତାହାର ବହୁ ଉଦାହରଣ ଆମେ ଦେଖିବାକୁ ପାଉଛେ। ଗ୍ରାମାଞ୍ଚଳରେ ମହିଳାଙ୍କ ସାମାଜିକ-ଆର୍ଥିକ ପରିବର୍ତ୍ତନ କ୍ଷେତ୍ରରେ ଏହି କ୍ଷୁଦ୍ରସଞ୍ଚୟ ଯୋଜନା ପ୍ରଭାବୀ ହୋଇପାରିଛି। ଗୋଷ୍ଠୀ ମାଧ୍ୟମରେ ସେମାନେ ନିଜ ଓ ପରିବାରବର୍ଗଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିପାରିଛନ୍ତି। ମହିଳାଙ୍କ ଉନ୍ନତିରେ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା କିଭଳି ସହାୟକ ହୋଇଛି ତାହା ବୁଝିହେବ।

ଏହି ଯୋଜନାର ହିତାଧିକାରୀ ଚୟନ ନେଇ କୌଣସି ଜାତି, ଧର୍ମ କିମ୍ବା ବର୍ଣ୍ଣଭେଦ ପ୍ରତି ଦୃଷ୍ଟି ନଦେଇ; ବରଂ ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ) ଥିବା ବ୍ୟକ୍ତି ଓ ପରିବାରକୁ ବିଚାରକୁ ନିଆଯାଇଛି। ୩ ଏପ୍ରିଲ ୨୦୧୭ ମସିହା ସୁଦ୍ଧା ୨ କୋଟି ହିତାଧିକାରୀଙ୍କୁ ଚୟନ କରାଯାଇ ସୁଯୋଗ ଉପଲବ୍ଧ କରାଯାଇଛି। ଏଠି ଅନୁସୂଚୀତ ଜାତି, ଜନଜାତି ଓ ମୁସଲମାନ ସମ୍ପ୍ରଦାୟର ମହିଳା କେବଳ ନୁହେଁ; ଗରିବ ତଥା ଦାରିଦ୍ର୍ୟକୁ ଦିଆଯାଇଛି ଗୁରୁତ୍ୱ। ୨୦୧୬ରେ ଉଜ୍ଜ୍ୱଳା ଯୋଜନାର ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଲକ୍ଷ୍ୟ ହେଉଛି ୫ କୋଟି ଏଲପିଜି ସିଲିଣ୍ଡର ସଂଯୋଗ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ମହିଳାଙ୍କୁ ଯୋଗାଇଦେବା। ପୂର୍ବରୁ ଯେଉଁମାନେ ଘସି, କାଠ, କାଠିକୁଟା ଆଦି ପାରମ୍ପରିକ ଜାଳେଣି ବ୍ୟବହାର କରି ରୋଷେଇ କରୁଥିଲେ ସେମାନଙ୍କୁ ସ୍ୱଚ୍ଛ ଇନ୍ଧନ ଯୋଗାଇବା ସରକାରଙ୍କ ଆଭିମୁଖ୍ୟ ରହିଛି। ପାରମ୍ପରିକ ଜାଳେଣି ବ୍ୟବହାରରୁ ସୃଷ୍ଟି ହେଉଥିବା ଧୂଆଁ ଓ ଅନ୍ୟାନ୍ୟ ଧୂଳିକଣା ଯୋଗୁଁ ମହିଳା ଶ୍ୱାସ, ଦୃଷ୍ଟିହୀନତା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବାରୁ ସେମାନଙ୍କୁ ଏସବୁରୁ ମୁକ୍ତି ଦେବା ସହ ଜୀବନଧାରଣ ମାନରେ ଉନ୍ନତି ଘଟାଇବା ଲାଗି ଉଜ୍ଜ୍ୱଳା ଯୋଜନା ଆରମ୍ଭ ହୋଇଛି। ବିଶେଷଜ୍ଞଙ୍କ ମତାନୁଯାୟୀ, ଗାଁ ଗହଳିର ଗରିବ ମହିଳା କାଠ ଓ ଘସି ଚୁଲାରେ ରୋଷେଇ କରିବା ବେଳେ ସେଥିରୁ ନିର୍ଗତ ଧୂଆଁ ଯାହା କ୍ଷତିକରେ ତାହା ଗୋଟିଏ ଘଣ୍ଟାରେ ୪୦୦ ସିଗାରେଟ୍ ଟାଣିଲେ ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାଠାରୁ ମଧ୍ୟ ଗୁରୁତର।

ସରକାରଙ୍କ ଏହି ଗୋଟିଏ ଯୋଜନା ଦ୍ୱାରା ଗରିବା ପରିବାର କେବଳ ମହିଳା ନୁହଁନ୍ତି; ବରଂ ପିଲାଛୁଆ ଓ ଅନ୍ୟମାନେ ମଧ୍ୟ ଗୁରୁତର ସ୍ୱାସ୍ଥ୍ୟ ସଂକଟରୁ ମୁକୁଳିବା ସମ୍ଭବପର ହୋଇପାରୁଛି। ଏସବୁ ପରିବାରର ପିଲାମାନେ ଏବେ ଏକ ଉତ୍ତମ ପରିବେଶ ପାଇପାରୁଛନ୍ତି। ଶ୍ୱାସଗତ ସଂକ୍ରମଣ ସଂକ୍ରାନ୍ତ ରୋଗ କମ୍ ହେବା ସହ ଡାକ୍ତରୀ ଚିକିତ୍ସା ଓ ଔଷଧ ଖର୍ଚ୍ଚ ମଧ୍ୟ ବହୁପାରିମାଣରେ କମିଯାଇଛି। ସେମାନଙ୍କ ଶରୀରରୁ ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଛି। ଏହା ହିଁ ଯୋଜନାର ସଫଳତା ବୋଲି କୁହାଯାଇପାରିବ। ଏକ ସୁସ୍ଥ ଘର ହିଁ ଏକ ସୁସ୍ଥ ଶିଶୁର ମୌଳିକ ଆବଶ୍ୟକତା। ଏହାହିଁ ଉକ୍ତ ପରିବାରକୁ ପରବର୍ତ୍ତୀ ସମୟରେ ଦାରିଦ୍ର୍ୟରୁ ମୁକ୍ତି ଦେବାରେ ସହାୟତା କରୁଛି।

କିନ୍ତୁ ଏହା ଆରମ୍ଭ ମାତ୍ର। ଏବେ ଜନଧନ ଯୋଜନା କଥା ବିଚାର କରାଯାଉଛି। ଏହା କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ତଥା ସଂପ୍ରଦାୟ ପ୍ରତି ଅଭିପ୍ରେତ ନୁହେଁ। ଯେଉଁମାନେ ଏବେବି ବ୍ୟାଙ୍କ ବ୍ୟବସ୍ଥାଠାରୁ ଦୂରରେ ରହିଛନ୍ତି ସମସ୍ତଙ୍କୁ ଏହି ଶୃଙ୍ଖଳାକୁ ଆଣି ସଞ୍ଚୟ ପ୍ରତି ଆକର୍ଷିତ କରିବା ସରକାରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସଞ୍ଚୟ, ଜମା, ଋଣ, ବୀମା, ପେନ୍‌ସନ୍ (ଅବସରକାଳୀନ ଭତ୍ତା) ଭଳି ଆର୍ଥିକ ସେବା ସୁଯୋଗ ହାତେଇବା ଲାଗି ଜନଧନ ଯୋଜନା କାର୍ଯ୍ୟ କରୁଛି। ପୂର୍ବରୁ ଗରିବ ଲୋକଟିଏ ବ୍ୟାଙ୍କରେ ଖାତା ଖୋଲିବା

ଏକ ଦୁରୂହ ବ୍ୟାପାର ଥିଲା । ମାତ୍ର ଏହି ଯୋଜନା ମାଧ୍ୟମରେ ଜଣେ ବ୍ୟକ୍ତି କୌଣସି ଅର୍ଥ ଜମା ନକରି ମଧ୍ୟ ବ୍ୟାଙ୍କରେ ସଞ୍ଚୟ ଖାତାଟିଏ ଖୋଲିପାରୁଛି । କ୍ରେଡିଟ୍/ ଡେବିଟ୍ କାର୍ଡ ପାଇପାରୁଛି । ପୂର୍ବରୁ ଯେଉଁମାନଙ୍କ ନିକଟରେ ଟଙ୍କା ଥିଲା ସେମାନେ ବ୍ୟାଙ୍କର ଖାତାଧାରକ ହେବା ସହ ସମସ୍ତ ବ୍ୟାଙ୍କିଙ୍ଗ୍ ସୁବିଧା ସୁଯୋଗ ନେଇପାରୁଥିଲେ । କେବଳ ସେତିକି ନୁହେଁ, ଜନଧନ ଆକାଉଣ୍ଟ ଦ୍ୱାରା ସରକାରଙ୍କ ପ୍ରଦତ୍ତ ସମସ୍ତ ରିଆତି ସିଧାସଳଖ ବ୍ୟାଙ୍କ ଖାତାକୁ ସରକାର ହସ୍ତାନ୍ତର କରୁଛନ୍ତି । ପିଲାଙ୍କ ଛାତ୍ରବୃତ୍ତିଠାରୁ ଆରମ୍ଭ କରି ପେନ୍‌ସନ୍ ଓ ଭତ୍ତା ଆଦି ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତର କରାଯାଉଛି । ପ୍ରାୟ ସବୁ ଆର୍ଥିକ କାରବାର ବ୍ୟାଙ୍କ ଜରିଆରେ କରାଯିବାର ଅପାର ସୁଯୋଗ ସୃଷ୍ଟି ହୋଇଛି । ଏହାଦ୍ୱାରା ଏକାଧିକ ଜନହିତ ଯୋଜନାର ସୁଫଳ ବିଶେଷକରି ଗରିବଙ୍କ ନିକଟରେ ପହଞ୍ଚାଇବା ଓ ସେମାନଙ୍କ ସାମାଜିକ କଲ୍ୟାଣ ଓ ଆର୍ଥିକ ନିରାପତ୍ତା ବୃଦ୍ଧିରେ ସହାୟକ ହୋଇପାରୁଛି । ସଂଖ୍ୟାଲଘୁ ଗରିବ ସେମାନଙ୍କ ସାମାଜିକ ପ୍ରତିବନ୍ଧକକୁ ଡେଇଁ ଆର୍ଥିକ ନିରାପତ୍ତା ଲାଗି ସରକାରୀ ଯୋଜନାର ସୁଫଳ ପାଇବା ଲାଗି ଆଗେଇ ଆସିବାକୁ ପଡିବ । ଶିକ୍ଷା, ନିଯୁକ୍ତି ଓ ସଶକ୍ତୀକରଣ କ୍ଷେତ୍ରରେ ସଂଖ୍ୟାଲଘୁଙ୍କ ଲାଗି ନିଆଯାଇଥିବା ସାମାଜିକ ନିରାପତ୍ତା ଯୋଜନାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି ।

୨୦୧୪-୧୫ ଓ ୨୦୧୫-୧୬ରେ ଯଥାକ୍ରମେ 'ନଇଁମିଲ' ଏବଂ 'ଉସ୍ତାଦ୍' (ଅପ୍‌ଗ୍ରେଡିଂ ସ୍କିଲ୍‌ସ ଆଣ୍ଡ ଟ୍ରେନିଂ ଇନ୍ ଟ୍ରାଡିସନାଲ ଆର୍ଟସ୍/କ୍ରାଫ୍ଟସ ଫର ଡେଭଲପ୍‌ମେଣ୍ଟ) ଭଳି ଦୁଇଟି ନୂତନ କାର୍ଯ୍ୟକ୍ରମ ସଂପର୍କରେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ସଂଖ୍ୟାଲଘୁଙ୍କ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବା ଏହି ଦୁଇ କାର୍ଯ୍ୟକ୍ରମ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରହିଛି । 'ନଇଁମିଲ୍' ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ଶିକ୍ଷିତ ଓ ଦକ୍ଷତା ବିକାଶ କରିବା ଲାଗି ଏହି ଯୋଜନା ଅଭିପ୍ରେତ ଥିବାବେଳେ 'ଉସ୍ତାଦ୍' ପାରମ୍ପରିକ କଳା ଓ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦିଆଯିବା ସହିତ ସଂଖ୍ୟାଲଘୁଙ୍କ ମଧ୍ୟରେ ହଜିଯାଉଥିବା ଏହି କଳା ଓ କଳାକାରଙ୍କ ଦକ୍ଷତାକୁ ବଢାଇବା ଲାଗି କାର୍ଯ୍ୟ କରୁଛି ।

କେନ୍ଦ୍ର ସରକାର ୨୦୧୬-୧୭ ବଜେଟ୍‌ରେ ନଇଁମିଲ ଲାଗି ୧୭୫ କୋଟି ଟଙ୍କା ଓ ଉସ୍ତାଦ୍ ପାଇଁ ୨୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଉଭୟ କାର୍ଯ୍ୟକ୍ରମରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଜୀବିକା ଉପାର୍ଜନକୁ ଗୁରୁତ୍ୱ ଦିଆଯାଇଛି ।

ସରକାର ବିଭିନ୍ନ କ୍ଷେତ୍ରର ସଫଳତାକୁ ନେଇ ତାଲିକା ପ୍ରସ୍ତୁତ କରିଛନ୍ତି । ସଂଖ୍ୟାଲଘୁ ମନ୍ତ୍ରଣାଳୟ ୪୭୪୦ କୋଟି ଟଙ୍କା ୧,୮୨,୦୦,୦୦୦ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି । 'ବେଗମ୍ ହଜରତ୍ ମହଲ ସ୍କଲାରସିପ୍' ନାଁରେ ୧ ଲକ୍ଷ ୩୮ ହଜାର ୪୨୬ ଜଣ ଛାତ୍ରୀଙ୍କୁ ଏ ବାବଦରେ ୧୬୬ କୋଟି ଟଙ୍କାର ମେଧାବୃତ୍ତି ଦିଆଯାଇଛି । ୪୦ ପ୍ରତିଶତ ମହିଳାଙ୍କ ସମେତ ୫,୨୦,୦୦୦ରୁ ଉର୍ଦ୍ଧ୍ୱ ଯୁବକ-ଯୁବତୀଙ୍କୁ ବିଭିନ୍ନ ଚାକିରି ଲାଗି ଦକ୍ଷତା ତାଲିମ ପ୍ରଦାନ କରାଯାଇଛି । ୩୩ଟି ଡିଗ୍ରୀ ମହାବିଦ୍ୟାଳୟରେ ଗତ ୬ ବର୍ଷ ଧରି ୨୨୩ ପ୍ରକାର ବହୁମୁଖୀ ତାଲିମ 'ସଦ୍‌ଭାବ ମଣ୍ଡପ' ଓ ଗୁରୁକୂଳ ଭଳି ଆବାସିକ ବିଦ୍ୟାଳୟ ଗୁଡିକରେ ତାଲିମ ଦିଆଯାଇଆସୁଛି ।

ଅନ୍ୟ କେତେକ ଯୋଜନାକୁ ବିଚାର କଲେ 'ତେହେରିକ୍-ଇ-ତାଲେମ୍' ନାମକ ଶିକ୍ଷା ଅଭିଯାନ, କଳାକାର ଓ ବୁଣାକାରଙ୍କୁ ବଜାର ସୁଯୋଗ ଦେବାଲାଗି 'ହୁନ୍‌ର ହାଟ', ସମସ୍ତ ରାଜ୍ୟରେ 'ହୁନର୍ ହବ୍' ପ୍ରତିଷ୍ଠା ଓ 'ଉସ୍ତାଦ୍ ସମ୍ମାନ ସମାଗମ' ଆୟୋଜନ କରାଯାଉଛି । ସଂଖ୍ୟାଲଘୁ ଜନଘନତ୍ୱ ଅଞ୍ଚଳରେ ୧୦୦ ଗୁରୁକୂଳ-ନବୋଦୟ ଭଳି ବିଦ୍ୟାଳୟ ସ୍ଥାପନ, ୫ଟି ଅନ୍ତର୍ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଭଳି ପଦକ୍ଷେପ ନିଆଯାଇଛି । ସେମାନଙ୍କ ସାମାଜିକ ନିରାପତ୍ତା ବଢାଇବା ସହ ବିକାଶ କରିବା ଲାଗି ଏଭଳି କାର୍ଯ୍ୟକ୍ରମ କରାଯାଉଛି ।

ପ୍ରତିଟି ଯୋଜନା, ପ୍ରକଳ୍ପ ତଥା କାର୍ଯ୍ୟକ୍ରମର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ବିକାଶନ୍ମୋମୁଖୀ କରାଇବା । ଏହା ଏକ ଉତ୍ତମ ଓ ଦୃଢ ପଦକ୍ଷେପ । କେନ୍ଦ୍ର ସରକାର ମହିଳାଙ୍କ ଲାଗି ମଧ୍ୟ 'ନଇଁରୋଷ୍‌ନୀ' ଯୋଜନା ଆରମ୍ଭ କରିଛନ୍ତି । ମହିଳାଙ୍କ ଭିତରେ ନେତୃତ୍ୱ ସୃଷ୍ଟି କରିବା ଲାଗି ସେମାନଙ୍କୁ ଉପଯୁକ୍ତ

**ଶିକ୍ଷା କ୍ଷେତ୍ରରେ ସରକାରଙ୍କୁ ହସ୍ତକ୍ଷେପ କରିବା ସହ ପ୍ରଚଳିତ ଯୋଜନା ଓ ପ୍ରକଳ୍ପ ଗୁଡିକର ନିରନ୍ତର ସମୀକ୍ଷା କରିବାକୁ ପଡିବ । ଶିକ୍ଷା କ୍ଷେତ୍ରରେ ନୂତନ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିବାକୁ ହେବ । ଶିକ୍ଷା ହେଉଛି ଏକମାତ୍ର ବାସ୍ତବତା ଯାହାକି ବ୍ୟକ୍ତିର ଜୀବନକୁ ବଦଳାଇ ଦେଇପାରେ । ସାମାଜିକ ଓ ଆର୍ଥିକ ପ୍ରଗତି ଲାଗି ସୁଯୋଗର ଦ୍ୱାର ଖୋଲିଥାଏ । ବଞ୍ଚିତ ଓ ଗରିବ ପରିବାରର ପିଲାମାନଙ୍କ ଲାଗି ସରକାରଙ୍କୁ ବିଶେଷ ପ୍ରାଥମିକତା ଦେବାକୁ ପଡିବ । ଯେଉଁମାନେ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି; ସେମାନଙ୍କୁ ପରବର୍ତ୍ତୀ ସମୟରେ କ୍ୟାରିୟର ନେଇ ଉପଯୁକ୍ତ ରାସ୍ତା ବାଛିବା ଲାଗି ସେଭଳି ପରାମର୍ଶ ମିଳିପାରୁନି । ସରକାରୀ ବିଦ୍ୟାଳୟର ଶିକ୍ଷା ମଧ୍ୟ ଘରୋଇ ସ୍କୁଲଗୁଡିକ ସହ ପ୍ରତିଦ୍ୱନ୍ଦ୍ୱିତାରେ ପଛରେ ପଡୁଛି । ଏଥିଲାଗି ସରକାରଙ୍କୁ ବିଦ୍ୟାଳୟ ଓ ଶିକ୍ଷକଙ୍କ ଲାଗି ଅଧିକ ନିବେଶ କରିବାକୁ ପଡିବ । ବିଦ୍ୟାଳୟ ଗୁଡିକରେ ଅନ୍ତତଃପକ୍ଷେ ଶୌଚାଳୟ, ପାନୀୟ ଜଳ ଯୋଗାଣଠାରୁ ଆରମ୍ଭ କରି ଉନ୍ନତ ପାଠାଗାର (ଲାଇବ୍ରେରୀ) ମଧ୍ୟ ପ୍ରତିଷ୍ଠା କରିବାକୁ ପଡିବ ।**

**ଯେଉଁମାନେ ଏବେବି ବ୍ୟାଙ୍କ ବ୍ୟବସ୍ଥାଠାରୁ ଦୂରରେ ରହିଛନ୍ତି ସମସ୍ତଙ୍କୁ ଏହି ଶୃଙ୍ଖଳାକୁ ଆଣି ସଞ୍ଚୟ ପ୍ରତି ଆକର୍ଷିତ କରିବା ସରକାରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସଞ୍ଚୟ, ଜମା, ଋଣ, ବୀମା, ପେନ୍‌ସନ୍ (ଅବସରକାଳୀନ ଭତ୍ତା) ଭଳି ଆର୍ଥିକ ସେବା ସୁଯୋଗ ହାତେଇବା ଲାଗି ଜନଧନ ଯୋଜନା କାର୍ଯ୍ୟ କରୁଛି। ପୂର୍ବରୁ ଗରିବ ଲୋକଟିଏ ବ୍ୟାଙ୍କରେ ଖାତା ଖୋଲିବା ଏକ ଦୁରୂହ ବ୍ୟାପାର ଥିଲା। ମାତ୍ର ଏହି ଯୋଜନା ମାଧ୍ୟମରେ ଜଣେ ବ୍ୟକ୍ତି କୌଣସି ଅର୍ଥ ଜମା ନକରି ମଧ୍ୟ ବ୍ୟାଙ୍କରେ ସଞ୍ଚୟ ଖାତାଟିଏ ଖୋଲିପାରୁଛି। କ୍ରେଡିଟ୍/ ଡେବିଟ୍ କାର୍ଡ ପାଇପାରୁଛି। ପୂର୍ବରୁ ଯେଉଁମାନଙ୍କ ନିକଟରେ ଟଙ୍କା ଥିଲା ସେମାନେ ବ୍ୟାଙ୍କର ଖାତାଧାରକ ହେବା ସହ ସମସ୍ତ ବ୍ୟାଙ୍କିଙ୍ଗ୍ ସୁବିଧା ସୁଯୋଗ ନେଇପାରୁଥିଲେ। କେବଳ ସେତିକି ନୁହେଁ, ଜନଧନ ଆକାଉଣ୍ଟ ଦ୍ୱାରା ସରକାରଙ୍କ ପ୍ରଦତ୍ତ ସମସ୍ତ ରିଆତି ସିଧାସଳଖ ବ୍ୟାଙ୍କ ଖାତାକୁ ସରକାର ହସ୍ତାନ୍ତର କରୁଛନ୍ତି ।**

ତାଲିମ ଦେବା ଏହାର ଲକ୍ଷ୍ୟ। ସାମାଜିକ କଲ୍ୟାଣ କ୍ଷେତ୍ରରେ ମହିଳାଙ୍କୁ ସଶକ୍ତ କରାଇବା ଏହାର ଉଦ୍ଦେଶ୍ୟ। ଯୁବପୀଢ଼ିଙ୍କ ମଧ୍ୟରେ ଉଦ୍ୟୋଗ ଦକ୍ଷତା ବିକଶିତ କରିବା ଲାଗି 'ମାନସ' ଭଳି ସ୍କିମ୍ ମଧ୍ୟ ଆରମ୍ଭ ହୋଇଯାଇଛି।

ଏହାସତ୍ତ୍ୱେ ବି ସରକାରଙ୍କୁ ଆଉ ଅଧିକ କିଛି କରିବାକୁ ପଡିବ। ଶିକ୍ଷା କ୍ଷେତ୍ରରେ ସରକାରଙ୍କୁ ହସ୍ତକ୍ଷେପ କରିବା ସହ ପ୍ରଚଳିତ ଯୋଜନା ଓ ପ୍ରକଳ୍ପ ଗୁଡିକର ନିରନ୍ତର ସମୀକ୍ଷା କରିବାକୁ ପଡିବ। ଶିକ୍ଷା କ୍ଷେତ୍ରରେ ନୂତନ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିବାକୁ ହେବ। ଶିକ୍ଷା ହେଉଛି ଏକମାତ୍ର ବାସ୍ତବତା ଯାହାକି ବ୍ୟକ୍ତିର ଜୀବନକୁ ବଦଳାଇ ଦେଇପାରେ। ସାମାଜିକ ଓ ଆର୍ଥିକ ପ୍ରଗତି ଲାଗି ସୁଯୋଗର ଦ୍ୱାର ଖୋଲିଥାଏ। ବଞ୍ଚିତ ଓ ଗରିବ ପରିବାରର ପିଲାମାନଙ୍କ ଲାଗି ସରକାରଙ୍କୁ ବିଶେଷ ପ୍ରାଥମିକତା ଦେବାକୁ ପଡିବ। ଯେଉଁମାନେ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି; ସେମାନଙ୍କୁ ପରବର୍ତ୍ତୀ ସମୟରେ କ୍ୟାରିୟର ନେଇ ଉପଯୁକ୍ତ ରାସ୍ତା ବାଛିବା ଲାଗି ସେଭଳି ପରାମର୍ଶ ମିଳିପାରୁନି। ସରକାରୀ ବିଦ୍ୟାଳୟର ଶିକ୍ଷା ମଧ୍ୟ ଘରୋଇ ସ୍କୁଲଗୁଡିକ ସହ ପ୍ରତିଦ୍ୱନ୍ଦ୍ୱିତାରେ ପଛରେ ପଡୁଛି। ଏଥିଲାଗି ସରକାରଙ୍କୁ ବିଦ୍ୟାଳୟ ଓ ଶିକ୍ଷକଙ୍କ ଲାଗି ଅଧିକ ନିବେଶ କରିବାକୁ ପଡିବ। ବିଦ୍ୟାଳୟ ଗୁଡିକରେ ଅନ୍ତତଃପକ୍ଷେ ଶୌଚାଳୟ, ପାନୀୟ ଜଳ ଯୋଗାଣଠାରୁ ଆରମ୍ଭ କରି ଉନ୍ନତ ପାଠାଗାର (ଲାଇବ୍ରେରୀ) ମଧ୍ୟ ପ୍ରତିଷ୍ଠା କରିବାକୁ ପଡିବ। ଏହି ସଂମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟସ୍ତରରେ ଅଧିକରୁ ଅଧିକ ଛାତ୍ରବୃତ୍ତି ଦେବାକୁ ହେବ; ଯଦ୍ୱାରା ସେମାନେ ଉଚ୍ଚତର ଶିକ୍ଷା ପ୍ରତି ଆକୃଷ୍ଟ ହେବେ। ଅଧାରୁ ପାଠ ଛାଡିବେନି। ଭବିଷ୍ୟତକୁ ସୁନ୍ଦର ଓ ଉନ୍ନତ କରିବାକୁ ହେଲେ ଶିକ୍ଷା କ୍ଷେତ୍ରରେ ଅଧିକରୁ ଅଧିକ ବିନିଯୋଗ କରିବାକୁ ହେବ। ସାମାଜିକ ନିରାପତ୍ତାକୁ ପ୍ରମୁଖତା ଦେବାକୁ ହେଲେ ଶିକ୍ଷା ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାକୁ ପଡିବ। ତାହାଲେ ଯାଇ ଉଜାଣି ଜୁଆରରେ ବିକାଶର ନୌକା ଆଗକୁ ବିନା ପ୍ରତିବନ୍ଧକରେ ଧାବମାନ ହେବ।

ଲେଖିକା ଇକୋନୋମିକ୍ ଟାଇମ୍ସରେ ଜଣେ ସହକାରୀ ସମ୍ପାଦିକା ଭାବେ କାର୍ଯ୍ୟରତ

**Revision of Discount Structure on Books for Agents/Distributors**

| S.No | Monetary Limit | Approved Discount | Registration Charges (Non-Refundable) |
|---|---|---|---|
| 1 | Upto Rs. 10,000/- | 25% | Rs.1000/- |
| 2 | Rs.10,000- Rs. 2 Lac | 35% | Rs.1000/- |
| 3 | Rs. 2 Lac – Rs. 5 Lac | 40% | Rs.1000/- |
| 4 | Over Rs. 5 Lac | 45% | Rs.1000/- |

# ଓଡିଶାରେ ଏଲ୍‌ଏନ୍‌ଜି ଟର୍ମିନାଲ୍



ପୂର୍ବଭାରତର ପ୍ରଥମ ତରଳୀକୃତ ପ୍ରାକୃତିକ ବାଷ୍ପ ବା ଏଲ୍.ଏନ୍.ଜି. ଟର୍ମିନାଲ୍ ଓଡ଼ିଶାରେ ପ୍ରତିଷ୍ଠା କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ ଧାମରାଠାରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୂମି ପୂଜନ କରିଛନ୍ତି । ବାର୍ଷିକ ୫ ମିଲିୟନ୍ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏହି ଏଲ୍.ଏନ୍.ଜି. ଟର୍ମିନାଲ୍ ଜରିଆରେ ଆମେରିକା, କାନ୍ନାଡା, ଇରାକ ଓ କାତାର ଆଦି ଦେଶରୁ ଓଡ଼ିଶା ଉପକୂଳକୁ ପ୍ରାକୃତିକ ଗ୍ୟାସ୍ ଆସିପାରିବ । ଏହାକୁ ଧାମରାରେ ଗଚ୍ଛିତ କରାଗଲା ପରେ ଦୁଇହଜାର ୫ଶହ ୩୯ କିଲୋମିଟରର ଦୀର୍ଘ ପାଇପ୍‌ଲାଇନ୍ ମାଧ୍ୟମରେ ପୂର୍ବ ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟକୁ ପ୍ରେରଣ କରାଯିବ ।

ପ୍ରାୟ ୬ହଜାର କୋଟି ଟଙ୍କା ପୁଞ୍ଜି ନିବେଶରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶା ସମେତ ପୂର୍ବ ଭାରତର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ଆୟୋଜିତ ଏକ ବିଶାଳ ଜନସଭାକୁ ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ସେ କହିଛନ୍ତି ଯେ ଏହି ପାଇପ୍ ଲାଇନ୍‌ର ୭୬୦ କିଲୋମିଟର ଓଡ଼ିଶାରେ ରହିବ । ଭଦ୍ରକ, କେନ୍ଦ୍ରାପଡ଼ା, ପୁରୀ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ଆଦି ଜିଲ୍ଲା ଦେଇ ଏହି ପାଇପ୍ ଲାଇନ୍ ଝାଡ଼ଖଣ୍ଡକୁ ଯିବ ବୋଲି ସେ ସୂଚନା ଦେଇଛନ୍ତି । ଏହି ପ୍ରକଳ୍ପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଏହା ଦ୍ୱାରା ଓଡ଼ିଶାର ବିଭିନ୍ନ ସହରଗୁଡ଼ିକୁ ଗ୍ୟାସ୍ ଯୋଗାଣରେ ସୁବିଧା ହେବ । ଏତଦ୍‌ବ୍ୟତୀତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କୁ ମଧ୍ୟ କମ୍ ମୂଲ୍ୟରେ ସ୍ୱଚ୍ଛ ଇନ୍ଧନ ଯୋଗାଇ ଦିଆଯାଇପାରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଗ୍ୟାସ୍ ଆଧାରରେ ରାଜ୍ୟରେ କୋଲ୍ଡ ଚେନ୍ ନିର୍ମାଣ କରି ସାମୁଦ୍ରିକ ଖାଦ୍ୟ ଉତ୍ପାଦନ ଓ ରପ୍ତାନୀକୁ ତ୍ୱରାନ୍ୱିତ କରାଯାଇ ପାରିବ । ପୁନଶ୍ଚ କୋଲ୍ଡ ଚେନ୍ ମାଧ୍ୟମରେ କୃଷିଜାତ ଦ୍ରବ୍ୟର ସୁରକ୍ଷା ତଥା ମୂଲ୍ୟଯୁକ୍ତ କରି କୃଷକମାନଙ୍କୁ ଆର୍ଥିକ ସହାୟତା ପହଞ୍ଚାଯାଇ ପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

***

# ସିବିଏସଇ ମୂଲ୍ୟାୟନ ବିସଙ୍ଗତି



ମାନ୍ୟବର ହାଇକୋର୍ଟ ପରୀକ୍ଷା ଖାତା ପୁନଃ ମୂଲ୍ୟାୟନ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଯାହା ନିର୍ଦ୍ଦେଶ ଦେଇଛନ୍ତି ସିବିଏସଇ ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭାଡେକର ସିବିଏସଇକୁ କଡାନିର୍ଦ୍ଦେଶ ଦେଇଛନ୍ତି । ସିବିଏସଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୁଦ୍ଧରେ ଅପିଲ କରିବ ନାହିଁ ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ପ୍ରଧାନ ଅଭିଭାବକ ପ୍ରତିନିଧି ମଣ୍ଡଳୀ ସହ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭାଡେକରଙ୍କ ସହ ଆଲୋଚନା କରିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି ।ଏହା ସହ ଯେଉଁ ପିଲାମାନଙ୍କର ନମ୍ବରରେ ବିସଙ୍ଗତି ଅଛି ସେମାନଙ୍କୁ ସେମାନଙ୍କର ଉତ୍ତର ଖାତାର ନକଲ ଯୋଗାଇ ଦିଆ ଯିବାର ବ୍ୟବସ୍ଥା କରା ଯାଇଛି । ଯେଉଁ ମାନଙ୍କର ଏହା ପରେ ନମ୍ବର ନେଇ ଆପତ୍ତି ରହିବ ସେମାନେ କୋର୍ଟକୁ ଯାଇ ଆଦେଶ ଆଣିବା ପରେ ଖାତାର ପୁନଃ ମୂଲ୍ୟାୟନ କରାଯିବ । ପିଲା ମାନଙ୍କୁ ଉତ୍ତର ଖାତାର ନକଲ ଦେବା ପାଇଁ ତାରିଖକୁ ବଢାଇ ଦିଆ ଯାଇଥିବା ଶ୍ରୀ ପ୍ରଧାନ କହିଛନ୍ତି । ଗତ ଜୁନ ୨୨ ତାରିଖଦିନ ନୂଆ ଦିଲ୍ଲୀର ଶାସ୍ତ୍ରୀ ଭବନ ଠାରେ ଓଡିଶାରେ ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ନମ୍ବର ବିଭ୍ରାଟ ମାମଲାରେ ଓଡିଶାର ଅଭିଭାବକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାବଡେକରଙ୍କ ସହ ସାକ୍ଷାତ କରିବା ସମୟରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ ।

***

# ପେଟ୍ରୋନେଟ ଦ୍ୱାରା ପ୍ରଶିକ୍ଷିତ କାଶ୍ମୀର ଭ୍ୟାଲିର ୯ଜଣ ଛାତ୍ରଛାତ୍ରୀ ପାଇଲେ ଆଇଆଇଟି




ଆତଙ୍କବାଦୀ ସମସ୍ୟାରେ ଜର୍ଜରିତ କାଶ୍ମୀରରେ କିଛି ଛାତ୍ରଛାତ୍ରୀ ଏପରି ସଫଳତା ପାଇଛନ୍ତି ଯାହା ନିଶ୍ଚିତଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି । ଗତ ଜୁନ ୧୪ତାରିଖଦିନ ନୂଆଦିଲ୍ଲୀଠାରେ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କଠୋର ପରିଶ୍ରମ ଓ ସଫଳତା ପାଇଁ ଆୟୋଜିତ ଏକ ଉତ୍ସବରେ ଅଭିନନ୍ଦନ ଜଣାଇବା ସହ ସୁନ୍ଦର ଓ ଭବିଷ୍ୟତର କାମନା କରିଥିଲେ ।

ଭାରତୀୟ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ପେଟ୍ରୋନେଟ୍ ଏଲଏନଜି କାଶ୍ମୀର ସୁପର ୩୦ ଦ୍ୱାରା ଏବଂ ଭାରତୀୟ ସେନାର ସହଯୋଗରେ ବିଶେଷ ଶିକ୍ଷାଗ୍ରହଣ କରୁଥିବା ୪୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୮ ଜଣ ଛାତ୍ରଛାତ୍ରୀ ଆଇଆଇଟି ଓ ଏନଆଇଟିରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଅନ୍ୟ ୬ଜଣ ରିଜିଓନାଲ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଶ୍ରୀ ପ୍ରଧାନ କହିଥିଲେ ଯେ କାଶ୍ମୀରର କୁପୱାରା, ପୁଲୱାମା, ଅନନ୍ତନାଗ, ସୋପିଆନ ଭଳି ଦୁର୍ଗମ ଅଞ୍ଚଳରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଦକ୍ଷତା ବଳରେ ଜାତୀୟ ସ୍ତରରେ ସୁନାମଧନ୍ୟ ଶିକ୍ଷାନୁଷ୍ଠାନରେ ପାଠ ପଢିବାକୁ ସୁଯୋଗ ପାଇଛନ୍ତି ।ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପ୍ରେଟୋନେଟର ସହାୟତାରେ ଆଗାମୀ ବର୍ଷରେ ଆହୁରି ୧୦୦ଜଣ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପୂର୍ବରୁ ଦେଉଥିବା ପ୍ରବେଶିକା ପରୀକ୍ଷା ପାଇଁ ତାଲିମ ଦେବା ପାଇଁ ଅର୍ଥ ବରାଦ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପେଟ୍ରୋନେଟ ଏଲଏନଜି ପକ୍ଷରୁ କାଶ୍ମୀରରେ ୪୦ଜଣ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀଙ୍କର ଆବାସିକ ତାଲିମର ବ୍ୟବସ୍ଥା କରାଯାଇଥିଲା । ଯୋଗ୍ୟ ବିବେଚିତ ହୋଇଥିବା ୨୮ଜଣଙ୍କ ମଧ୍ୟରୁ କାଶ୍ମୀର ଭ୍ୟାଲିରେ ୯ ଜଣ ଅଛନ୍ତି । ଏମାନଙ୍କ ମଧ୍ୟରୁ ୨ଜଣ ଝିଅ ମଧ୍ୟ ଅଛନ୍ତି ।

***

# ସ୍ୱାସ୍ଥ୍ୟ ସାରଥି ଅଭିଯାନ

ନୂଆଦିଲ୍ଲୀଠାରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ତଥା ଭୂବିଜ୍ଞାନ ଓ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଡ଼କ୍ଟର ହର୍ଷବର୍ଦ୍ଧନ ଏବଂ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମିଳିତ ଭାବେ ଶିରିଫୋର୍ଟ ପ୍ରେକ୍ଷାଳୟଠାରେ ସ୍ୱାସ୍ଥ୍ୟ ସାରଥୀ ଅଭିଯାନ (ଏସଏସଏ)ର ଶୁଭାରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ସାରଥି ଅଭିଯାନ ଏକ ଦୁଇମାସିଆ ମେଗା ଅଭିଯାନ କାର୍ଯ୍ୟକ୍ରମ ଯାହା ମାଧ୍ୟମରେ ଏହି କ୍ଷେତ୍ରର ଅଟୋ, ଟ୍ୟାକ୍ସି ଏବଂ ବସ୍ ଡ୍ରାଇଭରମାନଙ୍କୁ ମାଗଣାରେ ପ୍ରତିଷେଧାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହା ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ଼ର ଏକ ଅଭିଯାନ । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ବେଳେ ବହୁ ସାଂସଦ, ଦିଲ୍ଲୀ ପୁଲିସର ବହୁ ବରିଷ୍ଠ ଅଧିକାରୀ ଏବଂ ସଂପୃକ୍ତ ମନ୍ତ୍ରଣାଳୟର ବରିଷ୍ଠ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ। ଦିଲ୍ଲୀ କ୍ଷେତ୍ରର ଯାନବାହନ ବାହକ ଡ୍ରାଇଭରମାନେ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାକୁ ଏହି ଅଭିଯାନ ମାଧ୍ୟମରେ ସମାଧାନ କରାଯିବାର ବ୍ୟବସ୍ଥା କରାଯାଇଛି। ଏହିସବୁ ଡ୍ରାଇଭରମାନଙ୍କ ମଧ୍ୟରୁ ଅଧିକାଂଶ ସିଏନଜି ବ୍ୟବହାରକାରୀ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ ଯାନବାହନରେ ଗ୍ୟାସ ବ୍ୟବହାର କରିବାରେ ରାଜଧାନୀ ଦିଲ୍ଲୀ କ୍ଷେତ୍ରର ଡ୍ରାଇଭରମାନେ ହେଉଛନ୍ତି ସବୁଠାରୁ ବଡ଼ ଅଂଶୀଦାର। ସିଏନଜିକୁ ଏବେ ପରିବହନ ଯାନବାହନ, ଘରୋଇ ବ୍ୟବହାର ଏବଂ ଅଟୋମାନଙ୍କରେ ବ୍ୟବହାର କରାଯାଉଛି। ସିଏନଜି ବ୍ୟବହାର କରୁଥିବା ପ୍ରାୟ ୪.୫ ଲକ୍ଷ ଯାନବାହନ ମାଧ୍ୟମରେ ଆଇଜିଏଲର ପ୍ରାୟ ୩୦୦୦ କୋଟି ଟଙ୍କାର ବ୍ୟବସାୟ କରାଯାଉଛି। ତେବେ ଏହାକୁ ୩୦,୦୦୦ କୋଟି ଟଙ୍କାକୁ ବଢ଼ାଯିବାକୁ ନୂତନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପ୍ରଧାନ ଆହୁରି କହିଲେ ଯେ ସ୍ୱାସ୍ଥ୍ୟ ସାରଥି ଅଭିଯାନ ମାଧ୍ୟମରେ ଡ୍ରାଇଭରମାନଙ୍କୁ ମୌଳିକ ସ୍ୱାସ୍ଥ୍ୟ ଯାଂଚ ସୁବିଧା ଯୋଗାଇ ଦିଆଯିବ। ରାଜଧାନୀ କ୍ଷେତ୍ରର ସମସ୍ତ ଆଇଜିଏଲ ଷ୍ଟେସନରେ ଆଗାମୀ ଦୁଇ ମାସ ପର୍ଯ୍ୟନ୍ତ ଏହି ସୁବିଧା ଉପଲବ୍ଧ ହେବ ଏବଂ ଏଥିରୁ ଡ୍ରାଇଭରମାନେ ଫାଇଦା ହାସଲ କରିବା ଉଚିତ। ଏହି ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟରେ ରକ୍ତ ପରୀକ୍ଷା, ସୁଗାର ପରୀକ୍ଷା, ଚକ୍ଷୁ ପରୀକ୍ଷା କରାଯିବ ଏବଂ ସେଣ୍ଟ ଷ୍ଟିଫେନ୍ସ ହସପିଟାଲର ଡ଼ାକ୍ତରମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଛି। ଯେଉଁ କ୍ଷେତ୍ରରେ ଡ୍ରାଇଭରମାନଙ୍କ ଆଖିରେ ମୋତିଆବିନ୍ଦୁ ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼ିବ ସେମାନଙ୍କୁ ସେ ପ୍ରକାର ସୁବିଧା ମଧ୍ୟ ଯୋଗାଇ ଦିଆଯିବ। ଆଇଜିଏ ମଧ୍ୟ ଡ୍ରାଇଭରମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇଦେବା କଥା ଚିନ୍ତା କରୁଛି ଯାହାଦ୍ୱାରା ରାଜଧାନୀ କ୍ଷେତ୍ରରେ ଡ୍ରାଇଭରମାନଙ୍କ ମୃତ୍ୟୁ ହେଲେ ସେମାନଙ୍କୁ ବୀମା ସୁବିଧା ମିଳିପାରିବ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଏକ ସ୍ୱାସ୍ଥ୍ୟ ସାରଥି ୱେବ୍ ଆପ୍ଲିକେଶନର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ସ୍ୱାସ୍ଥ୍ୟ ଶିବିରରେ ଯେଉଁ ଡ୍ରାଇଭରମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଉଛନ୍ତି ସେମାନେ ଆବଶ୍ୟକସ୍ଥଳେ ଯେକୌଣସି ସ୍ଥାନରେ ରହି ସେମାନଙ୍କ ସ୍ୱାସ୍ଥ୍ୟ ରେକର୍ଡ଼କୁ ଅନଲାଇନ୍ ମାଧ୍ୟମରେ ପାଇପାରିବେ। ସେହିଭଳି ଇନ୍ଧନ ସଂରକ୍ଷଣ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ ଡ୍ରାଇଭରମାନଙ୍କ ଇନ୍ଧନ ସଂରକ୍ଷଣ ପାଇଁ ଆହ୍ୱାନ ଜଣାଇଥିଲେ। ଇନ୍ଧନକୁ କିଭଳି ଭାବେ ସଂରକ୍ଷଣ କରାଯାଇପାରିବ ତାହା ଏହି କର୍ମଶାଳା ମାଧ୍ୟମରେ ସେମାନଙ୍କୁ ଅବଗତ କରାଯାଉଛି ଏବଂ ସେମାନେ ଏହାର ସୁଯୋଗ ନେବାକୁ ସେ ପରାମର୍ଶ ଦେଇଥିଲେ। ମନ୍ତ୍ରଣାଳୟ ପକ୍ଷରୁ ଏଭଳି ଫଳପ୍ରସୂ ଉଦ୍ୟମ କରାଯାଉଥିବାରୁ ମନ୍ତ୍ରୀ ଡ଼କ୍ଟର ହର୍ଷବର୍ଦ୍ଧନ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ସେ କହିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସବ୍‌କା ସାଥ୍ ସବ୍‌କା ବିକାଶ ସ୍ଲୋଗାନକୁ ସାକାର କରିବାର ଏହା ଏକ ପ୍ରକୃଷ୍ଟ ଉପାୟ। ଦେଶର ସବୁ ନାଗରିକଙ୍କ ବିକାଶ ବିନା ଦେଶର ବିକାଶ ସମ୍ଭବପର ନୁହେଁ ବୋଲି ସେ ମତ ପୋଷଣ କରିଥିଲେ। ଏହି ଇନ୍ଧନ ସଂରକ୍ଷଣ କର୍ମଶାଳା ପେଟ୍ରୋଲିୟମ୍ ଗବେଷଣା ସଂଗଠନ ପକ୍ଷରୁ ଆୟୋଜନ କରାଯାଇଥିଲା।

***

# ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କରିବେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ : ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ



ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାର କରିବାକୁ ବର୍ଷ ବ୍ୟାପୀ ଉତ୍ସବର ଉଦଘାଟନ କରିବା ପାଇଁ ଭାରତର ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀ ତାଙ୍କର ଅନୁରୋଧକୁ ରକ୍ଷା କରି ଏଥିରେ ଯୋଗ ଦେବାକୁ ସମ୍ମତି ଦେଇଛନ୍ତି ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର ଠାରେ ଆୟୋଜିତ କଳିଙ୍ଗ ଲିଟେରାରି ଫେଷ୍ଟିଭାଲରେ ଯୋଗ ଦେବା ଅବସରରେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ମହାମହିମ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ଖୁବ ଶୀଘ୍ର ସରୁଥିବା କାରଣରୁ ଏହି ଉତ୍ସବକୁ ନୂଆଦିଲ୍ଲୀଠାରେ ଆୟୋଜନ କରିବା ପାଇଁ ସେ କେନ୍ଦ୍ର ସଂସ୍କୃତି ସଚିବଙ୍କୁ ଦାୟିତ୍ୱ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ସାରା ଦୁନିଆର ସାହିତ୍ୟ, ସଂସ୍କୃତି, କଳା ସହ ଓଡିଶାର କୃତି ମଧ୍ୟ କୌଣସି ଗୁଣରେ କମ୍ ନୁହେଁ । ବର୍ତ୍ତମାନର ଯୁବ ପୀଢୀ ଐତିହ୍ୟକୁ ବର୍ତ୍ତମାନ ସହ ଯୋଡି ଭବିଷ୍ୟତ ପାଇଁ ବଡ ପରିକଳ୍ପନାକୁ ସଠିକ କ୍ରିୟାନ୍ୱୟନ କରିବା ହିଁ ସମୟର ଆହ୍ୱାନ । ଏହି ଉତ୍ସବରେ ପୃଥିବୀର ଶାନ୍ତି, ସଂହତି ବିଷୟରେ ଆଲୋଚନା କରାଯାଉଥିବା ପୃଷ୍ଠଭୂମିରେ ଶ୍ରୀ ପ୍ରଧାନ ସନ୍ଥକବି ଭୀମଭୋଇଙ୍କ ସ୍ମୃତିଚାରଣ କରିଥିଲେ । ଓଡିଶାର କଳିଙ୍ଗ ଯୁଦ୍ଧ ଓ ଭୀମଭୋଇଙ୍କର ମାନବ ସମ୍ବେଦନାର କବିତା "ମୋ ଜୀବନ ପଛେ ନର୍କେ ପଡିଥାଉ...", ସମଗ୍ର ବିଶ୍ୱ ସମୁଦାୟ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।



***

# କେନ୍ଦୁପତ୍ର ତୋଳାଳୀଙ୍କ ସମସ୍ୟା



କଳାହାଣ୍ଡି ଜିଲ୍ଲା ଗୋଲମୁଣ୍ଡା ବ୍ଲକର କେନ୍ଦୁପତ୍ର ତୋଳାଳୀଙ୍କ ସମସ୍ୟାକୁ ନେଇ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ଓଡିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜଙ୍ଗଲ ଅଧିକାର ଆଇନ-୨୦୦୬ ଓ ଓଡିଶା କେନ୍ଦୁପତ୍ର (ବ୍ୟବସାୟ ନିୟନ୍ତ୍ରଣ ) ଆଇନ-୧୯୬୧ ମଧ୍ୟରେ ଥିବା ବିସଙ୍ଗତ ଯୋଗୁ ଏଭଳି ସମସ୍ୟା ଉତ୍ପନ୍ନ ହୋଇଛି ବୋଲି ଶ୍ରୀ ଓରାମ ଗତ ଜୁଲାଇରେ ୩ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଲେଖିଥିବା ଏକପତ୍ରରେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଯେ ଆଦିବାସୀ ଓ ଅନ୍ୟ ଜଙ୍ଗଲ ଅଧିବାସୀଙ୍କ



ସମ୍ପୃକ୍ତ କ୍ଷେତ୍ରରେ ଜଙ୍ଗଲ ଅଧିକାର ଆଇନ, ଅନ୍ୟାନ୍ୟ ଯେକୌଣସି ସମ୍ବନ୍ଧିତ ଆଇନ ଅପେକ୍ଷା ଅଧିକ ପ୍ରଭାବଶାଳୀ । ଏହି ଜଙ୍ଗଲ ଅଧିକାର ଆଇନକୁ ସମ୍ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ କରିବା ଦାୟିତ୍ୱ ରାଜ୍ୟ ସରକାରଙ୍କର ବୋଲି ଶ୍ରୀ ଓରାମ ତାଙ୍କ ପତ୍ରରେ ଉଲ୍ଲେଖ କରିବା ସହିତ, ଏଥିପ୍ରତି ଯତ୍ନଶୀଳ ହେବାକୁ ଓଡିଶା ସରକାରଙ୍କ ସହଯୋଗ କାମନା କରିଛନ୍ତି । ଉପରୋକ୍ତ ଦୁଇଟି ଆଇନ ମଧ୍ୟରେ ଥିବା ବିସଙ୍ଗତକୁ ଦୂର କରାଗଲେ ହଜାର ହଜାର କେନ୍ଦୁପତ୍ର ତୋଳାଳୀଙ୍କ ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ଆଶା ପ୍ରକାଶ କରିଛନ୍ତି ।

***

## ବିକାଶର ନକ୍ସା


# ଭାରତର ବୃହତ୍ତମ ସେତୁ



ଆସାମରେ ବ୍ରହ୍ମପୁତ୍ର ନଦୀ ଉପରେ ଭାରତର ବୃହତ୍ତମ ଢୋଲା-ସାଦିଆ ସେତୁକୁ ପ୍ରଧାନମନ୍ତ୍ରୀ ୨୬ ମେ ୨୦୧୭ମସିହାରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ବ୍ରହ୍ମପୁତ୍ରର ଉପନଦୀ ଲୋହିତ ଉପରେ ତିନି ଲେନ୍ ବିଶିଷ୍ଟ ୯.୧୫ କିଲୋମିଟର ଦୀର୍ଘତା ବିଶିଷ୍ଟ ଏହି ସର୍ବବୃହତ୍ ସେତୁ ଢୋଲାରୁ ସାଦିଆକୁ ସଂଯୋଗ କରୁଥିବାବେଳେ ଉପର ଆସାମ ଓ ପୂର୍ବାଞ୍ଚଳ ଅରୁଣାଚଳ ପ୍ରଦେଶର ସହଜ ଓ ସମୟ ଉପଯୋଗୀ ସଂପର୍କସେତୁ ପାଲଟିଛି। ଏହି ଅଞ୍ଚଳ ଲାଗି ଉକ୍ତ ପୋଲ ଏକ ବୃହତ୍ ସଂଯୋଗସ୍ଥଳ ଭାବେ ପ୍ରତୀୟମାନ ହୋଇଛି।

ଏହି ସେତୁକୁ ଲୋକାର୍ପିତ କରି ପ୍ରଧାନମନ୍ତ୍ରୀ କହିଲେ, ବିକାଶ ଲାଗି ଭିତ୍ତିଭୂମିର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲୋକଙ୍କ ଆଶା ଓ ସ୍ୱପ୍ନକୁ ପୂରଣ କରିବାକୁ କେନ୍ଦ୍ର ସରକାର ସଂକଳ୍ପ ବଦ୍ଧ ବୋଲି ସେ ଏହି ଅବସରରେ କହିଥିଲେ । ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି । ଆସାମ ଓ ଅରୁଣାଚଳ ପ୍ରଦେଶର ଜନସାଧାରଣଙ୍କୁ କେବଳ ଏହି ସେତୁ ଯୋଡିବନାହିଁ , ବରଂ ଏହା ବଡ଼ ଧରଣର ଅର୍ଥନୈତିକ ପ୍ରଗତିର ଦ୍ୱାର ଖୋଲିବ। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଓ ଦେଶର ଅନ୍ୟ ଅଞ୍ଚଳ ସହ ସଂଯୋଗ ବଢାଇବାକୁ କେନ୍ଦ୍ର ସରକାର ପ୍ରାଥମିକତା ଦେଇଆସୁଥିବାବେଳେ ତଦନୁଯାୟୀ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଉତ୍ତର-ପୂର୍ବାଞ୍ଚଳରେ ଉତ୍ତମ ଗମନାଗମନ ବ୍ୟବସ୍ଥା ଦ୍ୱାରା ଏହା ଦକ୍ଷିଣ ପୂର୍ବ ଏସିଆର ଅର୍ଥନୀତି ଦ୍ୱାରା ପ୍ରଭାବିତ ହୋଇ ଅଭିବୃଦ୍ଧି ଘଟାଇବ। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ପର୍ଯ୍ୟଟନର ଅପାର ସମ୍ଭାବନା ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଢୋଲା-ସାଦିଆ ସେତୁକୁ କେନ୍ଦ୍ର ସରକାର ପ୍ରଖ୍ୟାତ ସଂଗୀତଜ୍ଞ, ଗୀତିକାର ଓ କବି ଭୂପେନ୍ ହଜାରିକାଙ୍କ ନାଁରେ ନାମିତ କରି ଏହାଦ୍ୱାରା ସାଂସ୍କୃତିକ ଓ ଭାବଗତ ସଂପର୍କକୁ ବଢାଇବାର ଉଦ୍ୟମ କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ପୂର୍ବରୁ ଏହି ବ୍ରହ୍ମପୁତ୍ରକୁ ଏହି ସ୍ଥାନରେ ନୌକା/ଡଙ୍ଗା ଯୋଗେ କେବଳ ଦିନବେଳେ ପାରିହୋଇ ଆରପାର୍ଶ୍ୱକୁ ଯିବାକୁ ପଡୁଥିଲା। ଏଥିପାଇଁ ବହୁ ସମୟ ଅପଚୟ ମଧ୍ୟ ହେଉଥିଲା। ବନ୍ୟା ସମୟରେ ଯାତାୟାତ ସମ୍ଭବପର ନଥିଲା।

ବ୍ରହ୍ମପୁତ୍ର ଉପରେ ତେଜପୁରଠାରେ କାଳିଆ ଭୋମରା ପୋଲ ଶେଷଥର ପାଇଁ ନିର୍ମାଣ କରାଯାଇଥିଲା। ମାତ୍ର ଏହି ନୂତନ ସେତୁ ଦ୍ୱାରା ଆସାମର ରୁପାଇଠାରେ ଥିବା ଜାତୀୟ ରାଜପଥ-୩୭ ଓ ଅରୁଣାଚଳ ପ୍ରଦେଶର ମେକା/ରୋଇଂ ଜାତୀୟ ରାଜପଥ-୫୨ ମଧ୍ୟରେ ଦୂରତା ୧୬୫ କିଲୋମିଟର ହ୍ରାସ ପାଇବ। ଉଭୟ ମଧ୍ୟରେ ଯାତ୍ରାକାଳୀନ ସମୟ ପୂର୍ବରୁ ୬ ଘଣ୍ଟା ଲାଗୁଥିବା ବେଳେ ଏଣିକି ମାତ୍ର ଏକଘଣ୍ଟାରେ ସୀମିତ ରହିବ । ମୋଟ



୫ଘଣ୍ଟା ସମୟ ଯାତ୍ରୀଙ୍କ ଲାଗି ବଞ୍ଚିଯିବ। କେବଳ ସେତିକି ନୁହେଁ, ଏହି ଦୂରତା ହ୍ରାସ ଯୋଗୁଁ ଦୈନିକ ଏହି ରାସ୍ତାରେ ଗଡୁଥିବା ଯାନବାହାନର ୧୦ ଲକ୍ଷ ଟଙ୍କାର ପେଟ୍ରୋଲ ଓ ଡିଜେଲ ସଞ୍ଚୟ ହୋଇପାରିବ । ଏହି ସେତୁ ଯୋଗୁଁ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୁବିଧା ଓ ବ୍ୟବସ୍ଥା ମଧ୍ୟ ମିଳିପାରିବ। ଅରୁଣାଚଳ ପ୍ରଦେଶ ସୀମା ସୁରକ୍ଷା ଲାଗି ସେନା ଚଳନ ଓ ମୁତୟନ, ଏକାଧିକ ଜଳବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ଲାଗି ମଧ୍ୟ ଏହି ସେତୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ଏହି ସେତୁରେ ମୋଟ ୨୦୫୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଉତ୍ତର-ପୂର୍ବାଞ୍ଚଳ ସ୍ୱତନ୍ତ୍ର ତ୍ୱରିତ ସଡ଼କ ବିକାଶ କାର୍ଯ୍ୟକ୍ରମ (ଏସଏଆରଡିପି-ଏନଇ) ମନ୍ତ୍ରଣାଳୟ ଅଧିନସ୍ଥ ଅରୁଣାଚଳ ପ୍ୟାକେଜ୍ ଅପ୍ ରୋଡ୍ସ୍ ଆଣ୍ଡ ହାଇୱେଜ୍‌ର କିଛି ଅର୍ଥରାଶି ମଧ୍ୟ ଏହି ନିର୍ମାଣରେ ବିନିଯୋଗ ହୋଇଛି।

# ଦାମନଯୋଡିରେ ପ୍ରତିଷ୍ଠା ହେବ ଏକ ନିୟୁତ ଟନ୍‌ର ଆଲୁମିନା ବିଶୋଧନାଗାର

ରାଷ୍ଟ୍ରାୟତ ଆଲୁମିନିୟମ କମ୍ପାନୀ ନାଲକୋର ବକ୍ସାଇଟ୍ ଭଣ୍ଡାର ବୃଦ୍ଧି କରିବା ସକାଶେ କେନ୍ଦ୍ର ସରକାର ପଟାଙ୍ଗି ଖଣିକୁ ଆଉ ୫ ବର୍ଷ ପାଇଁ ଏହି ସଂସ୍ଥାକୁ ଦେବା ଲାଗି ସ୍ଥିର କରିଛନ୍ତି । ଖଣି ମନ୍ତ୍ରଣାଳୟର ଏକ ସୂଚନା ଅନୁସାରେ ନାଲକୋର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଲାଗି ୫୫୪୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ପର୍ଯ୍ୟାୟରେ ଦାମନଯୋଡିଠାରେ ବାର୍ଷିକ ୧ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ଆଲୁମିନା ବିଶୋଧନାଗାର ପ୍ରତିଷ୍ଠା କରାଯିବ । ଆଲୁମିନିୟମ ଉଦ୍ୟୋଗରେ ଏହା ଏକ ମର୍ଯ୍ୟାଦାଜନକ କେନ୍ଦ୍ରୀୟ ନବରତ୍ନ କମ୍ପାନୀ ହୋଇଥିବାରୁ ଏହାର ଉତ୍ପାଦନ କ୍ଷମତା ବୃଦ୍ଧି ତଥା ଏହି ସଂସ୍ଥାକୁ ଆହୁରି ମଜବୁତ୍ କରିବା ଲାଗି ମନ୍ତ୍ରଣାଳୟ ପ୍ରୟାସ କରୁଛି । ଓଡିଶା ତଥା ଦେଶରେ ଏହି ସଂସ୍ଥାର ଭୂମିକା ବେଶ୍ ପ୍ରଶଂସନୀୟ। ଏହାର ସମ୍ପ୍ରସାରଣକୁ ପ୍ରାଧାନ୍ୟ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ କେତେକ ଗଣମାଧ୍ୟମରେ ନାଲକୋକୁ ବାଇ-ବେକ୍ ତଥା ଅଫର-ଫର-ସେଲ ମାଧ୍ୟମରେ ଘରୋଇକରଣ କରାଯାଉଛି ବୋଲି ବାହାରିଥିବା ଖବର ବିଭ୍ରାନ୍ତିକର ବୋଲି ସ୍ପଷ୍ଟୀକରଣ ଦିଆଯାଇଛି। ଆଲୁମିନା ଏବଂ ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ନାଲକୋକୁ ଏକ ଅଗ୍ରଣୀ କେନ୍ଦ୍ରୀୟ ଉଦ୍ୟୋଗ କରିବା ଲାଗି କେନ୍ଦ୍ର ସରକାର ପ୍ରୟାସ କରୁଛନ୍ତି ବୋଲି ଖଣି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

**ଆପଣ ଜାଣନ୍ତି କି ?**

# ଟପୋଗ୍ରାଫି



ପୃଥିବୀ ପୃଷ୍ଠ ସଂପର୍କରେ ସବିଶେଷ ତଥ୍ୟ ହାସଲ କରିବା ଲାଗି 'ଟପୋଗ୍ରାଫି' ଶବ୍ଦ ବିଶେଷଭାବେ ବ୍ୟବହୃତ ହୋଇଥାଏ। ଟପୋଗ୍ରାଫି କହିଲେ ଏହା ସାଧାରଣତଃ କୌଣସି ଏକ ଅଞ୍ଚଳର ଜମିର ଭୌତିକ ସ୍ଥିତିକୁ ସୂଚାଇଥାଏ। ପାହାଡ଼ ପର୍ବତ, ଉପତ୍ୟକା, ନଦୀ, ହ୍ରଦ, ସାଗର ଓ ମହାସାଗର ସମେତ ମନୁଷ୍ୟକୃତ ରାସ୍ତାଘାଟ, ସଡ଼କ, ପୋଲ, ନଦୀବନ୍ଧ, ରେଳପଥ ଓ ସହର ଆଦି ଏହି ପର୍ଯ୍ୟାୟବାଚୀ।

ଟପୋଗ୍ରାଫିର ଉଦ୍ଦେଶ୍ୟ ହେଉଛି ଅକ୍ଷାଂଶ, ଦ୍ରାଘିମା ଓ ସମୁଦ୍ର ପତ୍ତନଠାରୁ ଉଚ୍ଚତା ଆଦିର ସ୍ଥିତିକୁ ନିରୂପଣ କରିବା। ବିଶେଷଭାବେ ଏହା ସର୍ଭେ କାର୍ଯ୍ୟ ସହ ସଂପୃକ୍ତ। ଗୋଟିଏ ସ୍ଥାନରୁ ଅନ୍ୟଏକ ସ୍ଥାନକୁ ଚିହ୍ନଟ କରିବା, ନିର୍ଦ୍ଦିଷ୍ଟ ବିନ୍ଦୁ ସହ ଅନ୍ୟର ଅବସ୍ଥିତିକୁ ରେକର୍ଡିଂ କରିବା ମଧ୍ୟ ଟପୋଗ୍ରାଫିର କାର୍ଯ୍ୟ ପରିସରଭୁକ୍ତ। ଟପୋଗ୍ରାଫିକ୍ ନକ୍ସା ବିଶେଷଭାବେ ସିଭିଲ ଇଞ୍ଜିନିୟର, ପରିବେଶ ପଚାରିଚାଳକ ଓ ସହରାଞ୍ଚଳ ପ୍ଲାନରମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ। ଏପରିକି ପର୍ବତାରୋହଣ, ମାଛଧରା, କ୍ରସ୍‌କଣ୍ଟ୍ରିଂ ସ୍କାଇଂ, ନୌଚାଳନା ଭଳି କ୍ରୀଡ଼ା ଓ କାର୍ଯ୍ୟକଳାପରେ ରୁଚି ରଖୁଥିବା ବ୍ୟକ୍ତିବିଶେଷ ମଧ୍ୟ ଟପୋଗ୍ରାଫି ପ୍ରତି ଆଗ୍ରହ ପ୍ରକାଶ କରିଥାନ୍ତି। ଐତିହାସିକ ଏବଂ ଜରୁରିକାଳୀନ ସେବାପ୍ରଦାନକାରୀ ସଂସ୍ଥାଗୁଡିକର ମଧ୍ୟ ଟଫୋଗ୍ରାଫିର ଆବଶ୍ୟକତା ପଡିଥାଏ। ଟପୋଗ୍ରାଫିକ୍ ନକ୍ସା ହେଉଛି ତ୍ରିକୋଣୀୟ ଭୂପୃଷ୍ଠ ଉପରେ ଏକ ଦ୍ୱିକୋଣୀୟ ପ୍ରତିକୃତି। କଣ୍ଟୁର ଲାଇନ୍ (ସମୁଦ୍ର ପତ୍ତନ ଉଚ୍ଚତା ବା ନିମ୍ନରୁ ନକ୍ସାରେ ଦୁଇ ବିନ୍ଦୁକୁ ଯୋଡୁଥିବା ଏକ ରେଖା), ରଙ୍ଗ, ସଙ୍କେତ, ଲେବଲ (ସ୍ତର) ଏବଂ ଅନ୍ୟାନ୍ୟ ଗ୍ରାଫିକ୍ ପ୍ରତିରୂପର ସମ୍ମେଳନ ହେଉଛି ଟପୋଗ୍ରାଫିକ୍ ମ୍ୟାପ୍। ଭୂପୃଷ୍ଠର ପ୍ରାକୃତିକ ଓ ମନୁଷ୍ୟକୃତ ସ୍ଥାନ ଓ ଆକାର, ପ୍ରକାରକୁ ଉଲ୍ଲେଖ କରିଥାଏ ଟପୋଗ୍ରାଫି ନକ୍ସା।

ଟପୋଗ୍ରାଫି କୌଶଳ ପ୍ରତ୍ୟକ୍ଷ ସର୍ଭେରେ ବିଶେଷକରି ବ୍ୟବହାର କରାଯାଇଥାଏ। ଏହି ପ୍ରକ୍ରିୟାରେ ଦୂରତ୍ୱ ଓ କୋଣ ପରିମାପ ଲାଗି ଥିଓଡୋଲାଇଟ୍ସ (ଅଭିଲମ୍ବୀୟ ଓ ସମାନ୍ତରାଳ କୋଣ ମାପିବା ଲାଗି ବ୍ୟବହୃତ ଏକ ଘୂର୍ଣ୍ଣାୟମାନ ଟେଲିସ୍କୋପ୍ ବା ଦୂରବୀକ୍ଷଣ ଯନ୍ତ୍ର) ଭଳି ଯନ୍ତ୍ରାଂଶର ଉପଯୋଗ କରାଯାଇଥାଏ। ଡିଜିଟାଲ ଇମେଜିଂ ବ୍ୟବସ୍ଥା ସମେତ ସମସ୍ତ ଟପୋଗ୍ରାଫିକ୍ ମ୍ୟାପିଂ(ନକ୍ସା) ଲାଗି ଏହା ମୌଳିକ ତଥ୍ୟ ପ୍ରଦାନ

କରିଥାଏ। ଏହି ସୂଚନାକୁ ଆକାଶମାର୍ଗରୁ ଫଟୋଗ୍ରାଫି କିମ୍ବା ଉପଗ୍ରହରୁ ଉପଲବ୍ଧ ଚିତ୍ର ସହ ଅନୁଧ୍ୟାନ କଲେ ଏକ ନିର୍ଦ୍ଦିଷ୍ଟ ଭୂମିରୂପ ସଂକ୍ରାନ୍ତରେ ସଂପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଥାଏ। ସୋନାର(ପାରସ୍ୱନିକ ତରଙ୍ଗ) ମ୍ୟାପିଂ ଜରିଆରେ ସମୁଦ୍ର ସଂପର୍କରେ ତଥ୍ୟ ମିଳିଥାଏ। ପାଣିଭିତର ସ୍ପିକର ଜରିଆରେ ସମୁଦ୍ର ପାଣି ଭିତରେ ଧ୍ୱନିର ପଲ୍ସକୁ ଛଡ଼ାଯାଇଥାଏ। ଏହି ଧ୍ୱନି ତରଙ୍ଗ ସବୁ ସମୁଦ୍ର ଭିତରେ ଥିବା ବସ୍ତୁ (ପ୍ରବାଳ ପ୍ରାଚୀରୀ, ବୁଡ଼ାଜାହାଜ ଆଦି) ସହ ପ୍ରତିଫଳିତ ତଥା ଧକ୍କା ଖାଇଥାଏ। ଏହି ଧ୍ୱନିକୁ ଡାକବାଜି ଯନ୍ତ୍ର (କ୍ଷୁଦ୍ର ମାଇକ୍ରୋଫୋନ୍) ଦ୍ୱାରା ମପା ଯାଇଥାଏ। ଧ୍ୱନି ଧକ୍କା ଖାଇ ଯେଉଁ ପ୍ରତିଧ୍ୱନି ସୃଷ୍ଟି ହୁଏ ଏବଂ ଏହା ଫେରିବାକୁ ଯେଉଁ ସମୟ ନିଏ ତାହା ସହ ପ୍ରତିଧ୍ୱନିତ ବସ୍ତୁ ଅତିକ୍ରାନ୍ତ କରିଥିବା ଦୂରତାକୁ ନେଇ ହିସାବ କରାଯାଇଥାଏ। ଏହି ତଥ୍ୟ ଆଧାରରେ ସମୁଦ୍ର ଭିତରେ ଥିବା ଭୂପୃଷ୍ଠର ସ୍ଥିତିକୁ ମ୍ୟାପିଂ କରାଯାଇ ସେ ସଂପର୍କରେ ଅଧିକ ତଥ୍ୟ ଜାଣିହୁଏ।

ଜ୍ଞାନକୌଶଳର ବିକାଶ ଯୋଗୁଁ ସଂପ୍ରତି ଗ୍ଲୋବାଲ ପୋଜିସନିଂ ସିଷ୍ଟମ୍ (ଜିପିଏସ) ସହ ନାଭିଗେସନାଲ ସାଟେଲାଇଟ୍ ନେଟ୍‌ୱର୍କ ସହ ସଂଯୋଗ କରାଯାଉଛି। ଅତି ଦୁର୍ଗମ ପାର୍ବତ୍ୟାଞ୍ଚଳ ହେଉ କିମ୍ବା ଗଭୀର ସମୁଦ୍ର ଭୂଭାଗ; ଯେଉଁଠାରେ ପାରମ୍ପରିକ ସର୍ଭେ କୌଶଳ ସଠିକ୍ ତଥ୍ୟ ପ୍ରଦାନ କରିବାକୁ ଅକ୍ଷମ ସେସବୁ ସ୍ଥାନରେ ଜିପିଏସ ବେଶ୍ ପ୍ରଭାବୀ ଭୂମିକା ତୁଲାଉଛି। ଉପଗ୍ରହ କିମ୍ବା ଆକାଶମାର୍ଗର ଛବିକୁ କଂପ୍ୟୁଟର ସଫ୍ଟୱେର ଜରିଆରେ ଥ୍ରୀଡାଇମେନ୍‌ସନାଲ୍ ମଡେଲରେ ରୂପାନ୍ତରଣ କରିବା ଭଳି କୌଶଳ ଏବେ ଟପୋଗ୍ରାଫି୍ ବ୍ୟବସ୍ଥାକୁ ଅଧିକ ସହଜ ଓ ସରଳ କରିଛି। କେବଳ ସେତିକି ନୁହେଁ; ସଠିକ୍ ତଥା ନିର୍ଭୁଲ ତଥ୍ୟ ମଧ୍ୟ ମିଳିପାରୁଛି। ବିଭିନ୍ନ କୋଣ, ଅନୁକୋଣ ଓ ସ୍ଥାନରୁ ଆକାଶମାର୍ଗ ଚିତ୍ର ଉତ୍ତୋଳନ ଏବଂ ଫଟୋଗ୍ରାମେଟ୍ରି ଭଳି ପଦ୍ଧତିର ପ୍ରୟୋଗ କରାଇ ଭୂମିରୂପ ଚିହ୍ନଟ କରାଯାଇଥାଏ। ଏକାଧିକ ସେନସରଯୁକ୍ତ ଉପଗ୍ରହ ଯୋଗୁଁ ଏଣିକି ଆକାଶମାର୍ଗ ଚିତ୍ର ଉତ୍ତୋଳନ ପଦ୍ଧତି ମଧ୍ୟ ପୁରୁଣା ହୋଇଗଲାଣି। ନୂତନ ବ୍ୟବସ୍ଥା, ଜ୍ଞାନକୌଶଳକୁ ପ୍ରୟୋଗ କରାଯିବା ଦ୍ୱାରା ଆଶାତୀତ ଭାବେ ସମୟ ବଞ୍ଚିବା ସହିତ ସଂଶୋଧିତ ନକ୍ସା ପାଇପାରୁଛେ। ଏହା ସଠିକ ତଥା ନିର୍ଭୁଲ ହୋଇପାରୁଛି।

***

# ଓଡିଶାର ଆଉ ତିନୋଟି ସ୍ଥାନରେ ଖୋଲିବ ପୋଷ୍ଟ ଅଫିସ ପାସ୍‌ପୋର୍ଟ ସେବାକେନ୍ଦ୍ର

ବାଲେଶ୍ୱର, ବ୍ରହ୍ମପୁର ଓ ଭବାନୀ ପାଟଣାରେ ତିନୋଟି ପୋଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର ଖୋଲିବ ବୋଲି ବିଦେଶ ମନ୍ତ୍ରୀ ଶ୍ରୀମତୀ ସୁଷମା ସ୍ୱରାଜ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଜଣାଇଛନ୍ତି । ଶ୍ରୀ ପ୍ରଧାନ ତାଙ୍କୁ ପତ୍ର ଲେଖି ଏ ସମ୍ପର୍କରେ ଅନୁରୋଧ କରିବା ପରେ ଉପରୋକ୍ତ ତିନୋଟି ସ୍ଥାନରେ ପୋଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର ଖୋଲା ଯିବା ସମ୍ପର୍କରେ ନିଷ୍ପତି ନିଆ ଯାଇଥିବା ଶ୍ରୀମତୀ ସ୍ୱରାଜ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଶ୍ରୀମତୀ ସ୍ୱରାଜ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଏହି ଯୋଜନାରେ ଆଗାମୀ ପର୍ଯ୍ୟାୟରେ ବାଲେଶ୍ୱର, ବ୍ରହ୍ମପୁର (ଗଂଜାମ) ଓ ଭବାନୀପାଟଣା (କଳାହାଣ୍ଡି)ଠାରେ ପୋଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର ଖୋଲିବାକୁ ନିଷ୍ପତି ଗ୍ରହଣ କରାଯାଇଛି ।

ସୂଚନା ଯୋଗ୍ୟ ଯେ ଗତ ମଇ ମାସରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଦେଶ ମନ୍ତ୍ରୀ ଶ୍ରୀମତୀ ସୁଷମା ସ୍ୱରାଜଙ୍କୁ ପତ୍ର ଲେଖି ରାଜ୍ୟରେ ତିନୋଟି ସ୍ଥାନରେ ପାସପୋର୍ଟ କେନ୍ଦ୍ର ଖୋଲା ଯାଇଥିବା ନେଇ ଧନ୍ୟବାଦ ଜଣାଇବା ସହ ରାଜ୍ୟର ଆଉ କିଛି ସ୍ଥାନରେ ପୋଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର ଖୋଲିବାକୁ ଅନୁରୋଧ କରିଥିଲେ ।

# ପ୍ରକାଶନ ବିଭାଗ ପାଖରେ ରହିଛି ୨୦୦ରୁ ଉର୍ଦ୍ଧ୍ୱ ଇ-ପୁସ୍ତକ

## ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଉପଲବ୍ଧ






**ବିକ୍ରୟ :**

play. google.com
kobo.com
amazon.in

ପ୍ରକାଶନ ବିଭାଗ
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର

ଇ-ପୁସ୍ତକ ସମ୍ପର୍କିତ ସମ୍ପୂର୍ଣ୍ଣ ସୂଚୀ: **Publicationsdivision.nic.in**ରେ ଉପଲବ୍ଧ

YOJANA (Odia) : Monthly July 2017 RNI No. 57203/93
ISSN 0971-8346 Total Number of Pages (76)


# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

*ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

*ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**


Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash